୬୪ତମ ବର୍ଷ | ୧୫ ଅଗଷ୍ଟ ୨୦୨୧ | ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

1970

The world is preparing
for a big change.

Will you help?

୬୪ତମ ବର୍ଷ ୧୫ ଅଗଷ୍ଟ ୨୦୨୧ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୨୧]


**ଯୋଗ-ଦର୍ଶନ**

| | | |
|---|---|---|
| INVOCATION (ଆବାହନ) | ଶ୍ରୀମା | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ୬ |
| ଦେବ ମୁହୂର୍ତ୍ତ | ଶ୍ରୀଅରବିନ୍ଦ | ୯ |
| ଅବତାରଙ୍କ କାର୍ଯ୍ୟ | ଶ୍ରୀମା | ୧୦ |
| ''ଅସୀମର ସନ୍ଧାନୀ ଅସୀମଙ୍କ ଦ୍ୱାରା ପୂର୍ବନିର୍ଦ୍ଦିଷ୍ଟ'' | ଶ୍ରୀମା | ୧୧ |
| ଭାରତର ସ୍ୱାଧୀନତା, ପୂର୍ଣ୍ଣତା ଓ ପ୍ରଗତି | ଶ୍ରୀଅରବିନ୍ଦ | ୧୩ |
| ପୃଥିବୀର ପରିବର୍ତ୍ତନରେ ଆମର କର୍ତ୍ତବ୍ୟ | ଶ୍ରୀମା | ୧୭ |
| ସନାତନ ଧର୍ମ | ଶ୍ରୀଅରବିନ୍ଦ | ୧୮ |
| ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତି ଓ ସମଷ୍ଟି | ଶ୍ରୀମା | ୨୧ |
| ୧୫ ଅଗଷ୍ଟ, ୧୯୪୭ | ଶ୍ରୀଅରବିନ୍ଦ | ୨୫ |
| ଶ୍ରୀଅରବିନ୍ଦ ଓ ପୂର୍ଣ୍ଣଯୋଗ ସମ୍ପର୍କରେ ଋଷଭଚାନ୍ଦ | ... | ୨୮ |
| ବିଗତ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଶ୍ରୀଅରବିନ୍ଦ | ... | ୩୨ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | |
|---|---|---|
| ବନ୍ଦେ ମାତରମ୍ | ଶ୍ରୀଅରବିନ୍ଦ | ୩୩ |
| ବନ୍ଦେ ମାତରମ୍ (ଦେଶ ବନ୍ଦନା) | ... | ୩୬ |
| ତୁମର ଶାନ୍ତି, ତୁମର ମୁକ୍ତି, ତୁମର ଐକ୍ୟ | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୩୭ |
| ଅତ୍ରିଋଷିଗଣଙ୍କ ସୂକ୍ତମାଳା (ପ୍ରାକ୍‌କଥନ - ୨) | ଶ୍ରୀଅରବିନ୍ଦ | ୪୦ |
| ଶ୍ରୀଅରବିନ୍ଦଙ୍କ ଯୋଗ ଓ ଅନ୍ୟାନ୍ୟ ମାର୍ଗ | ଶ୍ରୀ ପ୍ରପତ୍ତି | ୪୪ |
| ଭାରତାତ୍ମା ଉଦ୍ଦେଶ୍ୟରେ ଏକ ପ୍ରାର୍ଥନା | ଶ୍ରୀ ମନୋଜ ଦାସ | ୪୭ |

**ସାଧନା-ପରମ୍ପରା**

| | | |
|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୮) | ... | ୫୦ |

**ଅନ୍ତରାଳ ଜଗତ୍**

| | | |
|---|---|---|
| ଅଧ୍ୟାତ୍ମବାଦ ଓ ସୂକ୍ଷ୍ମଦର୍ଶନ | ... | ୫୫ |

**ଶେଷ ପୃଷ୍ଠା**

| | | |
|---|---|---|
| ପ୍ରସ୍ତୁତିର ପର୍ବ | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ୫୮ |


❖

# INVOCATION
## (ଆବାହନ)

O our Mother, O Soul of India, Mother who hast never forsaken thy children even in the days of darkest depression, even when they turned away from thy voice, served other masters and denied thee, now when they have arisen and the light is on thy face in this dawn of thy liberation, in this great hour we salute thee. Guide us so that the horizon of freedom opening before us may be also a horizon of true greatness and of thy true life in the community of the nations. Guide us so that we may be always on the side of great ideals and show to men thy true visage, as a leader in the ways of the spirit and a friend and helper of all the peoples.

(CWM., Vol. 13, p. 352) – The Mother

ହେ ଆମ ଜନନି, ଭାରତବର୍ଷର ଆତ୍ମା, ହେ ଜନନି ଯେକି ତମିସ୍ରତମ ନୈରାଶ୍ୟର ଦିନଗୁଡ଼ିକରେ ମଧ୍ୟ ଆପଣାର ସନ୍ତାନବର୍ଗଙ୍କୁ କଦାପି ଛାଡ଼ି ଚାଲି ଯାଇ ନାହଁ, ଏପରିକି ଯେତେବେଳେ ସେମାନେ ତୁମ ବାଣୀଠାରୁ ବିମୁଖ ହୋଇଛନ୍ତି, ଅନ୍ୟ ପ୍ରଭୁଙ୍କୁ ସେବା କରିଛନ୍ତି ଏବଂ ତୁମକୁ ଅସ୍ୱୀକାର କରିଛନ୍ତି, ସେତେବେଳେ ମଧ୍ୟ ପରିତ୍ୟାଗ କରି ନାହଁ; ବର୍ତ୍ତମାନ ଯେତେବେଳେ ସେମାନେ ଜାଗ୍ରତ୍ ହୋଇଛନ୍ତି ଏବଂ ତୁମ ବନ୍ଧନମୋଚନର ଏହି ଉଷାକ୍ଷଣରେ ଯେତେବେଳେ ତୁମର ମୁଖ ଉଦ୍‌ଭାସିତ, ଏହି ମହାନ୍ ମୁହୂର୍ତ୍ତରେ ଆମେ ତୁମକୁ ପ୍ରଣାମ କରୁଛୁ । ଆମ୍ଭମାନଙ୍କ ସମ୍ମୁଖରେ ଉନ୍ମୋଚିତ ହେଉଥିବା ସ୍ୱାଧୀନତାର ଦିଗ୍‌ବଳୟଟି ଯେପରି ଯଥାର୍ଥ ମହାନତାର ଏକ ଦିଗ୍‌ବଳୟ ହୁଏ ଏବଂ ବିଶ୍ୱ ସମାଜରେ ତୁମର ଯଥାର୍ଥ ଜୀବନର ଦିଗ୍‌ବଳୟ ହୁଏ, ଆମକୁ ସେହି ଦିଗରେ ପରିଚାଳିତ କର । ଆମେମାନେ ଯେପରି ନିରନ୍ତର ମହାନ୍ ଆଦର୍ଶଗୁଡ଼ିକର ସପକ୍ଷରେ ରହୁ ଏବଂ ଅଧ୍ୟାତ୍ମ୍ ମାର୍ଗଚୟର ଯାତ୍ରାରେ ସମଗ୍ର ମାନବ ସମାଜର ନେତା, ବନ୍ଧୁ ଏବଂ ସାହାଯ୍ୟକାରୀ ଭାବରେ ତୁମର ଯଥାର୍ଥ ସ୍ୱରୂପଟିକୁ ଜଗତ୍ ସମ୍ମୁଖରେ ପ୍ରକାଶିତ କରି ଦେଇପାରୁ,– ଆମ୍ଭମାନଙ୍କୁ ସେହି ଦିଗରେ ପରିଚାଳିତ କର ।

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ବାଣୀ

... ... I know I have the strength to uplift this fallen race; not a physical strength, I am not going to fight with a sword or a gun, but with the power of knowledge. The force of the *ksatriya* is not the only force, there is also the force of the Brahmin which is founded on knowledge. This is not a new feeling in me, not of recent origin, I was born with it, it is in my very marrow. God sent me to the earth to accomplish this great mission. ...

(CWSA, Vol. 9, p.383) – Sri Aurobindo

... ...ମୁଁ ଜାଣେ ଏହି ପତିତ ଜାତିକୁ ଉଦ୍ଧାର କରିବା ନିମିତ୍ତ ବଳ ମୋ ଶରୀରରେ ଅଛି; ଶାରୀରିକ ବଳ ନୁହେଁ, ତରବାରି ବା ବନ୍ଧୁକ ନେଇ ମୁଁ ଯୁଦ୍ଧ କରିବାକୁ ଯାଉ ନାହିଁ, କିନ୍ତୁ ଜ୍ଞାନର ବଳ ନେଇ । 'କ୍ଷାତ୍ରତେଜ' ଏକମାତ୍ର ତେଜ ନୁହେଁ, ବ୍ରହ୍ମତେଜ ମଧ୍ୟ ଅଛି, ସେହି ତେଜ ଜ୍ଞାନ ଉପରେ ପ୍ରତିଷ୍ଠିତ । ଏହି ଭାବ ନୂତନ ନୁହେଁ, ଆଜିକାଲିର ନୁହେଁ; ଏହି ଭାବ ନେଇ ମୁଁ ଜନ୍ମଗ୍ରହଣ କରିଛି, ଏହି ଭାବ ମୋର ମଜ୍ଜାଗତ । ଭଗବାନ୍ ଏହି ମହାବ୍ରତ ସାଧନ କରିବାକୁ ମୋତେ ପୃଥିବୀକୁ ପଠାଇଛନ୍ତି ।

(ଶ୍ରୀଅରବିନ୍ଦଙ୍କ ମୂଳ ବଙ୍ଗଳା ରଚନାବଳୀ, ପୃଷ୍ଠା : ୨୨୮) – ଶ୍ରୀଅରବିନ୍ଦ



# ଦେବ ମୁହୂର୍ତ୍ତ

## ଶ୍ରୀଅରବିନ୍ଦ

ଏପରି ମୁହୂର୍ତ୍ତ ଦେଖାଦିଏ ଯେତେବେଳେ ମନୁଷ୍ୟ ମଧ୍ୟରେ ଚିନ୍ମୟ ଦେବ ଆସି ବିଚରଣ କରନ୍ତି ଏବଂ ଭଗବାନଙ୍କ ନିଃଶ୍ୱାସର ସୁରଭି ଆତ୍ମମାନଙ୍କ ଜୀବନ ସାଗର ଉପରେ ବିଛାଡ଼ି ହୋଇ ପଡ଼େ; ପୁନଶ୍ଚ ଏପରି ମୁହୂର୍ତ୍ତ ଆସେ ଯେତେବେଳେ ସେହି ବସ୍ତୁ ଫେରିଯାଏ ଏବଂ ମନୁଷ୍ୟ ନିଜ ଅହଂକାରର ସାମର୍ଥ୍ୟ ବା ଦୁର୍ବଳତାରେ କାର୍ଯ୍ୟ ସମ୍ପନ୍ନ କରିବାକୁ ପଡ଼ି ରହେ । ପ୍ରଥମଟି ହେଉଛି ସେହିସବୁ ସମୟ ଯେତେବେଳେ ସାମାନ୍ୟ ମାତ୍ର ଚେଷ୍ଟା ଆଣିଦିଏ ବିପୁଳ ଫଳ ଏବଂ ଭାଗ୍ୟକୁ ଓଲଟପାଲଟ କରି ଦିଏ; ଆଉ ଦ୍ୱିତୀୟଟି ହେଉଛି ସେହିସବୁ ସମୟ ଯେତେବେଳେ ସାମାନ୍ୟ ଫଳ ନିମିତ୍ତ ବୃହତ୍ ପ୍ରୟାସ କରିବାକୁ ହୁଏ । ଅବଶ୍ୟ ଏହା ସତ୍ୟ ଯେ ଶେଷଟି ପ୍ରଥମଟି ପାଇଁ କ୍ଷେତ୍ର ପ୍ରସ୍ତୁତ କରେ, ଏହା ଯେପରି ଯଜ୍ଞାଗ୍ନିର କ୍ଷୀଣ ଧୂମଶିଖା; ଉଠିଯାଏ ସ୍ୱର୍ଗ ଆଡ଼କୁ, ଡାକି ଆଣେ ଭଗବାନଙ୍କର କରୁଣା-ସମ୍ଭାର । ହତଭାଗ୍ୟ ସେହି ମାନବ ଅଥବା ସେହି ଦେଶ ଯେତେବେଳେ ଶୁଭ ମୁହୂର୍ତ୍ତ ଆସେ, ସେତେବେଳେ ଶୋଇ ରହିଥାଏ କିଂବା ସୁଯୋଗ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନ ଥାଏ, କାରଣ ଏହି ମୁହୂର୍ତ୍ତକୁ ସ୍ୱାଗତ ଜଣାଇବା ନିମିତ୍ତ ପ୍ରଦୀପ ସଜାହୋଇ ରହି ନ ଥାଏ ଓ ଆହ୍ୱାନ ନିମିତ୍ତ କର୍ଣ୍ଣ ମଧ୍ୟ ରହିଥାଏ ଅବରୁଦ୍ଧ । କିନ୍ତୁ ତତୋଽଧିକ ହତଭାଗ୍ୟ ସେହିମାନେ, ଯେଉଁମାନେ ସମର୍ଥ ଏବଂ ପ୍ରସ୍ତୁତ, କିନ୍ତୁ ତଥାପି ଶକ୍ତିର ଅପଚୟ କରନ୍ତି କିଂବା ସୁଯୋଗର ଅପବ୍ୟବହାର କରନ୍ତି; ସେମାନଙ୍କ କ୍ଷତି ଅପୂରଣୀୟ ବା ଏକ ମହତୀ ବିନଷ୍ଟି ।

ତେଣୁ ଦେବ-ମୁହୂର୍ତ୍ତରେ ସକଳ ଆତ୍ମ-ପ୍ରବଞ୍ଚନା, କପଟତା, ମିଥ୍ୟା, ଆତ୍ମଶ୍ଳାଘା ଦୂର କରି ତୁମର ଅନ୍ତରାତ୍ମାକୁ ନିର୍ମଳ କର ଯାହା ଫଳରେ ତୁମେ ସିଧାସଳଖ ତୁମର ଅନ୍ତଃପୁରୁଷ ଦିଗରେ ଦୃଷ୍ଟିପାତ କରି ପାରିବ ଏବଂ ସେଠାରେ ଶୁଣି ପାରିବ ତାଙ୍କରି ସ୍ୱର ଯେ ଏହି ମୁହୂର୍ତ୍ତକୁ ଆହ୍ୱାନ ଜଣାଇଛନ୍ତି । ଏକ ସମୟରେ ତୁମ ପ୍ରକୃତିର ଅନାନ୍ତରିକତା ଯାହାକି ଭଗବାନଙ୍କ ଦୃଷ୍ଟି ଓ ତୁମ ଆଦର୍ଶର ଜ୍ୟୋତିଃ ବିରୋଧରେ ଥିଲା ଏକ ରକ୍ଷାକବଚ ସଦୃଶ ତାହା ବର୍ତ୍ତମାନ ହୋଇ ଉଠିଛି ସେହି ରକ୍ଷାକବଚ ମଧ୍ୟରେ ଏକ ଛିଦ୍ର ଓ ନିମନ୍ତ୍ରଣ କରି ଆଣୁଛି ଆଘାତ ପରେ ଆଘାତକୁ । ଯଦିବା ତୁମେ ଏଇ ମୁହୂର୍ତ୍ତରେ ଜୟୀ ହୁଅ, ତଥାପି ତୁମର ଦୁର୍ଭାଗ୍ୟ ହେବ ଆହୁରି ଅଧିକତର, କାରଣ ପରେ ପୁଣି ଆଘାତ ଆସିବ ଏବଂ ତୁମରି ବିଜୟ ମଧ୍ୟରେ ତୁମକୁ କରିବ ଭୂଲୁଣ୍ଠିତ । କିନ୍ତୁ ଶୁଦ୍ଧ ହୋଇ ଫିଙ୍ଗି ଦିଅ ସକଳ ଭୟ; କାରଣ ଏହି ମୁହୂର୍ତ୍ତଟି ଅନେକ ସମୟରେ ଭୟଙ୍କର ହୋଇଥାଏ; ଯେପରି ଅଗ୍ନି, ଘୂର୍ଣ୍ଣିବାତ୍ୟା, ଝଞ୍ଜା, ରୁଦ୍ରର ତାଣ୍ଡବ ପଦାଘାତ । କିନ୍ତୁ ଏହାରି ମଧ୍ୟରେ ଯେ ନିଜର ବ୍ରତର ସତ୍ୟରେ ସ୍ଥିର ପ୍ରତିଷ୍ଠ ହୋଇ ଦଣ୍ଡାୟମାନ ହୋଇପାରେ, ସେ ହିଁ ରହିବ ଶେଷ ପର୍ଯ୍ୟନ୍ତ; ଯଦିବା ତା'ର ପତନ ଘଟେ, ପୁନର୍ବାର ସେ ଉଠି ଛିଡ଼ା ହେବ; ଯଦିବା ଜଣା ପଡ଼େ ଯେ ବାତ୍ୟାର ଆଘାତରେ ସେ ଉଡ଼ି ଯାଉଛି ତଥାପି ସେ ଫେରି ଆସିବ । ପାର୍ଥିବ ସତର୍କ ବାଣୀ ଗୋପନରେ ତୁମ କାନରେ ଯେପରି ମନ୍ତ୍ର ନ ଫୁଙ୍କେ; କାରଣ ଏ ହେଉଛି ଅନିଶ୍ଚିତ, ଅପରିମେୟ, ଅପ୍ରତ୍ୟାଶିତଙ୍କ ମୁହୂର୍ତ୍ତ ।... ... ...

(The Hour of God) ✤

# ଅବତାରଙ୍କ କାର୍ଯ୍ୟ

## ଶ୍ରୀମା

ଚେତନା ଏକ ନିଶୁଣି ପରି । ପ୍ରତ୍ୟେକ ମହାଯୁଗରେ ଏକ ମହାନ୍ ସତ୍ତା ଏହି ନିଶୁଣିରେ ଗୋଟିଏ ସୋପାନ ଯୋଡ଼ି ଏପରି ଏକ ଭୂମିରେ ପ୍ରବେଶ କରନ୍ତି ଯାହା ତା' ପୂର୍ବରୁ ସାଧାରଣ ଚେତନା ପାଇଁ ଥାଏ ସର୍ବାଦୌ ଅନୁପଲବ୍ଧ । ଏକ ତୁଙ୍ଗ ଭୂମି ଲାଭ କରି ମର୍ତ୍ତ୍ୟ ଚେତନାରୁ ପୂର୍ଣ୍ଣ ରୂପେ ତିରୋହିତ ହୋଇଯିବା ସମ୍ଭବ, କିନ୍ତୁ ସେ କ୍ଷେତ୍ରରେ ନିଶୁଣି ସହ ଆଉ ସଂଯୋଗ ରହେ ନାହିଁ । ପକ୍ଷାନ୍ତରେ ବିଶ୍ୱର ମହାଯୁଗର ଉତ୍କୃଷ୍ଟ ସିଦ୍ଧି ହେଲା ସ୍ଥୂଳ ସହ ସମ୍ପର୍କ ନ ହରାଇ ଏହି ନିଶୁଣିରେ ଆଉ ଏକ ପାବଚ୍ଛ ଯୋଗ କରିବାର ସାମର୍ଥ୍ୟ, ବିବିଧ ସ୍ତର ସହିତ ସମ୍ପର୍କକୁ ଏକ ଶୂନ୍ୟତା ଭିତରେ କାଟିଦେବା ପରିବର୍ତ୍ତେ ଉପରକୁ ତଳ ସହିତ ଯୋଡ଼ି ଦେବା ସଙ୍ଗେ ସଙ୍ଗେ ସର୍ବୋଚ୍ଚ ଭୂମିରେ ପ୍ରବେଶ କରିବାର ଶକ୍ତି ।

ଆରୋହଣ ଓ ଅବରୋହଣ କରି ଊର୍ଦ୍ଧ୍ୱଭୂମିକୁ ନିମ୍ନ ଭୂମି ସହ ସଂଯୋଗ କରିବା ହିଁ ସିଦ୍ଧିର ପୂର୍ଣ୍ଣ ରହସ୍ୟ ଏବଂ ଏହା ଅବତାରଙ୍କ କାର୍ଯ୍ୟ । ଅବତାର ପ୍ରତ୍ୟେକ ବାର ଯେତେବେଳେ ଅଧିରୋହଣୀରେ ଏକ ନୂତନ ସୋପାନ ଯୋଡ଼ି ଦିଅନ୍ତି, ସେତେବେଳେ ପୃଥିବୀରେ ହୁଏ ଏକ ନବ ସୃଷ୍ଟି । ଯେଉଁ କ୍ରମଟି ବର୍ତ୍ତମାନ ସଂଯୋଗ କରା ହେଉଛି ତାହାକୁ ଶ୍ରୀଅରବିନ୍ଦ ଅତିମାନସ ନାମରେ ଅଭିହିତ କରିଛନ୍ତି । ଏହା ଫଳରେ ଚେତନା ରତ ଚିନ୍ମୟ ଜଗତରେ ପ୍ରବେଶ କରି ମଧ ବ୍ୟଷ୍ଟିରୂପ ଓ ବ୍ୟକ୍ତିସତ୍ତାକୁ ବଜାୟ ରଖି ଏଠାରେ ଏକ ନବସୃଷ୍ଟି କରିବା ପାଇଁ ଓହ୍ଲାଇ ଆସିବ । ଅବଶ୍ୟ ଏହା ଚରମ ପଦ ନୁହେଁ, କାରଣ ଚେତନାର ଅଛି ଆହୁରି ଅନେକ ବିସ୍ତାର । କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ସତ୍ୟ ଚେତନାକୁ ଉତାରି ଆଣିବା ପାଇଁ, ଜଗତକୁ ପୁନର୍ଗଠନ କରିବା ପାଇଁ ଓ ଏହାକୁ ଯଥାର୍ଥ ଭାଗବତ ବିଧାନ ଭିତରେ ଫେରାଇ ନେବା ପାଇଁ ସାଧନାରତ । ଏହା ହେବ ଏକ ଶୃଙ୍ଖଳାର ସୃଷ୍ଟି, ପ୍ରତ୍ୟେକ ବସ୍ତୁର ଯଥା ସ୍ଥାନରେ ସୁବିନ୍ୟାସ । ବର୍ତ୍ତମାନ ସାଧନାରତ ପ୍ରଧାନ ଦେବୀ ବା ଶକ୍ତି ହେଲେ ମହାସରସ୍ୱତୀ, ପୂର୍ଣ୍ଣ ଶୃଙ୍ଖଳାର ମହାଦେବୀ ।

କ୍ରମ ରକ୍ଷା କରିବାର କାର୍ଯ୍ୟଟି – ଯଦ୍ଦ୍ୱାରା ଆରୋହଣ, ଅବରୋହଣ ଓ ସ୍ଥୂଳ ଜଗତକୁ ଊର୍ଦ୍ଧ୍ୱ ସତ୍ୟ ଉତାରିବା ସମ୍ଭବ ହୁଏ – ଚେତନାର ଅନ୍ତରାଳରେ ହିଁ ସାଧିତ ହୁଏ । ଯେ ଏ କାର୍ଯ୍ୟଟି କରିବା ପାଇଁ ଉଦ୍ଦିଷ୍ଟ ଅର୍ଥାତ୍ ଅବତାର ସେ ଯଦି କାରାକକ୍ଷରେ ଆବଦ୍ଧ ରହି, କାହା ସହ ସାକ୍ଷାତ୍ ନ କରି, କେବେ ବି ବାହାରକୁ ନ ଆସନ୍ତି, ତଥାପି ସେ କାର୍ଯ୍ୟ ସେ ସମ୍ପନ୍ନ କରି ପାରନ୍ତି; କାରଣ ଏହି କାର୍ଯ୍ୟଟି ଅର୍ଥାତ୍ ମୃଣ୍ମୟ ଆଧାର ସହ ଅତିମାନସର ସଂଯୋଗ ହୁଏ ଚେତନାରେ । ତାଙ୍କୁ କେହି ଚିହ୍ନିବାର ଆବଶ୍ୟକତା ନାହିଁ, ପୁଣି ଏହି ଚିନ୍ମୟ ସଂଯୋଗ ସ୍ଥାପନା ପାଇଁ ତାଙ୍କର କୌଣସି ବାହ୍ୟ ଶକ୍ତିର ବି ଆବଶ୍ୟକତା ନ ଥାଏ । ଥରେ କିନ୍ତୁ ସେ ସମ୍ପର୍କ ସ୍ଥାପିତ ହେଲେ ଜଗତରେ ଏହାର ପ୍ରଭାବ ଅବଶ୍ୟମ୍ଭାବୀ । ଏହାର ରୂପ ହେବ ଏକ ଅଭିନବ ସୃଷ୍ଟି ଯାହାର ଆରମ୍ଭ ଏକ ଆଦର୍ଶ ନଗରୀ ଓ ଚରମ ପର୍ବ ଏକ ଅନବଦ୍ୟ ଜଗତ୍ ।

(CWM, Vol. - 3, page : 178-179)

# ''ଅସୀମର ସନ୍ଧାନୀ ଅସୀମଙ୍କ ଦ୍ୱାରା ପୂର୍ବନିର୍ଦ୍ଦିଷ୍ଟ''

**ଶ୍ରୀମା**

[ଯୋଗ-ସମନ୍ୱୟ (Synthesis of Yoga) ପୁସ୍ତକରେ ଶ୍ରୀଅରବିନ୍ଦ କହିଛନ୍ତି, "He who chooses the infinite has been chosen by the infinite." ଏହି ଉକ୍ତିଟି ଉପରେ ୧୯୫୬ ମସିହା ଫେବ୍ରୁଆରୀ ମାସ ବୁଲେଟିନ୍‌ରେ ଶ୍ରୀମା ଯେଉଁ ସୁନ୍ଦର ବ୍ୟାଖ୍ୟା କରିଛନ୍ତି, ତା'ର ଓଡ଼ିଆ ଅନୁବାଦ ଏଠାରେ ଦିଆଗଲା ।]

ବାକ୍ୟଟି କି ଚମତ୍କାର ଓ କେତେ ସତ୍ୟ ! ସେହି ଏକା ଭଳି କୁହାଯାଇ ପାରେ ଯେ ଯିଏ ଭଗବାନଙ୍କୁ ଚାହେଁ ସେ ସବୁବେଳେ ଦିବ୍ୟ ଅଭିପ୍ରେତ । ତାକୁ ଭଗବାନ୍ ନିବିଡ଼ ଆଶ୍ଲେଷରେ ଧରି ରଖିଥା'ନ୍ତି ଏବଂ ଆଦୌ ଛାଡ଼ି ଯିବାକୁ ଦିଅନ୍ତି ନାହିଁ । ଭଗବାନଙ୍କ ଦ୍ୱାରା ମନୋନୀତ ହେବା କେତେକ ବ୍ୟକ୍ତିଙ୍କୁ ଆନ୍ତର ଆସ୍ଥା ତଥା ନିଶ୍ଚୟତାର ବୋଧ ଆଣି ଦିଏ ଓ ସେମାନେ ବିଧିନିର୍ଦ୍ଦିଷ୍ଟ ବୋଲି ଅନୁଭବ କରନ୍ତି । ଏପରିକି ସେମାନେ ଯଦି ପର୍ବତତୁଲ୍ୟ ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି, ଏହାକୁ ସେମାନେ କିଛି ବି ମୂଲ୍ୟ ଦିଅନ୍ତି ନାହିଁ, କାରଣ ଲକ୍ଷ୍ୟରେ ପହଞ୍ଚିବା ସମ୍ବନ୍ଧେ ସେମାନେ ସୁନିଶ୍ଚିତ । ବାଧାବିଘ୍ନ ବିରୋଧରେ ସମ୍ମୁଖା ସମ୍ମୁଖି ଛିଡ଼ା ହେବା ଲାଗି ଏହି ନିଶ୍ଚୟତା ଆଣିଦିଏ – ଅଦମ୍ୟ ଧୈର୍ଯ୍ୟ ଓ ଦୁର୍ଜେୟ ସାହସ; କାରଣ ବ୍ୟକ୍ତି ଜାଣେ ତା'ର ଲକ୍ଷ୍ୟ ସିଦ୍ଧି ଅନିବାର୍ଯ୍ୟ ।

ଏହା କେବେ ବି ଭୁଲିବୁ ନାହିଁ : ତୁ ଯଦି ଭଗବାନଙ୍କ ସମ୍ବନ୍ଧେ ଚିନ୍ତା କରିଛୁ, ଏହାର କରଣ ଭଗବାନ୍ ତୋ ସମ୍ବନ୍ଧେ ଚିନ୍ତା କରିଛନ୍ତି ଓ ତୁ ଯଦି ଭଗବାନଙ୍କୁ ବାଛି ନେଇଛୁ, ଏହାର କାରଣ ଭଗବାନ୍ ତୋତେ ହିଁ ବାଛି ନେଇଛନ୍ତି । ଥରେ ଯଦି ତୁ ମନୋନୀତ ହୋଇଛୁ, ତେବେ ନିଜ ସମ୍ବନ୍ଧେ ତୁ ସୁନିଶ୍ଚିତ । ସେଥିଲାଗି ସମସ୍ତ ସନ୍ଦେହ, ଦ୍ୱିଧା, ହତାଶା, ଅନିଶ୍ଚୟତା କେବଳ ସମୟ ଆଉ ଶକ୍ତିର ଅପଚୟ ଛଡ଼ା କିଛି ବି ଉଦ୍ଦେଶ୍ୟ ସାଧନ କରେ ନାହିଁ । ସେହି କାରଣରୁ ମୁଁ ତୋତେ ଦିନେ କହିଥିଲି : ''ଯାହା ବି ହେଉ, ତୁ ଏଠାରେ ଅଛୁ, କାରଣ ତୋ ନିଜ ସତ୍ତାର କିଛି ଅଂଶରେ ତୁ ଏହା ଚାହିଁଛୁ । ଯଦି ତୁ କିଛି ଅଂଶରେ ଏହା ଚାହିଁଥାଉ ଏହାର କାରଣ ଭଗବାନ୍ ତୋ ମଧ୍ୟରେ ରହି ଏହା ଚାହିଁଛନ୍ତି ।''

କେତେକ ବ୍ୟକ୍ତି ସିଧାସଳଖ ରାସ୍ତା ଅନୁସରଣ କରି ଶୀଘ୍ର ଲକ୍ଷ୍ୟରେ ପହଞ୍ଚି ଥାଆନ୍ତି । ବିପରୀତ ପକ୍ଷରେ, ଅନ୍ୟ କେତେକ ବ୍ୟକ୍ତି ଅଙ୍କାବଙ୍କା ରାସ୍ତା ପସନ୍ଦ କରନ୍ତି ଓ ଅଧିକ ସମୟ ଆବଶ୍ୟକ କରନ୍ତି; କିନ୍ତୁ ଶେଷ ପ୍ରାନ୍ତ ଦୁଇଟି ଯାକ କ୍ଷେତ୍ରରେ ସମାନ । ମୁଁ ମୋ ନିଜ ଅଭିଜ୍ଞତାରୁ ଜାଣେ ଯେ ଏପରି କୌଣସି ବ୍ୟକ୍ତି ନାହିଁ ଯେ କି ଜୀବନରେ ଥରେ ମାତ୍ର ଭଗବାନଙ୍କ ଲାଗି ତୀବ୍ର ଆବେଗ ଅନୁଭବ କରିଛି (ସେ ଏହାଙ୍କୁ କେଉଁ ନାମରେ ଡାକୁଛି ସେଥିରେ କିଛି ଯାଏ ଆସେ ନାହିଁ, ଭାଷାର ସୁବିଧା ଲାଗି ଏହାଙ୍କୁ ''ଭଗବାନ୍'' ନାମ ଦିଆଯାଉ) ଏବଂ ତାଙ୍କୁ ପାଇବାର ନିଶ୍ଚୟତା ଲାଭ କରି ନାହିଁ । ଏପରିକି କିଛି ସମୟ ଲାଗି ସେ ଯଦି ଭଗବାନଙ୍କଠାରୁ ମୁହଁ ଫେରାଇ ନିଏ, ଏହା ତା'ର କିଛି ଅନିଷ୍ଟ ଘଟାଇବ ନାହିଁ, ସେ ନିଶ୍ଚୟ ତା'ର ଲକ୍ଷ୍ୟରେ ପହଞ୍ଚିବ । ତାକୁ କମ୍ କିଂବା ବେଶୀ ସଂଗ୍ରାମ କରିବାକୁ ପଡ଼ିପାରେ, ଅଳ୍ପ ଦୀର୍ଘ କିଂବା ଅଧିକ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିପାରେ, କିନ୍ତୁ ମୁଁ ପୁନର୍ବାର କହୁଛି ଯେ ସେ ନିଶ୍ଚୟ ଦିନେ ଲକ୍ଷ୍ୟରେ ଉପନୀତ ହେବ । ଯେତେବେଳେ ଗୋଟିଏ ଆତ୍ମା ନିର୍ବାଚିତ ହୋଇ ସାରିଛି, ସେ ସଚେତନ ହେବା ଲାଗି ବାଧ୍ୟ, କାରଣ ତା'ର ସମୟ ଆସି ଯାଇଛି । ଥରେ ଯଦି ସମୟ ଆସି ଯାଇଛି, ତେବେ ପରିଣାମ କମ୍ ହେଉ ବା ବେଶୀ ହେଉ ଶୀଘ୍ର ଶୀଘ୍ର ଘଟି ଚାଲିବ । ତୁ ଅଳ୍ପ କେତେକ ମାସରେ ଏହି ପଥକୁ ଅତିକ୍ରମ କରିପାରୁ କିଂବା ଅଳ୍ପ କେତେକ ବର୍ଷରେ ତୁ ଏହା କରି ପାରୁ କିଂବା ଏହା କରିବା ଲାଗି ତୋତେ ଅଳ୍ପ କିଛି ଜନ୍ମ ଲାଗି ଯାଇପାରେ, କିନ୍ତୁ ତୁ ଏହା କରିବୁ ।

ବାଛିନେବା ଲାଗି ଯେ ତୋତେ ପୂର୍ଣ୍ଣ ସ୍ୱତନ୍ତ୍ରତା ଦିଆ ଯାଇଛି, ଏହା ଉପରେ ବିଶେଷ ଗୁରୁତ୍ୱର ସହ ଧ୍ୟାନ ଦେ । ଯଦି ତୁ ନିଜ ମଧ୍ୟରେ ଏହି ଜୀବନରେ ଲକ୍ଷ୍ୟରେ ପହଞ୍ଚିବାର ସିଦ୍ଧାନ୍ତ ନେବୁ ତେବେ ତୁ ତାହା କରିପାରିବୁ । ମୋର କହିବାର ଉଦ୍ଦେଶ୍ୟ ନୁହେଁ ଯେ ତୁ ତୋର ସିଦ୍ଧାନ୍ତକୁ ନିରନ୍ତର ଚେତନାରେ ଧରି ରଖିବୁ କିଂବା ସଚେତନ ଭାବେ ଏହାର ପୁନରାବୃତ୍ତି

କରିବୁ – ସେ କ୍ଷେତ୍ରରେ ତୁ ବାର ମାସରେ ସିଦ୍ଧିଲାଭ କରିପାରୁ । ମୋର କହିବାର ଉଦ୍ଦେଶ୍ୟ ହେଉଛି ତୁ ଯଦି ଅଚାନକଭାବେ ଏହି ସିଦ୍ଧାନ୍ତର ବଶବର୍ତ୍ତୀ ହୋଇ ଯାଇଛୁ : ''ଏଇଆ ମୁଁ ଚାହେଁ'' – ଏପରିକି ଏକ ବିଦ୍ୟୁତ୍‌ର ଝଲକ ଭଳି ଥରେ ମାତ୍ର – ତେବେ ତାହା ତୋର ଜୀବନରେ ଏକ ମୋହର-ଦାଗ ଭଳି ରହିବ ।

ଯାହାହେଉ ପଥ ମଧ୍ୟରେ ସମୟ ନଷ୍ଟ କରିବାର କୌଣସି ଯଥାର୍ଥତା ନାହିଁ । ଗୋଟିଏ ଅଙ୍କାବଙ୍କା ଜଟିଳ ପଥ ଅନୁସରଣ କରି, ପଥ ମଧ୍ୟରେ ହରାଇଥିବା, ଅପଚୟ କରିଥିବା ବା ନଷ୍ଟ କରିଥିବା ସବୁକିଛିର ଅଭାବକୁ ବହନ କରି ଯାଇ ଲକ୍ଷ୍ୟରେ ପହଞ୍ଚିବାରେ ମଧ୍ୟ କୌଣସି ଯଥାର୍ଥତା ନାହିଁ । କିନ୍ତୁ ଯେକୌଣସି ଅବସ୍ଥାରେ ଯେତେ ପରିମାଣରେ ବାଧାବିଘ୍ନ ଓ ଅସୁବିଧା ଆସୁନା କାହିଁକି ତୋ'ର କେବେ ବି ହତୋତ୍ସାହ ହେବାର କାରଣ ନାହିଁ ।

ମୋ ମତରେ ତୋର ଯେତେବେଳେ କିଛି କରିବାକୁ ଅଛି, ତାକୁ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର କରିବା ଭଲ । କିନ୍ତୁ ଲୋକ ଅଛନ୍ତି ଯେଉଁମାନେ କି ସେମାନଙ୍କର ସମୟ ନଷ୍ଟ କରିବାକୁ ଇଚ୍ଛା କରନ୍ତି । ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପୂର୍ବରୁ ଘୂରି ଘୂରି ପଛକୁ ଫେରି ବୁଲାଣି ରାସ୍ତା ଦେଇ ଯିବାକୁ ପ୍ରାୟ ସେମାନେ ଆବଶ୍ୟକ ମନେ କରନ୍ତି । ଦୁର୍ଭାଗ୍ୟବଶତଃ ଠିକ୍ ଏଇ ଲୋକମାନେ ଯେଉଁମାନଙ୍କର କି ଅଯଥା କାଳକ୍ଷେପଣ କରିବା, ସିଧା ବାଟରୁ ବଙ୍କା ବାଟରେ ଯିବା, ପଥ ଦୀର୍ଘ ବୋଲି ପ୍ରତିବାଦ କରିବା ଏକ ଅଭ୍ୟାସ । କିନ୍ତୁ ସେଇମାନେ ହିଁ ସେମାନଙ୍କ ଦୁଃଖ ଉପୁତ୍ତିର କାରଣ । ଯାହାହେଉ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ରୁଚି ରହିଛି ।

ପରିଶେଷରେ, କେତେକ ଅଛନ୍ତି ଯେଉଁମାନେ କି କେବଳ ସେତିକିବେଳେ ଆଗକୁ ଯାଆନ୍ତି ଯେତେବେଳେ ସେମାନଙ୍କ ଗଳାକୁ ଧରି ପଛରୁ ପ୍ରଚଣ୍ଡ ବେଗରେ ଆଗକୁ ଧକ୍କା ଦିଆଯାଏ । ତା'ପରେ ସେମାନେ ଚିତ୍କାର କରନ୍ତି ଯେ ସେମାନଙ୍କ ଉପରେ ଅତ୍ୟାଚାର କରାଗଲା, କିନ୍ତୁ ଏହାକୁ ସେମାନେ ନିଜେ ସ୍ୱାଗତ କରିଥା'ନ୍ତି ।

ଯାହାବି ହେଉ ଯଦି ତୁ ସିଧାସଳଖ ଯିବାକୁ ଏବଂ ସମସ୍ତ ଦୁଃଖକଷ୍ଟ ସହିବାକୁ ଓ ବିନା ଦୁର୍ବଳତାରେ ସମସ୍ତ ଅପ୍ରୀତିକର ଘଟଣାର ସମ୍ମୁଖୀନ ହେବାକୁ ସଂକଳ୍ପ କରୁ, ତୁ ଅନେକ କିଛି ବାଧାବିପତ୍ତିକୁ ଦୂରେଇ ଦେଇ ପାରିବୁ ।

ନିର୍ଭୀକ ଏବଂ ଦୃଢ଼ପ୍ରତିଜ୍ଞ ହୁଅ, ସମସ୍ତ ପ୍ରତିବନ୍ଧକ ତୋ ସମ୍ମୁଖରେ ମିଳାଇଯିବ ।

(MCW Vol. 7, pp. 339 - 340) ❖

ଶ୍ରୀଅରବିନ୍ଦ କୌଣସି କିଛିକୁ ବାଦ୍ ଦେଇ ନାହାନ୍ତି, ସେ ସବୁକିଛିକୁ ସମ୍ମିଳିତ କରିଛନ୍ତି ଓ ସମସ୍ତ ଦୃଷ୍ଟିକୋଣକୁ ସମନ୍ୱିତ କରିଛନ୍ତି ।

*

ଶ୍ରୀଅରବିନ୍ଦଙ୍କ ପୁସ୍ତକସବୁ ଏକ ପରିପୂର୍ଣ୍ଣ ବୋଧ, ପରିପୂର୍ଣ୍ଣ ଜ୍ଞାନ ଓ ପରିପୂର୍ଣ୍ଣ ଶକ୍ତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେହି ଦୃଷ୍ଟିରୁ ତାଙ୍କର ପ୍ରତ୍ୟେକଟି ପୁସ୍ତକ ଏକାଧାରରେ ଏକ ପ୍ରତୀକ ଓ ଏକ ପ୍ରତିନିଧି ।

*

ଶ୍ରୀଅରବିନ୍ଦଙ୍କର ପ୍ରତ୍ୟେକଟି ପୁସ୍ତକ ତାଙ୍କ ନିଜ ମଧ୍ୟରେ ଯାହା ରହିଛି ସେସବୁକୁ ପ୍ରତୀକାତ୍ମକଭାବେ ତଥା ପ୍ରଚ୍ଛନ୍ନଭାବେ ଧାରଣ କରିଥା'ନ୍ତି ।

– ଶ୍ରୀମା

# ଭାରତର ସ୍ୱାଧୀନତା, ପୂର୍ଣ୍ଣତା ଓ ପ୍ରଗତି

## ଶ୍ରୀଅରବିନ୍ଦ

ଏକ ସ୍ୱାଧୀନ ଓ ସମ୍ମିଳିତ ଭାରତ ପ୍ରତିଷ୍ଠିତ ହେବ ଏବଂ ଭାରତମାତା ତାଙ୍କର ଚତୁର୍ଦ୍ଦିଗରେ ତାଙ୍କର ସନ୍ତାନମାନଙ୍କୁ ଏକତ୍ରିତ କରିବେ ଏବଂ ସେମାନଙ୍କୁ ଏକ ମହାନ୍ ଓ ଐକ୍ୟବଦ୍ଧ ମାନବ-ସଂଘରେ ଏକ ହିଁ ଜାତୀୟ ଶକ୍ତିରେ ସଂଯୁକ୍ତ କରିବେ ।

(୦୫.୦୨.୧୯୪୮)

*

ଭାରତ ଆଜି ସ୍ୱାଧୀନ ଏବଂ ଯଦି ଭଗବତ୍ କର୍ମ ସମ୍ପାଦନ କରିବାକୁ ହୁଏ ତେବେ ତାହାର ଏହି ସ୍ୱାଧୀନତା ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ତାହାର ଚତୁଃପାର୍ଶ୍ୱରେ ଯେଉଁସବୁ ବାଧାବିପତ୍ତି ଘେରି ରହିଛି ଏବଂ ଆଉକିଛି କାଳ ଯେଉଁସବୁ ବାଧାବିପତ୍ତିର ଆଧିକ୍ୟ ଦେଖା ଯାଇପାରେ – ବିଶେଷତଃ ପାକିସ୍ଥାନ ସମ୍ପର୍କୀୟ ଜଟିଳ ରାଜନୈତିକ ଘଟଣା ସମ୍ବନ୍ଧରେ – ସେସବୁର ଆଗମନ ଏବଂ ସମାଧାନ ମଧ୍ୟ ଆବଶ୍ୟକ ଥିଲା... ଏଠାରେ ମଧ୍ୟ ଏକ ପୂର୍ଣ୍ଣ ସମାଧାନ ହେବାର ନିଶ୍ଚିତତା ରହିଛି ଯଦିଓ ଦୁର୍ଭାଗ୍ୟବଶତଃ ଏହି ଘଟଣାକ୍ରମରେ ଅସାମାନ୍ୟ ମାନବିକ ଦୁଃଖ-ଦୁର୍ଦ୍ଦଶାର ଆଗମନ ଅପରିହାର୍ଯ୍ୟ । ଏହାପରେ ଭଗବତ୍ କର୍ମ ସମ୍ପାଦନ ଅଧିକ ସହଜସାଧ୍ୟ ହେବ ଏବଂ ଅଧ୍ୟାତ୍ମ ଆଲୋକ ଦିଗରେ ଜଗତକୁ ଅଗ୍ରସର କରାଇବାର ସ୍ୱପ୍ନ – ଯଦି ଏହାକୁ ସ୍ୱପ୍ନ ବୋଲି କହିବାକୁ ହୁଏ – ତେବେ ଏକ ବାସ୍ତବତାରେ ପରିଣତ ହୋଇପାରେ । ତେଣୁ ବର୍ତ୍ତମାନ ମଧ୍ୟ ଏହି ଅନ୍ଧକାରପୂର୍ଣ୍ଣ ଅବସ୍ଥାରେ ଯେତେବେଳେ ବିଫଳତାକୁ ନିଶ୍ଚିତ ବୋଲି ଧରି ନିଆଯାଇଛି, ଜଗତକୁ ସାହାଯ୍ୟ କରିବାର ସଂକଳ୍ପରୁ ମୁଁ ନିବୃତ୍ତ ନୁହେଁ ।

(୦୪.୦୪.୧୯୫୦)

*

ଭାରତର ଏହି ପୁନର୍ଜାଗରଣ, ଏହି ନବଜନ୍ମ ଯଦି ବାସ୍ତବରେ ଘଟେ, ତେବେ ଏହା ଭାରତ ତଥା ସମଗ୍ର ଜଗତ୍ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ; ଭାରତ ସକାଶେ ଏହି ଦୃଷ୍ଟିରୁ ଯେ ତାହାର ଚିରନ୍ତନ ଆତ୍ମା ଓ ଜାତୀୟ ଆଦର୍ଶ କହିଲେ ଯାହାକିଛିକୁ ବୁଝାଏ ସେସବୁର ପୁନରୁତ୍ଥାନ ଓ ପରିବର୍ତ୍ତନ ହେବ । ପୃଥିବୀ ନିମିତ୍ତ ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଫଳରେ ଏକ ଅଭିନବ ଶକ୍ତିର ଅଭ୍ୟୁଦୟ ଘଟିବ ଯାହାକି ପୃଥିବୀକୁ ଓ ମାନବ-ସମାଜକୁ ଏପର୍ଯ୍ୟନ୍ତ ନିୟନ୍ତ୍ରିତ କରୁଥିବା ଇଦାନୀନ୍ତନ ମାନସିକ ଓ ଆଧ୍ୟାତ୍ମିକ ଧାରାଠାରୁ ବହୁଭାବରେ ଭିନ୍ନ ହେବ ଯଦିଓ ତାହା ଭବିଷ୍ୟତକୁ ପରିଚାଳିତ କରିବାକୁ ପ୍ରସ୍ତୁତ ହେଉଥିବା ଧାରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ନୁହେଁ ।

*

ଯୁଗ-ଯୁଗର ଭାରତ ମୃତ ନୁହେଁ କିଂବା ସେ ତାହାର ଅନ୍ତିମ ସୃଜନୀ ବାଣୀ ପ୍ରକାଶ କରି ସାରିଛି, ଏହା ମଧ୍ୟ ନୁହେଁ; ସେ ଜୀବନ୍ତ ଏବଂ ନିଜ ପାଇଁ ତଥା ମାନବସମାଜ ପାଇଁ ତା'ର କିଛି କରିବାର ଅଛି । ଏବଂ ବର୍ତ୍ତମାନ ଭାରତ ଜାଗ୍ରତ୍ ହେବା ପାଇଁ ତାକୁ ଯେଉଁ ଆଦର୍ଶ ସନ୍ଧାନ କରିବାକୁ ହେବ ତାହା ଏକ ଇଂରାଜୀଭାବାପନ୍ନ ପ୍ରାଚ୍ୟମାନବ ନୁହେଁ, ପାଶ୍ଚାତ୍ୟର ଆଜ୍ଞାଧୀନ ଛାତ୍ର ନୁହେଁ, ଏବଂ ପାଶ୍ଚାତ୍ୟର ସଫଳତା ଓ ବିଫଳତାର ଭାଗ୍ୟଚକ୍ରକୁ ପୁନରାବୃତ୍ତ କରି ଚାଲିବା ତାହା ସକାଶେ ବିଧିନିର୍ଦ୍ଦିଷ୍ଟ ନୁହେଁ, ବରଂ ଅଦ୍ୟାପି ତାହାର ପ୍ରାଚୀନ ସ୍ମରଣାତୀତ ଶାଶ୍ୱତ ଶକ୍ତିର ଗଭୀରତମ ଆତ୍ମା ପୁନରୁତ୍ଥିତ ହେଉଛି; ଜ୍ୟୋତିଃ ଓ ଶକ୍ତିର ପରମ ଉତ୍ସ ଦିଗରେ ତାହାର ମସ୍ତକ ଉତ୍ତୋଳନ କରୁଛି ଏବଂ ତାହା ସନାତନ ଧର୍ମର ସମ୍ପୂର୍ଣ୍ଣ ଅର୍ଥ ଓ ବୃହତ୍ତର ସ୍ୱରୂପକୁ ଆବିଷ୍କାର କରିବା ନିମିତ୍ତ ପ୍ରବୃତ୍ତ ହେଉଛି ।

*

ଭାରତର ନବଜାଗରଣ ଆଗାମୀ କାଲିର ସୂର୍ଯ୍ୟୋଦୟ ପରି ସୁନିଶ୍ଚିତ ଏବଂ ଏହି ବିରାଟ ଦେଶର ଜନତା, ଯେଉଁମାନଙ୍କର ରହିଛି ଏକ ଅସାଧାରଣ ମତିଗତି, ଜୀବନର ଏକ ଅତୁଳନୀୟ ଐତିହ୍ୟ, ଅତି ଶକ୍ତିଶାଳୀ ବୁଦ୍ଧିମତ୍ତା ଏବଂ ଯେଉଁ ଦେଶର ରହିଛି ପ୍ରଚ୍ଛନ୍ନ ଶକ୍ତିବିଶିଷ୍ଟ ବିରାଟ ଜନତା, ତାହାର ନବଜନ୍ମ ଆଧୁନିକ ଜଗତର ଏକ ଅତ୍ୟାଶ୍ଚର୍ଯ୍ୟମୟ ଘଟଣା ହେବା ଅବଶ୍ୟମ୍ଭାବୀ ।

*

ଭାରତୀୟମାନଙ୍କର ଏହି ଦୃଢ଼ ବିଶ୍ୱାସ ରହିବା ଆବଶ୍ୟକ ଯେ ଭାରତର ଉତ୍ଥାନ ହେବ ଏବଂ ଏହା ମହାନ୍ ହୋଇ ଉଠିବ । ଯାହାକିଛି ଘଟିଯାଇଛି – ପ୍ରତ୍ୟେକ ବାଧାବିଘ୍ନ, ପ୍ରତ୍ୟେକ ଓଲଟ

ପାଲଟ — ସେସବୁ ସହାୟକ ହେବ ଏବଂ ପରିଣାମ ଦିଗରେ ଅଗ୍ରସର କରାଇବ । ପ୍ରବୃତ୍ତି ଊର୍ଦ୍ଧ୍ୱମୁଖୀ ହୋଇଛି ଏବଂ କ୍ଷୟମୁଖୀ କାଳର ଅବସାନ ଘଟିଛି । ପ୍ରଭାତ ଆସନ୍ନ ଏବଂ ଆଲୋକ ଦୃଶ୍ୟମାନ । ପୁନଶ୍ଚ ରାତ୍ରିର ଆଗମନ ଅସମ୍ଭବ । ଅତି ଶୀଘ୍ର ଉଷା ଅତୀତ ହେବ ଏବଂ ଦିଗ୍‌ବଳୟରେ ସୂର୍ଯ୍ୟର ଉଦୟ ହେବ । ଭାରତ ଭାଗ୍ୟାକାଶର ସୂର୍ଯ୍ୟ ଶୀଘ୍ର ଉଦିତ ହୋଇ ତାହାର ଆଲୋକ ଦ୍ୱାରା ସମଗ୍ର ଭାରତକୁ, ଏସିଆକୁ ତଥା ସମଗ୍ର ଜଗତକୁ ପ୍ଲାବିତ କରିବ । ପ୍ରତ୍ୟେକ ମୁହୂର୍ତ୍ତ ଭଗବତ୍ ନିର୍ଦ୍ଧାରିତ ଦିବସର ଉଜ୍ଜ୍ୱଳତାକୁ ନିକଟତର କରାଇବ ।

*

ଅନେକ ବ୍ୟକ୍ତି ଏହି ମହାନ୍ ଏବଂ ପ୍ରାଚୀନ ଜାତିର ଅତୀତ ଗୌରବ ନିମିତ୍ତ ଖେଦୋକ୍ତି ପ୍ରକାଶ କରି କହନ୍ତି ଯେପରିକି ପ୍ରାଚୀନ ଋଷିଗଣ, ଚିନ୍ତାଧାରା ଓ ସଭ୍ୟତାରେ ପ୍ରଣୋଦିତ ସ୍ରଷ୍ଟାଗଣ ଆମ୍ଭମାନଙ୍କ ଅତୀତ ବୀରଯୁଗର ଅଲୌକିକ ସୃଷ୍ଟି କରିଥିଲେ ଏବଂ ସେମାନେ ଆମ୍ଭମାନଙ୍କ ଅଧଃପତିତ ମାନବସମାଜ ମଧ୍ୟରେ ଏବଂ ବର୍ତ୍ତମାନର ଦୁଃଖମୟ କାଳରେ ପୁନର୍ବାର ଜନ୍ମଗ୍ରହଣ କରିବେ ନାହିଁ । ଏହା ଭ୍ରମ-ଧାରଣା — କେବଳ ଥରେ ନୁହେଁ, ଏହା ତିନିଥର କୁହା ଯାଇପାରେ — ଆମ୍ଭମାନଙ୍କର ଦେଶ, ସମାଜ ଓ ଧର୍ମ ଚିରନ୍ତନ ଏବଂ ଆମ୍ଭମାନଙ୍କର ଶକ୍ତି, ମହାନତା, ପବିତ୍ରତା ବିଶେଷ ଭାବେ ମେଘାଚ୍ଛନ୍ନ ହୋଇପାରେ କିନ୍ତୁ କଦାପି, ଏପରିକି ଏକ ମୁହୂର୍ତ୍ତ ସକାଶେ ବି ସମ୍ପୂର୍ଣ୍ଣ ରୂପେ ଧ୍ୱଂସପ୍ରାପ୍ତ ହେବ ନାହିଁ । ବୀର, ଋଷି, ସାଧୁସନ୍ଥଗଣ ଆମ୍ଭମାନଙ୍କ ଭାରତଭୂମିର ସ୍ୱାଭାବିକ ସୃଷ୍ଟି ଏବଂ ଏପରି କୌଣସି ଯୁଗ ନାହିଁ ଯେତେବେଳେ ସେମାନେ ଜନ୍ମ ହୋଇ ନାହାନ୍ତି ।

*

ଭାରତ ତା'ର ନିଜତ୍ୱରେ ପ୍ରତିଷ୍ଠିତ ରହି, ସ୍ୱଧର୍ମକୁ ଅନୁସରଣ କରି ନିଜେ ଉନ୍ନତ ହେବ ଏବଂ ଜଗତର ସେବାରେ ଲାଗିବ । ଏହାର ଅର୍ଥ ଏପରି ନୁହେଁ ଯେ ସଂକୀର୍ଣ୍ଣ ମନ ନେଇ ସଂସ୍କାରାନ୍ଧ ହୋଇ ଅନେକେ ଯେପରି ସିଦ୍ଧାନ୍ତ କରି ବସନ୍ତି ଯେ କାଳସ୍ରୋତରେ ନୂତନ ଯାହାକିଛି ଆମ ନିକଟରେ ଆସି ଉପସ୍ଥିତ ହୋଇଛି ବା ଇଉରୋପ ଯାହାକିଛି ସର୍ବପ୍ରଥମ ଆବିଷ୍କାର କରିଛି ବା ସାମର୍ଥ୍ୟର ସହିତ ବ୍ୟକ୍ତ କରିଛି ସେସବୁକୁ ଦୂରକୁ ଫିଙ୍ଗି ଦେବାକୁ ହେବ । ଏ ପ୍ରକାର ମନୋଭାବ ଯୁକ୍ତି ଦୃଷ୍ଟିରୁ ଯେପରି ମୂଢ଼ତାର ପରିଚାୟକ, କାର୍ଯ୍ୟ ଦିଗରୁ ମଧ୍ୟ ସେହିପରି ଅସମ୍ଭବ । ଖାଲି ସେତିକି ନୁହେଁ, ଏହା ଆଧ୍ୟାତ୍ମିକତାର ଅଭାବ ମଧ୍ୟ । କାରଣ ଯଥାର୍ଥ ଆଧ୍ୟାତ୍ମିକତା କୌଣସି ନୂତନ ଜ୍ଞାନକୁ ପରିହାର କରେ ନାହିଁ, ମାନବଜାତିର ଆତ୍ମୋନ୍ନତିର ଉପାୟ ବା ଉପକରଣ ହିସାବରେ ଯଦି ଆଉ କିଛି ମିଳିଗଲା ତେବେ ତାହାକୁ ଫିଙ୍ଗି ଦିଏ ନାହିଁ । ଆମର ଅନ୍ତରାତ୍ମାକୁ, ଆମ ସତ୍ତାର ବିଶିଷ୍ଟ ଧରଣକୁ, ଆମର ସହଜାତ ସ୍ୱଭାବକୁ ଅକ୍ଷୁଣ୍ଣ ରଖିବାକୁ ହେବ ଏବଂ ତାହା ସହିତ ମିଳାଇ ଧରିବାକୁ ହେବ ଆମେ ଯାହାକିଛି ବାହାରୁ ଆହରଣ କରିବା ଓ ତାହାରି ଭିତରୁ ବିକଶିତ କରି ଧରିବାକୁ ହେବ ଆମେ ଯାହାକିଛି କର୍ମ କରିବା ଓ ସୃଷ୍ଟି କରିବା । ଏହା ହିଁ ହେଲା ଆମ ସୂତ୍ରଟିର ଅର୍ଥ । ଅଧ୍ୟାତ୍ମ ଧର୍ମ ହିଁ ବିଶେଷଭାବେ ଭାରତର ମନୋଯୋଗକୁ ଚିରକାଳ ଆକର୍ଷଣ କରି ଆସିଛି, ଏହା ହିଁ ହେଲା ଭାରତର ଅନ୍ତଃପୁରୁଷର ବିଷୟ ।

*

ଭାରତ ଧ୍ୱଂସ ହୋଇ ନ ପାରେ, ଆମ୍ଭମାନଙ୍କ ଜାତି ଲୁପ୍ତ ହୋଇ ନ ପାରେ, କାରଣ ମାନବଗୋଷ୍ଠୀସମୂହ ମଧ୍ୟରେ ଭାରତ ସକାଶେ ନିର୍ଦ୍ଦିଷ୍ଟ ରହିଛି ସମଗ୍ର ମାନବଜାତିର ଭବିଷ୍ୟତ୍ ହିତାର୍ଥେ ଅପରିହାର୍ଯ୍ୟ ଏକ ଉଜ୍ଜ୍ୱଳତମ ଓ ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାହାକୁ ତୋଳି ଧରିବାକୁ ହେବ ସମଗ୍ର ଜଗତର ଭାବୀଧର୍ମ, ସେହି ସନାତନ ଧର୍ମ ଯହିଁରେ ସକଳ ଧର୍ମ, ବିଜ୍ଞାନ ଏବଂ ଜୀବନ ସାମଞ୍ଜସ୍ୟ ପ୍ରାପ୍ତ ହୁଏ, ଯାହା ସମଗ୍ର ମାନବଜାତିକୁ ଏକାତ୍ମ କରେ । ସେହିପରି ନୈତିକ କ୍ଷେତ୍ରରେ ତାହାର ଲକ୍ଷ୍ୟ ମନୁଷ୍ୟ ମଧ୍ୟରୁ ତାହାର ବର୍ବରତା ଦୂର କରିବା, ବିଶ୍ୱକୁ ଆର୍ଯ୍ୟ ଧର୍ମରେ ଦୀକ୍ଷିତ କରାଇବା । ଆଉ ଏଥିପାଇଁ ପ୍ରଥମେ ଭାରତକୁ ଆର୍ଯ୍ୟ ହେବାକୁ ହେବ ।

*

... ଏକ ଆଧ୍ୟାତ୍ମିକ ଆଦର୍ଶ ଚିରକାଳ ହିଁ ଭାରତର ଭାବନା ଓ ଆସ୍ପୃହାର ବିଶେଷତ୍ୱ । କିନ୍ତୁ କାଳର ଅଗ୍ରଗତି ଓ ମାନବସମାଜର ପ୍ରୟୋଜନ ହେତୁ ସେହି ଆଦର୍ଶର ଏକ ନୂତନ ସଂସ୍କରଣ ପ୍ରୟୋଜନ ହୋଇଛି । ସେହି ପୁରାତନ ରୂପ ଓ ପୁରାତନ ପନ୍ଥା ବର୍ତ୍ତମାନ ଯୁଗଧର୍ମର ଲକ୍ଷ୍ୟ ନିମିତ୍ତ ଯଥେଷ୍ଟ ନୁହେଁ, ଭବିଷ୍ୟତରେ ଭାରତକୁ ଯେଉଁ ବିରାଟ ପଦକ୍ଷେପ ନେବାକୁ ହେବ ସେଥିନିମିତ୍ତ ସେହି ସଂକୀର୍ଣ୍ଣ ପଥ ଦେଇ ଭାରତ ଆଉ ତାହାର ଲକ୍ଷ୍ୟ ସାଧନ କରିପାରିବ ନାହିଁ । ଆମ୍ଭମାନଙ୍କ ଆଧ୍ୟାତ୍ମିକତା ମଧ୍ୟ ସେହି ପୁରାତନ ଜୀର୍ଣ୍ଣ ସଂସ୍କାରବିମୁଖ

ଆଧ୍ୟାତ୍ମିକ ଜୀବନ ନୁହେଁ ଏବଂ ଈଶ୍ୱରଙ୍କ ବିରାଟ ସୃଷ୍ଟିର ଶୋଚନୀୟ ନିରର୍ଥକତା ଓ ମାୟାବାଦ ଦ୍ୱାରା ଭାରାକ୍ରାନ୍ତ ନୁହେଁ; ଆମ୍ଭମାନଙ୍କ ଆଦର୍ଶ ସେହି ଆଧ୍ୟାତ୍ମିକତା ନୁହେଁ ଯାହା ପାର୍ଥିବ ଜୀବନରୁ ମୁଖ ଫେରାଇ ନିଏ ବରଂ ଆମ୍ଭମାନଙ୍କ ଆଦର୍ଶ ହେଲା ସେହି ଅଧ୍ୟାତ୍ମ ଶକ୍ତି ଦ୍ୱାରା ଜୀବନରେ ବିଜୟ ପ୍ରାପ୍ତ ହେବା । ଏହା କେବଳ ଏହି ଜଗତକୁ ଭାଗବତ ଅଭିବ୍ୟକ୍ତିର ଏକ ଉଦ୍ୟମ ବୋଲି ଗ୍ରହଣ କରେ ନାହିଁ ବରଂ ଭାଗବତ ଅଭିବ୍ୟକ୍ତିର ଏକ ବୃହତ୍ତର ଓ ମହତ୍ତର ଉଦ୍ୟମ ଦ୍ୱାରା ମାନବସମାଜର ରୂପାନ୍ତର ଚାହେଁ ଯାହା ଏପର୍ଯ୍ୟନ୍ତ କେବେ ବି ହୋଇ ନାହିଁ ଏବଂ ଯାହାର ପରିଣାମରେ ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଥିବା ପରଦା ଦୂର ହେବ, ଆମ୍ଭମାନଙ୍କ ମଧ୍ୟରେ ଥିବା ସେହି ଦିବ୍ୟମାନବତ୍ୱ ମୂର୍ତ୍ତ ହେବ ଏବଂ ଆମ୍ଭମାନଙ୍କ ପାର୍ଥିବ ଜୀବନ ଭାଗବତ ସତ୍ୟ, ଜ୍ୟୋତିଃ ଓ ସାମର୍ଥ୍ୟ ଦ୍ୱାରା ରୂପାନ୍ତରିତ ହେବ ।

*

...ଆମର ଆଧ୍ୟାତ୍ମିକତାକୁ ଆହୁରି ବୃହତ୍ତର, ଉଦାରତର କରି ଜୀବନ କ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ, ଆମର ପୂର୍ବପୁରୁଷଙ୍କ ଅପେକ୍ଷା କମ୍ ନୁହେଁ, ଯଦି ସମ୍ଭବ ହୁଏ ତେବେ ଆମକୁ ବେଶୀ ଆଧ୍ୟାତ୍ମିକ ହେବାକୁ ହେବ । ପାଶ୍ଚାତ୍ୟର ବିଜ୍ଞାନ, ଯୁକ୍ତି, ପ୍ରଗତିଶୀଳତା ଓ ଆଧୁନିକ ଯୁଗର ମୂଳ ସତ୍ୟକୁ ଆମେ ଗ୍ରହଣ କରିବା, କିନ୍ତୁ ଆମର ନିଜସ୍ୱ ଜୀବନଧାରା ଉପରେ ଛିଡ଼ା ହୋଇ, ତାହାକୁ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟ ସହ ମିଳାଇ ଧରି । ଆମର ଚତୁର୍ଦ୍ଦିଗରେ ଯେଉଁ ଜୀବନ-ପ୍ରବାହ ବିପୁଳ ସ୍ପନ୍ଦନ ନେଇ ଛୁଟି ଚାଲିଛି, ଆଧୁନିକ ପ୍ରାଣରେ ଯେତେ ଐହିକ ପ୍ରେରଣା, ଆଧିଭୌତିକ କର୍ମୈଷଣାର ଆଲୋଡ଼ନ ଦେଖା ଦେଇଛି, ତା' ଭିତରେ ଆମେ ଝାମ୍ପ ଦେଇପାରୁ, କିନ୍ତୁ ସେଥିପାଇଁ ଈଶ୍ୱରଙ୍କ ସମ୍ବନ୍ଧରେ, ମନୁଷ୍ୟ ସମ୍ବନ୍ଧରେ, ପ୍ରକୃତି ସମ୍ବନ୍ଧରେ ଆମର ଯେଉଁ ମୂଳ ଉପଲବ୍ଧି ତାକୁ ପରିତ୍ୟାଗ କରିବାକୁ ହେବ କାହିଁକି ? ଦୁଇଟି ଭିତରେ ତ କୌଣସି ବିସମ୍ବାଦ ନାହିଁ ବରଂ ସେମାନେ ନିଜ ନିଜର ତାତ୍ପର୍ଯ୍ୟ ଓ ଭାବବ୍ୟଞ୍ଜନାର ପରିପ୍ରକାଶ ପାଇଁ ନିଜ ନିଜର ପରିପୂର୍ଣ୍ଣ ଅଭିବ୍ୟକ୍ତି ଓ ଋଦ୍ଧିମନ୍ତ ଜାଗୃତି ପାଇଁ ପରସ୍ପର ପରିପୂରକ ।

*

ଭାରତ ଯଦି ସଂକଳ୍ପ କରେ ତେବେ ମାନବଜାତି ଆଜି ଯେଉଁ ସମସ୍ତ ସମସ୍ୟା ନେଇ ବିବ୍ରତ, କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଛି, ସେସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା, ଏକ ନୂତନ ନିର୍ଦ୍ଦେଶ । ସେସବୁ ସମସ୍ୟାର ସମାଧାନର ମୂଳସୂତ୍ର ତାହାର ପ୍ରାଚୀନ ଜ୍ଞାନ ମଧ୍ୟରେ ହିଁ ନିହିତ ।

*

''ପୃଥିବୀପୃଷ୍ଠରେ ଦିବ୍ୟଜୀବନ ସ୍ଥାପନ'' – ଏହି ଯେଉଁ ଲକ୍ଷ୍ୟ ଆମ୍ଭେମାନେ ଆମ୍ଭମାନଙ୍କ ସମ୍ମୁଖରେ ରଖିଛୁ, ତାହା ସିଦ୍ଧ ହୋଇପାରେ ଆମ୍ଭମାନଙ୍କ ସତ୍ତାର କେବଳ ଏକ ଆଧ୍ୟାତ୍ମିକ ରୂପାନ୍ତର ଦ୍ୱାରା ଏବଂ ଆମ୍ଭମାନଙ୍କ ପ୍ରକୃତିର ଏକ ଆମୂଳ ପରିବର୍ତ୍ତନ, ବିବର୍ତ୍ତନ ଓ ବିପ୍ଳବ ଦ୍ୱାରା ।

*

... ନବଜନ୍ମର ସର୍ବପ୍ରଥମ ଓ ସର୍ବପ୍ରଧାନ କାର୍ଯ୍ୟ ହେବ ଭାରତୀୟ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନର ପୁନଃପ୍ରତିଷ୍ଠା – ପୂର୍ବପରି ଗଭୀର, ସମୃଦ୍ଧ, ଅଖଣ୍ଡ ଭାବରେ ସକଳ ମହିମାରେ ତାହାକୁ ଭରପୂର କରିବା । ଦ୍ୱିତୀୟ କାର୍ଯ୍ୟ ହେଲା ଏହି ଆଧ୍ୟାତ୍ମିକତାକୁ ଦର୍ଶନ, ସାହିତ୍ୟ, ଶିଳ୍ପ, ବିଜ୍ଞାନ – ସବୁପ୍ରକାର ଅନୁସନ୍ଧାନର ନୂତନ ରୂପାୟନରେ ପ୍ରବାହିତ କରାଇବା । ତୃତୀୟଟି ହେଲା ସର୍ବାପେକ୍ଷା କଠିନ କାର୍ଯ୍ୟ : ଭାରତର ଅନ୍ତରାତ୍ମାର ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ନୂତନ ଭାବରେ ଆଧୁନିକ ସମସ୍ତ ସମସ୍ୟାର ସମାଧାନର ଚେଷ୍ଟା କରିବା ଏବଂ ସମାଜକୁ ଆଧ୍ୟାତ୍ମିକତାର ଜାଗ୍ରତ୍ ରୂପରେ ଗଢ଼ିବା ଲାଗି ଗୋଟାଏ ବୃହତ୍ତର ସମନ୍ୱୟ-ସୂତ୍ର ଆବିଷ୍କାର କରିବା । ଏହି ତିନୋଟି ଧାରାରେ ଭାରତର ନବଜନ୍ମ ଯେପରି ଭାବେ ସଫଳ ହେବ, ଠିକ୍ ସେହି ପରିମାଣରେ ମାନବଜାତିର ତଥା ଜଗତର ଭବିଷ୍ୟତ୍ ଉନ୍ନତି ପଥରେ ସେ ସହାୟ ହେବ ।

*

ଆମ୍ଭମାନଙ୍କର ପ୍ରଥମ ଉଦ୍ଦେଶ୍ୟ : ଏହି ଆଦର୍ଶକୁ ଘୋଷଣା କରିବା – ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଯେ ସର୍ବାଦୌ ଆବଶ୍ୟକ, ଏହା ଉପରେ ଜୋର୍ ଦେବା ଏବଂ ସେହି ସମସ୍ତଙ୍କୁ ଏକତ୍ର କରିବା ଯେଉଁମାନେ ଏହାକୁ ଗ୍ରହଣ କରିବେ ଏବଂ ଏହାକୁ ସିଦ୍ଧ କରିବା ନିମିତ୍ତ ଐକାନ୍ତିକଭାବେ ଉଦ୍ୟମ କରିବେ ।

ଆମ୍ଭମାନଙ୍କର ଦ୍ୱିତୀୟ ଉଦ୍ଦେଶ୍ୟ : ଏହି ଆଦର୍ଶ ଉପରେ କେବଳ ବ୍ୟକ୍ତିଗତ ଜୀବନ ପ୍ରତିଷ୍ଠିତ ହେବ ନାହିଁ ବରଂ ଏକ ଗୋଷ୍ଠୀବଦ୍ଧ ଜୀବନ ମଧ୍ୟ ଏହା ଉପରେ ପ୍ରତିଷ୍ଠିତ ହେବ । ବାହ୍ୟ କର୍ମ ସଙ୍ଗେ ଏକ ଆନ୍ତର ପରିବର୍ତ୍ତନ ଆବଶ୍ୟକ ଏବଂ ଏହା ଏକାଧାରରେ ଅବଶ୍ୟ ଆମ୍ଭମାନଙ୍କର ଆଧ୍ୟାତ୍ମିକ, ସାଂସ୍କୃତିକ, ଶିକ୍ଷାଗତ, ସାମାଜିକ ଓ ଆର୍ଥନୀତିକ ଜୀବନରେ

ପ୍ରତିଫଳିତ ହେବ । ଯୁଗପତ୍ ଏହାର କାର୍ଯ୍ୟକ୍ଷେତ୍ର ହେବ ବ୍ୟଷ୍ଟିଗତ ଓ ଗୋଷ୍ଠୀଗତ, ଆଞ୍ଚଳିକ ଓ ଜାତୀୟ ଏବଂ ଅବଶେଷରେ କେବଳ ଦେଶ ନିମିତ୍ତ ନ ହୋଇ ସମଗ୍ର ମାନବସମାଜ ନିମିତ୍ତ ଉଦ୍ଦିଷ୍ଟ ହେବ ।

ଏହି କର୍ମର ପ୍ରତ୍ୟକ୍ଷ ଫଳ ହେବ ଏକ ନବୀନ ସୃଷ୍ଟି, ଏକ ଆଧ୍ୟାତ୍ମିକ ଶିକ୍ଷା ଓ ସଂସ୍କୃତି, ଏକ ବ୍ୟାପକ ସାମାଜିକ ପ୍ରେରଣା ଯାହା ବିଭେଦ ଉପରେ ପ୍ରତିଷ୍ଠିତ ନ ହୋଇ ହେବ ବ୍ୟକ୍ତିର ପୂର୍ଣ୍ଣବିକାଶ ଓ ସ୍ୱାଧୀନତା ଉପରେ, ଅନ୍ୟ ବ୍ୟକ୍ତି ସହ ଏକତ୍ୱ ଏବଂ ଦେଶ ଓ ମାନବସମାଜର ବୃହତ୍ତର ସତ୍ତାରେ ଆତ୍ମୋତ୍ସର୍ଗ ଉପରେ; ଏବଂ ଭାରତର ଆର୍ଥନୀତିକ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ ଆରମ୍ଭ ହେବ ପାଶ୍ଚାତ୍ୟ ଆଦର୍ଶକୁ ଅନୁସରଣ କରି ନୁହେଁ ବରଂ ଭାରତର ନିଜସ୍ୱ ଗୋଷ୍ଠୀଗତ ଜୀବନର ନୀତି ଅନୁସାରେ ।

*

ତରୁଣ ଭାରତକୁ ଆମ୍ଭେମାନେ ଆହ୍ୱାନ କରୁଛୁ । ତରୁଣମାନେ ହିଁ ଏହି ନୂତନ ଜଗତର ନିର୍ମାତା ହେବେ । କିନ୍ତୁ ସେମାନେ ନୁହନ୍ତି ଯେଉଁମାନେ ପାଶ୍ଚାତ୍ୟ ଜଗତର ପ୍ରତିଯୋଗିତାମୂଳକ ବ୍ୟକ୍ତିତନ୍ତ୍ର, ପୁଞ୍ଜିବାଦ ଏବଂ ବସ୍ତୁତାନ୍ତ୍ରିକ ସାମ୍ୟବାଦକୁ ଭାରତର ଭବିଷ୍ୟତ୍ ଆଦର୍ଶରୂପେ ଗ୍ରହଣ କରନ୍ତି ବା ଯେଉଁମାନେ ପୁରାତନ ଧର୍ମନୀତିର କ୍ରୀତଦାସ, ଅଥବା ଯେଉଁମାନେ ଆଧ୍ୟାତ୍ମିକତା ଦ୍ୱାରା ଜୀବନର ରୂପାନ୍ତରରେ ବିଶ୍ୱାସ କରନ୍ତି ନାହିଁ କିଂବା ସମ୍ମତି ପ୍ରଦାନ କରନ୍ତି ନାହିଁ; ବରଂ ଯେଉଁମାନେ ଏକ ପୂର୍ଣ୍ଣତର ସତ୍ୟ ଗ୍ରହଣ କରିବାକୁ ସମର୍ଥ ଏବଂ ଏକ ମହତ୍ତର ଆଦର୍ଶ ନିମିତ୍ତ ଅଧ୍ୟବସାୟ କରିବାକୁ ଯେଉଁମାନଙ୍କର ମନ ଓ ହୃଦୟ ଉନ୍ମୁକ୍ତ — ସେହିମାନେ ହିଁ ଏହି ଜଗତର ନିର୍ମାତା ହେବେ । ସେମାନେ ଏପରି ବ୍ୟକ୍ତି ହେବେ ଯେଉଁମାନେ ଅତୀତ ଓ ବର୍ତ୍ତମାନ ପ୍ରତି ନିଜକୁ ଉତ୍ସର୍ଗ ନ କରି ନିଜକୁ ଉତ୍ସର୍ଗ କରିବେ ଭବିଷ୍ୟତ୍ ପ୍ରତି । ସେମାନେ ନିଜକୁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କରିବେ ନିଜର ନିମ୍ନ ପ୍ରକୃତିକୁ ଅତିକ୍ରମ କରିଯିବା ନିମିତ୍ତ, ନିଜ ମଧ୍ୟରେ ତଥା ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କୁ ଉପଲବ୍ଧି କରିବା ନିମିତ୍ତ, ଦେଶ ଓ ସମାଜ ନିମିତ୍ତ ଅକ୍ଳାନ୍ତ ଅଧ୍ୟବସାୟ କରିବା ନିମିତ୍ତ । ଏପର୍ଯ୍ୟନ୍ତ ଏହି ଆଦର୍ଶ ରହିଛି ଏକ କ୍ଷୁଦ୍ର ବୀଜତୁଲ୍ୟ ଏବଂ ଯେଉଁ ଜୀବନରେ ଏହା ମୂର୍ତ୍ତ ତାହା ଏକ ସୂକ୍ଷ୍ମ କେନ୍ଦ୍ର । କିନ୍ତୁ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଏହି ଯେ ଏକ କ୍ଷୁଦ୍ର ବୀଜ ଏକ ବୃହତ୍ ବୃକ୍ଷରେ ଦିନେ ନା ଦିନେ ପରିଣତ ହେବ ଏବଂ ସେହି ସୂକ୍ଷ୍ମ କେନ୍ଦ୍ର ଏକ ଚିରବ୍ୟାପକ ସଂଗଠନର ପ୍ରାଣ ହେବ । ଆଧ୍ୟାତ୍ମିକତାରେ ଅବିଚଳିତ ଶ୍ରଦ୍ଧା ଦ୍ୱାରା ଅନୁପ୍ରାଣିତ ହୋଇ ଆମ୍ଭେମାନେ ଧ୍ୱଂସୋନ୍ମୁଖୀ ଜଗତର ବିଶୃଙ୍ଖଳା ମଧ୍ୟରେ ଯେଉଁ ମାନବଗୋଷ୍ଠୀର ଆବିର୍ଭାବ ନିମିତ୍ତ ଚେଷ୍ଟା କରୁଛୁ ତାହାର ଓ ଭବିଷ୍ୟତ୍ ଭାରତର ତଥା ଆଦ୍ୟାଜନନୀଙ୍କର ବିରାଟ ଅବସନ୍ନ ଶରୀରରେ ପୁନଃଯୌବନ ପ୍ରଦାନ କରିବା ନିମିତ୍ତ ଯେଉଁ ବିଶାଳ ଭାରତ ପୁନର୍ଜନ୍ମ ଲାଭ କରିବ ତାହାର ପତାକାଧାରୀମାନଙ୍କ ମଧ୍ୟରେ ଆମ୍ଭେମାନେ ସ୍ଥାନ ଗ୍ରହଣ କରିଛୁ ।

*

ଏହାହିଁ ହେଲା ବର୍ତ୍ତମାନର ଏକ ଚୂଡ଼ାନ୍ତ ସମସ୍ୟା ଓ ଆକୁଳ ପ୍ରଶ୍ନ : ଭାରତ ଯେଉଁ ଅଧ୍ୟାତ୍ମ-ବୃତ୍ତିର ପ୍ରତିନିଧିତ୍ୱ କରୁଛି ତାହା ୟୁରୋପ ଉପରେ ବିଜୟ ହାସଲ କରି ତଦ୍ୱାରା ପାଶ୍ଚାତ୍ୟ ଜୀବନର ଉପଯୋଗୀ ବିଭିନ୍ନ ସଂସ୍ଥା ଗଠନ କରିପାରିବ, ନା ୟୁରୋପୀୟ ଶିଳ୍ପତନ୍ତ୍ର ଓ ବାଣିଜ୍ୟବାଦ ଚିରକାଳ ନିମିତ୍ତ ଭାରତୀୟ ସଂସ୍କୃତିକୁ ବିଲୁପ୍ତ କରି ଦେବ ?

*

ଭୌତିକ ଜୀବନର କେବଳ ଅନ୍ଧ ଆବର୍ତ୍ତନ ନୁହେଁ, କିଂବା ପାର୍ଥିବ ଜୀବନର ବାଧାବିପତ୍ତିରୁ ପଶ୍ଚାତ୍‌ପଦ ହୋଇ ପରମ ଦିବ୍ୟ ଅନିର୍ବଚନୀୟଙ୍କ ନୀରବତା ମଧ୍ୟରେ ବିଲୟ ନୁହେଁ ବରଂ ଏକ ବିଶାଳତର ଦିବ୍ୟ ସତ୍ୟ ଓ ଚେତନାର ଶାନ୍ତି, ଜ୍ୟୋତିଃ ଓ ଶକ୍ତିକୁ ଉତାରି ଆଣି ଜୀବନର ରୂପାନ୍ତର ସାଧନ ହିଁ ଆଜି ଭାରତର ଶ୍ରେଷ୍ଠ ଅଧ୍ୟାତ୍ମ-ସାଧକଗଣଙ୍କର ପ୍ରୟାସ; ଏଠାରେ ସେହି ପ୍ରୟାସର ହୃତ୍‌କେନ୍ଦ୍ରରେ, ବହୁବର୍ଷ ବ୍ୟାପୀ ଏକାଗ୍ର ଲକ୍ଷ୍ୟ, ସର୍ବମୟ ଶାନ୍ତି ମଧ୍ୟରେ ନିରବଚ୍ଛିନ୍ନ ଅବସ୍ଥାନ ଏବଂ ଜ୍ୟୋତିଃ ଓ ଶକ୍ତିର କ୍ରମବର୍ଦ୍ଧମାନ ଆସନ୍ନ ଅବତରଣର ଅନୁଭୂତି ସହ ପଥ କ୍ରମଶଃ ସ୍ପଷ୍ଟତର ହୋଇ ଉଠୁଛି । ଆଜି ଏକଥା ବୋଧ ହେଉଛି ଯେ ଭାରତର ଅନ୍ତରାତ୍ମା ତାହାର ଉତ୍ତରାଧିକାରରେ ପୂର୍ଣ୍ଣପ୍ରତିଷ୍ଠିତ ହେବାକୁ ପ୍ରସ୍ତୁତ ଏବଂ ତାହାର ଏକ ଅତୁଳନୀୟ ଗୌରବର ମୁହୂର୍ତ୍ତ ଉପସ୍ଥିତ ଯେତେବେଳେ ତାହାର ଏହି ଭୂମିରୁ ସେହି ବାଣୀ, ସେହି ଆଦର୍ଶ ପ୍ରଚାରିତ ହେବ ଯାହା ମାନବଜାତିକୁ ତାହାର ଭାଗ୍ୟର ଉଚ୍ଚତମ ପରିଣତି ଦିଗରେ ପରିଚାଳିତ କରିବ । ❖

# ପୃଥିବୀର ପରିବର୍ତ୍ତନରେ ଆମର କର୍ତ୍ତବ୍ୟ

## ଶ୍ରୀମା

*__ପ୍ରଶ୍ନ :__ ପୃଥିବୀର ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ କରିବା ଦିଗରେ ସାହାଯ୍ୟ କରିବା ପାଇଁ ଜଣେ କ'ଣ କରିପାରେ ?*

**ଶ୍ରୀମା :** ପୃଥିବୀର ବାସ୍ତବ ଅବସ୍ଥାକୁ ଦେଖି ବହୁତ ଲୋକ ହତାଶ ଓ କାତର ହୋଇ ପଡ଼ନ୍ତି ଏବଂ ପ୍ରଶ୍ନ କରନ୍ତି, ''ଏ ପୃଥିବୀ ଏପରି ଭୟଙ୍କର ହୋଇଛି କାହିଁକି ?'' କିନ୍ତୁ ଏପରି ଦୁଃଖ କରିବାର କୌଣସି ମୂଲ୍ୟ ନାହିଁ, ବରଂ ଯାହା ଆବଶ୍ୟକ ତାହା ହେଲା ଏ ପୃଥିବୀର ପରିବର୍ତ୍ତନ, ଏ ବିଷୟରେ ଆମେ ସମସ୍ତେ ଏକମତ, କାରଣ ଏ ପୃଥିବୀ ଆମର କାହାରି ମନୋମତ ବା ରୁଚି ଉପଯୋଗୀ ନୁହେଁ । ପୃଥିବୀ ଯେପରି ହେବା ଉଚିତ, ଯେହେତୁ ଏହା ସେପରି ହୋଇ ନାହିଁ, ତେଣୁ ଆମର କର୍ତ୍ତବ୍ୟ ହେଉଛି ଏହାକୁ ଭିନ୍ନ ପ୍ରକାର କରି ଗଢ଼ିବା ଦିଗରେ କାର୍ଯ୍ୟ କରିବା ।

କିନ୍ତୁ କିପରି ଏ ଦିଗରେ ବ୍ୟକ୍ତିଗତଭାବେ କାର୍ଯ୍ୟ କରାଯାଇପାରେ ?

ସମସ୍ତଙ୍କ ସାଧ୍ୟର ସୀମା ଭିତରେ ଗୋଟିଏ ଉପାୟ ଅଛି ଏବଂ ତାହା ହେଉଛି ନିଜକୁ ପରିବର୍ତ୍ତିତ କରିବା । ତୁମେ ଯଦି ନିଜକୁ କହିପାର, ''ମୁଁ ନିଜେ କ'ଣ ତା' ମୁଁ ବିଶେଷ ଭଲଭାବେ ଜାଣି ନାହିଁ, କିନ୍ତୁ ଯେଉଁସବୁ ବିଷୟ ସମଷ୍ଟିକୁ ନେଇ ମୁଁ ଗଠିତ ତାହା ହିଁ ବୋଧହୁଏ ଏହି ସମଗ୍ର କର୍ମ ଭିତରୁ ମୋ ପାଇଁ ନିରୂପିତ ଅଂଶ ଏବଂ ଏହାକୁ ଯଦି ମୋ ପାରୁପର୍ଯ୍ୟନ୍ତ ଭଲଭାବେ କରିପାରେ, ତେବେ ବୋଧହୁଏ ତାହା ହିଁ ହେବ ଏ ଦିଗରେ ମୋର ଶ୍ରେଷ୍ଠ କାର୍ଯ୍ୟ'' – ତେବେ ଏହା ହେବ ଏକ ଅତି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟାରମ୍ଭ, ଖୁବ୍ ମହତ୍ । ଏହା ଅସାଧ୍ୟ ଗୁରୁଭାର ନୁହେଁ, ତୁମ ସାଧ୍ୟ ଓ ସମ୍ଭାବନାର ସୀମାର ବାହାରେ ମଧ୍ୟ ନୁହେଁ । କୁହାଯାଇପାରେ ଯେ ସର୍ବଦା ତୁମ ନିକଟରେ ତୁମର ଶକ୍ତି ଅନୁଯାୟୀ କର୍ମକ୍ଷେତ୍ର ରହିଛି ଯାହାକି ତୁମର ଆଗ୍ରହ ସୃଷ୍ଟି କଲା ପରି ବେଶ୍ ବହୁମୁଖୀ, ଜଟିଳ, ବ୍ୟାପକ ଓ ମହତ୍ । ଏହା ଏକ ଅଜଣା ରାଜ୍ୟ ଯାହା ଭିତରକୁ ନୂଆ ନୂଆ ଆବିଷ୍କାରର ଆଗ୍ରହ ସହ ପ୍ରବେଶ କରାଯାଇପାରେ ।

ତୁମେ ବୋଧହୁଏ ପଚାରିବ, ''କିନ୍ତୁ ତାହାହେଲେ ଏହା ତ' ଅହଂଭାବ ।'' ଏହା ଅହଂଭାବ ହେବ ଯଦି ତୁମେ ଅହଂଭାବ ସହ ନିଜର ବ୍ୟକ୍ତିଗତ ଲାଭ ପାଇଁ କାର୍ଯ୍ୟ କର । ଉଦାହରଣସ୍ୱରୂପ ତୁମେ ଯଦି ନିଜର କ୍ଷମତାର୍ଜନ ପାଇଁ ଚେଷ୍ଟା କର, ଅନ୍ୟମାନଙ୍କୁ ଅକ୍ତିଆର କରିବାର ଉଦ୍ଦେଶ୍ୟ ସହ ଶକ୍ତିଶାଳୀ ହେବାକୁ ବା ତୁମ ଜୀବନକୁ ସୁଖସ୍ୱାଚ୍ଛନ୍ଦ୍ୟରେ ପରିପୂର୍ଣ୍ଣ କରିବାକୁ ଯତ୍ନ କର, ତେବେ ସେହି କ୍ଷେତ୍ରରେ ଏହା ନିଶ୍ଚୟ ଅହଂଭାବ ହେବ । ଏହାଛଡ଼ା, ଏହା ଦ୍ୱାରା ତୁମର କୌଣସି ଲାଭ ନାହିଁ । ତୁମେ ନିଜକୁ ପ୍ରବଞ୍ଚନା କରିବାକୁ ଆରମ୍ଭ କରିବ, ଦିନକୁ ଦିନ ବୃଦ୍ଧି ପାଉଥିବା ବିଭ୍ରାନ୍ତି ମଧ୍ୟରେ ଜୀବନ କଟାଇବ ଓ ଅଧିକରୁ ଅଧିକ ଅନ୍ଧକାର ମଧ୍ୟରେ ପଡ଼ିବା ହିଁ ସାର ହେବ । ଜଣେ ଯେପରି ବିଶ୍ୱାସ କରେ, ତାହାଠାରୁ ଅନେକ ଭଲଭାବେ ବିଷୟ ବସ୍ତୁ ସଙ୍ଗଠିତ ହୋଇଛି... । ଯାହା ଆବଶ୍ୟକ ତାହା ହେଉଛି ଭଗବତ୍ କର୍ମର ସିଦ୍ଧି ପାଇଁ ତୁମ ଅଭୀପ୍ସାର ପୂର୍ଣ୍ଣ ଆନ୍ତରିକତା ।

ତୁମେ ଯଦି ଏହିପରି ଭାବରେ ଆରମ୍ଭ କର ତେବେ ମୁଁ ଏହି ପ୍ରତିଶ୍ରୁତି ଦେଇପାରେ ଯେ ତୁମର ଯାତ୍ରା ଖୁବ୍ ଚିତ୍ତାକର୍ଷକ ହେବ ଏବଂ ତାହା ଦୀର୍ଘକାଳ ବ୍ୟାପୀ ଚାଲିଲେ ସୁଦ୍ଧା କ୍ଳାନ୍ତିକର ବୋଧ ହେବ ନାହିଁ । ତୁମର ଯଦି ଏକ ଦୃଢ଼ ସଂକଳ୍ପ ଓ ଅପରାଜେୟ ଅଧ୍ୟବସାୟ ଥାଏ, ଯଦି ସେହି ଅପରିହାର୍ଯ୍ୟ ପ୍ରସନ୍ନତା ଥାଏ ଯାହା ଫଳରେ ତୁମେ ଏକ ସ୍ମିତହାସ୍ୟ ସହ ସମସ୍ତ ପ୍ରକାର ଅସୁବିଧା ଓ ଭୁଲ୍‌ଭ୍ରାନ୍ତିର ସମ୍ମୁଖୀନ ହେବାକୁ ସମର୍ଥ ହେବ, ତେବେ ସମସ୍ତ ବିଷୟ ଖୁବ୍ ଭଲଭାବେ ଚାଲିବ ।

(ବୁଲେଟିନ୍, ନଭେମ୍ବର, ୧୯୫୭)

# ସନାତନ ଧର୍ମ

## ଶ୍ରୀଅରବିନ୍ଦ

ଆମ୍ଭେମାନେ ଅଧିକାଂଶ ସମୟରେ ହିନ୍ଦୁଧର୍ମ କଥା, ସନାତନଧର୍ମ କଥା କହୁ – କିନ୍ତୁ ଆମ୍ଭମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକ ଜାଣନ୍ତି ସେହି ଧର୍ମର ମର୍ମ କ'ଣ । ଅନ୍ୟାନ୍ୟ ଧର୍ମସମୂହ ପ୍ରଧାନତଃ ସ୍ୱୀକୃତି ଉପରେ ପ୍ରତିଷ୍ଠିତ, କିନ୍ତୁ ସନାତନ ଧର୍ମ କହିଲେ ଜୀବନକୁ ହିଁ ବୁଝାଏ । ଏହା ଏପରି ଗୋଟିଏ ବସ୍ତୁ ଯାହାକୁ କେବଳ ମାନି ନେଲେ ଚଳିବ ନାହିଁ, ଯାହାକୁ ଜୀବନରେ ସାର୍ଥକ କରିବାକୁ ହେବ । ଏହା ସେହି ଧର୍ମ ଯାହା ମାନବଜାତିର ମୁକ୍ତି ସକାଶେ ପୁରାକାଳରୁ ଏହି ଉପଦ୍ୱୀପରେ ଲାଳିତପାଳିତ ହୋଇ ଆସିଛି । ଏହି ଧର୍ମକୁ ପ୍ରଦାନ କରିବା ସକାଶେ ହିଁ ଭାରତର ଆଜି ଉତ୍ଥାନ ହୋଇଛି । ଭାରତବର୍ଷ ଅନ୍ୟ ଦେଶ ତୁଲ୍ୟ ନିଜ ସକାଶେ ଜାଗ୍ରତ୍ ହୋଇ ନାହିଁ ବା ବଳଶାଳୀ ହୋଇ ନାହିଁ, ଦୁର୍ବଳକୁ ଗୋଡ଼ରେ ଦଳି ଦେବାକୁ ଉଠି ନାହିଁ । ତାହା ପାଖରେ ନ୍ୟସ୍ତ ଥିବା ଶାଶ୍ୱତ ଜ୍ୟୋତିକୁ ଜଗତରେ ବିକୀର୍ଣ୍ଣ କରିବ ବୋଲି ତାହାର ଉତ୍ଥାନ ହୋଇଅଛି । ଭାରତ ଚିରଦିନ ବଞ୍ଚି ରହିଛି ବିଶ୍ୱ-ମାନବଙ୍କ ସକାଶେ, ନିଜ ସକାଶେ ନୁହେଁ; ଆଉ ଆଜି ତାକୁ ବଡ଼ ହେବାକୁ ହେବ, ତାହା ମଧ୍ୟ ବିଶ୍ୱ ମାନବସମାଜ ପାଇଁ, ନିଜ ପାଇଁ ନୁହେଁ ।

*

ତା'ପରେ ହଠାତ୍ କିଛି ଘଟିଲା ଏବଂ ମୋତେ ଖୁବ୍ ଶୀଘ୍ର ନିର୍ଜନ କକ୍ଷକୁ ଯିବାକୁ ହେଲା । ସେ ସମୟର ସବୁ କଥା କହିବାକୁ ମୁଁ ପ୍ରେରଣା ପାଉ ନାହିଁ, ତେବେ ଏତିକି ମାତ୍ର କହିପାରେ ଯେ ଦିନ ପରେ ଦିନ ଭଗବାନ୍ ତାଙ୍କ ଆଶ୍ଚର୍ଯ୍ୟମୟ ବ୍ୟାପାର ସମୂହ ମୋତେ ଦେଖାଇଲେ ଏବଂ ହିନ୍ଦୁ ଧର୍ମର ପୂର୍ଣ୍ଣ ସତ୍ୟ ଉପଲବ୍ଧି କରାଇଲେ । ପୂର୍ବେ ମୋ ମନରେ ବହୁତ ସଂଶୟ ଥିଲା । ମୁଁ ଇଂଲଣ୍ଡରେ ବିଦେଶୀ ବାତାବରଣ ଓ ବିଦେଶୀ ଭାବଧାରା ମଧ୍ୟରେ ପ୍ରତିପାଳିତ ହୋଇଥିଲି । ଏକ ସମୟରେ ମୋର ମନେ ହେଉଥିଲା ଯେ ହିନ୍ଦୁଧର୍ମର ଅନେକ ବିଷୟ କେବଳ କାଳ୍ପନିକ । ମୁଁ ଭାବୁଥିଲି ତାହା ମଧ୍ୟରେ ଏପରି ଅନେକ ଜିନିଷ ଅଛି ଯାହା କେବଳ ସ୍ୱପ୍ନ, ଅନେକ ବସ୍ତୁ ଅଛି ଯାହା କେବଳ ବିଭ୍ରମ ଓ ମାୟା । କିନ୍ତୁ ବର୍ତ୍ତମାନ ଦିନ ପରେ ଦିନ ଦେହ, ମନ, ହୃଦୟରେ ହିନ୍ଦୁଧର୍ମର ସତ୍ୟଗୁଡ଼ିକ ଉପଲବ୍ଧି କରିବାକୁ ଲାଗିଲି । ସେଇ ସତ୍ୟସମୂହ ମୋ ପାଖରେ ଜୀବନ୍ତ ଅଭିଜ୍ଞତାର ବିଷୟ ହୋଇ ଉଠିଲା । ଏପରି ବିଷୟ ମୋ ସମ୍ମୁଖରେ ଖୋଲିଗଲା ଯାହା ଜଡ଼-ବିଜ୍ଞାନ ମଧ୍ୟ ବୁଝାଇବାକୁ ଅକ୍ଷମ । ଯେତେବେଳେ ପ୍ରଥମେ ମୁଁ ଭଗବାନଙ୍କ ଆଡ଼କୁ ଅଗ୍ରସର ହେଲି, ସେତେବେଳେ ପୂର୍ଣ୍ଣ ରୂପେ ଭକ୍ତ ଭାବରେ ବା ପୂର୍ଣ୍ଣ ରୂପେ ଜ୍ଞାନୀ ଭାବରେ ଅଗ୍ରସର ହୋଇ ନାହିଁ । ସ୍ୱଦେଶୀ ଆନ୍ଦୋଳନ ଆରମ୍ଭର ବହୁଦିନ ପୂର୍ବେ ଯେତେବେଳେ ମୁଁ ବରୋଦାରେ ଥିଲି, ସେ ସମୟରେ ମୁଁ ଭଗବାନଙ୍କ ସମ୍ମୁଖସ୍ଥ ହୋଇଥିଲି ଏବଂ ତା'ପରେ ଦେଶ କାର୍ଯ୍ୟରେ ପ୍ରବେଶ କଲି ।

ବରୋଦାରେ ମୁଁ ଯେତେବେଳେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେଲି, ସେତେବେଳେ ତାଙ୍କ ପ୍ରତି ମୋର ଜୀବନ୍ତ ବିଶ୍ୱାସ ନ ଥିଲା । କାରଣ ସେ ସମୟରେ ମୋ ମଧ୍ୟରେ ଅଜ୍ଞେୟବାଦୀ, ସଂଶୟବାଦୀ ଓ ନାସ୍ତିକବାଦୀର ଭାବ ଥିଲା ଏବଂ ଭଗବାନ୍ ଯେ ଅଛନ୍ତି ମୁଁ ସେ ସମ୍ବନ୍ଧରେ ସନ୍ଦିହାନ ଥିଲି । ମୁଁ ତାଙ୍କ ସାନ୍ନିଧ୍ୟ ଅନୁଭବ କରୁ ନ ଥିଲି । ତଥାପି ମୋତେ ଜଣେ କେହି ବେଦର ସତ୍ୟ, ଗୀତାର ସତ୍ୟ ଏବଂ ହିନ୍ଦୁ ଧର୍ମର ସତ୍ୟ ପ୍ରତି ଟାଣୁଥିଲେ । ମୁଁ ଏପରି ଅନୁଭବ କରୁଥିଲି ଯେ ଏହି ଯୋଗ ମଧ୍ୟରେ, ବେଦାନ୍ତ ଉପରେ ପ୍ରତିଷ୍ଠିତ ଏହି ଧର୍ମରେ କେଉଁଠାରେ ହେଲେ ଏକ ବିରାଟ ସତ୍ୟ ନିହିତ ଅଛି । ସୁତରାଂ ମୁଁ ଯେତେବେଳେ ଯୋଗ ପ୍ରତି ଆକୃଷ୍ଟ ହେଲି ଏବଂ ସ୍ଥିର କଲି ଯେ ଯୋଗାଭ୍ୟାସ କରିବି, ମୋ ଧାରଣା ଠିକ୍ କି ନାହିଁ ଦେଖିବି, ସେତେବେଳେ ମୁଁ ଏହି ଭାବ ନେଇ ଅଗ୍ରସର ହେଲି ଏବଂ ତାଙ୍କ ପାଖରେ ଏହି ପ୍ରାର୍ଥନା କଲି, ''ଯଦି ତୁମେ ଥାଅ, ତେବେ ତୁମେ ମୋ ଅନ୍ତର କଥା ଜାଣ, ତୁମେ ଜାଣ ଯେ ମୁଁ ମୁକ୍ତି ଚାହୁଁ ନାହିଁ । ଅନ୍ୟ ଲୋକ ଯାହା ଚାହାନ୍ତି, ଏପରି କୌଣସି ବସ୍ତୁ ମୁଁ ଚାହୁଁ ନାହିଁ । ମୁଁ କେବଳ ଚାହେଁ ଏହି ଜାତିକୁ ଉଠାଇବାର ଶକ୍ତି ମୋତେ ଦିଅ । ମୁଁ ଚାହେଁ ମୋର ପରମ ପ୍ରିୟ ଏହି ଜାତି ସକାଶେ ମୁଁ ବଞ୍ଚି ରହେ ଓ କାର୍ଯ୍ୟ କରେ, ଯେପରି ଏହି ଜାତି ସକାଶେ ମୋର ଜୀବନ ଉତ୍ସର୍ଗ କରିପାରେ ।'' ଯୋଗ-ସିଦ୍ଧି ସକାଶେ ମୁଁ ବହୁ ଦିନ ପର୍ଯ୍ୟନ୍ତ ଚେଷ୍ଟା କରିଥିଲି ଏବଂ ଅବଶେଷରେ ମୋର କେତେକ ସିଦ୍ଧି ଲାଭ ମଧ୍ୟ ହୋଇଥିଲା, କିନ୍ତୁ ଯେଉଁସବୁ ବସ୍ତୁ ପାଇବା ସକାଶେ ମୁଁ ଅତ୍ୟନ୍ତ ବ୍ୟାକୁଳ

ଥିଲି, ସେଥିରେ ମୁଁ ସନ୍ତୁଷ୍ଟ ହୋଇପାରି ନ ଥିଲି । ତା'ପରେ ଜେଲରେ ନିର୍ଜନ କୋଠରୀର ନିଃସଙ୍ଗତା ମଧ୍ୟରେ ସେହି ବସ୍ତୁ ମୁଁ ପୁନର୍ବାର ଚାହିଁଲି । ମୁଁ କହିଲି, ''ମୋତେ ତୁମ୍ଭର ଆଦେଶ ଦିଅ । ମୁଁ ଜାଣେ ନାହିଁ ମୋତେ କେଉଁ କାର୍ଯ୍ୟ କରିବାକୁ ହେବ ବା କିପରି କରିବାକୁ ହେବ । ମୋତେ ତୁମର ବାଣୀ ଶୁଣାଅ ।'' ଯୋଗଯୁକ୍ତ ଅବସ୍ଥାରେ ମୁଁ ଦୁଇଟି ବାଣୀ ପାଇଲି । ପ୍ରଥମ ବାଣୀ ହେଲା, ''ଆମ୍ଭେ ତୋତେ ଗୋଟିଏ କାର୍ଯ୍ୟ ଦେଉଅଛୁ । ସେ କାର୍ଯ୍ୟ ଏ ଜାତିକୁ ଉଠାଇବାରେ ସାହାଯ୍ୟ କରିବ । ଅଳ୍ପ ସମୟ ମଧ୍ୟରେ ତୋତେ ଏହି ଜେଲର ବାହାରକୁ ଯିବାକୁ ହେବ । କାରଣ ଆମ୍ଭର ଇଚ୍ଛା ନୁହେଁ ଯେ ଏହି ଥର ତୁ ଦୋଷୀ ସାବ୍ୟସ୍ତ ହେବୁ କିଂବା ଅନ୍ୟକୁ ଯେପରି ଦୁଃଖ-କଷ୍ଟରେ ଦିନ କଟାଇବାକୁ ହୁଏ ତୋତେ ସେହିପରି ଦିନ କଟାଇବାକୁ ହେବ । ଆମ୍ଭେ ତୋତେ କାର୍ଯ୍ୟ କରିବା ସକାଶେ ଡାକି ଅଛୁ ଏବଂ ତୁ ଯେଉଁ ଆଦେଶ ଚାହିଁଅଛୁ ତାହା ଏହି – ''ମୁଁ ତୋତେ **ଆଦେଶ** ଦେଉଅଛି, ଯାଅ ଆମ୍ଭର କାର୍ଯ୍ୟ କର ।'' ତା'ପରେ ଏହି ଦ୍ୱିତୀୟ ବାଣୀ ଆସିଲା, ''ତୋତେ ଏହି ଏକ ବର୍ଷ ନିର୍ଜନ କାରାବାସ ମଧ୍ୟରେ କିଛି ଦେଖାଇ ଦିଆ ହୋଇଛି – ଏପରି ଯେଉଁ ବିଷୟରେ ତୋ'ର ସନ୍ଦେହ ଥିଲା ସେ ଜିନିଷ ହେଉଛି ହିନ୍ଦୁ ଧର୍ମର ସତ୍ୟତା । ଏହି ଧର୍ମକୁ ଆମ୍ଭେ ଜଗତ୍ ସମ୍ମୁଖରେ ଉଠାଉଛୁ । ଏହି ଧର୍ମକୁ ଆମ୍ଭେ ମୁନି ଋଷି ଅବତାରମାନଙ୍କ ଦ୍ୱାରା ପୂର୍ଣ୍ଣ ଓ ସର୍ବାଙ୍ଗସୁନ୍ଦର କରି ନିର୍ମାଣ କରିଛୁ ଏବଂ ବର୍ତ୍ତମାନ ଏହି ଧର୍ମ ଅନ୍ୟାନ୍ୟ ଜାତି ମଧ୍ୟରେ ଆମ୍ଭର କାର୍ଯ୍ୟ ସାଧନ କରିବାକୁ ଯାଉଛି । ଆମ୍ଭର ବାଣୀ ପ୍ରଚାର କରିବା ସକାଶେ ହିଁ ଆମ୍ଭେ ଏହି ଧର୍ମ ଉଠାଇଛୁ । ଏହା ହିଁ ସେଇ ଶାଶ୍ୱତ ସନାତନ ଧର୍ମ ଯାହାକୁ ତୁ ପୂର୍ବେ ଯଥାର୍ଥ ଭାବେ ହୃଦୟଙ୍ଗମ କରି ପାରି ନ ଥିଲୁ, କିନ୍ତୁ ତାହାକୁ ବର୍ତ୍ତମାନ ଆମ୍ଭେ ତୋ ପାଖରେ ପ୍ରକାଶ କଲୁ । ତୋ ଭିତରେ ଯେଉଁ ଅବିଶ୍ୱାସ ଓ ନାସ୍ତିକ ଭାବ ଥିଲା ତାହା ଦୂରୀଭୂତ ହୋଇଛି । କାରଣ ଆମ୍ଭେ ତୋତେ ଭିତରେ ଓ ବାହାରେ ସ୍ଥୂଳ ଭାବରେ ଓ ସୂକ୍ଷ୍ମ ଭାବରେ ଏପରି ପ୍ରମାଣ ଦେଇଛୁ ଯାହା ଦ୍ୱାରା ତୁ ତୁଷ୍ଟ ହୋଇଛୁ । ତୁ ଯେତେବେଳେ ବାହାରକୁ ଯିବୁ ସେତେବେଳେ ସର୍ବଦା ଏହି ବାଣୀ ଦେଶବାସୀଙ୍କୁ ଶୁଣାଇବୁ : ସେମାନଙ୍କର ଯେଉଁ ଉତ୍ଥାନ ହୋଇଛି ତାହା କେବଳ ସନାତନ ଧର୍ମ ନିମିତ୍ତ, ସମଗ୍ର ଜଗତ୍ ନିମିତ୍ତ । ସେମାନଙ୍କର ନିଜ ନିମିତ୍ତ ନୁହେଁ । ଆମ୍ଭେ ସେମାନଙ୍କୁ ସ୍ୱାଧୀନତା ଦେଇଅଛୁ କେବଳ ଜଗତର ସେବା ନିମିତ୍ତ । ସୁତରାଂ ଯେତେବେଳେ କୁହାଯାଏ ଯେ ଭାରତର ଉତ୍ଥାନ ହେବ ତାହାର ଅର୍ଥ ଏଇ ଯେ ସନାତନ ଧର୍ମର ଉତ୍ଥାନ ହେବ । ଯେତେବେଳେ କୁହାଯାଏ ଭାରତ ମହାନ୍ ହେବ, ଯେତେବେଳେ କୁହାଯାଏ ଯେ ଭାରତ ବୃଦ୍ଧି ପାଇବ ଓ ପ୍ରସାରିତ ହେବ, ତା'ର ଅର୍ଥ ଏଇ ଯେ ସନାତନ ଧର୍ମ ବର୍ଦ୍ଧିତ ହେବ ଏବଂ ସମସ୍ତ ସଂସାରରେ ପ୍ରସାରିତ ହେବ । ଏହି ଧର୍ମ ସକାଶେ ଏବଂ ଏହି ଧର୍ମ ଦ୍ୱାରା ହିଁ ଭାରତ ବଞ୍ଚି ରହିଛି । ଧର୍ମକୁ ବଡ଼ କରିବା ଅର୍ଥ ହିଁ ଦେଶକୁ ବଡ଼ କରିବା । ଆମ୍ଭେ ତୋତେ ଦେଖାଇ ଦେଇଛୁ, ଆମ୍ଭେ ସର୍ବବ୍ୟାପୀ, ସକଳ ମନୁଷ୍ୟ ଓ ସକଳ ବସ୍ତୁ ମଧ୍ୟରେ ଅଧିଷ୍ଠିତ ରହିଛୁ । ଏହି ଆନ୍ଦୋଳନ ମଧ୍ୟରେ ଆମ୍ଭେ ସ୍ୱୟଂ ବିରାଜମାନ । ଯେଉଁମାନେ ଦେଶ ସକାଶେ କାର୍ଯ୍ୟ କରୁଛନ୍ତି, କେବଳ ସେମାନଙ୍କ ମଧ୍ୟରେ ନୁହେଁ, ଯେଉଁମାନେ ସେମାନଙ୍କୁ ବାଧା ଦେଉ ଅଛନ୍ତି ବା ସେମାନଙ୍କ ପଥରୋଧ କରୁଛନ୍ତି, ତାଙ୍କ ମଧ୍ୟରେ ବି ଆମ୍ଭେ କାର୍ଯ୍ୟ କରୁଛୁ । ସମସ୍ତଙ୍କ ମଧ୍ୟରେ ଆମ୍ଭେ କାର୍ଯ୍ୟ କରୁଛୁ । ଆଉ ଲୋକେ ଯାହା ଭାବନ୍ତୁ ବା କରନ୍ତୁ ସେମାନେ ଆମ୍ଭର ଉଦ୍ଦେଶ୍ୟ ସାଧନର ସହାୟତା କରିବା ଛଡ଼ା ଅନ୍ୟ କିଛି କରି ପାରିବେ ନାହିଁ । ସେମାନେ ବି ଆମ୍ଭର କାର୍ଯ୍ୟ କରୁଛନ୍ତି । ସେମାନେ ଆମ୍ଭର ଶତ୍ରୁ ନୁହନ୍ତି – ଯନ୍ତ୍ର ମାତ୍ର । ତୋ'ର ସର୍ବ କାର୍ଯ୍ୟରେ ତୁ ଯେଉଁ ଆଡ଼େ ଯାଉଅଛୁ ସେକଥା ନ ଜାଣି ମଧ୍ୟ ଅଗ୍ରସର ହେଉଛୁ । ତୁ ଗୋଟିଏ କାର୍ଯ୍ୟ କରିବାକୁ ଯାଇ ଅନ୍ୟ କାର୍ଯ୍ୟ କରି ବସୁ । ତୁ କୌଣସି ଫଳକୁ ଲକ୍ଷ୍ୟ କରି କାର୍ଯ୍ୟ କରୁ । କିନ୍ତୁ ତୋ'ର ଚେଷ୍ଟାର ଫଳ ହୁଏ ଅନ୍ୟ ରୂପ ବା ବିପରୀତ । ମହାଶକ୍ତି ଆବିର୍ଭୂତା ହୋଇଛନ୍ତି ଏବଂ ଜାତି ମଧ୍ୟରେ ପ୍ରବେଶ କରିଛନ୍ତି । ବହୁକାଳ ପୂର୍ବରୁ ଆମ୍ଭେ ଏହି ଅଭ୍ୟୁତ୍ଥାନର ଆୟୋଜନ କରୁଥିଲୁ ଏବଂ ବର୍ତ୍ତମାନ ସମୟ ଆସିଛି ଆମ୍ଭେ ଏହି ଶକ୍ତିକୁ ସାର୍ଥକତା ଦିଗରେ ଚାଳିତ କରିବୁ ।''

ତାହାହେଲେ ତୁମ୍ଭମାନଙ୍କ ପାଖରେ ଏହା ହିଁ ମୋର ବକ୍ତବ୍ୟ । ତୁମ୍ଭମାନଙ୍କ ସମିତିର ନାମ ହେଉଛି ''ଧର୍ମ-ସଂରକ୍ଷିଣୀ ସଭା'' । ହଁ, ଧର୍ମର ରକ୍ଷା । ଜଗତ୍ ପକ୍ଷରେ ହିନ୍ଦୁ ଧର୍ମର ସଂରକ୍ଷଣ ଓ ଉତ୍ତୋଳନ – ଆମ୍ଭମାନଙ୍କ ସମ୍ମୁଖରେ ଏଇ ହେଲା କାର୍ଯ୍ୟ । କିନ୍ତୁ ହିନ୍ଦୁ ଧର୍ମ କ'ଣ ? ଯେଉଁ ଧର୍ମକୁ ଆମ୍ଭେ କହୁ ସନାତନ, ଚିରନ୍ତନ, ସେ ଧର୍ମ କ'ଣ ? ତାହାର ନାମ ହିନ୍ଦୁଧର୍ମ କେବଳ ଏଇ ସକାଶେ ଯେ ହିନ୍ଦୁ ଜାତି ସେଇ ଧର୍ମକୁ ରକ୍ଷା କରିଛି । କାରଣ ହିମାଚଳ ଓ ସାଗର ବେଷ୍ଟିତ ଏହି ଉପଦ୍ୱୀପ

ମଧ୍ୟରେ ଏକାନ୍ତରେ ଏହି ଧର୍ମ ଗଢ଼ି ଉଠିଛି ଏବଂ ପ୍ରାଚୀନ ପୁଣ୍ୟ ଭୂମିରେ ଯୁଗଯୁଗାନ୍ତବ୍ୟାପୀ ଆର୍ଯ୍ୟଜାତି ଉପରେ ଭାର ନ୍ୟସ୍ତ ଥିଲା ଏହି ଧର୍ମକୁ ରକ୍ଷା କରିବାକୁ, କିନ୍ତୁ ଏହି ଧର୍ମ କୌଣସି ଗୋଟିଏ ଦେଶରେ ସୀମାବଦ୍ଧ ହୋଇ ନାହିଁ ଏବଂ ଏହା ଚିରକାଳ ନିମିତ୍ତ ପୃଥିବୀର କୌଣସି ଗୋଟିଏ ଅଂଶରେ ସୀମିତ ହୋଇ ନାହିଁ । ଯାହାକୁ ଆମେ ହିନ୍ଦୁ ଧର୍ମ ବୋଲି କହୁ – ତାହା ବସ୍ତୁତଃ ଚିରନ୍ତନ ଧର୍ମ । କାରଣ ତାହା ସାର୍ବଜନୀନ ଧର୍ମ – ଅନ୍ୟ ସକଳ ଧର୍ମ ତାହାର ଅନ୍ତର୍ଗତ । କୌଣସି ଧର୍ମ ସାର୍ବଜନୀନ ନ ହୋଇ ପାରିଲେ ସନାତନ ହୋଇପାରେ ନାହିଁ । ସଂକୀର୍ଣ୍ଣ ଧର୍ମ, ସାମ୍ପ୍ରଦାୟିକ ଧର୍ମ ଓ ଅନୁଦାରଧର୍ମ ସ୍ୱଳ୍ପକାଳ ମାତ୍ର ସ୍ଥାୟୀ ଏବଂ ସୀମିତ ଉଦ୍ଦେଶ୍ୟ ନିମିତ୍ତ ବଞ୍ଚି ରହିପାରେ । ଏହା ହିଁ ଏକମାତ୍ର ଧର୍ମ ଯାହା ଆଧୁନିକ ବୈଜ୍ଞାନିକମାନଙ୍କର ଆବିଷ୍କାର ଏବଂ ଦାର୍ଶନିକ ଚିନ୍ତାଧାରା ସମୂହର ପୂର୍ବାଭାସକୁ ନିଜର ଅନ୍ତର୍ଭୁକ୍ତ କରି ଜଡ଼ବାଦ ଉପରେ ବିଜୟୀ ହୋଇପାରେ । ଏହା ହିଁ ଏକମାତ୍ର ଧର୍ମ ଯାହା ମାନବଜାତିକୁ ଉପଲବ୍ଧି କରାଇଦିଏ ଯେ ଈଶ୍ୱର ଆମ୍ଭମାନଙ୍କର କେତେ ଅନ୍ତରଙ୍ଗ ଏବଂ ଯେତେ ପ୍ରକାର ସାଧନା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ଆଡ଼କୁ ଅଗ୍ରସର ହୋଇପାରେ ସେ ସମସ୍ତ ହିଁ ଏହାର ଅନ୍ତର୍ଗତ । ଏହାହିଁ ହେଉଛି ଏକମାତ୍ର ଧର୍ମ ଯାହା ପ୍ରତିକ୍ଷଣରେ ସର୍ବ-ଧର୍ମସ୍ୱୀକୃତ ଏହି ସତ୍ୟଟି ଉପରେ ଜୋର୍ ଦିଏ ଯେ ଈଶ୍ୱର ସକଳ ମନୁଷ୍ୟ ଏବଂ ସକଳ ବସ୍ତୁ ମଧ୍ୟରେ ରହି ଅଛନ୍ତି ଏବଂ ଆମ୍ଭେମାନେ ତାଙ୍କ ମଧ୍ୟରେ ବାସ କରୁଅଛୁ ଏବଂ ପରିଚାଳିତ ହେଉଅଛୁ । ଏହା ହିଁ ଏକମାତ୍ର ଧର୍ମ ଯାହା ଆମ୍ଭମାନଙ୍କୁ ଏହି ପରମ ସତ୍ୟ ବୁଝାଇପାରେ ଓ ମାନି ନେବାରେ ସାହାଯ୍ୟ କରେ, ଏପରି ନୁହେଁ; ବରଂ ସତ୍ତାର ସକଳ ଅଂଶ ଦ୍ୱାରା ଉପଲବ୍ଧି କରିବାକୁ ସାହାଯ୍ୟ କରେ । ଏହା ହିଁ ଏକମାତ୍ର ଧର୍ମ ଯାହା ଆମ୍ଭମାନଙ୍କୁ ଜଗତର ଯଥାର୍ଥ ସ୍ୱରୂପ ଦେଖାଇ ଦିଏ ଏବଂ ଦେଖାଇ ଦିଏ ଯେ ଏହା ବାସୁଦେବଙ୍କ ଲୀଳା । ଏହା ହିଁ ଏକମାତ୍ର ଧର୍ମ ଯାହା ବୁଝାଇ ଦିଏ ଯେ ଏହି ଦିବ୍ୟ ଲୀଳାରେ ଆମ୍ଭେମାନେ ପ୍ରତ୍ୟେକେ କିପରି ଉତ୍ତମ ରୂପେ ନିଜ ନିଜ ଭୂମିକା ଗ୍ରହଣ କରିପାରିବୁ ଏବଂ ଏହାର ସୂକ୍ଷ୍ମତମ ବିଧାନସମୂହ ଏବଂ ଉଦାରତମ ନୀତିଚୟ ପ୍ରକାଶ କରି ପାରିବୁ । ଏହା ହିଁ ଏକମାତ୍ର ଧର୍ମ ଯାହା ଅତି ତୁଚ୍ଛ ବ୍ୟାପାରରୁ ଜୀବନକୁ ମଧ୍ୟ ବିଚ୍ଛିନ୍ନ କରେ ନାହିଁ ଏବଂ ଏହା ଜାଣେ ଅମରତ୍ୱ କି ବସ୍ତୁ ଏବଂ ଏହା ଆମ୍ଭମାନଙ୍କ ମଧ୍ୟରୁ ମୃତ୍ୟୁର ଭୟକୁ ଏକାବେଳକେ ବିତାଡ଼ିତ କରେ ।''

ଏହି ବାଣୀ ଆଜି ତୁମ୍ଭମାନଙ୍କୁ ଶୁଣାଇବା ସକାଶେ ମୋତେ ଆଦେଶ ହୋଇଥିଲା । ମୁଁ ଯାହା କହିବାକୁ ଚାହିଁଥିଲି ତାହା ମୋ'ଠାରୁ ଛଡ଼ାଇ ନିଆ ହୋଇଛି ଏବଂ ଯାହା ମୋତେ ଦିଆ ହୋଇଥିଲା ତାହା ଛଡ଼ା ମୋର ବେଶୀ କିଛି କହିବାକୁ ନାହିଁ, ଯେଉଁ ବାଣୀଟି ମୋତେ ଦିଆ ହୁଏ ମୁଁ କେବଳ ସେହିକଥା ତୁମ୍ଭମାନଙ୍କୁ କହିପାରେ । ମୁଁ ବର୍ତ୍ତମାନ ସେକଥା କହି ଶେଷ କରୁଛି । ପୂର୍ବେ ଥରେ ମୁଁ ଏଇ ଅନ୍ତର ପ୍ରେରଣାରୁ କହିଥିଲି । ସେ ସମୟରେ ମୁଁ କହିଥିଲି ଯେ ଏହି ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ନୁହେଁ; ଏହା ଗୋଟିଏ ଧର୍ମ, ଗୋଟିଏ ବିଶ୍ୱାସ ଓ ଗୋଟିଏ ନିଷ୍ଠା । ମୁଁ ପୁନର୍ବାର ଆଜି ସେଇକଥା କହୁଛି କିନ୍ତୁ ଅନ୍ୟ ପ୍ରକାରରେ ଏବଂ ଅନ୍ୟ ଭାବରେ । ମୁଁ ଏହା ଆଉ କହୁ ନାହିଁ ଯେ ଜାତୀୟତା ଗୋଟିଏ ଧର୍ମ, ଗୋଟିଏ ବିଶ୍ୱାସ, ଗୋଟିଏ ନିଷ୍ଠା; ଆମ୍ଭମାନଙ୍କ ପକ୍ଷରେ ସନାତନ ଧର୍ମ ହିଁ ହେଉଛି ଜାତୀୟତା । ଏହି ହିନ୍ଦୁ ଜାତି ଜନ୍ମ ହୋଇଥିଲା ସନାତନ ଧର୍ମ ସକାଶେ । ତାହା ସଙ୍ଗରେ ଏହି ଜାତିର ଉତ୍ଥାନ ହୁଏ ଏବଂ ବୃଦ୍ଧି ହୁଏ । ଯେତେବେଳେ ସନାତନ ଧର୍ମର ଅଧଃପତନ ଘଟେ, ସେତେବେଳେ ଜାତିର ମଧ୍ୟ ଅଧଃପତନ ହୁଏ ଏବଂ ଯଦି ସନାତନ ଧର୍ମର ଧ୍ୱଂସ ସମ୍ଭବ ହୁଏ, ତାହାହେଲେ ତାହା ସଙ୍ଗରେ ଏହି ଜାତି ମଧ୍ୟ ଧ୍ୱଂସ ହେବ । ସନାତନ ଧର୍ମ – ଏହା ହିଁ ଜାତୀୟତା । ଏହା ହିଁ ହେଉଛି ସେହି ବାଣୀ ଯାହା ତୁମ୍ଭମାନଙ୍କୁ ଶୁଣାଇବାକୁ ଥିଲା ।

(ଉତ୍ତରପଡ଼ା ଅଭିଭାଷଣ : ପୃଷ୍ଠା ୭, ୧୪-୨୦)

---

ନିରନ୍ତର ଏପରି ଜୀବନଯାପନ କର ଯେପରି ସ୍ୱୟଂ ପରମପ୍ରଭୁ ଓ ଦିବ୍ୟଜନନୀ ତୁମକୁ ଚାହିଁ ରହିଛନ୍ତି । ଏପରି କିଛି କରନା ଓ ଚିନ୍ତା ତଥା ଅନୁଭୂତିରେ ସ୍ଥାନ ଦେବାକୁ ଚେଷ୍ଟା କରନା ଯାହା ଏହି ଦିବ୍ୟ-ଉପସ୍ଥିତିର ଅଯୋଗ୍ୟ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତି ଓ ସମଷ୍ଟି

**ଶ୍ରୀମା**

ମୋତେ ପ୍ରଶ୍ନ କରାଯାଇଛି ଯେ ଆମେ ଯଦି ସମଷ୍ଟିଗତ ଯୋଗ କରୁଛୁ ତେବେ ଏ ସମଷ୍ଟିଗତ ଯୋଗ ପାଇଁ କି କି ସର୍ତ୍ତ ରହିଛି ।

ସର୍ବପ୍ରଥମେ ମୁଁ ତୁମକୁ କହିପାରେ ଯେ ଏକ ସମଷ୍ଟିଗତ ଯୋଗ ଲାଗି ଦରକାର ଗୋଟିଏ ଗୋଷ୍ଠୀ ଏବଂ ଏହି ଗୋଷ୍ଠୀ ଗଠନ ଲାଗି ବିଭିନ୍ନ ଆବଶ୍ୟକୀୟ ସର୍ତ୍ତ ସମ୍ବନ୍ଧରେ ମୁଁ ତୁମକୁ କହିବି । କିନ୍ତୁ ଗତ ରାତ୍ରିରେ ମୁଁ ଆମର ଗୋଷ୍ଠୀ ସମ୍ବନ୍ଧରେ ପ୍ରତୀକ ସ୍ୱରୂପ ଏକ ସୂକ୍ଷ୍ମଦର୍ଶନ କଲି ଏବଂ ଏହା ମୋତେ ଖୁବ୍ ଅସ୍ୱସ୍ତିକର ସ୍ମୃତି ସହ ନିଦରୁ ଉଠାଇ ଦେଲା । ତା'ପରେ ମୁଁ ପୁନର୍ବାର ଶୋଇ ପଡ଼ିଲି ଏବଂ ଏହା ଭୁଲିଗଲି । ଠିକ୍ ବର୍ତ୍ତମାନ ମୋତେ କରାଯାଇଥିବା ପ୍ରଶ୍ନ ସମ୍ବନ୍ଧେ ଯେତେବେଳେ ଚିନ୍ତା କଲି ସେ ସୂକ୍ଷ୍ମ ଦର୍ଶନର ଦୃଶ୍ୟ ମୋ ନିକଟକୁ ଫେରି ଆସିଲା । ଏହା ଏତେ ତୀବ୍ର ଏବଂ ଶକ୍ତିଶାଳୀ ଭାବରେ ଫେରି ଆସିଲା ଯାହା ଫଳରେ କି ମୁଁ ଯେତେବେଳେ ତୁମକୁ ସଂକ୍ଷେପରେ କହିବାକୁ ଚାହୁଁଥିଲି ଯେ 'ଦିବ୍ୟଜୀବନ' ଗ୍ରନ୍ଥର ଶେଷ ଅଧ୍ୟାୟରେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ସୂଚିତ ଆଦର୍ଶ ଅନୁଯାୟୀ ଆମେ କେଉଁ ପ୍ରକାର ଗୋଷ୍ଠୀଗଠନ କରିବାକୁ ଇଚ୍ଛା କରୁଛୁ – ଏକ ବିଜ୍ଞାନମୟ, ଅତିମାନସ ଗୋଷ୍ଠୀ ଯାହାକି କେବଳ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗ କରିବାକୁ ସମର୍ଥ ଓ ଏକ ବିକାଶଶୀଳ, କ୍ରମୋନ୍ନତ ଦିବ୍ୟ ସମଷ୍ଟିଗତ ଶରୀରରେ ଏହାକୁ କାର୍ଯ୍ୟକାରୀ କରିବ – ସେତେବେଳେ ସେହି ସୂକ୍ଷ୍ମ ଦର୍ଶନର ସ୍ମୃତି ଏତେ ପ୍ରଭାବଶାଳୀ ହୋଇ ଉଠିଲା ଯାହାକି ମୋତେ କିଛି କୁହାଇ ଦେଲା ନାହିଁ ।

ଏହାର ପ୍ରତୀକ ଥିଲା ଅତି ଜଣାଶୁଣା ବିଷୟ; କିନ୍ତୁ ଏହା ଜଣାଶୁଣା ଥିବା ହେତୁ ଏହାର ରହିଛି ଏକ ବାସ୍ତବତା ଯାହାକି ଭ୍ରମରେ ପକାଏ ନାହିଁ । ମୁଁ ଯଦି ତୁମକୁ ସୂକ୍ଷ୍ମ ଦର୍ଶନର ଦୃଶ୍ୟଟି ବର୍ଣ୍ଣନା କରେ, ପ୍ରାୟ ତୁମେ ତାହା ବୁଝିବାକୁ ସମର୍ଥ ହେବ ନାହିଁ ବରଂ ଏହା ଆହୁରି ଜଟିଳ ହୋଇ ପଡ଼ିବ । ମୋର ସୂକ୍ଷ୍ମ ଦର୍ଶନର ପ୍ରତିଚ୍ଛବିଟି ଥିଲା ଗୋଟିଏ ବିରାଟ ହୋଟେଲ, ଯେଉଁଠାରେ କି ସମସ୍ତ ପାର୍ଥିବ ସମ୍ଭାବନାରାଜି ବିଭିନ୍ନ କକ୍ଷରେ ସ୍ଥାନ ପାଇଥିଲା ଏବଂ ପ୍ରତ୍ୟେକ ବସ୍ତୁ ନିରନ୍ତର ରୂପାନ୍ତରିତ ହୋଇ ଚାଲିଥିଲା ।

ଏପରିକି ସେ ଅଟ୍ଟାଳିକାରେ ଲୋକମାନେ ବାସ କରୁଥିବା ଅବସ୍ଥାରେ ମଧ ତା'ର ଗୋଟିଏ ଅଂଶ କିଂବା ସମଗ୍ର ପାର୍ଶ୍ୱଟି ଧ୍ୱଂସ ପ୍ରାପ୍ତ ହେଉଥିଲା । ଏହା ଏତେ ଶୀଘ୍ର ଘଟୁଥିଲା ଯାହା ଫଳରେ ଯଦି ତୁମେ ସେହି ବିରାଟ ଅଟ୍ଟାଳିକାରେ ତୁମର ସ୍ଥାନ ପରିବର୍ତ୍ତନ କରିବ ତେବେ ଆଉ ତୁମର କକ୍ଷ ଖୋଜି ପାଇବା ଅସମ୍ଭବ, କାରଣ ଏହା ନଷ୍ଟ କରାଯାଇ ଆଉ ଏକ ଯୋଜନା ଅନୁଯାୟୀ ପୁନର୍ଗଠିତ ହୋଇ ସାରିଥିବ । ସେ ଅଟ୍ଟାଳିକାରେ ଶୃଙ୍ଖଳା ଥିଲା, ସଙ୍ଗଠନ ଥିଲା ଓ ଏସବୁ ସହ ଥିଲା ଏକ ବିଚିତ୍ର ଗୋଳମାଳ । ସବୁ ମିଶି ରଚନା କରିଥିଲା ଏକ ପ୍ରତୀକ ଯାହାକୁ କି ଶ୍ରୀଅରବିନ୍ଦ ଲେଖିଥିବା* – ଏଠାରେ ଶରୀର ରୂପାନ୍ତରର ଆବଶ୍ୟକତା ଓ ସାଧାରଣ ଜୀବନ ଦିବ୍ୟ ଜୀବନରେ ପରିଣତ ହେବା ଲାଗି ଯେଉଁ ପ୍ରକାର ରୂପାନ୍ତର ସଙ୍ଗଠିତ ହେବା ଆବଶ୍ୟକ ତା' ସହ ବିଚାର କରାଯାଇପାରେ । ମୋର ସୂକ୍ଷ୍ମ ଦର୍ଶନ ଥିଲା ଅବିକଳ ସେଇପରି – ଏହି ବିରାଟ ଅଟ୍ଟାଳିକାର କୌଣସି ଏକ କେନ୍ଦ୍ରସ୍ଥାନରେ ଥିଲା ଏକ କୋଠରି ଯାହାକି ଗୋଟିଏ ମା ଏବଂ ତା'ର ଝିଅ ଲାଗି ସଂରକ୍ଷିତ ହୋଇଥିଲା । ମା'ଟି ଥିଲା ଜଣେ ବୃଦ୍ଧା ଓ ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା କର୍ତ୍ତୃତ୍ୱଶାଳୀ ପରିଚାଳିକା । ତା'ରି ନିଜ ମତ ଅନୁସାରେ ସମଗ୍ର ସଂସ୍ଥା ପରିଚାଳିତ ହେଉଥିଲା । ଝିଅଟିର ଥିଲା ଏକ ଗତିଶୀଳ ଓ କ୍ରିୟାଶୀଳ ଶକ୍ତି ଯାହାକି ତାକୁ ଏକ ସମୟରେ ଚାରିଆଡ଼େ ହେବାକୁ ସମର୍ଥ କରି ପାରୁଥିଲା । ଏହା ଘଟି ପାରୁଥିଲା ଏପରିକି ସେ ଯେତେବେଳେ ସେହି କୋଠରିଟି ଭିତରେ ଥିଲା – ଯାହାକି ଗୋଟିଏ କୋଠରିଠାରୁ ଟିକିଏ ବଡ଼, ବରଂ ଏକ କକ୍ଷ କୁହାଯାଇ ପାରେ ଯାହାର ସ୍ୱତନ୍ତ୍ରତା ହେଉଛି

* ଶ୍ରୀମା ଠିକ୍ ସେହି ସମୟରେ ଅତିମାନସର ଅଭିବ୍ୟକ୍ତି (*The Supramental Manifestation*, SABCL, Vol. 16) ପୁସ୍ତକର 'ଦିବ୍ୟ ଶରୀର' (The Divine body) ଅଧ୍ୟାୟରୁ କିଛି ଅଂଶ ପାଠ କଲେ ।

ସେ ଏହା ଠିକ୍ ଅଟ୍ଟାଳିକାର କେନ୍ଦ୍ରସ୍ଥଳରେ ଅବସ୍ଥିତ । କିନ୍ତୁ ସବୁ ସମୟରେ ସେ ତା'ର ମା ସହ ଆଲୋଚନା କରୁଥିଲା । ମା ଚାହୁଁଥିଲା ସବୁକିଛିକୁ ଠିକ୍ ସେମାନେ ଯେପରି ଥିଲେ ସେହିପରି ଓ ଯେଉଁ ଛନ୍ଦରେ ଥିଲେ ସେହି ଛନ୍ଦରେ ରଖିବାକୁ : ଅର୍ଥାତ୍, ଗୋଟିଏ ଜିନିଷକୁ ନଷ୍ଟ କରି ଆଉ ଏକ ଜିନିଷ ଗଢ଼ିବା ଓ ତାକୁ ପୁନର୍ବାର ନଷ୍ଟ କରି ପୁଣି ଏକ ଜିନିଷ ଗଢ଼ିବାର ଅଭ୍ୟାସ ଯାହାକି ଅଟ୍ଟାଳିକାଟିକୁ ପ୍ରଦାନ କରିଥିଲା ଏକ ଭୟଙ୍କର ବିଭ୍ରାନ୍ତକାରୀ ରୂପ । ଝିଅଟି ଏସବୁକୁ ଭଲ ପାଉ ନଥିଲା, ତା'ର ଯୋଜନା ଥିଲା ଅନ୍ୟ ପ୍ରକାର । ମୋଟ ଉପରେ ସେ ଚାହୁଁଥିଲା ଏ ସଙ୍ଗଠନ ମଧ୍ୟରେ କିଛି ଏକ ନୂତନ ବସ୍ତୁ, ଏକ ଉଚ୍ଚତର ସଙ୍ଗଠନ ପ୍ରବେଶ କରାଇବାକୁ; ଯାହା ଫଳରେ ଏହି ଗୋଳମାଳର ଆବଶ୍ୟକତା ଆଉ ରହିବ ନାହିଁ । ପରିଶେଷରେ କୌଣସି ବୁଝାମଣାରେ ପହଞ୍ଚିବା ଯେତେବେଳେ ଅସମ୍ଭବ ହେଲା ସେ ଚାରିଆଡ଼ ଥରେ ବୁଲି ଦେଖି ଆସିବା ଲାଗି ନିଜର କୋଠରି ଛାଡ଼ି ବାହାରକୁ ଗଲା । ସେ ବୁଲିଲା, ଯାହା ଦେଖିବାକୁ ଚାହୁଁଥିଲା ସେ ସମସ୍ତ ଦେଖିଲା ଏବଂ ଶେଷ ସିଦ୍ଧାନ୍ତ ଗ୍ରହଣ କରିବା ନିମନ୍ତେ ନିଜ କୋଠରିକୁ ଫେରି ଆସିବାକୁ ଇଚ୍ଛା କଲା । ଏଇଠି କିଛି ବିଚିତ୍ର କଥା ଘଟିବାକୁ ଆରମ୍ଭ ହେଲା । ଯେଉଁ ଜାଗାରେ ତା'ର କୋଠରିଟି ଥିଲା ସେ ଖୁବ୍ ଭଲ ଭାବରେ ତାହା ସ୍ମରଣ କରି ପାରୁଥଲା, ମାତ୍ର ପ୍ରତିଥର ସେ ସେଠାକୁ ଆସିବାକୁ ଯେତେବେଳେ ଗୋଟିଏ ବାଟର ଆଶ୍ରୟ ନିଏ, ଦେଖେ ଉପରକୁ ଯିବାର ପାହାଚଗୁଡ଼ିକ ଉଭେଇ ଯାଇଛି କିଂବା ଜିନିଷପତ୍ରଗୁଡ଼ିକ ଏତେ ପରିମାଣରେ ପରିବର୍ତ୍ତିତ ହୋଇ ଯାଇଛି ଯାହା ଫଳରେ ସେ ତା'ର ଠିକ୍ ବାଟ ଆଦୌ ଖୋଜି ପାଇଲା ନାହିଁ । ତା'ପରେ ସେ ଏଠାକୁ ଗଲା, ସେଠାକୁ ଗଲା, ଉପରକୁ ଗଲା, ତଳକୁ ଆସିଲା, ଚାରିଆଡ଼ ଖୋଜିଲା, ବାହାରକୁ ଆସିଲା, ଭିତରକୁ ଫେରିଲା, କିନ୍ତୁ ତା'ର କୋଠରିକୁ ପୁନର୍ବାର ରାସ୍ତା ପାଇବା ଅସମ୍ଭବ ହୋଇ ପଡ଼ିଲା । ଯାହାକିଛି ସେଠାରେ ଥିଲା ସେସବୁର ସ୍ଥୂଳ ସ୍ୱରୂପ ଅତି ଜଣାଶୁଣା ଏବଂ ଅତି ସାଧାରଣ ଥିଲା, ଯେପରିକି ଏହିପରି ପ୍ରତୀକଧର୍ମୀ ସୂକ୍ଷ୍ମଦର୍ଶନ କ୍ଷେତ୍ରରେ ସବୁବେଳେ ଘଟିଥାଏ । ସେ ହୋଟେଲର ଗୋଟିଏ ଜାଗାରେ ଏହାର ଅଫିସ ଥିଲା, ସେଠାରେ ଥିଲେ ଜଣେ ମ୍ୟାନେଜର ଯାହାଙ୍କ ପାଖରେ ସମସ୍ତ ଚାବି ଥିଲା ଏବଂ ପ୍ରତ୍ୟେକଙ୍କର ରହିବା ସ୍ଥାନ କେଉଁଠି ସେ ଜାଣିଥିଲେ । ଝିଅଟି ସେ ସ୍ତ୍ରୀଲୋକଟିର (ମ୍ୟାନେଜର) ପାଖକୁ ଯାଇ ପଚାରିଲା, ''ମୋର କୋଠରିକୁ ବାଟ ମୋତେ ଦେଖାଇ ପାରିବ କି ?'' – ''ନିଶ୍ଚୟ, ଏହା ତ ଅତି ସହଜ ।'' ତା' ଚାରିପଟେ ଥିବା ପ୍ରତ୍ୟେକ ବ୍ୟକ୍ତି ତା' ଆଡ଼କୁ ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁ ଯେପରି କହିଲେ, ''କିପରି ତୁମେ ଏହା କହି ପାରୁଛ ?'' କିନ୍ତୁ ସେ ସ୍ତ୍ରୀଲୋକଟି ଉଠିପଡ଼ି କର୍ତ୍ତୃତ୍ୱପୂର୍ଣ୍ଣ ଗଳାରେ ସେ କୋଠରିର ଚାବି ମାଗିଲା ଏବଂ କହିଲା, ''ମୁଁ ତୁମକୁ ତୁମ କୋଠରିକୁ ନେଇଯିବି ।'' ସେ ସମସ୍ତ ପ୍ରକାର ପଥ ଦେଇଗଲା, ସେ ପଥଗୁଡ଼ିକ କି ଜଟିଳ ଆଉ ଅଦ୍ଭୁତ ! କାଳେ ସେ କେଉଁଠି ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇଯିବ ସେଥିଲାଗି ଝିଅଟି ତାକୁ ଅତି ସନ୍ତର୍ପଣ ସହ ଅନୁସରଣ କଲା ଏବଂ ଯେଉଁ ମୁହୂର୍ତ୍ତରେ ସେମାନେ ନିଶ୍ଚିତ ଭାବରେ ତଥାକଥିତ କୋଠରିଟି ଥିବା ସ୍ଥାନରେ ପହଞ୍ଚିଥା'ନ୍ତେ, ଠିକ୍ ସେହି ମୁହୂର୍ତ୍ତରେ ହଠାତ୍ ଦେଖାଗଲା ମ୍ୟାନେଜର ତା'ର ଚାବି ସହିତ ଅନ୍ତର୍ଦ୍ଧାନ ! ଏହି ଅନ୍ତର୍ଦ୍ଧାନର ଅନୁଭୂତି ଏତେ ତୀବ୍ର ଥିଲା ଯାହା ଫଳରେ ସେହି ଏକ ହିଁ ସମୟରେ ସବୁକିଛି ଅନ୍ତର୍ଦ୍ଧାନ ହୋଇଗଲା ।

ଏହି ଗୋଳମାଳିଆ ଘଟଣାକୁ ବୁଝିବାରେ ସାହାଯ୍ୟ କରିବା ଲାଗି ମୁଁ ତୁମକୁ କହିପାରେ ଯେ ମା'ଟି ସ୍ଥୂଳ ପ୍ରକୃତିର ଓ ଝିଅଟି ନବସୃଷ୍ଟିର ପ୍ରତିନିଧିତ୍ୱ କରୁଥିଲେ । ସେ ମ୍ୟାନେଜର ହେଉଛି ମାନସିକ ଚେତନାର ପ୍ରତିନିଧି । ଏପର୍ଯ୍ୟନ୍ତ ପ୍ରକୃତି ଗଢ଼ି ଆସିଥିବା ପୃଥିବୀର ସେ ହେଉଛି ସଙ୍ଗଠକ, ଅର୍ଥାତ୍, ବର୍ତ୍ତମାନର ଭୌତିକ ପ୍ରକୃତିରେ ଅଭିବ୍ୟକ୍ତ ସର୍ବୋଚ୍ଚ ସଙ୍ଗଠନ ଶକ୍ତି । ତାହା ହିଁ ହେଉଛି ସେ ସ୍ୱପ୍ନର ଚାବିକାଠି । ତେଣୁ ଯେତେବେଳେ ମୁଁ ଉଠି ପଡ଼ିଲି, ସଙ୍ଗେ ସଙ୍ଗେ ଜାଣି ପାରିଲି ଯେ ସମ୍ପୂର୍ଣ୍ଣ ଅସମାହିତ ରହିଗଲା ପରି ଜଣା ପଡୁଥିବା ସମସ୍ୟାଟିର ସମାଧାନ କେଉଁଠି । ମ୍ୟାନେଜର ତା' ଚାବି ସହିତ ଅନ୍ତର୍ଦ୍ଧାନ ହେବା ନିଶ୍ଚିତ ଭାବରେ ସୂଚନା ଦିଏ ଯେ ବ୍ୟକ୍ତି ଯାହାକୁ ନବସୃଷ୍ଟିର ସୃଜନଶୀଳ ଚେତନା ବୋଲି କହିଥାଏ ତାକୁ ତା'ର ଯଥାର୍ଥ ସ୍ଥାନରେ ପହଞ୍ଚାଇ ଦେବା ଲାଗି ସେ ସମ୍ପୂର୍ଣ୍ଣ ଅସମର୍ଥ ।

ମୁଁ ଏହାକୁ ଜାଣିଛି, ମାତ୍ର ଏହାର ସୂକ୍ଷ୍ମ ଦର୍ଶନ ମୁଁ କରି ନ ଥିଲି । ଏହାର ଅର୍ଥ ହେଉଛି ଯେ ଏହା ଏପରି ଏକ ବସ୍ତୁ ଯାହାକି ଏପର୍ଯ୍ୟନ୍ତ ଅଭିବ୍ୟକ୍ତ ହେବାକୁ ବାକି ଅଛି । ସେହି ଅଟ୍ଟାଳିକାରେ ଯାହା ଏପର୍ଯ୍ୟନ୍ତ ଅଭିବ୍ୟକ୍ତ ହେବାକୁ ବାକି ଅଛି ତା' ହେଉଛି ନିର୍ଦ୍ଦିଷ୍ଟଭାବେ ଚେତନାର ଗୋଟିଏ ଦିଗ ଯାହାର କି ରହିବ ଏକ କେନ୍ଦ୍ର, ଏକ ବାସ୍ତବ ଫଳପ୍ରଦ ଶକ୍ତି ସହ ଏକ ସୁନିର୍ଦ୍ଦିଷ୍ଟ ସ୍ଥାନ, ଏହି କେନ୍ଦ୍ରରୁ ତାହା ସୃଷ୍ଟିକୁ ଏପରି କିଛିରେ

ରୂପାନ୍ତରିତ କରିବ ଯାହା ବାସ୍ତବ, ଯଥାର୍ଥରେ ପୂର୍ବ-ନିର୍ଦ୍ଦିଷ୍ଟ, ପୂର୍ବ-ସଂକଳ୍ପିତ ଓ ପୂର୍ବକୃତ ।

ପ୍ରତୀକଟି ସମ୍ପୂର୍ଣ୍ଣ ସ୍ୱଚ୍ଛ : ସମସ୍ତ ସମ୍ଭାବନା ଓ ସମସ୍ତ କ୍ରିୟାବଳି ସେଥିରେ ରହିଛି କିନ୍ତୁ ଏକ ବିଶୃଙ୍ଖଳ ତଥା ଗୋଳମାଳିଆ ଅବସ୍ଥାରେ । ସେ ସମସ୍ତ ଗୋଟିଏ କେନ୍ଦ୍ରୀୟ ସତ୍ୟ, ଚେତନା ଓ ସଙ୍କଳ୍ପର ଚତୁର୍ଦ୍ଦିଗରେ ସଙ୍ଗଠିତ, କେନ୍ଦ୍ରୀଭୂତ କିଂବା ଐକ୍ୟବଦ୍ଧ ନୁହନ୍ତି । ବର୍ତ୍ତମାନ ଆମେ ଆମର ସାମୂହିକ ଯୋଗ ଓ ଗୋଷ୍ଠୀ ସମ୍ବନ୍ଧୀୟ ପ୍ରଶ୍ନକୁ ଫେରି ଆସିବା ଯାହାକି ଏହାକୁ କାର୍ଯ୍ୟକାରୀ କରିବାରେ ସମର୍ଥ ହେବ । ଏହି ଗୋଷ୍ଠୀ କିପରି ହେବା ଉଚିତ ?

ନିଶ୍ଚିତ ଭାବରେ ଏହା ଲୋକମାନଙ୍କ ଦ୍ୱାରା ଗଢ଼ା ଯାଉଥିବା କୌଣସି ଖାମଖିଆଲୀ ସଂସ୍ଥା ଭଳି ନୁହେଁ ଯେଉଁଥିରେ କି ସେମାନେ ସବୁକିଛି ଅବିନ୍ୟସ୍ତ, ବିଶୃଙ୍ଖଳ ତଥା ଅସ୍ୱାଭାବିକ ରୂପେ ରଖିଥା'ନ୍ତି ଏବଂ ସମସ୍ତେ ଏକ ଭ୍ରାନ୍ତ ସୂତ୍ରରେ ଆବଦ୍ଧ ହୋଇଥା'ନ୍ତି ଯାହାର ପ୍ରତୀକ ସ୍ୱରୂପ ଏଠାରେ ହୋଟେଲର କାନ୍ଥଗୁଡ଼ିକ ଦଣ୍ଡାୟମାନ । ସାଧାରଣ ମାନବିକ ସଂସ୍ଥା-ମାନଙ୍କରେ, ଉଦାହରଣସ୍ୱରୂପ ଗୋଟିଏ ଧର୍ମସମ୍ପ୍ରଦାୟ ଯେଉଁଥିରେ କି ଆଶ୍ରମ ଗଠନ, ପୋଷାକର ସାମଞ୍ଜସ୍ୟ, କର୍ମରେ ସାମଞ୍ଜସ୍ୟ, ଏପରିକି ଚାଲିଚଳନରେ ସାମଞ୍ଜସ୍ୟ — ମୁଁ ବିଶେଷ ରୂପେ ଉଲ୍ଲେଖ କରିପାରେ — ପ୍ରତ୍ୟେକଙ୍କର ସମାନ ପୋଷାକ, ସମାନ ସମୟରେ ଶଯ୍ୟାତ୍ୟାଗ, ସମାନ ଖାଦ୍ୟ, ସମାନ ପ୍ରାର୍ଥନା ଇତ୍ୟାଦି ହିଁ ପରସ୍ପର ମଧ୍ୟରେ ଐକ୍ୟର ପରିଚାୟକ ହୋଇଥାଏ । ବାହ୍ୟତଃ ସେମାନଙ୍କ ମଧ୍ୟରେ ଏକ ସାଧାରଣ ସାମ୍ୟଭାବ ଦେଖାଯାଏ କିନ୍ତୁ ବାସ୍ତବ ପକ୍ଷରେ ଭିତରେ ମାନସିକ କ୍ଷେତ୍ରରେ ଥାଏ ବୈଷମ୍ୟ ଏବଂ ବିଭ୍ରାଟ; ପ୍ରତ୍ୟେକେ ନିଜ ଧାରାରେ ଚାଲନ୍ତି, କାରଣ ଏହି ସମାନତା ଯାହା ବିଶ୍ୱାସ ଓ ମତବାଦ କ୍ଷେତ୍ରରେ ମଧ୍ୟ ଦେଖାଯାଏ ତା' ସମ୍ପୂର୍ଣ୍ଣ ଭ୍ରାନ୍ତ ।

ଏହା ହେଉଛି ସର୍ବାଧୁନିକ ମାନବିକ ଗୋଷ୍ଠୀର ଲକ୍ଷଣ — ଏକ ସାଧାରଣ ଆଦର୍ଶ, ସାଧାରଣ କର୍ମ କିଂବା ସାଧାରଣ ଉପଲବ୍ଧିର ଚତୁଃପାର୍ଶ୍ୱରେ ସମବେତ ହେବା, ପରସ୍ପର ମଧ୍ୟରେ ସଂଯୋଗ ସ୍ଥାପନ କରିବା ଓ ଐକ୍ୟବଦ୍ଧ ହେବା, କିନ୍ତୁ ଏକ ସମ୍ପୂର୍ଣ୍ଣ ଉପରଠାଉରିଆ ଭାବରେ । ପକ୍ଷାନ୍ତରେ ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଗୋଟିଏ ଯଥାର୍ଥ ଗୋଷ୍ଠୀ, ଯାହାକୁ କି ସେ କହନ୍ତି ବିଜ୍ଞାନମୟ ବା ଅତିମାନସ ଗୋଷ୍ଠୀ, ତାହା ତିଷ୍ଠି ପାରିବ କେବଳ ଏହାର ଅନ୍ତର୍ଭୁକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କର ଆନ୍ତର ଉପଲବ୍ଧି ବଳରେ, ପରସ୍ପର ମଧ୍ୟରେ ଏକ ବାସ୍ତବ ଓ ସ୍ଥୂଳ ଐକ୍ୟ ତଥା ସାମ୍ୟଭାବ ବଳରେ, ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଅନୁଭବ କରିବେ ଯେ ଗୋଷ୍ଠୀର ଅନ୍ତର୍ଭୁକ୍ତ ଅନ୍ୟମାନଙ୍କ ସହ ସେ ପୃଥକ୍ ବ୍ୟକ୍ତି ବିଶେଷ ରୂପେ ଜଡ଼ିତ ହୋଇ ନାହାନ୍ତି; କିନ୍ତୁ ସବୁକିଛି ରହିଛି ଏକ ମଧ୍ୟରେ, ତା' ନିଜ ମଧ୍ୟରେ । ପ୍ରତ୍ୟେକେ ଅନ୍ୟ ବ୍ୟକ୍ତିଙ୍କୁ ନିଜର ଶରୀର ତୁଲ୍ୟ ଜ୍ଞାନ କରିବେ । କିନ୍ତୁ ଏହା କୌଣସି ମାନସିକ କିଂବା ଉପରଠାଉରିଆ ଭାବରେ ହେବ ନାହିଁ, ହେବ ଚେତନାର କ୍ରିୟା ତଥା ଆନ୍ତର ଉପଲବ୍ଧି ବଳରେ ।

ସେଥିଲାଗି ଏହି ବିଜ୍ଞାନମୟ ଗୋଷ୍ଠୀ ଗଠନର କଳ୍ପନା ପୂର୍ବରୁ ସର୍ବପ୍ରଥମେ ପ୍ରତ୍ୟେକ ବ୍ୟକ୍ତିକୁ ବିଜ୍ଞାନମୟ ଜୀବରେ ପରିଣତ ହେବାକୁ ହେବ, ଅତି କମ୍‌ରେ ସେ ଦିଗରେ ଉଦ୍ୟମ ଆରମ୍ଭ କରି ଦେବାକୁ ପଡ଼ିବ । ଏହା ଅନିବାର୍ଯ୍ୟ । ବ୍ୟକ୍ତିଗତ କ୍ରିୟା ପଥ-ପ୍ରଦର୍ଶକ ହେବ ଯାହାକୁ କି ସମଷ୍ଟିଗତ କ୍ରିୟା ଅନୁସରଣ କରିବ । କିନ୍ତୁ କୌଣସି ସଂକଳ୍ପ ଶକ୍ତିର ବଳପୂର୍ବକ ହସ୍ତକ୍ଷେପ ବିନା ସ୍ୱତଃସ୍ଫୂର୍ତ୍ତଭାବରେ ଏହା ଘଟିବ, ଯେକି ବ୍ୟକ୍ତିଗତ ଗତିବୃତ୍ତି ସମଷ୍ଟିଗତ ଅବସ୍ଥା ଦ୍ୱାରା ଆୟତ୍ତ ହେବ କିଂବା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ । ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ ରହିଛି ଏକ ପରସ୍ପର ନିର୍ଭରଶୀଳତା ଯାହା ମଧ୍ୟରୁ କେହି ଚେଷ୍ଟା କଲେ ବି ସମ୍ପୂର୍ଣ୍ଣ ମୁକ୍ତ ହୋଇ ପାରିବ ନାହିଁ । ଯଦି ବ୍ୟକ୍ତି ଯୋଗବଳରେ ନିଜକୁ ପାର୍ଥିବ ତଥା ମାନବିକ ଚେତନାର ସ୍ତରରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ଚେଷ୍ଟା କରେ, ତଥାପି ଅତି କମ୍‌ରେ ସେ ତା'ର ଅବଚେତନାର କ୍ଷେତ୍ରରେ ସମଗ୍ରର ସର୍ତ୍ତ ସହ ଆବଦ୍ଧ, ଯାହା ତାକୁ ବାଧାଦିଏ ଏବଂ ପଛକୁ ଟାଣି ଧରେ । ବ୍ୟକ୍ତି ଖୁବ୍ ଦ୍ରୁତ ଅଗ୍ରଗତି ପାଇଁ ଉଦ୍ୟମ କରିପାରେ, ସମସ୍ତ ବନ୍ଧନ ଓ ଦାୟିତ୍ୱର ଭାର ନିଜ ଉପରୁ ଖସାଇ ପକାଇବା ଲାଗି ଚେଷ୍ଟା କରିପାରେ, ତଥାପି ଏସବୁ ସତ୍ତ୍ୱେ ଏହି ସମସ୍ତ ଠାରୁ ଊର୍ଦ୍ଧ୍ୱରେ ଥିବା ତଥା ବିକାଶମାର୍ଗରେ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ବ୍ୟକ୍ତିଟିର ଉପଲବ୍ଧି ନିର୍ଭର କରେ ସମସ୍ତଙ୍କ ଉପଲବ୍ଧି ତଥା ପୃଥିବୀପୃଷ୍ଠସ୍ଥ ମାନବଗୋଷ୍ଠୀର ଅବସ୍ଥା ସମୂହ ଉପରେ । ସାଧାରଣତଃ ତାହା ହିଁ ପଛକୁ ଟାଣି ଧରେ, ଏତେ ଜୋର୍‌ରେ ଟାଣି ଧରେ ଯେ ବେଳେ ବେଳେ ବ୍ୟକ୍ତିକୁ ପୃଥିବୀର ପ୍ରସ୍ତୁତି ଲାଗି ଶତାବ୍ଦୀ ଶତାବ୍ଦୀ ଧରି ଅପେକ୍ଷା କରିବାକୁ ପଡ଼େ, ଯାହା ଫଳରେ ସେ ନିଜର ଲକ୍ଷ୍ୟ ହାସଲ ନିମନ୍ତେ ସମର୍ଥ ହୋଇପାରିବ ।

ସେଥିଯୋଗୁଁ ଶ୍ରୀଅରବିନ୍ଦ ମଧ୍ୟ କହିଛନ୍ତି ଯେ ଦୁଇଟି

ଗତି ଆବଶ୍ୟକ : ବ୍ୟକ୍ତିଗତ ବିକାଶ ଓ ଉପଲବ୍ଧି ଲାଗି ଉଦ୍ୟମ ସହ ସମଗ୍ରକୁ ଉଠାଇ ନେବାର ଉଦ୍ୟମକୁ ଯୋଡ଼ି ଦେବାକୁ ହେବ ଯାହା ଫଳରେ ଅନିବାର୍ଯ୍ୟ ରୂପେ ସମଗ୍ରର ବିକାଶ ହେବ, ଯାହାକି ବ୍ୟକ୍ତି ଲାଗି ଉନ୍ମୋଚନ କରି ଦେବ ବୃହତ୍ତର ବିକାଶର ଦ୍ୱାର – ସମଗ୍ରର ବିକାଶ ବ୍ୟକ୍ତିକୁ ଏକ ପାଦ ଆଗେଇ ଯିବାରେ ସାହାଯ୍ୟ କରିବ ।

ସେଥିଲାଗି ମୁଁ ଭାବେ କିଛି କିଛି ସମୟ ସମବେତ ଧ୍ୟାନ କରିବା ଆମମାନଙ୍କ ପକ୍ଷରେ ଖୁବ୍ ପ୍ରୟୋଜନ ଏବଂ ଏକ ସାଧାରଣ ସହଯୋଗୀ ବାତାବରଣ ସୃଷ୍ଟି ଲାଗି କିଛି କିଛି କର୍ମ ଆବଶ୍ୟକ ଯାହାକି ମୋର ଗତରାତିର ବିଶାଳ ହୋଟେଲ ଠାରୁ ହେବ ଟିକିଏ ଅଧିକ ଶୃଙ୍ଖଳାବଦ୍ଧ !

ସେହି ହେତୁ ବ୍ୟକ୍ତି ପକ୍ଷରେ ଧ୍ୟାନର ସର୍ବୋତ୍ତମ ବ୍ୟାବହାରିକ ପନ୍ଥା ହେଉଛି ଯେତେଦୂର ସେ ପାରେ ଅନ୍ତରର ଗଭୀରତର ପ୍ରଦେଶକୁ ଚାଲି ଯାଇ ସେଠାରେ ସେହି ସ୍ଥାନ ଖୋଜି ବାହାର କରିବା – ଯେଉଁଠାରେ କି ପ୍ରତ୍ୟକ୍ଷ ରୂପେ ଅନୁଭବ କରିବ, ଦେଖିବ ଏବଂ ଏପରିକି ସୃଷ୍ଟି କରି ପାରିବ ଏକ ଐକ୍ୟର ବାତାବରଣ ଯାହା ମଧ୍ୟରେ ଏକ ଶୃଙ୍ଖଳା ଓ ସଙ୍ଗଠନର ଶକ୍ତି ସବୁକିଛିକୁ ତା'ର ଯଥାର୍ଥ ସ୍ଥାନରେ ସଜାଡ଼ି ରଖିବ ଓ ବର୍ତ୍ତମାନର ଏ ଘନଘଟା ତଥା ଗୋଳମାଳ ମଧ୍ୟରୁ ବହନ କରି ଆଣିବ ଏକ ଅଭିନବ ସୁସମଞ୍ଜସ ଜଗତ୍ ।...

(MCW, Vol. 9 - Page : 138-143) ❖

## ଭାରତର ନବଯାତ୍ରା ଓ ସ୍ୱଧର୍ମ

... ... ଭାରତ ଯେଉଁ କାମ କରେ, ତାହା ଧୀର ସ୍ଥିର ଭାବେ ବିଚାରପୂର୍ବକ କରିବାକୁ ଇଚ୍ଛା କରେ । ତାହାର କାର୍ଯ୍ୟ ସମୟସାପେକ୍ଷ, କାରଣ ବସ୍ତୁକୁ ସେ ଗ୍ରହଣ କରେ ନିଜର ଗଭୀରତାରେ – ଅନ୍ତରର ଅନ୍ତରତମ ପ୍ରଦେଶରେ – ଏହି 'ଗୁହାଗତଂ ଗହ୍ୱରେଷ୍ଠମ୍'ରୁ ଆରମ୍ଭ କରି କ୍ରମେ ବାହ୍ୟ ଜୀବନରେ ଯେଉଁଠାରେ ଯେପରି ପରିବର୍ତ୍ତନ କରିବାର, ପୁନର୍ଗଠନ କରିବାର ଅଛି, ତାହା ସେ କରେ । ଭାରତ ଏହିପରି ଭାବେ ବାହ୍ୟବସ୍ତୁକୁ ଯେପର୍ଯ୍ୟନ୍ତ ପରିବର୍ତ୍ତନ ନ କରିଛି, ସମ୍ପୂର୍ଣ୍ଣ ଭାବେ ନିଜସ୍ୱ ନ କରିଛି, ଏହି ପୁନର୍ଗଠନରେ ବ୍ୟାପୃତ ଶକ୍ତିଚୟର ଗତିଧାରାକୁ ନିର୍ଦ୍ଧାରିତ ନ କରିଛି, ସେପର୍ଯ୍ୟନ୍ତ ସେ ଯେଉଁ ନୂତନ ପଥ ଧରିଛି ସେଥିରେ ସ୍ୱଚ୍ଛନ୍ଦରେ ଅଗ୍ରଗତି କରିପାରିବ ନାହିଁ । ଭାରତର ନବଯାତ୍ରା ବହୁମୁଖୀ ଓ ଜଟିଳ; ଯେଉଁସବୁ ସମସ୍ୟା ତା' ଆଗରେ ଦେଖା ଦେଇଛି, ତାହାର ମୀମାଂସା ଏପରି ଦୁରୂହ ଯେ ସେ ଯେତେ ଅଗ୍ରସର ହେବାକୁ ଲାଗିଛି, ସେତେ ବିଭିନ୍ନ ମତବାଦ ଦେଖା ଦେଉଛି; ଦୃଷ୍ଟିଭଙ୍ଗୀ, ଚଳଣିଧାରାସବୁ ଗୋଳମାଳିଆ ହୋଇ ଏପରି ଏକ ରୂପ ନେଉଛି ଯେକୌଣସି ଏକ ସ୍ୱଷ୍ଟ ନିଃସନ୍ଦେହ ପରିଣତି ସହଜ, ସମ୍ଭବ ହେଉ ନାହିଁ – ମନେ ହେଉଛି ସତେ ଯେପରି ଆମେ ଅନିର୍ଦ୍ଦିଷ୍ଟ ଘଟଣାଚକ୍ରର ତାଡ଼ନାରେ ଅନ୍ଧକାର ମଧ୍ୟ ଦେଇ ଭବିଷ୍ୟତ୍ ଲକ୍ଷ୍ୟ ଦିଗରେ ଅସ୍ୱଷ୍ଟଭାବେ ଆଗେଇ ଚାଲିଛୁ । କୌଣସି ଗୋଟାଏ ଆବେଗରେ ଢେଉ ପରି ଏକ ସମୟରେ ଉଠୁଛୁ ତ' ପରମୁହୂର୍ତ୍ତରେ ଅନ୍ୟ ଏକ ଖିଆଲ ଧରି ପଡ଼ି ରହିଛୁ – ଆମେ ଚାଲୁଛୁ ଏହିପରି ଭାସି ଭାସି । ତଥାପି ଏକଥା ସତ୍ୟ ଯେ ଏସବୁ ଅନିଶ୍ଚିତତାର ଅନ୍ତରାଳରେ ଗୋଟାଏ ଲକ୍ଷ୍ୟ ନିର୍ଣ୍ଣିତ ହୋଇ ଉଠୁଛି ଏବଂ ତାହାର ଅଭିବ୍ୟଞ୍ଜନା ବାହାରକୁ ମଧ୍ୟ ଦେଖା ଯାଉଛି । ଫଳ ତା'ର ଆଉ ଯାହା ହେଉ, ସେହି ବସ୍ତୁ ଯେ ପାଶ୍ଚାତ୍ୟ ଆଧୁନିକତାର ପ୍ରାଚ୍ୟ-ସଂସ୍କରଣ ନୁହେଁ ବରଂ ତାହା ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି, ସମଗ୍ର ମାନବଜାତିର ଭବିଷ୍ୟତ୍ ଶିକ୍ଷାଦୀକ୍ଷା ତାହା ଉପରେ ବହୁ ପରିମାଣରେ ନିର୍ଭର କରିବ –ଏହା ବର୍ତ୍ତମାନ ମଧ୍ୟ ନିଃସନ୍ଦେହରେ କୁହାଯାଇପାରେ ।

(ଭାରତର ନବଜନ୍ମ) – ଶ୍ରୀଅରବିନ୍ଦ ❖

# ୧୫ ଅଗଷ୍ଟ, ୧୯୪୭

## ଶ୍ରୀଅରବିନ୍ଦ

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ସ୍ୱାଧୀନ ଭାରତର ଜନ୍ମଦିବସ । ଏହି ଦିବସ ଭାରତବର୍ଷ ପାଇଁ ଏକ ପ୍ରାଚୀନ ଯୁଗର ଅବସାନ ଏବଂ ଏକ ନୂତନ ଯୁଗର ଅଭ୍ୟୁତ୍ଥାନର ସୀମା ନିର୍ଦ୍ଧାରଣ କରୁଛି । ବିଶ୍ୱରେ ମାନବ-ସମାଜର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭବିଷ୍ୟତ୍ ନିର୍ମାଣରେ ଏହି ଯେଉଁ ନୂତନ ଯୁଗ ଆସିଛି, ତାହା ମଧ୍ୟରେ ଏହି ଦିବସର ଗୁରୁତ୍ୱ ଏକ ସ୍ୱାଧୀନ ଜାତିଭାବେ ଆମେ ନିଜ ଜୀବନ ଓ କର୍ମ ଦ୍ୱାରା ବଜାୟ ରଖି ପାରିବା ।

ଅଗଷ୍ଟ ୧୫ ତାରିଖ ମୋର ଜନ୍ମଦିନ, ସ୍ୱାଭାବିକ ଭାବେ ମୋ ପକ୍ଷରେ ଆନନ୍ଦର ଦିନ; କାରଣ ଏହି ଦିବସଟି ଅର୍ଜନ କରିଛି ଏକ ଗୂଢ଼ତର ଅର୍ଥ । ଏହି ଯୋଗାଯୋଗକୁ ମୁଁ ଏକ କାକତାଳିକ ଘଟଣା ବୋଲି ଗ୍ରହଣ କରେ ନାହିଁ; ବରଂ ମନେକରେ ଯେ ଯେଉଁ ଭଗବତ୍ ଶକ୍ତିଙ୍କର ପରିଚାଳନାରେ ମୋର କର୍ମଜୀବନ ଆରମ୍ଭ ହୋଇଥିଲା, ଯାହାର ପୂର୍ଣ୍ଣ ଫଳୋଦ୍‌ଗମର ସମୟ ସମାଗତ, ତାହା ଆଜି ତାଙ୍କର ସ୍ୱୀକୃତି ଓ ସମର୍ଥନ ଲାଭ କରିଛି । ବାସ୍ତବରେ ଏହି ଦିବସରେ ମୁଁ ବିଶ୍ୱ-କ୍ରିୟାବଳିକୁ ଲକ୍ଷ୍ୟ କରୁଛି ଏବଂ ଯାହାସବୁ ମୋ ଜୀବନକାଳ ମଧ୍ୟରେ ସଫଳ ହେବ ବୋଲି ବିଶ୍ୱାସ କରିଥିଲି ସେଗୁଡ଼ିକ ଯଦିଓ ସେତେବେଳେ ଦିବାସ୍ୱପ୍ନ ଭଳି ବୋଧ ହେଉଥିଲା, ଆଜି କିନ୍ତୁ ଲକ୍ଷ୍ୟ କରୁଛି ସେସବୁ ସଫଳ ହେବାକୁ ଯାଉଛି ଅଥବା ସଫଳତାର ପଥରେ । ଏହିସବୁ କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ବିଶାଳ ଭୂମିକା ଗ୍ରହଣ କରିପାରେ କିଂବା ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇପାରେ ।

ମୋର ପ୍ରଥମ ସ୍ୱପ୍ନ ହେଲା ଏକ ବୈପ୍ଳବିକ ଆନ୍ଦୋଳନ, ଯାହା ଦ୍ୱାରା ଏକ ଅଖଣ୍ଡ ଏବଂ ସ୍ୱାଧୀନ ଭାରତ ଆତ୍ମପ୍ରକାଶ କରିବ । ଭାରତ ଆଜି ସ୍ୱାଧୀନତା ଲାଭ କରିଛି ସତ୍ୟ କିନ୍ତୁ ସେ ଅଖଣ୍ଡତା ଲାଭ କରି ନାହିଁ । ବ୍ରିଟିଶ ଶାସନର ଅବ୍ୟବହିତ ପୂର୍ବେ ଭାରତ ଯେପରି ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇ ପଡ଼ିଥିଲା, ଏକ ସମୟରେ ମନେ ହେଉଥିଲା ସ୍ୱାଧୀନତା ଦ୍ୱାରା ଭାରତ ପୁଣି ସେହି ସ୍ତରକୁ ଖସି ପଡ଼ିବ । କିନ୍ତୁ ସୌଭାଗ୍ୟର କଥା, ବର୍ତ୍ତମାନ ବୋଧ ହେଉଛି ଯେ ଏହି ବିପଦକୁ ଦୂର କରାଯାଇ ପାରିବ ଏବଂ ପରିପୂର୍ଣ୍ଣ ଅଖଣ୍ଡତା ପ୍ରତିଷ୍ଠିତ ନ ହୋଇ ପାରିଲେ ମଧ୍ୟ ଏକ ସୁଦୃଢ଼ ଏକତା ପ୍ରତିଷ୍ଠିତ କରାଯାଇ ପାରିବ । ପୁନଶ୍ଚ ଶାସନତନ୍ତ୍ରର ବିଧାନ ସଭାର କୌଶଳପୂର୍ଣ୍ଣ ସୁଦୃଢ଼ ନୀତି ସମସ୍ତ ମତାନୈକ୍ୟ ଏବଂ ସଂକୀର୍ଣ୍ଣତା ଦୂରକରି ଦଳିତ ଜାତିସକଳର ସମସ୍ୟା ସମାଧାନ କରିପାରିବ ବୋଲି ଧାରଣା ଜନ୍ମିଛି । କିନ୍ତୁ ମନେ ହୁଏ ଯେପରି ହିନ୍ଦୁ, ମୁସଲମାନମାନଙ୍କର ପ୍ରାଚୀନ ଧର୍ମଗତ ଦ୍ୱନ୍ଦ୍ୱ ବର୍ତ୍ତମାନ ଅଧିକତର ତୀବ୍ର (ଭୟଙ୍କର) ହୋଇ ଦେଶର ସ୍ଥାୟୀ ରାଜନୈତିକ ବିଭକ୍ତିକରଣର ରୂପ ନେଉଛି । କିନ୍ତୁ ଏହାକୁ ଏକ ମୀମାଂସିତ ଘଟଣା ବୋଲି ଚିରକାଳ ଗ୍ରହଣ କରାଯାଇ ନ ପାରେ । ବରଂ ବିଶ୍ୱାସ ରଖିବା ଉଚିତ, ଏହା ଏକ ସାମୟିକ ଅସ୍ଥାୟୀ ବ୍ୟବସ୍ଥାଠାରୁ ଅଧିକ କିଛି ନୁହେଁ । କାରଣ ଯଦି ଏହି ଅବସ୍ଥା ରୁହେ, ଭାରତ ହୁଏତ ଶୋଚନୀୟଭାବେ ଦୁର୍ବଳ ହୋଇପଡ଼ିବ, ଏପରିକି ପଙ୍ଗୁ ହୋଇ ଯାଇପାରେ : ଗୃହବିବାଦର ସମ୍ଭାବନା ହୁଏତ ସର୍ବଦା ରହିପାରେ, ଏପରିକି ଭାରତ ଉପରେ ବୈଦେଶିକ ନୂତନ ଆକ୍ରମଣ ଓ ଅଧିକାର ସମ୍ଭବପର ହୋଇପାରେ । ଭାରତର ଆଭ୍ୟନ୍ତରୀଣ ଉନ୍ନତି ଏବଂ ବିକାଶ ବାଧାପ୍ରାପ୍ତ ହୋଇପାରେ । ଅନ୍ୟ ଦେଶମାନଙ୍କ ପାଖରେ ତା'ର ଆସନ ଦୁର୍ବଳ ହୋଇ ଯାଇପାରେ; ଏପରିକି ତା'ର ଭବିତବ୍ୟ ମଧ୍ୟ ନୈରାଶ୍ୟଜନକ ହୋଇଯାଇ ପାରେ । କିନ୍ତୁ ଏହା ଯେପରି ନ ଘଟୁ; – ଏ ବିଭକ୍ତିକରଣ ନିଶ୍ଚୟ ଦୂର ହେବ । ବରଂ ଆମେ ବିଶ୍ୱାସ ରଖିବା ଏକ ଏକତ୍ୱ ଯେପରି ସ୍ୱାଭାବିକ ରୂପେ ଆସିପାରେ, କେବଳ ଶାନ୍ତି ଓ ଐକ୍ୟ ପାଇଁ ବିବର୍ଦ୍ଧମାନ ଆବଶ୍ୟକତା ଅନୁଭବ ଦ୍ୱାରା ନୁହେଁ ବରଂ ମିଳିତ କର୍ମଧାରାର ଅଭ୍ୟାସ ଦ୍ୱାରା ତଥା ଲକ୍ଷ୍ୟ ଲାଭର ଉପାୟ ପ୍ରସ୍ତୁତି ଦ୍ୱାରା । ଏହିଭାବେ ପରିଶେଷରେ ଏକତ୍ୱ ପ୍ରତିଷ୍ଠିତ ହେବ, ଯେକୌଣସି ଉପାୟରେ ହେଉ, ଯେକୌଣସି ପନ୍ଥାରେ ହେଉ, ଏକ ପ୍ରଗତିଶୀଳ ଧାରାରେ ଏ ଦେଶ ବିଭାଗ ନିଶ୍ଚୟ ହିଁ ଲୋପ ପାଇବ, ଯେକୌଣସିମତେ ଐକ୍ୟ ପ୍ରତିଷ୍ଠା କରିବାକୁ ହିଁ ହେବ, କାରଣ ଭାରତର ଭାବୀ ମହାନତା ପାଇଁ ଏହା ପ୍ରୟୋଜନ ।

ଅନ୍ୟ ଏକ ସ୍ୱପ୍ନ ହେଲା, ଏସିଆବାସୀଙ୍କର ପୁନରୁତ୍ଥାନ ଓ ମୁକ୍ତି ଏବଂ ମାନବସଭ୍ୟତାର ବିକାଶ ଦିଗରେ ତାହାର ମହତ୍ତର ଭୂମିକା ଗ୍ରହଣ । ଏସିଆ ଆଜି ଜାଗ୍ରତ୍ । ତା'ର

ଅଧିକାଂଶ ରାଷ୍ଟ୍ର ଆଜି ସ୍ୱାଧୀନ କିଂବା ସ୍ୱାଧୀନତା ପଥର ଯାତ୍ରୀ । ଯେଉଁ ରାଷ୍ଟ୍ରମାନେ ପୂର୍ଣ୍ଣ ବା ଆଂଶିକଭାବେ ପରାଧୀନ, ସେମାନେ କୌଣସି ନା କୌଣସି ପ୍ରକାରେ ସ୍ୱାଧୀନତା ସଂଗ୍ରାମ ଚଳାଇଛନ୍ତି । କେବଳ ଅତି ସାମାନ୍ୟ ମାତ୍ର କରିବାକୁ ବାକି ଅଛି, ଆଜି ହେଉ ବା କାଲି ହେଉ, ତାହା ନିଶ୍ଚିତ ରୂପେ ହେବ । ସେଥିରେ ଭାରତର କିଛି କର୍ତ୍ତବ୍ୟ ରହିଛି ଏବଂ ସେହି କର୍ମ ସେ ଅତି ସାମର୍ଥ୍ୟ ଓ ଦକ୍ଷତାର ସହ ଆରମ୍ଭ କରିଛି । ଏଥିରୁ ସୂଚିତ ହେଉଛି ତା'ର ଭବିଷ୍ୟତ୍ ସମ୍ଭାବନା ଏବଂ ରାଷ୍ଟ୍ରମାନଙ୍କ ସଭାରେ ସେ କେଉଁ ଆସନ ଗ୍ରହଣ କରିବ ।

ତୃତୀୟ ସ୍ୱପ୍ନ ହେଲା ମାନବସମାଜର ବାହ୍ୟ ଜୀବନକୁ ଅଧିକ ସୁନ୍ଦର, ଉଜ୍ଜ୍ୱଳ ଓ ଆଦର୍ଶସ୍ଥାନୀୟ କରିବା ପାଇଁ ବିଶ୍ୱ-ସଂଘ(World-Union)ର ପ୍ରତିଷ୍ଠା । ମାନବସମାଜର ଐକ୍ୟ ବର୍ତ୍ତମାନ ପ୍ରସ୍ତୁତି ପଥରେ । ପ୍ରାରମ୍ଭରେ ତ୍ରୁଟିପୂର୍ଣ୍ଣ ହେଲେ ମଧ୍ୟ, ବିପୁଳ ବିଘ୍ନ ବିରୋଧରେ ତାକୁ ସଂଗ୍ରାମ କରିବାକୁ ହେଉଛି । କିନ୍ତୁ ତା' ମଧ୍ୟରେ ରହିଛି ଏକ ପ୍ରବେଗ । ଏହା କ୍ରମଶଃ ବୃଦ୍ଧି ପ୍ରାପ୍ତ ହୋଇ ବିଜୟମଣ୍ଡିତ ହେବ । ଏ କ୍ଷେତ୍ରରେ ମଧ୍ୟ ଭାରତ ଏକ ପ୍ରଧାନ ଭୂମିକା ଗ୍ରହଣ କରିଛି । ଯେଉଁ ବିଶାଳତର ରାଷ୍ଟ୍ରନୀତି ଉପସ୍ଥିତ ଘଟଣାବଳୀ ଏବଂ ଆଶୁ ସମ୍ଭାବନା ମଧ୍ୟରେ ଆବଦ୍ଧ ନୁହେଁ, ଯାହାର ଦୃଷ୍ଟି ଭବିଷ୍ୟନ୍ମୁଖୀ ଏବଂ ଯାହା ଭବିଷ୍ୟତକୁ ନିକଟତର କରିପାରେ, ଭାରତ ଯଦି ସେହି ନୀତି ଅନୁଶୀଳନ କରେ ତେବେ ତା'ର ଉପସ୍ଥିତିର ପ୍ରଭାବ ଫଳରେ ତା'ର ଅଗ୍ରଗତି ମନ୍ଥର ଓ ଶଙ୍କିତ ନ ହୋଇ କ୍ଷିପ୍ର ଓ ନିର୍ଭୀକ ହୋଇଉଠିବ । ଦୈବଦୁର୍ବିପାକ ହୁଏତ ବାଧା ସୃଷ୍ଟି କରିପାରେ, ଏପରିକି ଯେଉଁ କାର୍ଯ୍ୟ ହୋଇଯାଇଛି ତା'ର ବିଧ୍ୱଂସ ସାଧନ କରିପାରେ କିନ୍ତୁ ତଥାପି ମଧ୍ୟ ବାଞ୍ଛିତ ଲକ୍ଷ୍ୟ ସାଧିତ ହେବ ହିଁ ହେବ । କାରଣ ପ୍ରକୃତି-ଧାରାରେ ଏହା ଏକ ପ୍ରୟୋଜନୀୟ ତଥା ଅପରିହାର୍ଯ୍ୟ ପ୍ରକ୍ରିୟା । ରାଷ୍ଟ୍ରମାନଙ୍କ ପାଇଁ ତା'ର ଆବଶ୍ୟକତା ସୁସ୍ପଷ୍ଟ, କାରଣ ଏହା ବ୍ୟତୀତ କ୍ଷୁଦ୍ରତର ରାଷ୍ଟ୍ରସବୁ ହୁଏତ ଯେକୌଣସି ମୁହୂର୍ତ୍ତରେ ବିପଦର ସମ୍ମୁଖୀନ ହୋଇପାରନ୍ତି, ଏପରିକି ବଡ଼ ବଡ଼ ରାଷ୍ଟ୍ରମାନେ ମଧ୍ୟ ନିରାପଦ ରହିପାରିବେ ନାହିଁ । ଏଣୁ ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ଐକ୍ୟ ଆବଶ୍ୟକ । କେବଳ ମାନବୀୟ ଦୁର୍ବଳତା ତଥା ମୂଢ଼ ସ୍ୱାର୍ଥପରତା ଏହାକୁ ଦୂଷିତ କରିପାରେ କିନ୍ତୁ ଏହା କେବେ ବି ଚିରକାଳ ପାଇଁ ପ୍ରକୃତିର ଆବଶ୍ୟକତା ଓ ଭଗବତ୍ ଇଚ୍ଛା ବିରୋଧରେ ତିଷ୍ଠି ପାରିବ ନାହିଁ । କିନ୍ତୁ ଏକ ବାହ୍ୟ ଭିତ୍ତି ଯଥେଷ୍ଟ ନୁହେଁ; ଏକ ଅନ୍ତର୍ରାଷ୍ଟ୍ରୀୟ ମନୋଭାବ ଓ ଦୃଷ୍ଟିର ବିକାଶ, ଅନ୍ତର୍ରାଷ୍ଟ୍ରୀୟ ଅନୁଷ୍ଠାନର ପ୍ରତିଷ୍ଠା ହେବା ଏକାନ୍ତ ପ୍ରୟୋଜନ । ଆଉ ମଧ୍ୟ, ଏହିପରି ବିକାଶ ଯଥା : ଦ୍ୱୈତ ବା ବହୁ ନାଗରିକତ୍ୱର ପ୍ରତିଷ୍ଠା ଅଥବା ବିଭିନ୍ନ ସଂସ୍କୃତିର ସ୍ୱେଚ୍ଛାକୃତ ବା ସମ୍ମତିଯୁକ୍ତ ପରସ୍ପର ଆଦାନପ୍ରଦାନ ବା ଅନ୍ତର୍ମିଳନ ଏହି କାର୍ଯ୍ୟରେ ସହାୟକ ହେବ । ଜାତୀୟତାର କଥା ସମାପ୍ତ ହୋଇଥିବ, ତାହା ନିଜର ଯୋଦ୍ଧୃଭାବ ହରାଇଥିବ । ଆଉ ଏହି ଅନ୍ତର୍ରାଷ୍ଟ୍ରୀୟ ମନୋଭାବ ସହ ତା'ର ଆତ୍ମସଂରକ୍ଷଣ ବା ପୂର୍ଣ୍ଣାଙ୍ଗ ଦୃଷ୍ଟିର କୌଣସି ବିରୋଧ ଘଟିବ ନାହିଁ । ଏକତାର ଏକ ନୂତନ ଚେତନା ସମଗ୍ର ମାନବଜାତିକୁ ଅଧିକାର କରିବ ।

ଅନ୍ୟ ଏକ ସ୍ୱପ୍ନ ହେଲା, ବିଶ୍ୱକୁ ଭାରତର ଆଧ୍ୟାତ୍ମିକ ଅବଦାନ – ଇତି ମଧ୍ୟରେ ତାହା ଆରମ୍ଭ ହୋଇଯାଇଛି । ଇଉରୋପ ଓ ଆମେରିକାରେ ଭାରତର ଆଧ୍ୟାତ୍ମିକତା ଅଧିକରୁ ଅଧିକ ଭାବେ ପ୍ରବେଶ କରୁଛି । କ୍ରମଶଃ ଏହି ଗତିଧାରାର ପ୍ରସାର ହେଉଛି । ଏ ଯୁଗର ବିପର୍ଯ୍ୟୟ ଓ ଅଶାନ୍ତି ମଧ୍ୟରେ ଅଧିକରୁ ଅଧିକ ବ୍ୟକ୍ତି ଭାରତ ପ୍ରତି ଆଶା ଓ ଭରସା ସହ ଦୃଷ୍ଟିପାତ କରୁଛନ୍ତି, ସେମାନେ କେବଳ ତା'ର ଶାସ୍ତ୍ର ପ୍ରତି ନୁହେଁ, ବରଂ ତାହାର ଅନ୍ତରାତ୍ମିକ ଓ ଆଧ୍ୟାତ୍ମିକ ସାଧନାର ଆଶ୍ରୟ ଖୋଜୁଛନ୍ତି ।

ସର୍ବଶେଷ ସ୍ୱପ୍ନ ହେଲା ବିବର୍ତ୍ତନର ଧାରାରେ ଏପରି ଏକ ଅଗ୍ର ପଦକ୍ଷେପ ନେବା ଯାହା ମନୁଷ୍ୟକୁ ଏକ ଉଚ୍ଚତର ଓ ବିଶାଳତର ଚେତନାରେ ଉନ୍ନୀତ କରିବ ଏବଂ ସେହିସବୁ ସମସ୍ୟାର ସମାଧାନ ଆଣିବ ଯେଉଁ ସମସ୍ୟାସକଳ ମନୁଷ୍ୟକୁ ବ୍ୟସ୍ତ ଓ ବିଚଳିତ କରିଛି, ଯେବେଠୁଁ ସେ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର କଥା ଚିନ୍ତା କରିଛି ଓ ସ୍ୱପ୍ନ ଦେଖିଛି । ଅବଶ୍ୟ ଏହା ଏବେ ବି ଏକ ବ୍ୟକ୍ତିଗତ ଆଦର୍ଶ ଓ ବିଶ୍ୱାସ ଯଦିଓ ଏହା ଭାରତ ଓ ପାଶ୍ଚାତ୍ୟର ଅଗ୍ରଗାମୀ ଚିନ୍ତାଶୀଳ ବ୍ୟକ୍ତିଙ୍କ ହୃଦୟରେ କ୍ରମଶଃ ପ୍ରବେଶ କରୁଛି । ମନୁଷ୍ୟର ଅନ୍ୟାନ୍ୟ ଉଦ୍ୟୋଗ କ୍ଷେତ୍ର ଅପେକ୍ଷା ଏ କ୍ଷେତ୍ରରେ ବାଧାବିପତ୍ତି ଅଧିକ ଦୁର୍ଜୟ, କିନ୍ତୁ ବାଧାବିପତ୍ତିର ଅର୍ଥ ତାକୁ ଅତିକ୍ରମ କରିଯିବା, ଆଉ ଯଦି ଭଗବାନଙ୍କ ଇଚ୍ଛା ଥାଏ ତେବେ ଏହି ବାଧାବିପତ୍ତିକୁ ଅତିକ୍ରମ କରାଯାଇପାରେ । ପୁନଶ୍ଚ ଯଦି ବିବର୍ତ୍ତନରେ ଏହି ପଦକ୍ଷେପ ଗ୍ରହଣ କରିବାକୁ ହୁଏ ଏବଂ ଯେହେତୁ ଏହା ସଂଘଟିତ ହେବ କେବଳ ଅନ୍ତଶ୍ଚେତନା ଓ ଅନ୍ତରାତ୍ମାର ବିକାଶ ଦ୍ୱାରା, ତେଣୁ ଏ କ୍ଷେତ୍ରରେ ମଧ୍ୟ ଭାରତ

ପ୍ରଥମେ ଉଦ୍ୟମ କରିବ । ଯଦିଓ ଏହାର ପରିସର ବିଶ୍ୱବ୍ୟାପକ ତଥାପି କେନ୍ଦ୍ରୀୟ ପ୍ରକ୍ରିୟା ଭାରତରୁ ହିଁ ଆରମ୍ଭ ହେବା ସମ୍ଭବ ।

ଆଜି ଭାରତର ଏହି ସ୍ୱାଧୀନତା ଦିବସକୁ ମୁଁ ଏଇ ସୂଚନା ସକଳ ପ୍ରଦାନ କରୁଛି; ମୋର ଏହି ଆଶା ସଫଳ ହେବ କି ନାହିଁ ଏବଂ କେତେଦୂର ସଫଳ ହେବ, ତାହା ନିର୍ଭର କରେ ନୂତନ ଓ ସ୍ୱାଧୀନ ଭାରତ ଉପରେ । ❖

*ସ୍ନେହମୟୀ ମାଆ,*

*ଆମେ ଆପଣଙ୍କର ଓ ଶ୍ରୀଅରବିନ୍ଦଙ୍କର ଲିଖିତ ଗ୍ରନ୍ଥଗୁଡ଼ିକୁ କିପରି ପଢ଼ିବୁ, ଯେପରିକି ସେଗୁଡ଼ିକୁ କେବଳ ମନ ଦ୍ୱାରା ନ ବୁଝି ଆମେ ଆମ ଚେତନା ଭିତରେ ମଧ୍ୟ ସେଗୁଡ଼ିକର ପ୍ରବେଶ ଘଟାଇ ପାରିବୁ ?*

**ଶ୍ରୀମା** : ମୁଁ ଲେଖିଥିବା ପୁସ୍ତକଗୁଡ଼ିକୁ ପଢ଼ିବା ଆଦୌ କଷ୍ଟ ହେବ ନାହିଁ, କାରଣ ସେଗୁଡ଼ିକ ସରଳତମ ଭାଷାରେ ଲିଖିତ ହୋଇଛି । ପ୍ରାୟ କଥିତ ଭାଷାରେ ହିଁ ଲେଖା ହୋଇଛି । ସେଗୁଡ଼ିକରୁ ସାହାଯ୍ୟ ଲାଭ କରିବାକୁ ହେଲେ, କିଞ୍ଚିତ୍ ମନୋଯୋଗ ଓ ଅଭିନିବେଶ ସହିତ ଏବଂ ଅନ୍ତର୍ଗତ ସଦିଚ୍ଛାର ଏକ ଦୃଷ୍ଟି ସହିତ ତଥା : ଯାହାକିଛି ଲେଖା ଯାଇଛି ତାହାକୁ ଗ୍ରହଣ କରିବା ଓ ବଞ୍ଚିବାର ଅଭିଳାଷ ନେଇ ପଢ଼ିବା ହିଁ ଯଥେଷ୍ଟ ହେବ ।

ଶ୍ରୀଅରବିନ୍ଦଙ୍କର ଲେଖାଗୁଡ଼ିକୁ ପଢ଼ିବା ଅପେକ୍ଷାକୃତ ଅଧିକ କଷ୍ଟକର ହେବ, କାରଣ ସେଥିରେ ଅତ୍ୟନ୍ତ ବୁଦ୍ଧିଶାଣିତ ଭାବରେ ସବୁକଥା ବ୍ୟକ୍ତ କରାଯାଇଛି ଏବଂ ଏକ ଅନେକ ଅଧିକ ସାହିତ୍ୟିକ ଓ ଦାର୍ଶନିକ ଭାଷାର ବ୍ୟବହାର କରାଯାଇଛି । ସେଗୁଡ଼ିକୁ ପ୍ରକୃତରେ ବୁଝି ପାରିବାକୁ ହେଲେ ମସ୍ତିଷ୍କର ଏକ ପ୍ରସ୍ତୁତି ରହିଥିବା ଆବଶ୍ୟକ ଏବଂ ସାଧାରଣତଃ ସେହି ପ୍ରସ୍ତୁତି ଲାଗି ସମୟ ମଧ୍ୟ ଲାଗିବ । ଅବଶ୍ୟ ଜଣେ ବ୍ୟକ୍ତି ଭିତରେ ଯଦି ସହଜାତ ଭାବରେ ଏକ ଅନ୍ତର୍ବୋଧସମର୍ଥ ପ୍ରତିଭା ରହିଥାଏ ତେବେ ତାହା ନିଶ୍ଚୟ ଭିନ୍ନ କଥା ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଥରକେ କିଞ୍ଚିତ୍ ଅଂଶ ପାଠ କରିବା ଲାଗି ମୁଁ ସର୍ବଦା ପରାମର୍ଶ ଦେଇଥାଏ; ନିଜର ମନକୁ ଯଥାସମ୍ଭବ ସ୍ଥିର ରଖିବ, ବୁଝିବା ଲାଗି କୌଣସି କ୍ଳାନ୍ତିକର କସରତ କରିବ ନାହିଁ, ମାତ୍ର ନିଜର ମୁଣ୍ଡଟିକୁ ଯଥାସମ୍ଭବ ଅଧିକ ନୀରବ ରଖିଥିବ ଏବଂ ଯାହା ପାଠ କରୁଥିବ ସେଥିରେ ରହିଥିବା **ଶକ୍ତିକୁ ତୁମ ଭିତରେ ଅନେକ ଗଭୀରକୁ ପ୍ରବେଶ କରିବା ଲାଗି** ବାଟ ଛାଡ଼ି ଦେଉଥିବ । ସ୍ଥିରତା ଏବଂ ନୀରବତା ସହିତ ଗ୍ରହଣ କରି ପାରିଲେ ଏହି ଶକ୍ତିଟି ଆଲୋକନର ଆପଣା କାର୍ଯ୍ୟଟିକୁ ଅବଶ୍ୟ କରିବ ଏବଂ ଆବଶ୍ୟକ ହେଲେ ମସ୍ତିଷ୍କ ଭିତରେ ବୁଝିବା ସକାଶେ ଆବଶ୍ୟକ ହେଉଥିବା କୋଷଗୁଡ଼ିକୁ ତିଆରି କରିନେବ । ଏହିପରି ଭାବରେ କେତେ ମାସ ପରେ ଯଦି ତୁମେ ପୁନର୍ବାର ସେହି ବିଷୟଟିକୁ ପଢ଼ିବ ତେବେ ନିଶ୍ଚୟ ଦେଖିବାକୁ ପାଇବ ଯେ ସେଥିରେ ବ୍ୟକ୍ତ କରାଯାଇଥିବା ବିଚାରଗୁଡ଼ିକ ଅନେକ ସ୍ପଷ୍ଟତର ହୋଇଯାଇଛି, ଅନେକ ନିକଟ ହୋଇଯାଇଛି ଏବଂ ଏପରିକି ବେଳେବେଳେ ସମ୍ପୂର୍ଣ୍ଣ ପରିଚିତ ବୋଲି ମନେ ହେଉଛି ।

ଅଧିକ ଫଳପ୍ରଦ ହେବ ଯଦି ତୁମେ ନିୟମିତ ପଢ଼ିବ, ପ୍ରତିଦିନ ଅଳ୍ପ ଅଳ୍ପ ପଢ଼ିବ । ଯଦି ସମ୍ଭବ ହୁଏ ତେବେ ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସମୟରେ ପଢ଼ିବ । ଏହା ତୁମ ମସ୍ତିଷ୍କର ଗ୍ରହଣଶୀଳତାକୁ ସହଜ କରିଦେବ ।

*(୨ ନଭେମ୍ବର ୧୯୫୯)*

# ଶ୍ରୀଅରବିନ୍ଦ ଓ ପୂର୍ଣ୍ଣଯୋଗ ସମ୍ପର୍କରେ ଋଷଭଚାନ୍ଦ

ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗ କୌଣସି ମନଗଢ଼ା ଦାର୍ଶନିକ ଭିତ୍ତି ଉପରେ ଗଢ଼ିଉଠି ନାହିଁ, ଯେମିତି କୁହାଯାଏ ଯୋଭଙ୍କର ମସ୍ତକରୁ ମିନର୍ଭାଙ୍କର ଜନ୍ମ, ସେମିତି । କୌଣସି ଦାର୍ଶନିକ ଚିନ୍ତା ଓ ମନନରୁ ତାହାର ଉଦ୍ଭବ ନୁହେଁ । ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିରୁ ଏହି ପୂର୍ଣ୍ଣଯୋଗର ତତ୍ତ୍ୱ ସ୍ୱତଃସ୍ଫୂର୍ତ୍ତ ଭାବେ ଉତ୍ସାରିତ... ଯାହା ସର୍ବ-ଦେଶଦର୍ଶୀ ଐକ୍ୟ ଓ ସର୍ବାଙ୍ଗୀନତା ଦିଗରେ ପ୍ରବହମାନ ।

ଶ୍ରୀଅରବିନ୍ଦଙ୍କର ସାଧନାରେ ନାନା ଉପଲବ୍ଧି ପରେ ଚୂଡ଼ାନ୍ତ ଉପଲବ୍ଧି ନିର୍ବାଣର ବି ଆସିଥିଲା, କିନ୍ତୁ ଉପଲବ୍ଧି ସମୂହର ଏଠାରେ ସମାପ୍ତି ଘଟି ନାହିଁ, ବରଂ ଏହାପରେ ଉର୍ଦ୍ଧ୍ୱତନ ଉତ୍ତରୋତ୍ତର ସୋପାନର ଦ୍ୱାର ଉନ୍ମୋଚିତ ହୋଇଛି ।... ନିର୍ବାଣର ଅଭିଜ୍ଞତା ତାଙ୍କୁ ଉତ୍ତୀର୍ଣ୍ଣ କରି ନେଇଛି ସବୁ ଉପଲବ୍ଧିର ପଶ୍ଚାତରେ, ଉର୍ଦ୍ଧ୍ୱରେ ଓ କେନ୍ଦ୍ରରେ ସ୍ଥିତ ଈଶ୍ୱରଙ୍କ ସାକ୍ଷାତ୍ ସାନ୍ନିଧ୍ୟରେ, ଯେଉଁଠାରେ ସେ ଅନ୍ତରରେ ଓ ବାହାରେ ସର୍ବତ୍ର ଭଗବତ୍ ଉପସ୍ଥିତି ଅନୁଭବ କଲେ ଏବଂ ସ୍ତର ପରେ ସ୍ତର ପାରି ହୋଇ ଏପରି ଏକ ଲୋକରେ ଉପନୀତ ହେଲେ ଯେଉଁଠାରେ ଈଶ୍ୱରଙ୍କ ସକ୍ରିୟ ଓ ନିଷ୍କ୍ରିୟ ସ୍ଥିତିର ସମନ୍ୱୟ ଘଟିଛି, ଚିରନ୍ତନ ପ୍ରବୃତ୍ତି ଓ ସମ୍ପୂର୍ଣ୍ଣ ନିବୃତ୍ତିର ଏକୀକରଣ ହୋଇଛି । ସେଇ ଉପଲବ୍ଧିର ସାହାଯ୍ୟରେ ମନୁଷ୍ୟର ଜଡ଼ ଦେହର ରୂପାନ୍ତର ଘଟିବ ଏବଂ ମନ, ପ୍ରାଣ ଓ ଶରୀରର ଚେତନାଗତ ରୂପାନ୍ତର ଘଟିବ — ଏବଂ କ୍ରମଶଃ ପାର୍ଥିବ ଜୀବନରେ ହିଁ ସେ ଭୋଗ କରିବ ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ଭଗବତ୍ ସାଯୁଜ୍ୟ ନିରବଚ୍ଛିନ୍ନ ଭାବେ ।

... ସାଧନାର ପରିଶେଷରେ ପହଞ୍ଚିଲେ ସିଏ ସତ୍ୟ-ଚେତନାର ଚରମ ଶୃଙ୍ଗରେ, ବୈଦିକ ଋତ-ଚିତ୍ ବା ଔପନିଷଦିକ ବିଜ୍ଞାନର ସନ୍ନିକଟରେ, ଏଇଠାରେ ହିଁ ସଚ୍ଚିଦାନନ୍ଦରୂପୀ ପରମେଶ୍ୱରଙ୍କର ସମତା ।... ଶ୍ରୀଅରବିନ୍ଦ ଅଭିହିତ କଲେ ଏହାକୁ ଅତିମାନସ ଚେତନା ଓ ଶକ୍ତି ବୋଲି, ଏହାର ଖରଦୀପ୍ତିରେ ରହିଛି ସର୍ବରହସ୍ୟ ସମାଧାନକାରୀ ସାମର୍ଥ୍ୟ, ଯାହାର ପ୍ରସାଦରେ, ପୂର୍ଣ୍ଣଜ୍ଞାନର ଉଦ୍ଭାସନରେ ଜୀବନର ଉତ୍ତରୋତ୍ତର ଜଟିଳତର ବୈଚିତ୍ର୍ୟସବୁ ପରିସ୍ଫୁଟ ହୋଇଯାଏ । ଶ୍ରୀଅରବିନ୍ଦଙ୍କ କ୍ଷେତ୍ରରେ ଏହା ମାୟା ବା ଦୈବୀ-ଘଟଣା ବା ଆକସ୍ମିକତା ବା ତାଗିଦାରେ ଏଇ ସଂଘଟଣ ହୋଇ ନାହିଁ — ଅତିମାନସିକ ଶକ୍ତିର ସୃଜନଶୀଳ ଏକ କ୍ରିୟା ରୂପେ ଈଶ୍ୱରଙ୍କ ଅନନ୍ତ ସମ୍ଭାବନା ସକଳ ସାଧିତ ହେବାର ତଥା ଉପଲବ୍ଧିର ଚିରନ୍ତନ କ୍ଷେତ୍ରର ସ୍ୱତଃ-ପ୍ରବୃତ୍ତ କ୍ରିୟାଶୀଳତା ରୂପେ ଏହା ଘଟିଅଛି । ମନେ ରଖିବାକୁ ହେବ ଯେ ଶ୍ରୀଅରବିନ୍ଦଙ୍କ ଚେତନାର ଏଇ ଆରୋହଣ, ଆଧ୍ୟାତ୍ମିକତାରେ ଏଇ ଉର୍ଦ୍ଧ୍ୱମୁଖୀ ପଦକ୍ଷେପ ସେଇ ସେଇ ଲୋକର ସ୍ୱକୀୟ ଜ୍ୟୋତିଃ ଓ ଶକ୍ତିର ତାଙ୍କ ମଧ୍ୟକୁ ଅବରୋହଣକୁ ନେଇ ହିଁ ଘଟୁଥିଲା, ତାଙ୍କ ସତ୍ତାର ତଥା ଚେତନାର ତଦନୁଯାୟୀ ରୂପାନ୍ତର ସାଧିତ କରି ।... ଶେଷରେ ସର୍ବୋତ୍ତମ ଉପଲବ୍ଧି ସମ୍ଭବ ହେଲା ତାଙ୍କଠାରେ ଅତିମାନସ ଶକ୍ତି ଓ ଜ୍ୟୋତିଃର ଅବତରଣରେ । ମାତ୍ର, ସେ ବ୍ୟକ୍ତି ହିସାବରେ ଅତିମାନସିକ ସିଦ୍ଧିସବୁ ନିଜ ପାଇଁ ଲୋଡ଼ି ନାହାନ୍ତି; ମାନବର ଚେତନାକୁ ମନ ସ୍ତରରୁ ଅତିମାନସ ସ୍ତରକୁ ଉତ୍ତୀର୍ଣ୍ଣ କରାଇ ନେବାରେ ସେ ଥିଲେ ଯତ୍ନବାନ୍, ଯାହା ଫଳରେ ବିବର୍ତ୍ତନରେ ପରବର୍ତ୍ତୀ ଅବଶ୍ୟମ୍ଭାବୀ ପଦକ୍ଷେପ ସମ୍ଭବ ହେବ । ସେଥିପାଇଁ ତାଙ୍କୁ ଦୀର୍ଘକାଳ ବ୍ୟାପୀ ମହାସଂଗ୍ରାମରେ ମଗ୍ନ ରହିବାକୁ ହୋଇଛି ନିଶ୍ଚେତନା ଓ ଅଜ୍ଞାନର ଶକ୍ତିସମୂହଙ୍କର ବିରୋଧରେ ଏବଂ ସେଇସବୁ ଧୁରନ୍ଧର ଶକ୍ତି ଏବେ ବି ପାର୍ଥିବ ପ୍ରକୃତିର ଶାସକ । ଜଡ଼ ଚେତନାରେ ଅତିମାନସ ଶକ୍ତିର ଅବତରଣ ଏବଂ ଜଡ଼ରେ ନିବର୍ତ୍ତିତ ଅତିମାନସର ପ୍ରତ୍ୟୁତ୍ତର-ରୂପୀ ଅଭ୍ୟୁଦୟ ହିଁ ଏକମାତ୍ର ଆଣି ଦେଇ ପାରିବ ମନୁଷ୍ୟର ସର୍ବ ସତ୍ତାରେ ଓ ଚେତନାରେ ଆମୂଳ ଏକ ରୂପାନ୍ତର ଏବଂ ଏହାର ଫଳସ୍ୱରୂପ ପୃଥିବୀରେ ଦିବ୍ୟଜୀବନ ପ୍ରତିଷ୍ଠା ହୋଇ ପାରିବ — ଏଇ ରହସ୍ୟ ସେ ଜାଣିଥିଲେ ବୋଲି ଏ ପ୍ରକାର ଦୁରୂହ କାର୍ଯ୍ୟ ସମ୍ପାଦନରେ ସେ ବ୍ରତୀ ଥିଲେ । ଆଉ ଏ କାର୍ଯ୍ୟ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ବ୍ୟତୀତ ଅନ୍ୟ କାହାରି ସାଧ୍ୟ ନ ଥିଲା ।

ଶ୍ରୀଅରବିନ୍ଦ ଯେ ସତ୍ୟ-ଚେତନାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିବାରେ ସଫଳ ହୋଇଛନ୍ତି, ସେ କାର୍ଯ୍ୟଟି ସମ୍ପୂର୍ଣ୍ଣ ନିଃଶେଷ ଆତ୍ମ-ସମର୍ପଣ ସାହାଯ୍ୟରେ ହିଁ ହୋଇଛି । ସେ ଯାହାଙ୍କୁ ଦିବ୍ୟଜନନୀ କହୁଛନ୍ତି, ତାଙ୍କରି ଠାରେ ଏଇ ଆତ୍ମ-ନିବେଦନ କେବଳ ମନର ବା ହୃଦୟର ଅବା ଇଚ୍ଛାଶକ୍ତିର ଅବା ଜୀବନର କର୍ମ ସକଳର ନୁହେଁ, ତାଙ୍କ ସତ୍ତାର ପ୍ରତିଟି ଅଙ୍ଗର ଏବଂ ତାଙ୍କ ପ୍ରକୃତିର ପ୍ରତିଟି ଅଂଶ ବିଶେଷର ଏଇ ଆତ୍ମନିବେଦନ; ସେଇ ଦିବ୍ୟଜନନୀ

ହିଁ ତାଙ୍କର ଅନ୍ତର ମଧ୍ୟରେ ଏଇ ଯୋଗ-ସାଧନା କରିଛନ୍ତି ଓ ତାଙ୍କୁ ଦୁରୂହତମ ଲକ୍ଷ୍ୟରେ ପହଞ୍ଚାଇ ଦେଇଛନ୍ତି ।...

ଶ୍ରୀଅରବିନ୍ଦଙ୍କର ଆଧ୍ୟାତ୍ମିକ ଅଭିଜ୍ଞତାର ଓ ଅଭିଯାନର କଥା କହିଲା ବେଳେ ଆମେ ଭୁଲିବା ନାହିଁ ଯେ ବିବର୍ତ୍ତନର ସ୍ୱାଭାବିକ ଗତି ଏଇ ଲକ୍ଷ୍ୟରେ ଉପନୀତ ହେବାରେ ଥିଲେ ମଧ୍ୟ ଏହି ପୂର୍ଣ୍ଣଯୋଗର ଅନ୍ୟାନ୍ୟ ଯୋଗ ଭଳି ଦାର୍ଶନିକ ଭିତ୍ତି ବି ରହିଛି, ସେ ଭିତ୍ତି ଯେତିକି ବିଶାଳ, ସେତିକି ଗଭୀର ମଧ୍ୟ ଯାହା ଉପରେ ଗଢ଼ି ଉଠିଛି ପୂର୍ଣ୍ଣଯୋଗର ଅତିକାୟ ହର୍ମ୍ୟ ।

ଆମେ ଯଦି ଗଭୀର ଭାବେ ପ୍ରକୃତିର ବିବର୍ତ୍ତନକୁ ଲକ୍ଷ୍ୟ କରୁ ତାହାର ବାହ୍ୟ ଜୈବିକ ରୂପକୁ ବାଦ୍ ଦେଇ, ତେବେ ଦେଖୁ ତାହାର ପଛରେ ଅଛି ଆତ୍ମ-ଅତିକ୍ରାନ୍ତର ଏକ ପ୍ରକ୍ରିୟା, ତହିଁରେ ରହିଛି ଆରୋହଣ, କ୍ଷେତ୍ର ଓ ଭିତ୍ତିର ସମ୍ପ୍ରସାରଣ ଏବଂ ପୂର୍ଣ୍ଣାଙ୍ଗୀକରଣ । କ୍ରମାନ୍ୱୟରେ ଜଡ଼ରୁ ଈଶ୍ୱରଙ୍କ ଅଭିମୁଖରେ ଉତ୍ତରଣ କରିବା ହିଁ ବିବର୍ତ୍ତନର ସ୍ୱାଭାବିକ ପ୍ରକ୍ରିୟା । ପ୍ରତ୍ୟେକ ସ୍ତରର ବିବର୍ତ୍ତନର ପୂର୍ବାବସ୍ଥା ହେଉଛି ନିବର୍ତ୍ତନ (involution) । ବେଦ ଓ ଉପନିଷଦ୍ କହୁଛନ୍ତି ଅବଚେତନ ଓ ଅଜ୍ଞାନର ଭିତରେ ଯାହା ନିବର୍ତ୍ତିତ, ସେ ବି ହେଉଛନ୍ତି ସେଇ ପରମା ଏକ, ପରାଚେତନ ସଚ୍ଚିଦାନନ୍ଦମୟୀ ନିଶ୍ଚେତନାରୁ ଜଡ଼ର ଅଭ୍ୟୁଦୟ ତା'ର ପ୍ରଥମ ବିବର୍ତ୍ତିତ ରୂପ, ତା'ପରେ ଗୁହାୟିତ ଚେତନାର କ୍ରମବିକାଶ ଘଟେ, ସେଇ ସାମାନ୍ୟ ଉନ୍ମୋଚନ ଫଳରେ ଜଡ଼ ନିଏ ଜୀବନ ରୂପ — ଉଦ୍ଭିଦ ଓ ପଶୁ ରୂପେ ସେଇ ନିଶ୍ଚେତନର ରୂପ ଖୋଲିଯାଏ । ତା'ପରେ ତାହା ମନଶ୍ଚେତନ ହୁଏ ଅର୍ଥାତ୍ ପଶୁରୁ ମନୁଷ୍ୟର ଆବିର୍ଭାବ ଘଟେ ଅବା ନିମ୍ନସ୍ତରର ମନ ନେଇ ମନୁଷ୍ୟ ଦେଖାଦିଏ, ପୁନରାୟ ସେଇ ଅବସ୍ଥାରୁ ଜ୍ଞାନର ଅନ୍ୱେଷଣ ଆରମ୍ଭ ହୁଏ । ମାତ୍ର ମନ ଯେତେ ଉଚ୍ଚସ୍ତରକୁ ଉଠିଗଲେ ମଧ୍ୟ, ଜ୍ଞାନର ଯେତେ ବିସ୍ତୃତ ଗବେଷଣାରେ ରତ ହେଲେ ମଧ୍ୟ ଏହା ବିବର୍ତ୍ତନର ଶେଷ ବା ଅନ୍ତିମ ସୋପାନ ହୋଇ ପାରିବ ନାହିଁ । ପରାଚେତନା ଯଦି ତାଙ୍କର ଅନନ୍ତ ଜ୍ଞାନ, ଶକ୍ତି, ଆନନ୍ଦ ନେଇ ନିବର୍ତ୍ତିତ ହୋଇ ଥା'ନ୍ତେ, ତେବେ ତାହାର ବି ବିବର୍ତ୍ତନ ଅବଶ୍ୟମ୍ଭାବୀ । ଶ୍ରୀଅରବିନ୍ଦ କହିଲେ ପରବର୍ତ୍ତୀ ଯେଉଁ ଚେତନାଗତ ଧର୍ମର ବିବର୍ତ୍ତନ ଘଟୁଛି, ସେଇଟି ହେଉଛି ଅତିମାନସ ଚେତନା ଓ ଶକ୍ତି । ଏଇ କ୍ରମବିବର୍ତ୍ତନ ପ୍ରତ୍ୟେକଟି ପର୍ଯ୍ୟାୟରେ ସହଜରେ ହିଁ ଦୃଷ୍ଟ ହୁଏ ପ୍ରକୃତିର ଉଦ୍ଦେଶ୍ୟ ଓ ପଦ୍ଧତିର ଉନ୍ମୋଚନ ରୂପେ । ମାନବ ସ୍ତରରେ ପହଞ୍ଚିବା ଯାଏ ପ୍ରାଣର ବିବର୍ତ୍ତନ ଲାଗି ଦେଖିଛୁ ଜଡ଼କୁ ପରିହାର କରାଯାଇ ନାହିଁ, ତାକୁ ପ୍ରାଣୋଦୀପ୍ତ କରି ତୋଳି ନିଆ ହୋଇଛି ଜୀବନର ସକ୍ରିୟ ଓ ଘନିଷ୍ଠ ସହଯୋଗୀ କରି ଏବଂ ସେଇପରି ପ୍ରାଣର ଆବେଗ ଓ କାର୍ଯ୍ୟ କ୍ଷମତାକୁ ବି ପରିହାର କରାଯାଇ ନାହିଁ, ମନର ବିବର୍ତ୍ତନ ଘଟାଇବା ପାଇଁ — ଚିନ୍ତା, ଯୁକ୍ତି, ବିଶ୍ଲେଷଣ ଓ କଳ୍ପନା ଆଦି ମନର କ୍ରିୟା ଆରମ୍ଭ ହୋଇଯିବା ପରେ ବି ପ୍ରକୃତି ଜଡ଼ ଓ ପ୍ରାଣ ନିକଟରୁ ନିଜକୁ ବିଚ୍ଛିନ୍ନ କରି ନିଏ ନାହିଁ; ସେଗୁଡ଼ିକୁ ବାଧା ବୋଲି ଅବା ଊର୍ଦ୍ଧ୍ୱମୁଖୀ ଯାତ୍ରାର ଅନ୍ତରାୟ ବୋଲି ମନେ କରେ ନାହିଁ ବରଂ ଜଡ଼ ଓ ପ୍ରାଣରେ ସେ ଯୋଡ଼ିଦିଏ ମନର ଉଦ୍ଭାସନ । ଯାହାକୁ ଆମେ ଶାରୀର-ମନ, ପ୍ରାଣିକ-ମନ ବୋଲି କହି ଥାଉ । ମନର ପ୍ରଧାନ ଧର୍ମ ହେଉଛି ଚେତନା ବା ଆତ୍ମ-ସଚେତନତା; କ୍ରମଶଃ ମଣିଷର ସମସ୍ତ ସତ୍ତାକୁ ଘେରି ଏକ ଅହଂ-ଚେତନାରେ ପରିସ୍ଫୁଟ ହୁଏ । ସେତେବେଳେ ବିବର୍ତ୍ତନର କ୍ରିୟା ଫଳରେ ଶାରୀରିକ ଅହଂ, ପ୍ରାଣିକ ଅହଂ ଓ ମାନସିକ ଅହଂ ଆସି ଠିଆ ହୁଏ । ପ୍ରାକୃତିକ ବିବର୍ତ୍ତନର ଲକ୍ଷ୍ୟ ହେଉଛି ସେ ତା'ର ନିରବଚ୍ଛିନ୍ନ ପ୍ରଚେଷ୍ଟାରେ ନିମ୍ନସ୍ତରକୁ ଟାଣି ଟାଣି ପରବର୍ତ୍ତୀ ଊର୍ଦ୍ଧ୍ୱତନ ସ୍ତରକୁ ନେଇ ଚାଲେ । ଏଇ ପରି ଭାବେ ଭଗବତ୍ ମିଳନ ହେବା ପର୍ଯ୍ୟନ୍ତ ଯେଉଁସବୁ ଗୁଣଧର୍ମ ନିବର୍ତ୍ତିତ ହୋଇଥିଲା ସେଗୁଡ଼ିକୁ ତାହା ପରମ ମଧ୍ୟରେ ଲୀନ କରି ଦେବା ଉଦ୍ଦେଶ୍ୟରେ ସକ୍ରିୟ, ସୃଜନଶୀଳ ଏକାତ୍ମତାର ପ୍ରବେଗରେ ଆଗେଇ ନିଏ ।

ତେବେ ଏହି ପ୍ରକୃତିର ସାଧନା ବଡ଼ ଯାନ୍ତ୍ରିକ ଯାହାକୁ ଆମେ ପାର୍ଥିବ ବିବର୍ତ୍ତନ ବୋଲି କହିଥାଉ ଯାହା ଆମର ସଚେତନ ପ୍ରୟାସକୁ ଅପେକ୍ଷା ନ କରି, ଆମର ସହଯୋଗକୁ ଅପେକ୍ଷା ନ କରି ତା' ଧାରାରେ ଧୀରେ ସୁସ୍ଥେ ଚାଲିଛି — ଆମର ସମଗ୍ର ଜୀବନ ଓ ବିଶ୍ୱ ପ୍ରକୃତି ହିଁ ଏହି ପଦ୍ଧତିର ସାକ୍ଷୀ ।... ପୂର୍ଣ୍ଣଯୋଗ ବି ଏଇ ଲକ୍ଷ୍ୟକୁ ନିଜ ଆଗରେ ରଖିଛି; ପାର୍ଥିବ ବିବର୍ତ୍ତନ ଯାହା ତା'ର ଅଜ୍ଞାତସାରରେ କରି ଚାଲିଛି ଅର୍ଥାତ୍ କେତେ ଧୀର ମନ୍ଥର ପଦକ୍ଷେପରେ, ନାନା ପ୍ରକାର ଭୁଲ୍‌ଭ୍ରାନ୍ତିର ଭିତର ଦେଇ, ଅଣ୍ଡାଳି ଅଣ୍ଡାଳି, କେବେ ଆରୋହଣ, ପରକ୍ଷଣରେ ଅବରୋହଣ — ଏଇ ପରି ବିଶ୍ୱପ୍ରକୃତିର ଯେଉଁ ଅଜ୍ଞାନ-ଅନ୍ଧକାରର ପଥ ଧରି ଅଗ୍ରସର, ସେଥିରେ ପରାପ୍ରକୃତିଙ୍କର ଅନୁପ୍ରବେଶକୁ ପୂର୍ଣ୍ଣଯୋଗ ଆବାହନ କରେ । ଏଇ ପ୍ରକ୍ରିୟାରେ ପ୍ରଥମରୁ ହିଁ ଯଦି ବ୍ୟକ୍ତି-ସାଧକ

ସଚେତନ ଭାବେ ଦିବ୍ୟ-ପ୍ରକୃତି ହାତରେ ନିଜକୁ ସମର୍ପଣ କରେ, ତାଙ୍କୁ ସାଥୀ କରିନିଏ, ତେବେ ସେଇ ସାଧନାଟି ଦିବ୍ୟଜନନୀ ହିଁ ସାଧକର ଅନ୍ତରରେ ରହି କରନ୍ତି । ବ୍ୟକ୍ତି ସଚେତନ, ସକ୍ରିୟ ଓ ସାନନ୍ଦ ସହଯୋଗ କରି ପାରିଲେ ପଥ ସୁଗମ ଓ ତ୍ୱରାନ୍ୱିତ ହୁଏ । ଗୋଟିଏ ଜୀବନରେ ବହୁ ଜୀବନର ସାଧନା ସମ୍ପନ୍ନ ହୋଇପାରେ ।

...ଭାରତୀୟ ଦର୍ଶନରେ ମୁକ୍ତିର ତିନୋଟି ପର୍ଯ୍ୟାୟ ବର୍ଣ୍ଣିତ ହୋଇଛି । ଏଥିରୁ ଗୋଟିକୁ ପ୍ରାଧାନ୍ୟ ଦେଇ ଅନ୍ୟ ଦୁଇଟିକୁ ପଶ୍ଚାତରେ ରଖାଯାଏ । ଯେଉଁମାନେ ସାଯୁଜ୍ୟ ମୁକ୍ତି ଚାହାନ୍ତି ଅବା ଗୁଣାତୀତ ବ୍ରହ୍ମ ସହିତ ପୂର୍ଣ୍ଣ ତାଦାତ୍ମ୍ୟ ଚାହାନ୍ତି, ସେମାନେ ଜ୍ଞାନର ସିଧାସଳଖ ପଥ ଅନୁସରଣ କରନ୍ତି ମନକୁ ସେମାନଙ୍କର ମାଧ୍ୟମ କରି । ଆଉ ଯେଉଁମାନେ ଭଗବାନଙ୍କର ସାମୀପ୍ୟ ବା ସାଲୋକ୍ୟ ମୁକ୍ତି ଚାହାନ୍ତି, ସେମାନେ ପ୍ରେମ ଭକ୍ତିର ଡୋରରେ ଭଗବାନଙ୍କ ସହ ଯୁକ୍ତ ହୁଅନ୍ତି ଏବଂ ସେ ମିଳନକୁ ଅବିଚ୍ଛେଦ୍ୟ ଚିର-ମିଳନର ପର୍ଯ୍ୟାୟକୁ ଉଠାଇ ନେବାକୁ ଯତ୍ନବାନ୍ ହୁଅନ୍ତି ନିଜର ଉପାସ୍ୟ ପ୍ରେମିକଙ୍କ ପ୍ରତି ନିବିଷ୍ଟ ଚିତ୍ତ ହୋଇ । ଆଉ ଯେଉଁମାନେ ଭଗବାନଙ୍କ ସହ ଏକ ହୋଇ ଯିବାକୁ ଚାହାନ୍ତି ତାଙ୍କର ଧର୍ମରେ ଓ ପ୍ରକୃତିରେ, ଶକ୍ତିରେ ସେମାନେ ନିଜର ଇଚ୍ଛାକୁ, ନିଜର ନିମ୍ନ-ପ୍ରକୃତିକୁ, ନିଜର ସ୍ୱଭାବ-ସ୍ୱଧର୍ମକୁ ଭାଗବତ ଧର୍ମରେ, ଭାଗବତ ପ୍ରକୃତିରେ ରୂପାନ୍ତରିତ କରିବାକୁ ସଚେତନ ପ୍ରଯତ୍ନ କରନ୍ତି । ସେମାନେ ସାରୂପ୍ୟ ଓ ସାଧର୍ମ୍ୟ ମୁକ୍ତିର ସାଧନା କରନ୍ତି । ପ୍ରତିଟି ମାର୍ଗ ସ୍ୱତନ୍ତ୍ର ହେଲେ ମଧ୍ୟ ପରସ୍ପର ମୁଖାପେକ୍ଷୀ । କାରଣ ମନୁଷ୍ୟର ସତ୍ତା ଏତେ ସରଳ, ଏକମୁଖୀ ନୁହେଁ — ତାହା ସାମଗ୍ରିକ । ତେଣୁ ପୂର୍ଣ୍ଣମିଳନ ପାଇଁ ତାକୁ ସକଳ ଦିଗରୁ ସଚେତନ ଭାବେ ନିଜ ସତ୍ତାକୁ ଯେପରି ଅତିକ୍ରାନ୍ତ କରିବାକୁ ହୁଏ, ଠିକ୍ ସେଇଭଳି ପରିପୂର୍ଣ୍ଣ କରିବାକୁ ବି ହୁଏ । ଭଗବାନଙ୍କ ସହିତ ସକ୍ରିୟ ଏଇ ମିଳନ ଓ ଅପରା ପ୍ରକୃତିରୁ ଊର୍ଦ୍ଧ୍ୱକୁ ଉଠି ପୂର୍ଣ୍ଣ ମୁକ୍ତି ପାଇଁ ଏଇ ତିନୋଟିଯାକର ପ୍ରକ୍ରିୟାକୁ ଓତପ୍ରୋତ ଭାବରେ ଏକୀକରଣ କରିବାକୁ ପଡ଼େ ।

ଉପନିଷଦ୍‌ରେ ବ୍ରହ୍ମ ବା ପରମାତ୍ମାଙ୍କର ବର୍ଣ୍ଣନା ରହିଛି ଚତୁର୍ମୁଖୀ ସମତା ସ୍ୱରୂପ — ଜାଗ୍ରତ୍‌ପାଦ ଅର୍ଥାତ୍ ବ୍ରହ୍ମଙ୍କର ଜାଗ୍ରତ୍ ଅବସ୍ଥାର ସମତା; ତା'ପରେ ସ୍ୱପ୍ନପାଦର ସମତା ଅର୍ଥାତ୍ ସଚେତନ ସ୍ଥିତିର ପୂର୍ବାବସ୍ଥାର ସମତା; ତତ୍‌ପରେ ସୁଷୁପ୍ତିପାଦର ସମତା ଅର୍ଥାତ୍ ଆନନ୍ଦମୟ ସୃଜନଶୀଳ ବ୍ରହ୍ମଙ୍କର ସମତା; ପରବର୍ତ୍ତୀ ଚତୁର୍ଥଟି ବ୍ରହ୍ମଙ୍କର ତୁରୀୟସ୍ଥିତି ଅର୍ଥାତ୍ ଅଚିନ୍ତ୍ୟ ଲୋକାତୀତ, ପରମସତ୍ୟର ସମତା । ବ୍ରହ୍ମଙ୍କର ଅପର ତିନୋଟି ସମତାର ପୂର୍ଣ୍ଣତାକୁ ପଶ୍ଚାତକୁ ଠେଲି ଦେଇ ମାୟା ବୋଲି କେବଳ ତୁରୀୟ ଅର୍ଥାତ୍ ନିର୍ବାଣ ବା ମୋକ୍ଷରେ ବ୍ରହ୍ମଙ୍କ ସହ ମିଳାଇ ଯିବାକୁ ବ୍ରହ୍ମଙ୍କର ପୂର୍ଣ୍ଣ ସମତା ରୂପେ ମାନ୍ୟ କରାଯାଉଥିଲା । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ହିଁ ଏଇ ତିନୋଟି ପୂର୍ଣ୍ଣତାକୁ ନିଜ ଠାରେ ସ୍ଥାନ ଦିଏ ଅବା ଆମେ କହିବା ଯେ ଏଇ ତୁରୀୟ ସତ୍ତାରେ ହିଁ ଅପର ତିନୋଟି ସତ୍ତାର ପ୍ରତିଷ୍ଠା । ପୂର୍ଣ୍ଣଯୋଗ ଏଇ ଚତୁର୍ମୁଖୀ ସର୍ବାଙ୍ଗୀନ ବ୍ରହ୍ମଙ୍କର ସାଯୁଜ୍ୟ, ସାମୀପ୍ୟ ଓ ସାଧର୍ମ୍ୟ ମିଳନର କଥାରେ ବିଶ୍ୱାସ ସ୍ଥାପନ କରେ ।

ଭାରତୀୟ ଦର୍ଶନ ଅନୁଯାୟୀ ଆତ୍ମା ଏକାଦିକ୍ରମେ ପାଞ୍ଚଗୋଟି ସ୍ତରରେ ଅଧିଷ୍ଠିତ ଯାହାକୁ 'କୋଷ' ବୋଲି କୁହାଯାଏ । ଉପରେ ରହିଛି ଆତ୍ମାର ଦୁଇଟି କୋଷ, ଆନନ୍ଦମୟ ଓ ବିଜ୍ଞାନମୟ କୋଷ; ପରବର୍ତ୍ତୀ ତିନିଗୋଟି କୋଷ ମନ, ପ୍ରାଣ ଓ ଶରୀରକୁ କେନ୍ଦ୍ର କରି ମନୋମୟ, ପ୍ରାଣମୟ ଓ ଅନ୍ନମୟ କୋଷ । ନିମ୍ନର ଅର୍ଥାତ୍ ଅପରାର୍ଦ୍ଧର କୋଷର ଅଧିଷ୍ଠାତାକୁ ଅର୍ଥାତ୍ ସତ୍ତାକୁ ମନୋମୟ ପୁରୁଷ, ପ୍ରାଣମୟ ପୁରୁଷ ଓ ଅନ୍ନମୟ ପୁରୁଷ ଯେପରି କୁହାଯାଏ, ସେଇପରି ପରାର୍ଦ୍ଧର ଅଧିଷ୍ଠାତାମାନଙ୍କୁ ଅର୍ଥାତ୍ ସତ୍ତାକୁ ବିଜ୍ଞାନମୟ ପୁରୁଷ ଓ ଆନନ୍ଦମୟ ପୁରୁଷ କୁହାଯାଏ । ବେଦରେ ବ୍ରହ୍ମ ବା ପରମାତ୍ମାଙ୍କର ଏହି ପଞ୍ଚବିଧ ପ୍ରକାଶ ସ୍ଥାନରେ ସପ୍ତବିଧ ପ୍ରକାଶ ଓ ସେଗୁଡ଼ିକର ସତ୍ତାଙ୍କୁ ସପ୍ତବିଧ ପୁରୁଷ ବୋଲି ବି କୁହାଯାଇଛି । ପ୍ରତ୍ୟେକ ପୁରୁଷ ଚାହାନ୍ତି ତାଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି । ପୁରାତନ ଯୋଗ ସମୂହରେ ନିମ୍ନର ଅର୍ଥାତ୍ ଅପରାର୍ଦ୍ଧର ତିନିଗୋଟି ପୁରୁଷଙ୍କର ଅଭିବ୍ୟକ୍ତିକୁ ଦବାଇ ରଖି ଉପର ସ୍ତରକୁ ଉନ୍ନୀତ ହେବା ଓ ସେଗୁଡ଼ିକର ଅଭିବ୍ୟକ୍ତିକୁ ମୁଖ୍ୟ ସ୍ଥାନ ଦେବାର କଥା ରହିଛି । ସୁତରାଂ ନିମ୍ନସ୍ଥ ତିନୋଟି ସ୍ତରର କୌଣସି ସାର୍ଥକତାକୁ ମାନ୍ୟତା ଦିଆଯାଉ ନ ଥିଲା । ଏହାର ଆହୁରି ଏକ କାରଣ ଥିଲା — ପ୍ରକୃତିର ଏଇସବୁ ଅବସ୍ଥାନର ରୂପାନ୍ତର ସମ୍ଭବ ନ ଥିଲା । ଊର୍ଦ୍ଧ୍ୱତନ ସତ୍ତାକୁ ବିକଶିତ କରି ନେଇ ସବୁଥିରୁ ବିବିକ୍ତ ହୋଇ ପରମ ନିର୍ଗୁଣରେ ସିଧାସଳଖ ପହଞ୍ଚିଯିବା ବା ସର୍ବଗୁଣମୟ ପରମପୁରୁଷଙ୍କର ସେବକ ଭକ୍ତ ହୋଇ ସେଇ ଲୋକରେ ଅବସ୍ଥାନ କରିବାକୁ ହିଁ ଶ୍ରେଷ୍ଠ ସାଧନ ମନେ କରାଯାଉଥିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପରମାତ୍ମାଙ୍କର ଆତ୍ମ-ଅଭିବ୍ୟକ୍ତି ନିମ୍ନତର ଲୋକରେ ବି

ସମ୍ଭବ – ଏଇ କାର୍ଯ୍ୟଟିକୁ ସମ୍ପନ୍ନ କରିବା ହେଉଛି ମାନବସତ୍ତାର ଏକାଦିକ୍ରମେ ପୂର୍ଣ୍ଣତା ସାଧନ ଓ ଚରିତାର୍ଥତା ।

...ଏଇ ପୂର୍ଣ୍ଣଯୋଗର ଦାର୍ଶନିକ ଭିତ୍ତିର ଅନ୍ୟତମ ପ୍ରଧାନ ସୂତ୍ର ହେଉଛି ଈଶ୍ୱର, ମନୁଷ୍ୟ ଓ ଜଗତ୍-ପ୍ରକୃତି ମଧ୍ୟରେ ବିଦ୍ୟମାନ ଅବିଚ୍ଛେଦ୍ୟ ଏକତାର ଅନୁଭବ, ପୁଣି ସତ୍ତା (being) ଓ ସମ୍ଭୂତିର (becoming) ଭିତରେ ରହିଥିବା ଅବିଚ୍ଛେଦ୍ୟ ସଂଯୋଗର ଅନୁଭବ । ଆଗେ ଯେଉଁ ସାଧନା, ଯଥା-ସମ୍ଭୂତିର ପାଶକୁ ଏକେବାରେ ଛିନ୍ନ କରି ଅନିର୍ବଚନୀୟ ନିଃସୀମ ଅସମ୍ଭୂତି ଭିତରେ ପ୍ରବେଶ କରିବା – ସେ ସାଧନା ଏକପାଖିଆ, ଯେହେତୁ ସେ ସାଧନା ଆଧ୍ୟାତ୍ମିକ ସତ୍ୟକୁ ଓ ତାତ୍ପର୍ଯ୍ୟକୁ ମନୁଷ୍ୟ ଓ ପ୍ରକୃତିର ନିକଟକୁ ନେଇ ଆସିବାକୁ କିଂବା ମନୁଷ୍ୟ ତଥା ଜଗତକୁ ସେଇ ଘେର ମଧ୍ୟକୁ ନେଇ ଯିବାକୁ ଏକାନ୍ତ ଅରାଜି । ସୁତରାଂ ଯେଉଁ ପୂର୍ଣ୍ଣତାବାଦୀ ଦର୍ଶନ ଗୋଟାଏ ଦିଗରେ ଯେପରି ସତ୍ତାକୁ ସ୍ୱୀକାର କରିପାରେ ପୂର୍ଣ୍ଣ ବୋଲି, ସେଇପରି ସମ୍ଭୂତିକୁ ବି ସେଇ ସତ୍ତାର ଅଭିବ୍ୟକ୍ତି ରୂପେ ସ୍ୱୀକାର କରି ତାହାର ପୂର୍ଣ୍ଣତା ସାଧନରେ ବ୍ରତୀ – ତାହାକୁ ହିଁ ପୂର୍ଣ୍ଣଯୋଗର ସାଧକ ବରଣ କରିବ; କାହିଁକି ନା ସତ୍ତା ଯଦି ସତ୍ୟ ହୁଏ, ତେବେ ସମ୍ଭୂତି (ଯଦିବା ପରିବର୍ତ୍ତନଶୀଳ) ମଧ୍ୟ ସେଇଭଳି ସତ୍ୟ । ଦର୍ଶନରେ, ଚେତନାରେ ସତ୍ୟକୁ ଯେପରି ସାଧକ ଗ୍ରହଣ କରେ; ଜୀବନରେ, ପ୍ରକୃତିରେ ତାହାକୁ ନିର୍ବାହ କରିବାକୁ ତା'ର ସାଧନା ରୂପେ ବରଣ କରେ ।

ସ୍ୱର୍ଗରେ, ପରମଧାମରେ ଭଗବାନ୍ ଯେପରି ଚରମ ପୂର୍ଣ୍ଣତାରେ ଆସୀନ ସ୍ୱ-ମହିମାରେ; ପୃଥିବୀରେ ରହି ମଧ୍ୟ ସେଇ ପୂର୍ଣ୍ଣତା ଲାଭ କରିବା, ଭଗବାନଙ୍କ ସହ ଏକାତ୍ମ ହେବା, କେବଳ ତାଙ୍କର ସତ୍ତାରେ ମିଳନ ନୁହେଁ, ତତ୍ ସହ ପ୍ରକୃତିରେ ବି ସେଇ ମିଳନ; ଏଇ ଧରାପୃଷ୍ଠରେ ତାଙ୍କର ଇଚ୍ଛାକୁ ସାର୍ଥକ କରିବା ହିଁ ପୂର୍ଣ୍ଣଯୋଗ ଏବଂ ସର୍ବ ମଧ୍ୟରେ ବ୍ରହ୍ମଙ୍କର ନିବାସ, ବ୍ରହ୍ମଙ୍କ ମଧ୍ୟରେ ସର୍ବଜୀବ-ଜଗତର ନିବାସ ଏବଂ ସବୁକିଛି ହିଁ ବ୍ରହ୍ମ – ସକ୍ରିୟ ଜୀବନରେ ଉପନିଷଦ୍‌ର ଏଇ ସତ୍ୟତ୍ରୟକୁ ଉପଲବ୍ଧି କରିବା ହିଁ ହେଉଛି ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ । ପୂର୍ଣ୍ଣ ପରମ ସତ୍ୟକୁ ଉପଲବ୍ଧି କରିବାର ପୂର୍ଣ୍ଣ ପଦ୍ଧତିର ଅନ୍ୟ ନାମ ପୂର୍ଣ୍ଣଯୋଗ ।

(ପୃଥ୍ୱୀନ୍ଦ୍ରନାଥଙ୍କର 'ସମସାମୟିକେର୍ ଚୋଖେ ଶ୍ରୀଅରବିନ୍ଦ' ଗ୍ରନ୍ଥରୁ ଅନୂଦିତ ।)

ଅନୁବାଦ : କୃଷ୍ଣାଦେବୀ ❖

ନିମ୍ନ ପ୍ରକୃତି ଓ ତା'ର ବାଧାବିଘ୍ନଗୁଡ଼ିକ ଉପରେ ଅତ୍ୟଧିକ ମନ ଦେବା ଏକ ଭୁଲ୍, ଏହା ହେଉଛି ସାଧନାର ନକାରାତ୍ମକ ପାର୍ଶ୍ୱ । ସେଗୁଡ଼ିକୁ ଦେଖି ପାରିବା ଓ ଶୁଦ୍ଧ କରିବା ନିଶ୍ଚୟ ଆବଶ୍ୟକ, କିନ୍ତୁ ସେଇଗୁଡ଼ିକ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ବୋଲି ମନେ କରି, କେବଳ ସେଥିରେ ମନୋନିବେଶ କରି ଲାଗି ରହିଲେ ତାହା ସହାୟକ ହୁଏ ନାହିଁ । ଅବତରଣର ସକାରାତ୍ମକ ଦିଗ ବା ପାର୍ଶ୍ୱଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ । ଯଦି ଜଣେ ସକାରାତ୍ମକ ଅନୁଭୂତିର ଜିନିଷଗୁଡ଼ିକୁ ଆବାହନ କରିବା ପୂର୍ବରୁ ତା'ର ନିମ୍ନ ପ୍ରକୃତି ସମଗ୍ର ଭାବରେ ଓ ସବୁଦିନ ପାଇଁ ଶୁଦ୍ଧ ହେବା ପାଇଁ ଅପେକ୍ଷା କରେ, ତା'ହେଲେ ତାହାକୁ ହୁଏତ ଚିରକାଳ ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ । ଏହା ସତ୍ୟ ଯେ ନିମ୍ନତର ପ୍ରକୃତି ଯେତେ ଅଧିକ ଶୁଦ୍ଧ ହୁଏ, ଉଚ୍ଚତର ପ୍ରକୃତିର ଅବତରଣ ସେତେ ଅଧିକ ସହଜ ହୁଏ, କିନ୍ତୁ ଏହା ମଧ୍ୟ ସତ୍ୟ ଓ ଅଧିକତର ସତ୍ୟ ଯେ ଉଚ୍ଚତର ପ୍ରକୃତି ଯେତେ ଅଧିକ ଅବତରଣ କରେ, ନିମ୍ନତର ପ୍ରକୃତି ସେତେ ଅଧିକ ଶୁଦ୍ଧ ହୁଏ । ନା ପୂର୍ଣ୍ଣ ଶୁଦ୍ଧି, ନା ସ୍ଥାୟୀ ବା ପୂର୍ଣ୍ଣ ଅଭିବ୍ୟକ୍ତି, କୌଣସିଟି ମଧ୍ୟ ହଠାତ୍, ତତ୍‌କ୍ଷଣାତ୍ ଭାବରେ ଆସେ ନାହିଁ; ଏଥିପାଇଁ ସମୟ ଓ ଧୈର୍ଯ୍ୟପୂର୍ଣ୍ଣ ଅଗ୍ରଗତି ପ୍ରୟୋଜନ । ଏହି ଦୁଇଟି ଜିନିଷ (ଶୁଦ୍ଧି ଓ ଅଭିବ୍ୟକ୍ତି) ପାଖାପାଖି ହୋଇ ଆଗେଇ ଚାଲନ୍ତି ଏବଂ ଗୋଟିଏ ଅନ୍ୟଟିର ହାତ ଧରି ଆଗେଇବାର ଖେଳାରେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇ ଉଠୁଥା'ନ୍ତି । ଏହାହିଁ ସାଧନାର ସାଧାରଣ ମାର୍ଗ ।

– ଶ୍ରୀଅରବିନ୍ଦ

# ବିଗତ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଶ୍ରୀଅରବିନ୍ଦ

... ...ଆଲିପୁର ମୋକଦ୍ଦମାରେ ଶ୍ରୀଅରବିନ୍ଦ ଯେତେବେଳେ ନିର୍ଦୋଷରେ ଖଲାସ ହେଲେ ସେତେବେଳେ ଦୁଇଟି ସମ୍ବାଦପତ୍ରର ସମ୍ପାଦକୀୟରେ ପ୍ରକାଶ ପାଇଥିବା ଲେଖା ଦୁଇଟି ନିମ୍ନରେ ଦିଆ ଯାଉଛି । ଏହି ଉଦ୍ଧୃତାଂଶଗୁଡ଼ିକ ଲୋକମାନଙ୍କ ହୃଦୟରେ ଶ୍ରୀଅରବିନ୍ଦଙ୍କ ପ୍ରତି ଯେଉଁ ଅସାଧାରଣ, ଅତୁଳନୀୟ ଶ୍ରଦ୍ଧା ଜାଗ୍ରତ୍ ହୋଇଥିଲା ତା'ର କିଛି ସୂଚନା ଦିଏ । ଡକ୍ଟର ପଟ୍ଟାଭିସୀତାରାମାୟା ତାଙ୍କର ''ଭାରତୀୟ ଜାତୀୟ କଂଗ୍ରେସର ଇତିହାସ''ରେ ଲେଖିଲେ, ''ଅରବିନ୍ଦ ସମଗ୍ର ଭାରତ ଆକାଶରେ ଉଜ୍ଜ୍ୱଳତମ ନକ୍ଷତ୍ର ହିସାବରେ ବର୍ଷ ବର୍ଷ ଧରି ନିଜର କିରଣ ପ୍ରଦାନ କରିଛନ୍ତି । ଜାତୀୟ ଶିକ୍ଷା ଆନ୍ଦୋଳନର ପ୍ରଥମାବସ୍ଥାରେ ସେଥିରେ ତାଙ୍କର ଯୋଗଦାନ ଏହାକୁ କରିଥିଲା ସମ୍ମାନଜନକ ଓ ଆକର୍ଷଣୀୟ... ଅରବିନ୍ଦଙ୍କର ପ୍ରତିଭା ଉଲ୍‌କା ସଦୃଶ ପ୍ରତିଭାତ ହୋଇଥିଲା । ଉଚ୍ଚ ଆକାଶରେ ଅଳ୍ପ କିଛିକାଳ ଲାଗି ସେ ଦେଖା ଦେଇଥିଲେ । ତାଙ୍କର ଆଲୋକର ପ୍ଲାବନରେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ସମଗ୍ର ଦେଶକୁ ସେ ପ୍ଲାବିତ କରିଥିଲେ ।''

''ଅରବିନ୍ଦ ! ଜନନୀର ଗୃହରେ ଓ ଭାଇଭଉଣୀଙ୍କ ଗୃହରେ ଉତ୍କଟ ଖାଦ୍ୟାଭାବ ଦେଖି ତୁମେ ସେହି ଘୃଣ୍ୟ ଜେଲର ଖାଦ୍ୟପାନୀୟକୁ ହସି ହସି ଗ୍ରହଣ କରି ନେଲ । ଜନନୀ, ଜନ୍ମଭୂମିର ଶରୀରରେ ଉପଯୁକ୍ତ ପୋଷାକର ଅଭାବ ଦେଖି ତୁମେ ନିଜ ଶରୀରକୁ ଆଚ୍ଛାଦନ କରିବା ପାଇଁ ବନ୍ଦିଶାଳାର ଛିନ୍ନ ବସ୍ତ୍ରକୁ ବାଛି ନେଲ । ତୁମର ପ୍ରିୟ ଜନନୀର କଥା କହିବାର ଅଧିକାର ନ ଥିବା ଦେଖି ତୁମେ ବି ନୀରବତାବ୍ରତ ଅବଲମ୍ବନ କଲ । ତୁମ ଭଳି କିଏ ମନ, ପ୍ରାଣ ଦେଇ ଜନନୀର ସେବା କରିଛି ? ହେ ଅରବିନ୍ଦ, ଆସ ! ପ୍ରାଣଠାରୁ ବଳି ହେ ଜନ୍ମଭୂମିର ସନ୍ତାନ, ଜନନୀର ଆଦର୍ଶ ସେବକ ଆସ, ଜନନୀ ତରଫରୁ ତୁମକୁ ସେବା କରିବାର ସୁଯୋଗ ଦିଅ । ଜେଲଖାନାର କଦର୍ଯ୍ୟ ଖାଦ୍ୟ ଖାଇଥିବା ହେ ଭକ୍ତ ସନ୍ତାନ ଆସ, ତୁମର ମୁଖ ନିକଟରେ ଜନନୀର ସର୍ବୋତ୍ତମ ଖାଦ୍ୟ ଆଜି ନିଜ ହାତରେ ଟେକି ଧରିବାର ସୁଯୋଗ ଦିଅ । ବନ୍ଦିଶାଳାର ଛିନ୍ନ ବସ୍ତ୍ର ପରିହିତ ହେ ଜ୍ଞାନୀଶ୍ରେଷ୍ଠ ଋଷି ଆସ, ତୁମର ସେହି ସ୍ୱର୍ଣ୍ଣମୟ ଅଙ୍ଗରେ ଜନନୀ ନିର୍ମିତ ମନୋହର ପୋଷାକ ମଣ୍ଡିତ କରି ଭାଇ ହିସାବରେ ଆମର କର୍ତ୍ତବ୍ୟ ପାଳନ କରିବାର ସୁଯୋଗ ଦିଅ । ତୁମେ ଯେ କି ବନ୍ଦିଶାଳାର ଶୃଙ୍ଖଳକୁ ଗୌରବାନ୍ୱିତ କରିଛ ଓ ମହାନ୍ ବୀରଭାବେ ସ୍ୱଦେଶୀର ସଂକଳ୍ପ ଗ୍ରହଣ କରିଛ; ତୁମରି ମସ୍ତକରେ, ଯାହା ଜନନୀ ଚରଣରେଣୁରେ ରଞ୍ଜିତ ସେଇ ମସ୍ତକରେ ଗୌରବୋଜ୍ଜ୍ୱଳ ମୁକୁଟ ସ୍ଥାପନ କରି ତାହାରି ଉପରେ ତେତ୍ରିଶ କୋଟି ଦେବତାଙ୍କର ଆଶିଷର ଧାରା ଝରିପଡୁ ବୋଲି ପ୍ରାର୍ଥନା କରୁ । ହେ ନୀରବ ଋଷି ଆସ, ତୁମକୁ ସ୍ୱାଗତ ଜଣାଇବାର ଏହି ଶୁଭ ମୁହୂର୍ତ୍ତରେ କୋଟି କୋଟି ଶଙ୍ଖଧ୍ୱନି ଓ କୋଟି କୋଟି କଣ୍ଠରୁ ତୁମରି ଯଶଗୀତି ଗାନରେ ଚତୁର୍ଦିଗ ସ୍ପନ୍ଦିତ କରିବାର ସୁଯୋଗ ଦିଅ । ନୂତନ ଦେଶପ୍ରେମୀ ଗୋଷ୍ଠୀର ଉନ୍ମୋଚନକାରୀ, ଋଷିପ୍ରତିମ, ସତ୍ୟଦ୍ରଷ୍ଟା ହେ ଅରବିନ୍ଦ ଆସ !

''ହେ ଦେବୋପମ ଅରବିନ୍ଦ, ହେ ଭାରତ ଜନନୀର ସନ୍ତାନ ଆସ । ଆସ, ଆସ ତୁମର କୋଟି କୋଟି ଭାଇ ଭଉଣୀ ସମ୍ମିଳିତ ହୋଇ ତୁମକୁ ଘରକୁ ପାଛୋଟି ଆଣିବାର ସୁଯୋଗ ଦିଅ ।''

(ଉପରୋକ୍ତ ଉଦ୍ଧୃତାଂଶଟି ୧୯୦୯ ମସିହା ମେ ୧୫ ତାରିଖ 'ବସୁମତି'ରୁ ଆସିଛି ।
ବଙ୍ଗଳାରୁ ଏହାର ଇଂରାଜୀ ଅନୁବାଦ
ତତ୍କାଳୀନ ଜଣେ ସରକାରୀ ଅଫିସରଙ୍କ ଦ୍ୱାରା ହୋଇଥିଲା ।
ଶ୍ରୀଅରବିନ୍ଦ-ଆକ୍‌ସନ୍, ୧୯୭୨, ମେ-ଜୁନ୍ ସଂଖ୍ୟାରୁ ସଂଗୃହୀତ) ❖

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଏଇ ଚିତ୍ରଟିକୁ ଦେଖ, ତା'ପରେ ସେଇଟିକୁ

**ବ୍ରିଟେନ**, କଲ୍ୟାଣମୟୀ ବ୍ରିଟେନ, ପାର୍ଲାମେଣ୍ଟଗୁଡ଼ିକର ଜନନୀ ବ୍ରିଟେନ, ସ୍ୱତନ୍ତ୍ରତାର ଅଗ୍ରଦୂତ ବ୍ରିଟେନ, କ୍ରୀତଦାସର ମୁକ୍ତିଦାତ୍ରୀ ସେଇ ବ୍ରିଟେନ, – ଏହା ଥିଲା ପବିତ୍ର ଆଉ କିଂବଦନ୍ତୀ ଉପରେ ଆଧାରିତ ଚରିତ୍ର ଯାହାକୁ ଆମ ଦୃଷ୍ଟି ପଥରେ ସର୍ବଦା ଧରି ରଖିବା ପାଇଁ ଆମେମାନେ ପ୍ରଶିକ୍ଷଣ ପାଇ ସାରିଛୁ ବାଲ୍ୟକାଳର ପ୍ରଥମ ଅବସ୍ଥାରୁ । ସେଇ କିଂବଦନ୍ତୀର ବର୍ଣ୍ଣାଢ଼୍ୟ ବୈଚିତ୍ର୍ୟ ଭିତର ଦେଇ ସମ୍ପୂର୍ଣ୍ଣ ରୂପେ ଆମର ମାନସପଟ ଯେ ରଞ୍ଜିତ ହୋଇ ଉଠିଛି, ବ୍ରିଟେନର ନ୍ୟାୟପରାୟଣତା ଓ ବଦାନ୍ୟତା ପ୍ରତି ଆମେ ଯେଉଁ ବିଶ୍ୱାସ ପୋଷଣ କରି ଆସିଥିଲୁ ତାହା ଥିଲା ଅଧିକ ଅବ୍ୟକ୍ତ ଭାବ ପରିପୂର୍ଣ୍ଣ, ବିଶେଷତଃ ତାହା ଥିଲା ଆମ ସତ୍ତାର ଅଧିକ ଅଂଶ ବିଶେଷ; ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଖ୍ରୀଷ୍ଟିୟାନର କିଂବା ପୈଗମ୍ବର (Prophet)ଙ୍କ ପ୍ରତି ମୁସଲମାନର ବିଶ୍ୱାସ ଅପେକ୍ଷା ଅଧିକ । ସରକାରୀ କର୍ମଚାରୀମାନେ ଅତ୍ୟାଚାରୀ ହୋଇଥାଇ ପାରନ୍ତି, ରାଜ ପ୍ରତିନିଧି, ରାଜ୍ୟର ସଚିବଙ୍କ ଅନ୍ତର ପଥର ହୋଇଯାଇ ପାରେ, ପାର୍ଲାମେଣ୍ଟ ଉଦାସୀନ ହୋଇପାରେ, ବ୍ରିଟିଶ ଜନସାଧାରଣ ଲଗାମଛଡ଼ା ହୋଇ ପାରନ୍ତି, କିନ୍ତୁ ଆମର ବିଶ୍ୱାସ ଟଳମଳ ହେବାର ନ ଥିଲା । ଯଦି ଆଙ୍ଗ୍ଲୋଭାରତ ନିର୍ଦୟ ହୋଇ ପଡ଼ିଲା, ଆମେ ଖୋଦ୍ ଭାରତବର୍ଷରେ ବ୍ରିଟିଶ ଲୋକଙ୍କ ପାଖରେ ନେହୁରା ହେଲୁ । ଯଦି ବ୍ରିଟିଶ ଲୋକେ ଆମକୁ ନିରାଶ କଲେ, ଆମେ କହୁଥିଲୁ ତା'ର କାରଣ ହେଉଛି ରକ୍ଷଣଶୀଳମାନେ କ୍ଷମତାରେ ଆସୀନ ଥିଲେ । ଯଦିଓ ଉଦାରବାଦୀ ସଚିବ (Liberal Secretary) ଜଣକ ନିଜକୁ କିଛି କମ୍ ପରିମାଣରେ କଠୋର ନୁହଁନ୍ତି ବୋଲି ଦେଖାଉ ଥିଲେ, ଆମେ ଏଇଟା ତାଙ୍କର ବ୍ୟକ୍ତିଗତ ଦୁର୍ବଳତା ବୋଲି ଭର୍ତ୍ସନା କରିଥିଲୁ ଆଉ ଦୃଢ଼ ବିଶ୍ୱାସର ସହିତ ପ୍ରତୀକ୍ଷା କରି ରହିଥିଲୁଏକ ଉଦାରବାଦୀ ସରକାରଠାରୁ ନ୍ୟାୟ ପାଇବା ଆଶାରେ ଯେଉଁଥିରେ ତାଙ୍କର ଆଦୌ କୌଣସି ଭୂମିକା ରହିବା ଉଚିତ ନୁହେଁ । ଉଗ୍ର-ସୁଧାରବାଦୀ (Radical) ସଚିବମାନଙ୍କ ଭିତରେ ସବୁଠୁ ଉଗ୍ର-ସୁଧାରବାଦୀ ଜଣକ ଯଦି ଆମକୁ ପୁରୁଷାନୁକ୍ରମିକ ଏବଂ ନିରଙ୍କୁଶ କ୍ଷମତା ସମ୍ପନ୍ନ ପ୍ରଶାସନ ପାଖରେ ଯୁଗ ଯୁଗ ବ୍ୟାପୀ ପରାଧୀନତାର ଶାସ୍ତିକୁ ଭୋଗିବାକୁ ଛାଡ଼ି ଦେଲେ ସେତେବେଳେ ଆମେ ଜନସାଧାରଣଙ୍କୁ କାନେ କାନେ କହିଥିଲୁ, "ଅପେକ୍ଷା କର, ଅପେକ୍ଷା କର, ବ୍ରିଟେନ ଯାହାକୁ କହନ୍ତି ପ୍ରକୃତ ବ୍ରିଟେନ, ଉଦାରଚେତା, ମଙ୍ଗଳମୟୀ, ସ୍ୱତନ୍ତ୍ରତା ପ୍ରେମୀ, ସ୍ୱତନ୍ତ୍ରତା ପ୍ରଦାୟିନୀ, ସେ ଶୋଇ ଯାଇଛି କେବଳ; ପୁଣି ସେ ଜାଗି ଉଠିବ ଆଉ ଆମେମାନେ ଦେଖିବାକୁ ପାଇବୁ ତା'ର ଦେବଦୁର୍ଲଭ ଓ ରୂପାନ୍ତରିତ ସୁଷମାକୁ" । ଆମେ ଯେଉଁ ବ୍ରିଟେନ ଉପରେ ଭରସା କରି ଚାଲିଥିଲୁ ସେ ଯଥାର୍ଥରେ କେଉଁଠି ଅଛି ବୋଲି କେହି କହି ପାରିଲେ ନାହିଁ, କିନ୍ତୁ ଆମ ବିଶ୍ୱାସକୁ ଆମେ ଛାଡ଼ି ପାରିବୁନି (*Credo quia impossible*); – ମୋର ବିଶ୍ୱାସ, ଯେହେତୁ ଏଇ ଭରସାଟିକୁ ତ୍ୟାଗ କରିବା ଅସମ୍ଭବ, ଏହା ଆମର ରାଜନୈତିକ ସିଦ୍ଧାନ୍ତରେ ପରିଣତ ହୋଇ ସାରିଲାଣି । ଅନ୍ୟାନ୍ୟ ଦେଶଗୁଡ଼ିକ ହୋଇଥାଇ ପାରନ୍ତି ସ୍ୱାର୍ଥପର, ହିଂସ୍ର, ଲୋଲୁପୀ, ଅତ୍ୟାଚାରୀ, ଅନ୍ୟାୟରେ ଭରା; ଅନ୍ୟାନ୍ୟ ଦେଶମାନଙ୍କରେ ରାଜନୀତି ହୋଇଥାଇ ପାରେ ବିବଦମାନ ନାନାବିଧ ସ୍ୱାର୍ଥର, ପରସ୍ପର ସଂଘର୍ଷରତ ଶକ୍ତିମାନଙ୍କର ଗୋଟିଏ ନିରବଚ୍ଛିନ୍ନ ପୁନର୍ବିନ୍ୟାସ । କିନ୍ତୁ ବ୍ରିଟେନ ଆମ ସ୍ୱପ୍ନର ବ୍ରିଟେନ କେବଳ ପରିଚାଳିତ ହେଉଥିଲା ସତ୍ୟ, ନ୍ୟାୟ, ବିଚାରବୁଦ୍ଧିର ଆଲୋକରେ; ଉର୍ଦ୍ଧାୟମାନ ଆଦର୍ଶ ସମୂହ, ମହତ୍ ଉଦ୍ଦୀପନା, ଉଦାରଚେତା ପ୍ରବୃତ୍ତି ଏଗୁଡ଼ିକ ଥିଲା ତା'ର କର୍ମଧାରାର ଏକାନ୍ତ ମାର୍ଗ ପ୍ରଦର୍ଶକ, – ଏ ସମସ୍ତ ସମୁଜ୍ଜ୍ୱଳ ନୈତିକ ଉନ୍ମାଦନାର ଭାସ୍ୱରିମା ବଳରେ ସେ ତା'ର ଶକ୍ତିଶାଳୀ ପଦକ୍ଷେପଗୁଡ଼ିକୁ ପଥ ଦେଖେଇ ଚାଲିଥିଲା ତା'ର ପ୍ରଶସ୍ତିଗାନ ଓ ଉପାସନାରେ ମୁଖରିତ ବିଶ୍ୱ ଭିତର ଦେଇ । ଏହା ହିଁ ଥିଲା ସ୍ୱପ୍ନ; ଆଉ ଆମମାନଙ୍କର ନାନା କଳ୍ପନାଜଳ୍ପନା ଭିତରେ ଏକଥା ଏମିତି ଗଭୀର ଭାବେ ବସା ବାନ୍ଧି ଯାଇଥିଲା ଯେ ଖାଲି ତଥାକଥିତ ଅନୁଗତବାଦୀଗଣ (Loyalists) ନରମପନ୍ଥୀ ଚିନ୍ତାଧାରାର ମଣିଷମାନେ ନୁହଁ, କିନ୍ତୁ ଆହୁରି ମଧ୍ୟ ଏମିତି ଅନେକ ପ୍ରଖ୍ୟାତ ଜାତୀୟବାଦୀମାନେ ମଧ୍ୟ, ଅର୍ଥାତ୍ ସେଇ ମାର୍କାମରା ଚରମପନ୍ଥୀମାନେ ଏହାର ପ୍ରଭାବକୁ ମୋଟାମୋଟି ଟାଳି ପାରିଲେ ନାହିଁ । କେବଳ ଏବେ ନିକଟରେ

ରାଜମନ୍ଦ୍ରୀ (Rajmundri)ଠାରେ ଶ୍ରୀଯୁକ୍ତ ବିପିନ୍ ଚନ୍ଦ୍ର ପାଲ୍ ଶ୍ରୋତାମାନଙ୍କୁ କହିଥିଲେ ଯେ ଶାନ୍ତିପୂର୍ଣ୍ଣ ପ୍ରତିରୋଧ ଦ୍ୱାରା ପ୍ରଶାସନକୁ ଆମେ ଅଚଳ କରିବା ପାଇଁ ଉଦ୍ୟମ କଲେ ବ୍ରିଟିଶ ସରକାର ଆମକୁ ତଳିତଳାନ୍ତ କରି ଦେବେ ବୋଲି ଯେଉଁମାନେ ଭାବୁଛନ୍ତି ସେମାନେ ବ୍ରିଟିଶ ଚରିତ୍ର ଓ ବ୍ରିଟିଶ ସଭ୍ୟତା ସମ୍ବନ୍ଧରେ ଅତ୍ୟନ୍ତ ନିମ୍ନ ଧରଣର ମନ୍ତବ୍ୟକୁ ପୋଷଣ କରୁଛନ୍ତି । ଶ୍ରୀଯୁକ୍ତ ବିପିନ୍ ଚନ୍ଦ୍ର ପାଲ୍ ଦାକ୍ଷିଣାତ୍ୟରେ ଥାଇ ପୂର୍ବବଙ୍ଗ ଓ ପଞ୍ଜାବରେ ଶାସକୀୟ ଅରାଜକତାର ଅନିୟନ୍ତ୍ରିତ ସ୍ଥିତିକୁ ଲକ୍ଷ୍ୟ କରି ବ୍ରିଟିଶର ଉନ୍ନତ ମାନସିକତାସମ୍ପନ୍ନ ସହନଶୀଳ ସାମର୍ଥ୍ୟ ପ୍ରତି ରହିଥିବା ତାଙ୍କ ଆସ୍ଥାକୁ ବିଶେଷ ପରିମାଣରେ ସୁଧାରି ସାରିଥିବେ ବୋଲି ଆମେ ଅନୁମାନ କରୁଛୁ । ଯଦିବା ବ୍ରିଟିଶ ଚରିତ୍ର ଓ ସଭ୍ୟତା ସମ୍ପର୍କରେ ଆମମାନଙ୍କର ନିଜର ଦୃଷ୍ଟିଭଙ୍ଗୀ ରହିଥିଲା, ଚରମ, ହିଂସ୍ର ଏବଂ ସ୍ୱେଚ୍ଛାଚାରୀ ପଦକ୍ଷେପମାନ ଏଡ଼ି ଯିବାକୁ ବ୍ରିଟିଶ ପ୍ରଶାସନ ତା'ର ସୁନାମ ଦୃଷ୍ଟିରୁ ଯଥେଷ୍ଟ କୋମଳ ମନୋଭାବ ପୋଷଣ କରିବାଟା ସମ୍ଭବ କି ଅସମ୍ଭବ ଏକଥା ଚିନ୍ତା କରିବା ପାଇଁ ଆମେ ନିଜ ନିଜ ଉପରେ ଛାଡ଼ି ଦେଉଛୁ ।

ତାହା ହିଁ ଥିଲା ସ୍ୱପ୍ନ । ଯେଉଁ ବାସ୍ତବତା ପ୍ରତି ଆମେ ସଜାଗ ହୋଇ ଉଠିଛୁ ତାହା ହେଲା ରାଓଲପିଣ୍ଡି ଓ ଜମାଲପୁର । ପଞ୍ଜାବରେ ଯେଉଁ ଘଟଣାମାନ ଘଟିଗଲା ଅମଲାତାନ୍ତ୍ରିକ ଶାସନର ସ୍ୱରୂପ ସମ୍ପର୍କରେ ତାହା ଏକ ଉପଦେଶାତ୍ମକ ଶିକ୍ଷା । ବିଦ୍ରୋହ ପରଠାରୁ ପଞ୍ଜାବ ଏକ ଶାନ୍ତ, ଅନୁଗତ ଏବଂ ସହନଶୀଳ ପ୍ରଦେଶ ହୋଇ ଯାଇଛି; ଯାହାକିଛି ବୋଝସବୁ ଏହା ଉପରେ ନ୍ୟସ୍ତ କରା ହୋଇଛି, ଏହାର ଜନସାଧାରଣ ସେ ବୋଝକୁ ବହନ କରିଛନ୍ତି ବିନା ଅଭିଯୋଗରେ । ଯାହା କିଛି ଅତ୍ୟାଚାର ବଜାୟ ରହିଥାଉ ପଛକେ ଏହା ସେମିତି କିଛି ହୋ ହଲ୍ଲା କିଂବା ବିକ୍ଷୋଭ ଉଦ୍ରେକ କଲାନି ଯାହାକୁ ଦେଖିବାକୁ ମିଳିବ ବଙ୍ଗଳାରେ ଯଦି ସେଠାରେ ସାମାନ୍ୟ ସେଭଳି କିଛି କାର୍ଯ୍ୟ ହୁଏ । ଏଇ ବିଶ୍ୱସ୍ତ ଏବଂ ଶାନ୍ତ ଜନତା ପ୍ରତି ପ୍ରଶାସନ କିଭଳି ଆଚରଣ ପ୍ରଦର୍ଶନ କରିଛି ? ଆନୁଗତ୍ୟ ପ୍ରଦର୍ଶନ କରି ସେଇ ଲୋକଗୁଡ଼ିକ କିବା ଲାଭ ପାଇଲେ ଯେଉଁମାନେ ୧୮୫୭ରେ ବ୍ରିଟିଶ ସାମ୍ରାଜ୍ୟକୁ ବଞ୍ଚେଇ ଦେଲେ ? ଅସହଣୀୟ ଦାୟିତ୍ୱର ବୋଝ, ଅପମାନଜନକ ବ୍ୟବହାର, ନିର୍ମମ ଅତ୍ୟାଚାର । ଆଙ୍ଗ୍ଲୋ-ଭାରତୀୟର ଧ୍ୱନି ହେଲା ବିଶ୍ୱାସଘାତକ ବଙ୍ଗଳା ଅନୁଗତ ପଞ୍ଜାବ ଭିତରେ ରାଜଦ୍ରୋହର ଭୂତାଣୁକୁ ସଂକ୍ରମିତ କରିଛି । ନିଃସନ୍ଦେହରେ ଯେଉଁ ନୂତନ ଜାଗରଣ ଏକ ଦୁର୍ଦ୍ଧର୍ଷ ବହ୍ନିଶିଖା ସଦୃଶ ବଙ୍ଗଳାରୁ ଆରମ୍ଭ କରି ସମଗ୍ର ଭାରତବର୍ଷକୁ ଉଦ୍ଭାସିତ କରିଥିଲା, ତା'ର ଅନୁକୂଳ ଭିତ୍ତିକୁ ସେ ପାଇଛି ପଞ୍ଜାବରେ । କିନ୍ତୁ ବିନା କୌଣସି ଇନ୍ଧନରେ ଅଗ୍ନି ସଂଯୋଗ ହୁଏନା ଏବଂ ଯେଉଁଠି ଯେଉଁଠି ଅତ୍ୟନ୍ତ ବୈପ୍ଳବିକ ମନୋଭାବ ରହିଛି ସେଠାରେ ଅତ୍ୟାଚାରର ମାତ୍ରା ଅଧିକ ହୋଇଛି ବୋଲି ଆମକୁ ନିଶ୍ଚିତ ରୂପେ ଧରି ନେବାକୁ ହେବ । ପଞ୍ଜାବରେ ଜମି ସତ୍ତ୍ୱାଧିକାରୀଗଣ ଓ କୃଷକ ସମାଜ ଯେଉଁ ଅତ୍ୟାଚାର ଓ ଅନାଚାର କାର୍ଯ୍ୟଗୁଡ଼ିକ ଭିତରେ ପେଷି ହୋଇ କାତର ଧ୍ୱନି ତୋଳିଛନ୍ତି, ଜଳ କର, ଭୂ-ଆଇନ, ଔପନିବେଶିକ ଆଇନ ଦ୍ୱାରା ସେସବୁର ବୈଧିକରଣ ହୋଇଯିବା ଫଳରେ ତାହା ଏକ ଦୁର୍ବିଷହ ବୋଝର ଅନୁଭୂତିକୁ ସୃଷ୍ଟି କରିଥିଲା ଏବଂ ଯେତେବେଳେ ଅଳ୍ପ କିଛି ନିର୍ଭୀକ ଲୋକ ଆତ୍ମ ନିର୍ଭରଶୀଳତା (Self help)ର ବାର୍ତ୍ତା ଆଣି ଜନସାଧାରଣଙ୍କ ପାଖରେ ପହଞ୍ଚାଇଲେ ସେତେବେଳେ ସୁସମ୍ବାଦଟିଏ ମିଳିଲା; ଲୋକେ ନିଜ ହାତରେ ନିଜ ମୁକ୍ତିର ମୂଳଦୁଆ ସ୍ଥାପନ କଲେ, ପଞ୍ଜାବର ଅଧିବାସୀଗଣ ସେମାନଙ୍କର ପ୍ରାଚୀନ ଉଦ୍ଦୀପନାକୁ ଫେରି ପାଇଲେ ଏବଂ ବଦ୍ଧପରିକର ହୋଇଗଲେ ସ୍ପର୍ଦ୍ଧିତ ମଥାଟେକି ସଳଖି ଠିଆ ହେବାକୁ ନିଜ ପୌରୁଷର ବିକ୍ରମ ବଳରେ । ସେମାନେ କିଛି ହିଂସାତ୍ମକ କାର୍ଯ୍ୟ କଲେ ନାହିଁ; କୌଣସି ନିୟମ ଭଙ୍ଗ କଲେନି । ସରକାରଙ୍କ ନିକଟକୁ ସେମାନଙ୍କ ଅଭାବ ଅଭିଯୋଗର ଏକ ବିବରଣ ପଠେଇବାରେ ଏବଂ କେନାଲ ଜଳର ବିନିଯୋଗରୁ ନିବୃତ୍ତ ରଖିବାରେ ସେମାନେ ନିଜକୁ ଆବଦ୍ଧ କରି ରଖିଲେ ଯେମିତିକି ପ୍ରଶାସନ ଅନ୍ୟାୟରେ ଧାର୍ଯ୍ୟ ଟିକସରୁ ଫାଇଦା ଉଠେଇ ପାରିବ ନାହିଁ । ଭାରତରେ ଶାସକବର୍ଗ ଭଲ ରୂପେ ଜାଣିଛନ୍ତି ଯେ ଯଦି ଶାନ୍ତିପୂର୍ଣ୍ଣ ପ୍ରତିରୋଧ ପାଇଁ ମଉକା ଦିଆଯାଏ ତା'ହେଲେ ଶାସନତାନ୍ତ୍ରିକ ଏକଛତ୍ରବାଦର କୃତ୍ରିମ ଛାଞ୍ଚଟି ଝଡ଼ି ପଡ଼ିବ ଠିକ୍ ଜେରିକୋ (Jericho) ପ୍ରାଚୀର ପରି ସାମାନ୍ୟ ମାତ୍ର ଶବ୍ଦ ସୃଷ୍ଟି ହେବା ପୂର୍ବରୁ, ଗଣ ବିପ୍ଳବର ସାମାନ୍ୟମାତ୍ର ଫୁତ୍କାରରେ । ପରିସ୍ଥିତିକୁ ସମ୍ଭାଳିବା ପାଇଁ ଜନତାର କଣ୍ଠକୁ ରୁଦ୍ଧ କରି ନୀରବ କରି ଦେବାର ସେଇ ଗତାନୁଗତିକ ପନ୍ଥାର ସେମାନେ ଆଶ୍ରୟ ନେଲେ । ଗୋଟିଏ ତୁଚ୍ଛ ଘଟଣାକୁ ଆଳ କରି ସେମାନେ ଆଘାତ କଲେ 'ପଞ୍ଜାବୀ'କୁ । ତା'ର ଏକମାତ୍ର ଫଳସ୍ୱରୂପ ଜନସାଧାରଣଙ୍କର ଶାନ୍ତ ସମାହିତ କଠୋର ସଂକଳ୍ପରେ ଅନୁଭୂତ ହେଲା ପ୍ରଚଣ୍ଡ

କ୍ରୋଧର ପ୍ରଥମ ଝଲକ । ତା'ପରେ ପ୍ରଶାସନ ତୁରନ୍ତ ପ୍ରମୁଖ ବ୍ୟକ୍ତିମାନଙ୍କର ମଥାକୁ ଛେଦନ କରିବାକୁ ଦୃଢ଼ ନିଷ୍ପତ୍ତି ନେଲା – ଅତ୍ୟାଚାରୀ ଟାର୍କ୍ୱିନ୍ (Tarquin)ର ସେଇ ନୀତି, କୌଣସି ବିଚାର କିଂବା ରାଷ୍ଟ୍ରନୀତି ନୈପୁଣ୍ୟର ଧାର୍ ଧାରୁ ନ ଥିବା ବ୍ୟକ୍ତିମାନେ ଯାହାର ଆଶ୍ରା ନିଅନ୍ତି । ପଞ୍ଜାବର ଅଗ୍ରଣୀମାନଙ୍କ ମଧ୍ୟରେ ଲାଲା ହଂସରାଜ ନାମଧେୟ ଜଣେ ଅତ୍ୟନ୍ତ ସମ୍ମାନାସ୍ପଦ ଆଉ ଆଦରଣୀୟ ବ୍ୟକ୍ତିତ୍ୱ ନିଜ ଦେଶର ନୀରବ ଓ ନିଃସ୍ୱାର୍ଥପର ସେବା କାର୍ଯ୍ୟରେ ନିୟୋଜିତ ରହି ଯିଏ ପକ୍ୱକେଶ ପାଲଟି ଯାଇଥିଲେ; ଜାତୀୟବାଦୀ ବକ୍ତା ଅଜିତ ସିଂହ ଆଉ ଏମିତି ଅନେକ ଖ୍ୟାତନାମା ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ରହିଥିଲେ ଯେଉଁମାନଙ୍କୁ ସର୍ବସାଧାରଣଙ୍କ ସମ୍ମୁଖରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଜେଲଦଣ୍ଡର ଭୟ ପ୍ରଦର୍ଶନ କରାଯାଉଥିଲା ଠିକ୍ ଅପରାଧୀମାନଙ୍କ ପରି ଏବଂ ଗୋଟିଏ ତଦନ୍ତ ଆରମ୍ଭ ହୋଇଥିଲା ବଡ଼ ଆଡ଼ମ୍ବରରେ ଓ ଧୁମଧାମ ସହକାରେ । ତା'ପରେ ଏକ ଅସ୍ୱାଭାବିକ ଅଭୂତପୂର୍ବ ଘଟଣା ଘଟିଗଲା, ଯାହା ଆମେ ଭାବୁଛୁ ଅଧୁନା ଭାରତ ଇତିହାସରେ । ପ୍ରଥମଥର ପାଇଁ କାରଖାନାରେ ଆଉ ରାସ୍ତାରେ ଯାତାୟତ କରୁଥିବା ମଣିଷମାନେ ତେଜି ଉଠିଛନ୍ତି ବିଦ୍ରୋହ କରିବା ଲାଗି କେବଳ ରାଜନୈତିକ କାରଣ ପାଇଁ, ରାଜନୈତିକ ନେତୃବର୍ଗଙ୍କ ଉପରେ ଆକ୍ରମଣରୁ ସୃଷ୍ଟି ହୋଇଥିବା କ୍ରୋଧର ବଶବର୍ତ୍ତୀ ହୋଇ । ''ବାବୁ ଗୋଷ୍ଠୀ'' (Babu class) ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଯେଉଁ ତାରତମ୍ୟ ଆଣିବା ପାଇଁ ଆଙ୍ଗ୍ଲୋ-ଭାରତ ପ୍ରୟାସ କରି ଚାଲିଥିଲା ପଞ୍ଜାବରେ ତା'ର ଅସ୍ତିତ୍ୱ ଲୋପ ପାଇ ଯାଇଛି । ଏହି ବିପଦସୂଚକ ଆଶ୍ଚର୍ଯ୍ୟଜନକ ଘଟଣାରେ ବୋଧହୁଏ ଛାନିଆଁ ପଶିଯିବାରୁ ଅତି ତରବରରେ ପଞ୍ଜାବ ସରକାରଙ୍କୁ ଗାଦିଚ୍ୟୁତ ପରି କାର୍ଯ୍ୟାନୁଷ୍ଠାନର ଅନ୍ତର୍ଭୁକ୍ତ ହେବାକୁ ପଡ଼ିଲା । ପରିଣାମ ହେଲା ଏଇୟା ଆମକୁ ଏକ କଲ୍ୟାଣମୟୀ ଦେବୀ ତୁଲ୍ୟା ବ୍ରିଟେନର ସ୍ୱପ୍ନ ସହିତ ଏକ ଅଜବ ସଂଯୋଗର ଦୃଶ୍ୟ ଦେଖିବାକୁ ମିଳିଛି, – ଗୋଟିଏ ନିରସ୍ତ୍ର ସହରର ମଣିଷମାନେ ସନ୍ତ୍ରସ୍ତ ହୋଇ ପଡ଼ିଛନ୍ତି ସାମରିକ ଛାଉଣୀରେ, ଜନନାୟକମାନେ ସେମାନଙ୍କର ଦୈନନ୍ଦିନ ଜୀବନ ଜୀବିକାର ବୃତ୍ତିରୁ ତରତରରେ ବୁହା ହୋଇ ଚାଲିଛନ୍ତି ବନ୍ଦିଶାଳା ଅଭିମୁଖେ, ସହର ଆଡ଼କୁ ମୁହାଁଇ ରହିଛି କେତେ କେତେ କମାଣ ବନ୍ଧୁକ, ପୁଲିସ ବାହିନୀର ରାଇଫଲମାନ ଉଦ୍ୟତ ହୋଇ ରହିଛି ରାସ୍ତାରେ ପାଞ୍ଚ ଜଣିଆ କିଂବା ତଦୂର୍ଦ୍ଧ୍ୱ ଦଳ ଉପରକୁ ଦେଖିଲା ମାତ୍ରକେ ଗୁଳି ଚାଳନା କରିବେ, ପୂଜାସ୍ପଦ ଆଇନଜ୍ଞ ଓ ବାରିଷ୍ଟରମାନଙ୍କୁ ଜାମିନ ନାମଞ୍ଜୁର କରାଯାଇଛି କେବଳ ସେମାନଙ୍କର ପତିଆରାରୁ ଉପୁଜିଥିବା ଭୟରୁ । ଏଭଳି ଦୃଶ୍ୟପଟ ଉପରେ ଦେଖଣାହାରୀର ନଜର ପକାଅ, ତା'ପରେ ତା' ଉପରେ !

ଆଉ ତା'ପରେ କ'ଣ ? ଏତେ ଚଞ୍ଚଳ ଏକଥା କୁହାଯାଇ ପାରେନା । ନିର୍ବିବାଦରେ ଏତିକିମାତ୍ର କୁହାଯାଇପାରେ ଯେ ଗଣତନ୍ତ୍ର ଓ ଶାସନତନ୍ତ୍ର ମଧ୍ୟରେ ଚାଲିଥିବା ସଂଘର୍ଷର ଗୋଟିଏ ନୂତନ ଅଧ୍ୟାୟର ସୂତ୍ରପାତ ହୋଇଛି, ହୋଇଛି ଏକ ନୂଆ ପର୍ଯ୍ୟାୟର ଉନ୍ମୋଚନ, ଜାତୀୟତାବାଦର ଅଗ୍ରଗତିର ଇତିହାସରେ ।

[ବନ୍ଦେ ମାତରମ୍, ମେ ୬, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

ଶ୍ରୀଅରବିନ୍ଦ ପରମଙ୍କର ଏକ ପ୍ରକାଶ ଯିଏକି ପୃଥିବୀପୃଷ୍ଠକୁ ଆସିଥିଲେ ଏକ ନୂତନ ମାନବଜାତି ଓ ଏକ ନୂତନ ଅତିମାନସ ଜଗତର ଅଭିବ୍ୟକ୍ତି ସଂପର୍କରେ ଘୋଷଣା କରିବାକୁ ।

ଆସ ଆମେମାନେ ସମସ୍ତ ଆନ୍ତରିକତା ଓ ଆଗ୍ରହର ସହ ସେଥିଲାଗି ନିଜକୁ ପ୍ରସ୍ତୁତ କରିବା ।

– ଶ୍ରୀମା

# ବନ୍ଦେ ମାତରମ୍

## (ଦେଶ ବନ୍ଦନା)

[୧୯୦୮ ମସିହା ଜାନୁଆରୀ ୨୯ ତାରିଖ, ବୁଧବାର ଦିନ ଗ୍ରାଣ୍ଡ ସ୍କୋୟାର୍ ଅଫ୍ ନ୍ୟାସନାଲ୍ ସ୍କୁଲ, ଅମରାବତୀ (ବିହାର)ଠାରେ ଅନୁଷ୍ଠିତ ହୋଇଥିବା ସଭାରେ ଶ୍ରୀଯୁକ୍ତ ଅରବିନ୍ଦ ଘୋଷ (ଶ୍ରୀଅରବିନ୍ଦ) ଯେଉଁ ଭାଷଣ ଦେଇଥିଲେ, ଏହି ବିଷୟଟି ହେଉଛି ତାହାର ସାରାଂଶ ମାତ୍ର । ଏହି ସଭାର କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍' ବନ୍ଦନାର ଆବୃତ୍ତି ସହ ଆରମ୍ଭ କରାଯାଇଥିଲା ।]

ଶ୍ରୀଯୁକ୍ତ ଅରବିନ୍ଦ କହିଲେ ଯେ ଏହି ସଙ୍ଗୀତଟି ଭାରତର ସବୁ ଜାଗାରେ ଏତେ ମାତ୍ରାରେ ସୁପରିଚିତ ଏବଂ ଏତେ ମାତ୍ରାରେ ପୁନଃ ପୁନଃ ଆବୃତ୍ତ ହେଉଥିବାର ଜାଣି ସେ ଅତ୍ୟନ୍ତ ଆନନ୍ଦିତ । ତେଣୁ ଏହି ଜାତୀୟ ସଙ୍ଗୀତକୁ ସେ ତାଙ୍କର ଭାଷଣର ବିଷୟବସ୍ତୁ କରିବା ଉଚିତ । ତା'ପରେ ସେ କହିଲେ ଯେ ଏହି ସଙ୍ଗୀତଟିକୁ କେବଳ ଇଉରୋପୀୟମାନେ ଯେଉଁ ଦୃଷ୍ଟିରେ ସେମାନଙ୍କର ଜାତୀୟ ସଙ୍ଗୀତକୁ ଦେଖନ୍ତି, ସେପରି ଦୃଷ୍ଟିରେ ଦେଖିବା ଉଚିତ ନୁହେଁ; କିନ୍ତୁ ଏହି ସଙ୍ଗୀତକୁ ପ୍ରତ୍ୟେକ ଭାରତୀୟ ଏକ ବିପୁଳ ଶକ୍ତି ସହ ବାରଂବାର ଆବୃତ୍ତି କରିବା ଉଚିତ । କାରଣ ଏହା ଏକ ପବିତ୍ର 'ମନ୍ତ୍ର' ଏବଂ 'ଆନନ୍ଦମଠ'ର ପରିଚାଳକଙ୍କ ଦ୍ୱାରା ଏହା ଆମ ଆଗରେ ପ୍ରକାଶ କରାଯାଇଛି, ଯାହାଙ୍କୁ କି ସ୍ୱର୍ଗୀୟ ପ୍ରଭାବରେ ଅନୁପ୍ରାଣିତ ଏକ ଋଷି ବୋଲି କୁହାଯାଇପାରେ । ତା'ପରେ ସେ ବର୍ଣ୍ଣନା କଲେ କେଉଁ ପ୍ରକାରେ ଏହି 'ମନ୍ତ୍ର'ଟି ବଙ୍କିମଚନ୍ଦ୍ରଙ୍କ ନିକଟରେ ସମ୍ଭବତଃ ତାଙ୍କର ଦୀକ୍ଷାଗୁରୁ ଜଣେ ସନ୍ନ୍ୟାସୀଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ସେ କହିଲେ ଯେ ଏହି 'ମନ୍ତ୍ର'ଟି କେବଳ ଏକ ଉଦ୍‌ଭାବନ ନୁହେଁ, ଏହା ପୁରାତନ 'ମନ୍ତ୍ର'କୁ ଏକ ପୁନର୍ପ୍ରାଣ ଶକ୍ତିଦାନ, ଯାହାକି କହିବାକୁ ଗଲେ ଜଣେ ନବକିଶାନ୍(Navakishan)ଙ୍କ ବିଶ୍ୱାସଘାତକତା ଯୋଗୁଁ ହିଁ ଲୁପ୍ତ ପ୍ରାୟ ହୋଇ ଯାଇଥିଲା । ବଙ୍କିମଚନ୍ଦ୍ରଙ୍କର ଏହି ମନ୍ତ୍ରଟିକୁ ତାଙ୍କ ସମୟରେ ଆଦୌ ଯଥାର୍ଥ ଭାବେ ଉପଲବ୍ଧି କରାଯାଇ ନ ଥିଲା, କିନ୍ତୁ ସେତେବେଳେ ସେ ଏହି ଭବିଷ୍ୟତ୍ ବାଣୀ ଦେଇଥିଲେ ଯେ ଏପରି ଏକ ସମୟ ଆସିବ ଯେତେବେଳେ ସମସ୍ତ ଭାରତ ବର୍ଷ ଏହି ସଙ୍ଗୀତର ମୂର୍ଚ୍ଛନାରେ ପ୍ରତିଧ୍ୱନିତ ହୋଇ ଉଠିବ ଏବଂ ସେହି ଭବିଷ୍ୟତ୍ ବକ୍ତାଙ୍କର ବାଣୀ ଖୁବ୍ ଆଶ୍ଚର୍ଯ୍ୟଜନକ ଭାବେ କ୍ରିୟାଶୀଳ ହୋଇ ଉଠିଲା । ସେତେବେଳେ ଏହି ସଙ୍ଗୀତର ସାରମର୍ମ ନ ବୁଝି ପାରିବାର କାରଣ ହେଉଛି ସେ ସମୟରେ ଭାରତବର୍ଷରେ ଯଥାର୍ଥ ସ୍ୱଦେଶ ପ୍ରେମ ନ ଥିଲା, ଏହା କେବଳ ଭାରତକୁ ଇଂଲଣ୍ଡ ଏବଂ ଅନ୍ୟାନ୍ୟ ଦେଶର ପ୍ରତିଚ୍ଛବି କରି ଗଢ଼ିବାରେ ହିଁ ନିହିତ ଥିଲା, ଯାହାକି ଆମର ଏହି ମାତୃଭୂମିର ସନ୍ତାନଗଣଙ୍କର ଦୃଷ୍ଟିକୁ ସେମାନଙ୍କର ଗୌରବ ଏବଂ ପ୍ରାଚୁର୍ଯ୍ୟରେ ଉଜ୍ଜ୍ୱଳ କରି ଗଢ଼ି ତୋଳିବ । ସେହି ସମୟର ଏହି ତଥାକଥିତ ସ୍ୱଦେଶ-ହିତୈଷୀଗଣ ହୁଏତ ଭାରତବର୍ଷର ଶୁଭଚିନ୍ତକ ହୋଇ ପାରନ୍ତି, କିନ୍ତୁ ଭାରତମାତାଙ୍କୁ ପ୍ରେମ କରୁଥିବା ବ୍ୟକ୍ତିତୁଲ୍ୟ ନୁହନ୍ତି । କାରଣ, ଯେ ତା'ର ମା'ଙ୍କୁ ଅନ୍ତର ମଧରେ ପ୍ରେମ କରେ, ସେ କେବେହେଲେ ତାଙ୍କର ଦୋଷତ୍ରୁଟିରେ ନଜର ଦିଏ ନାହିଁ, ତାଙ୍କୁ ଅଶିକ୍ଷିତା, କୁସଂସ୍କାରାଚ୍ଛନ୍ନା, ପଦଚ୍ୟୁତା ଏବଂ ଜରାଗ୍ରସ୍ତା ଏକ ନାରୀ ବୋଲି କହି ଅସମ୍ମାନ କରେ ନାହିଁ । ତା'ପରେ ବକ୍ତା ଶ୍ରୀଯୁକ୍ତ ଅରବିନ୍ଦ ସେହି ସଙ୍ଗୀତର ଅର୍ଥ ବ୍ୟାଖ୍ୟା କରି କହିଲେ, ଯେପରି ବ୍ୟକ୍ତି କ୍ଷେତ୍ରରେ, ସେହିପରି ଜାତି କ୍ଷେତ୍ରରେ ମଧ ତିନୋଟି 'ଶରୀର' ଅଥବା 'କୋଷ' ରହିଛି – 'ସ୍ଥୂଳ ଶରୀର', 'ସୂକ୍ଷ୍ମ ଶରୀର' ଏବଂ 'କାରଣ ଶରୀର' ।... ଏହିପରି ଭାବରେ ବକ୍ତା ସେହି ସଙ୍ଗୀତର ଗୂଢ଼ ଅର୍ଥ ବ୍ୟାଖ୍ୟା କରି ଚାଲିଲେ । ସେ ଯେଉଁ ପ୍ରକାରେ ପ୍ରେମ ଓ ଭକ୍ତିର କଥା ଆଲୋଚନା କଲେ ତାହା ପ୍ରକୃତରେ ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା ଏବଂ ସେତେବେଳେ ଶ୍ରୋତାବୃନ୍ଦ ସ୍ଥାନ-କାଳ-ପାତ୍ର ଭୁଲିଯାଇ କିଂବା ସେମାନେ ଯେପରି ଜୀବନର ମହତ୍ତର ଗୁପ୍ତରହସ୍ୟ ସମ୍ବନ୍ଧରେ ବ୍ୟକ୍ତ କରୁଥିବା ଜଣେ ଭବିଷ୍ୟତ୍ ବକ୍ତାଙ୍କର ବାଣୀ ଶ୍ରବଣ କରୁଛନ୍ତି, ଏହା ନ ଜାଣି ତାଙ୍କ ସମ୍ମୁଖରେ ନିଶ୍ଚଳ ପ୍ରତିମା ପରି ବସି ରହିଥିଲେ । ତା'ପରେ ଉପସଂହାରରେ ସେ ଯଥାର୍ଥ ସ୍ୱଦେଶ ପ୍ରେମ ଉଦ୍ଦେଶ୍ୟରେ ସମସ୍ତ ଶ୍ରୋତାମାନଙ୍କୁ ଅତ୍ୟନ୍ତ ଆକୁଳ ଆବେଦନ କଲେ ଏବଂ ମାତୃଭୂମିକୁ ଭଲପାଇବା ପାଇଁ ଏବଂ ତାଙ୍କରି ମୁକ୍ତି ନିମିତ୍ତ ସବୁକିଛି ଉତ୍ସର୍ଗ କରିବା ପାଇଁ ସେମାନଙ୍କୁ ଉପଦେଶ ଦେଲେ ।

(*Bande Mataram* : Speeches) ❖

# ତୁମର ଶାନ୍ତି, ତୁମର ମୁକ୍ତି, ତୁମର ଐକ୍ୟ

**ଶ୍ରୀ ନଳିନୀକାନ୍ତ ଗୁପ୍ତ**

''ହେ ଭଗବାନ୍, ଆମେ ଚାହୁଁ ତୁମର ଶାନ୍ତି, ଶାନ୍ତିର ମାୟାମୂର୍ତ୍ତି ନୁହେଁ; ଚାହୁଁ ତୁମର ମୁକ୍ତି, ମୁକ୍ତିର ମାୟାମୂର୍ତ୍ତି ନୁହେଁ; ଚାହୁଁ ତୁମର ଐକ୍ୟ, ଐକ୍ୟର ମାୟାମୂର୍ତ୍ତି ମାତ୍ର ନୁହେଁ । କେବଳ ତୁମର ଶାନ୍ତି, ତୁମର ମୁକ୍ତି, ତୁମର ଐକ୍ୟ ହିଁ ଏବେ ବି ଯେଉଁ ଅନ୍ଧ ବଳ ପ୍ରୟୋଗ, ଯେଉଁ କପଟତା, ଯେଉଁ ମିଥ୍ୟାଚାର ରାଜତ୍ୱ କରୁଛି ସେଗୁଡ଼ିକ ଉପରେ ବିଜୟଲାଭ କରିପାରେ ।

''ହେ ଭଗବାନ୍, ତୁମର ବିଜୟ ନେଇ ଆସିବା ପାଇଁ ଯେଉଁମାନେ ବୀରତ୍ୱର ସହ ଯୁଦ୍ଧ କରୁଛନ୍ତି, କଷ୍ଟ ସହନ କରୁଛନ୍ତି, ସେମାନେ ଯେପରି ଦେଖି ଯାଇ ପାରନ୍ତି ବିଜୟର ସତ୍ୟ ଓ ଯଥାର୍ଥ ଫଳ ଜଗତରେ ପ୍ରତିଷ୍ଠିତ ହୋଇଛି ।''

ଆଜିକାର ଜଗତରେ ଯାହା ଏକାନ୍ତ ପ୍ରୟୋଜନ ତା' ହେଉଛି ଶାନ୍ତି, ମୁକ୍ତି ଏବଂ ଐକ୍ୟ । ଏଇ ତିନୋଟି ମନୁଷ୍ୟର କାମ୍ୟ ଓ ସାଧ । ପୃଥିବୀ ଯେଉଁ ପ୍ରକାର ଅଶାନ୍ତିରେ ଭରି ଉଠିଛି, ଯେଉଁ ପ୍ରକାର ଆଲୋଡ଼ନ, ବିଲୋଡ଼ନ ଦ୍ୱାରା ମାନବ-ଜୀବନ କ୍ଷୁବ୍ଧ ବ୍ୟଥିତ ହୋଇ ଉଠିଛି, ତା' ଫଳରେ ମନୁଷ୍ୟର ଅନ୍ତରାତ୍ମା ଯଥାର୍ଥ ଶାନ୍ତି ପାଇଁ ଆକୁଳ, ବିକଳ ଓ ଉଦ୍‌ଗ୍ରୀବ ହୋଇ ପଡ଼ିଛି । ଜୀବନର ପ୍ରତିଷ୍ଠା ତ ଶାନ୍ତିରେ; ଅର୍ଥାତ୍ ଶାନ୍ତି ଉପରେ, ଶାନ୍ତିକୁ ଭିତ୍ତି କରି କିଛି ସ୍ଥିର ଓ ସ୍ଥାୟୀ ବସ୍ତୁ ଗଢ଼ା ହୋଇପାରେ, ମାତ୍ର ଚାଞ୍ଚଲ୍ୟ ଉପରେ କିଛି ହେଲେ ବି ସ୍ଥାପନ କରାଯାଇ ପାରେ ନାହିଁ । ସେପରି ଜାଗାରେ ଖାଲି ଧ୍ୱଂସର ଶକ୍ତି ହିଁ ଖେଳା କରିପାରେ ।

ତା'ପରେ, ଏ ଯୁଗରେ ମଣିଷର ପ୍ରାଣ ଚାହୁଁଛି : ମୁକ୍ତି, ବ୍ୟକ୍ତିଗତ କ୍ଷେତ୍ରରେ, ସମାଜଗତ ଓ ଦେଶଗତ କ୍ଷେତ୍ରରେ ଜୀବନ ଓ ମଣିଷ ନିଜେ ନାନା ବନ୍ଧନରେ ଜର୍ଜରିତ । ଏକ ଶ୍ରେଣୀ ଅନ୍ୟ ଏକ ଶ୍ରେଣୀର, ଗୋଟିଏ ଦେଶ ଆଉ ଗୋଟିଏ ଦେଶର, ଗୋଟିଏ ଜାତି ଆଉ ଗୋଟିଏ ଜାତିର, ଏକ ବର୍ଣ୍ଣ ଅନ୍ୟ ଏକ ବର୍ଣ୍ଣର, ଏକ ଧର୍ମ ଅନ୍ୟ ଏକ ଧର୍ମର ନିୟନ୍ତ୍ରଣରେ ମ୍ରିୟମାଣ । ବ୍ୟଷ୍ଟି ବ୍ୟଷ୍ଟି ଭିତରେ ସେଇ ଧରଣର ସମ୍ବନ୍ଧ — ଯାହାର ଯଥାଶକ୍ତି, ରାଷ୍ଟ୍ରୀୟ ବା ସାମାଜିକ ବ୍ୟବସ୍ଥାର ସୁଯୋଗ ନେଇ ବ୍ୟକ୍ତିଗତ ସାମର୍ଥ୍ୟର କାରଣ ହେତୁ ଜଣେ ଆଉ ଜଣକ ଉପରେ ଆପଣା ଆଧିପତ୍ୟ ଦାବି କରୁଛି, ନିଜକୁ ଚପାଇ ବସୁଛି । ଏ ବିଧାନକୁ ମାନିନେଇ ଚଳିବାକୁ ଆଧୁନିକ ମାନବର ପ୍ରାଣ ଆଉ ଏବେ ରାଜି ନୁହେଁ । ଏଇ ବନ୍ଧନର ଅଧୀନରେ ନିଜର ଦାସତ୍ୱର ଜୀବନ ଯଦିବା ନିରୁପଦ୍ରବ ହୋଇଥାଏ,— ତଥାପି ଏଇ ଅବସ୍ଥା ନେଇ ତା'ର ତୃପ୍ତି ନାହିଁ; ସେ ଚାହେଁ ଆତ୍ମ-ପ୍ରତିଷ୍ଠା, ଚାହେଁ ସ୍ୱାତନ୍ତ୍ର୍ୟ, ସ୍ୱରାଜ୍ୟ ଓ ମୁକ୍ତି ।

ମୁକ୍ତି ଜିନିଷଟି ବି ଚରମ ଶେଷ କଥା ନୁହେଁ । ସ୍ୱାତନ୍ତ୍ର୍ୟ ସ୍ୱେଚ୍ଛାଚାର ଦିଗରେ ଏହା ନେଇଯାଇ ପାରେ — ଏହା ଶେଷକୁ ସଂଘର୍ଷ, ଅଶାନ୍ତି ଆଉ ପୁନର୍ବନ୍ଧନରେ ପହଞ୍ଚାଏ । ଏଇ କାରଣରୁ ଦରକାର ସମସ୍ତ ମୁକ୍ତ-ସତ୍ତାଙ୍କର ସମବାୟ, ସମ୍ମେଳନ ଐକ୍ୟ । ମଣିଷ ଭିତରେ ଏବେ ଦେଖା ଦେଇଛି ବିରୋଧସବୁକୁ ଅତିକ୍ରମ କରି ମିଳନ ଓ ସାମଞ୍ଜସ୍ୟ ଦିଗରେ ଚଳିବା ନିମନ୍ତେ ଏକ ଆକୁତି ଓ ଚେଷ୍ଟା । ବ୍ୟଷ୍ଟି ବ୍ୟଷ୍ଟି ମଧ୍ୟରେ ମିଳନ ଆଣିଦିଏ ଏକ ସାମାଜିକ ସ୍ୱାସ୍ଥ୍ୟ, ସେଇ ପ୍ରକାର ଯାବତୀୟ ଗୋଷ୍ଠୀର ପରସ୍ପର ଭିତରେ ମିଳନ ସମଗ୍ର ମାନବଜାତି ଭିତରେ ସ୍ୱଚ୍ଛତା ଓ ଉତ୍କର୍ଷର ସୁଯୋଗ ଆଣିଦିଏ । ସମଗ୍ର ମାନବଜାତିକୁ ଏକ ହେବାକୁ ପଡ଼ିବ — ବ୍ୟଷ୍ଟି ବ୍ୟଷ୍ଟି ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ବିରୋଧ ରହିବ ନାହିଁ । ମନେ ରଖିବାକୁ ହେବ ଯେ ଏଇ ଐକ୍ୟର ଅର୍ଥ ନୁହେଁ ଏକାକାର ହୋଇଯିବା — ବ୍ୟଷ୍ଟି-ସତ୍ୟର ଖର୍ବତା ଏଠାରେ ରହିବ ନାହିଁ; ଆତ୍ମ-ସ୍ୱାତନ୍ତ୍ର୍ୟ, ଆତ୍ମ-ମର୍ଯ୍ୟାଦାକୁ ଲୋପକରି ଶୂନ୍ୟଗର୍ଭ ଏକତ୍ୱଲାଭ ମାନବଜାତିର ଉଦ୍ଦେଶ୍ୟ ନୁହେଁ, ବ୍ୟକ୍ତି-ଜୀବନର ବି ଲକ୍ଷ୍ୟ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ତା'ର ପୂର୍ଣ୍ଣ ମୁକ୍ତ ସ୍ୱରାଜ୍ୟରେ ପ୍ରତିଷ୍ଠିତ ରହିବେ ଏବଂ ତାହାକୁ ନେଇ ପରସ୍ପର ସହିତ ସଂଯୁକ୍ତ, ସମ୍ମିଳିତ ଏବଂ ଏକୀଭୂତ ବି ହେବେ । ଐକ୍ୟଟିର ଭିତ୍ତି ହେବ ମୁକ୍ତି, ମୁକ୍ତି ଠିଆ ହେବ ଶାନ୍ତି ଉପରେ ଅଥବା ଐକ୍ୟ ପ୍ରତିଷ୍ଠିତ ହେବ ମୁକ୍ତି ଭିତରେ, ମୁକ୍ତି ପ୍ରତିଷ୍ଠିତ ହେବ ଶାନ୍ତିର ଭିତରେ ।

କିନ୍ତୁ କାହାକୁ ଯଥାର୍ଥ ଶାନ୍ତି କୁହାଯିବ, ଅବା କେଉଁଠି ସେଇ ମୁକ୍ତି ରହିଛି ? ଅବା ଯଥାର୍ଥ ଐକ୍ୟ କି ପ୍ରକାର ଜିନିଷ ? ସ୍ୱେଚ୍ଛାକ୍ରମେ ବା କିଛି ମତଲବ ରଖି ଯଦି ଆମେ ଭୁଲ୍ ବୁଝୁ ବା ଭୁଲ୍ ବାଟରେ ଚାଲିବାକୁ ଚାହୁଁଥାଉ ତେବେ ସେଠାରେ କହିବାର କିଛି ନାହିଁ । କହିବାର କଥା ହେଉଛି ଆନ୍ତରିକତା

ଥାଇ ମଧ୍ୟ, ଇଚ୍ଛା ଆଗ୍ରହ ଥିବା ସତ୍ତ୍ୱେ ବି, ଏପରିକି ଏ ଇଚ୍ଛା ଓ ଆଗ୍ରହ ତୀବ୍ର ଭାବରେ ଥିବା ଯୋଗୁଁ ହିଁ ଆମେ ଅନେକ ସମୟରେ ଭୁଲ୍ ବୁଝିଥାଉ, ଭୁଲ୍ ବାଟରେ ଚାଲୁ । ଫଳରେ ଆମେ ବୁଦ୍ଧି ଖର୍ଚ୍ଚ କରି, ଆମର ବାସନାର ପ୍ରେରଣା ଦେଇ ଯେଉଁ ଧରଣର ଶାନ୍ତି, ମୁକ୍ତି ଓ ଐକ୍ୟ ଚାହୁଁ ତାହା ପ୍ରକୃତରେ ଶାନ୍ତି, ମୁକ୍ତି ଓ ଐକ୍ୟ ନୁହେଁ; ଏସବୁ ସେଇ ବସ୍ତୁର ଅଭିନୟ ମାତ୍ର । ଅଜ୍ଞାନ ମଧ୍ୟରୁ ଅହଂକାରରୁ ଚାଳିତ ହୋଇ ଯେଉଁ ଶାନ୍ତି ଆମକୁ ମିଳେ ବା ଯାହାକୁ ଆମେ ଶାନ୍ତି ବୋଲି ବୁଝୁ, ଖୁବ୍ ବେଶୀ ହେଲେ ତାହା ଏକ ପ୍ରକାର ସନ୍ଧି ଅର୍ଥାତ୍ ପୁନର୍ଯୁଦ୍ଧ ଲାଗି ଏକ ଆୟୋଜନ; ଯେଉଁ ମୁକ୍ତି ଆମକୁ ମିଳେ ତାହା ବନ୍ଧନର ଅନ୍ୟ ଏକ ପ୍ରକାର-ଭେଦ । ଏ ମୁକ୍ତିର ଆଉ ଏକ ପ୍ରକାର ବନ୍ଧନ ରହିଛି, ଯାହା ପୂର୍ବର ମୁକ୍ତିରୁ ବୃହତ୍ତର ବନ୍ଧନ ମଧ୍ୟକୁ, ଦୃଢ଼ତର ବନ୍ଧନ ଆଡ଼କୁ ଉତ୍ତରଣ — ଧରାଯାଉ ଯେପରି ଆମେ ଇଂରେଜ କବଳରୁ ଜାପାନର କବଳ ଭିତରକୁ ପଶିବାକୁ ଯାଉଥିଲୁ ଅଥବା ଯେପରି ବୁର୍ଜୁଆ ବା ମହାଜନୀ ବନ୍ଧନରୁ ମୁକ୍ତି ଆଦାୟ କରି ଆମେ ବଲ୍‌ସେଭିକୀୟ ବା ପ୍ରୋଲେଟେରୀୟ ଶାସନ ଭିତରକୁ ପଶି ତା' ଦ୍ୱାରା ଆବଦ୍ଧ ହେବାକୁ ଏତେ ଉଦ୍‌ଗ୍ରୀବ ହୋଇଥିଲୁ । ଏଇ ଯେଉଁ ଐକ୍ୟ, ସେଇଟିକୁ ଗଢ଼ିବାକୁ ଯାଇ ଖୁବ୍ ବେଶୀ ହେଲେ ଆମେ ଏକ ସ୍ୱାର୍ଥର ବନ୍ଧୁତା ଦେଇ ଅନ୍ୟ ଏକ ସ୍ୱାର୍ଥ-ସଂଘ ବିରୋଧରେ ଠିଆ ହେବାକୁ ପ୍ରୟାସ କରୁ ଏବଂ ଏଇ ଯେଉଁ ସ୍ୱାର୍ଥର ଗଣ୍ଠି-ବନ୍ଧନ ସେଇଟି ସ୍ୱଭାବତଃ କ୍ଷଣଭଙ୍ଗୁର — କାରଣ ଭିନ୍ନ ଭିନ୍ନ ସ୍ୱାର୍ଥ କେବେ ବି ବହୁ ଦିନ ଧରି ଏକ ସଙ୍ଗରେ ମିଳିମିଶି ରହିପାରନ୍ତି ନାହିଁ ।

ଏଇ ପ୍ରକାର ଜିନିଷ ଆମେ ଚାହୁଁନା ଯାହା ଐକ୍ୟର, ମୁକ୍ତିର ଓ ଶାନ୍ତିର ପାର୍ଥିବ ମର୍ତ୍ତ୍ୟରୂପ । ଆମେ ଯାହା ଆଶାକରୁ ତାହା ଛଳନା ନୁହେଁ, ଆମେ ଯେହେତୁ ଏଗୁଡ଼ିକର ଯଥାର୍ଥ ଚିରନ୍ତନ, ସନାତନ, ଅଖଣ୍ଡ, ଚିରସ୍ଥାୟୀ ସ୍ୱରୂପ ଦେଖିବାକୁ ଚାହୁଁଛୁ, ସେଥିପାଇଁ ଆମକୁ ଯଥେଷ୍ଟ ଉର୍ଦ୍ଧ୍ୱକୁ ଉଠିଯିବାକୁ ପଡ଼ିବ — ଯେତେଦୂର ସମ୍ଭବ ସେତେ ଦୂରକୁ, ସେତେ ଉଚ୍ଚକୁ ଆଗେଇ ଯିବାକୁ ପଡ଼ିବ । ଫଳସ୍ୱରୂପ ଆମକୁ ଆଉ କେଉଁଠାରେ ଅଟକିବାକୁ ହେବ ନାହିଁ, ଏକମାତ୍ର ଭଗବାନଙ୍କ ନିକଟରେ ପହଞ୍ଚିବାକୁ ହେବ; ଯେଉଁଠି ଶାନ୍ତି, ମୁକ୍ତି ଓ ଐକ୍ୟର ଯଥାର୍ଥ ରୂପ ବିଦ୍ୟମାନ । ଆମର ଲକ୍ଷ୍ୟ ହେଉଛି ଭାଗବତ ସତ୍ତାରେ ରହିଥିବା ଶାନ୍ତି, ମୁକ୍ତି ଓ ଐକ୍ୟକୁ ଲାଭ କରିବା; ସେଇ ଭାଗବତ ଚେତନା ଯେଉଁ ଅତୁଟ ଅବ୍ୟର୍ଥ ବିଶୁଦ୍ଧ ପରିପୂର୍ଣ୍ଣ ଶାନ୍ତି, ମୁକ୍ତି ଓ ଐକ୍ୟ ଦେଇ ଗଠିତ, ସେଇଗୁଡ଼ିକ ଆମକୁ ହାସଲ କରିବାକୁ ହେବ । ତା'ଠାରୁ ନ୍ୟୂନତର କିଛି ପଦାର୍ଥ ଦେଇ ପୃଥିବୀର ମାନବଜାତିର ଦୁର୍ଦ୍ଦଶା ପୂରାପୂରି ଅପସାରିତ ହେବ ନାହିଁ । ଭାଗବତ ଚେତନାରେ ଗଠିତ ହୋଇ, ଭଗବାନଙ୍କ ସହ ଏକୀଭୂତ ହୋଇ ଆମକୁ ଭାଗବତ ସତ୍ତାର ସାମର୍ଥ୍ୟ ଅର୍ଜନ କରିବାକୁ ହେବ । ତେବେ ଯାଇ ଐକ୍ୟ, ମୁକ୍ତି ଓ ଶାନ୍ତି ଆମର ପ୍ରକୃତିଗତ ସ୍ୱାଭାବିକ ବୃତ୍ତି ହୋଇ ପାରିବ ।

ଭଗବାନଙ୍କର ଭାଗବତ ଚେତନାର ଶାନ୍ତି ଅର୍ଥ ଅଚଳ ପ୍ରତିଷ୍ଠା, ନିର୍ବିକାର ସ୍ଥିତି — ଅର୍ଥାତ୍ ଚେତନାର, ସତ୍ତାର ଏପରି ଏକ ସାମ୍ୟ-ଅବସ୍ଥା ଯାହାକୁ କୌଣସି କିଛିର ଆଘାତ ବା ସ୍ପର୍ଶ ବା ସମ୍ବନ୍ଧ-ସଂଯୋଗ ଟଳାଇବାକୁ ଅବା ଦୋହଲାଇବାକୁ ଅକ୍ଷମ ହେବ; ଯାହାକୁ ଏ ସ୍ପର୍ଶ କ୍ଷୁବ୍ଧ ଓ ମଳିନ କରି ପାରିବ ନାହିଁ,— ଯାହା ସର୍ବପ୍ରକାର ନିଷ୍କମ୍ପ, ସ୍ୱଚ୍ଛ ଏକ ସ୍ଥିତି । ସ୍ୱଚ୍ଛ-ଆତ୍ମସ୍ଥ ଅବସ୍ଥା ହିଁ ସେଇ ଶାନ୍ତିର ସ୍ୱରୂପ । ମନୁଷ୍ୟ ନିଜ ଅନ୍ତରରେ ଏଇ ଦିବ୍ୟଶାନ୍ତି ଅର୍ଜନ ନ କରିବା ଯାଏଁ, ତା' ଚତୁଃପାର୍ଶ୍ୱରେ କିଛି ହେଲେ ବି ଶାନ୍ତି — ଯଥାର୍ଥ ଶାନ୍ତି ତା' ନିକଟକୁ ଆସି ପହଞ୍ଚିବ ନାହିଁ । ସେଇଭଳି ମୁକ୍ତି କହିଲେ କେବଳ ବାହାରର ଚାପ, ଅପରଠାରୁ ମିଳୁଥିବା ଚାପ ବା ପୀଡ଼ନ ପାଖରୁ ମୁକ୍ତ ହେବାକୁ ବୁଝାଏ ନାହିଁ; ଯାବତୀୟ ନିମ୍ନତର ଚେତନାର ବନ୍ଧନରୁ ମୁକ୍ତ ହେବା, ଦେହ-ପ୍ରାଣ-ମନର ସଂକୀର୍ଣ୍ଣ ଅହଂ-ଆୟତନ ମଧ୍ୟରୁ ମୁକ୍ତ ହେବାକୁ ହିଁ ବୁଝାଏ ଏବଂ ସେ ମୁକ୍ତି ମିଳେ ବୃହତ୍ତର ମହତ୍ତର ପ୍ରସାର ମଧ୍ୟକୁ ଉତ୍ତୀର୍ଣ୍ଣ ହେବାରେ । ଅହଂ ଯେତେବେଳେ ତାହାର ଅହମିକାର ଖୋଳରୁ ବାହାରି ଭଗବାନଙ୍କ ଦାସ ରୂପେ ଓ ସେବକ ଯୋଦ୍ଧା ରୂପେ ଭାଗବତ ଚେତନାର ଅବ୍ୟର୍ଥ ଯନ୍ତ୍ର, ପ୍ରକାଶ କେନ୍ଦ୍ର ରୂପେ ଦଣ୍ଡାୟମାନ ହେବ ସେତେବେଳେ ସେ ହେବ ମୁକ୍ତ । ଏଇ ମୁକ୍ତିର ଅର୍ଥ ନିଜ ଭିତରେ ସକଳଙ୍କୁ, ପ୍ରତ୍ୟେକକୁ — ପ୍ରତିଟି ବ୍ୟକ୍ତି, ଜୀବ ଓ ବସ୍ତୁ ପର୍ଯ୍ୟନ୍ତ ବି ଲାଭ କରିବା । ପ୍ରତ୍ୟେକଙ୍କ ମଧ୍ୟରେ ନିଜକୁ ପାଇବା ଏବଂ ସମସ୍ତଙ୍କୁ ଭଗବାନଙ୍କ ମଧ୍ୟରେ ପାଇବାର ଅର୍ଥ ହେଉଛି ଐକ୍ୟବୋଧ — ଏଇ ପରିଣତିର ଅନ୍ୟ ନାମ ଐକ୍ୟ ।

ଏକଥା କୁହାଯାଇ ପାରେ ଯେ ଏ ଧରଣର ଐକ୍ୟ, ମୁକ୍ତି ଓ ଶାନ୍ତି ଆଦର୍ଶର ବସ୍ତୁ ହୋଇପାରେ କିନ୍ତୁ ତାହା ସୁଦୂର-ପରାହତ, ବାସ୍ତବର ବିଷୟ ନୁହେଁ । ଅନ୍ତତଃ ଏଇ ମାନବଜାତି ଲାଗି ଏହା ନୁହେଁ, ତାହାର ସାଧକ କୋଟିକରେ ଗୋଟିଏ,

ଆଉ ବ୍ୟକ୍ତି ହିସାବରେ ଏ ଆଦର୍ଶ ଯଦି ବା ସମ୍ଭବ ହୁଏ, ସଂଘ, ସମାଜ ଓ ଜାତି ପକ୍ଷରେ ଏହା ସମ୍ଭବ ନୁହେଁ । ଏଇ ସିଦ୍ଧାନ୍ତ, ଯଦିବା ଠିକ୍ ହୋଇଥାଏ, ତେବେ ସଂଘ ବା ଜାତି ପକ୍ଷରେ ଏହା ଯେ ସମ୍ଭବ ହେବ, ସେପରି କିଛି କଥା ନାହିଁ ଆଉ ଯଦି ବି ସମ୍ଭବ ହୁଏ, ତା'ହେଲେ, ଆମେ କହିବାକୁ ବାଧ ହେବୁ ମାନବଜାତିର ଭବିଷ୍ୟତ୍ ନାହିଁ । ଦୁଇ, ଚାରିଜଣ ସତ୍ୟ ଅର୍ଥରେ ଯେଉଁ ସନ୍ନ୍ୟାସୀ, ସଂସାର ତ୍ୟାଗୀଙ୍କ ପକ୍ଷରେ ଏଇ ଆନ୍ତର ସିଦ୍ଧି ଲାଭ କରିବା କଷ୍ଟକର ନ ହୋଇପାରେ, କିନ୍ତୁ ସାଧାରଣ ମାନବ, ପାର୍ଥିବ ଜୀବନ ଯେଉଁ ତିମିରରେ ରହିଥିଲା, ସେଇ ତିମିରରେ ହିଁ ରହିଯିବ କିଂବା ତା'ଠାରୁ ବି ଅଧିକ ତିମିରରେ ପଡ଼ିଯାଇ ପାରେ । ଏମିତିକି ପାଶ୍ଚାତ୍ୟ-ମନୀଷୀ H. G. Wells ଭବିଷ୍ୟତର ଯେଉଁ ବିଭୀଷିକା ଦେଖିଛନ୍ତି, ଅଧିକାଂଶ ବୈଜ୍ଞାନିକ ଜଗତର ସେଇ ପରିଣତି ଘଟିବ ବୋଲି ଆଶଙ୍କା କରନ୍ତି, ସେଥିପାଇଁ ତାହା ହିଁ ଏକମାତ୍ର ଅଲଂଘ୍ୟ ସତ୍ୟ ହୋଇ ଦେଖାଦିଏ । ମାତ୍ର ଆମ ଆଖିରେ ଆମେ କେବଳ ସେଇଥିରେ ବିଶ୍ୱାସ କରୁନା, ଆମ ଦୃଷ୍ଟି ଓ ଅନୁଭୂତି ସେକଥା କହେ ନାହିଁ । ବ୍ୟକ୍ତିକ୍ଷେତ୍ରରେ ଯାହା ସମ୍ଭବ, ସେ ଜିନିଷ ସମାଜ କ୍ଷେତ୍ରରେ ବି ସମ୍ଭବ ହେବାକୁ ବାଧ । ଏହାର କାରଣ ବ୍ୟକ୍ତି ବିଶେଷ ବିଚ୍ଛିନ୍ନ ବ୍ୟଷ୍ଟି ମାତ୍ର ନୁହନ୍ତି, ତାଙ୍କ ମଧ୍ୟଦେଇ ସମାଜ ଅଭିବ୍ୟକ୍ତ ହୁଏ, ସମାଜ ଭିତରେ ଯେଉଁ ମୂକ ଆକୁତି ଓ ଆସ୍ପୃହା ରହିଥାଏ, ବ୍ୟକ୍ତି ଭିତରେ ତାହା ଭାଷା ଓ ଦୃଷ୍ଟି ଲାଭ କରେ । ବ୍ୟକ୍ତି ଭିତରେ ଯେଉଁ ସତ୍ୟର ପ୍ରକାଶ, ସେଇ ସତ୍ୟ ସମବେତ ଜୀବନରେ ସହଜ ଓ ଅବଶ୍ୟମ୍ଭାବୀ । ଆଜିକାର ମଣିଷ ଶାନ୍ତି, ମୁକ୍ତି ଓ ଐକ୍ୟ ନିମନ୍ତେ ଯେ ଏତେ ବ୍ୟାକୁଳ, ସେଇଥିରୁ ମନେହୁଏ ଯଥାର୍ଥ ଶାନ୍ତି, ମୁକ୍ତି ଏବଂ ଐକ୍ୟ କେଉଁଠି ନା କେଉଁଠି ରହିଛି ଏବଂ ସେଗୁଡ଼ିକୁ ଲାଭ କରିବା ଅସମ୍ଭବ ନୁହେଁ । ତଥାପି ଅଜ୍ଞାନର ବଶବର୍ତ୍ତୀ ହେବା ଫଳରେ, ନିମ୍ନତର ପ୍ରେରଣାର ଅଧୀନତା ସ୍ୱୀକାର କରିବା ଫଳରେ, ଆଶୁ ଫଳର ପ୍ରଲୋଭନରେ ପଡ଼ି ସେ ପଥଭ୍ରଷ୍ଟ ହୋଇପଡ଼େ, ଦିଗ୍‌ଭ୍ରାନ୍ତ ହୋଇଯାଏ – ଏ ଆଶଙ୍କା ବି ରହିଛି ।

ଆହୁରି କିଛି କଥା ରହି ଯାଇଛି । ସମୁଦାୟ ମାନବ-ଜାତି – ସମଷ୍ଟି ହିସାବରେ ଭାଗବତ ଚେତନାରେ ଉତ୍ତୀର୍ଣ୍ଣ ହୋଇ ଭାଗବତ ଜୀବନ ଅର୍ଜନ କରିବା ହୁଏତ ଦୂରର ଆଦର୍ଶ, ଏକଥାଟା ଯଦିବା ସଙ୍ଗତ ବୋଧହୁଏ, ତା' ବୋଲି ଯେ ଏ ସମୟରେ ମାନବଜାତିକୁ ଅସୁର, ରାକ୍ଷସ ବା ପଶୁ-ପିଶାଚର ସମଧର୍ମୀ ହୋଇ ରହିବାକୁ ପଡ଼ିବ, ସେମିତି କିଛି କଥା ନାହିଁ । ସାଧାରଣ ମନୁଷ୍ୟ ମଧ୍ୟରେ ବି ରହିଛି ଏକ ଭାଗବତ ସ୍ଫୁଲିଙ୍ଗ, ସେଇଟିକୁ ଉତ୍ଥାନର ସୁଯୋଗ ନ ଦେଇ, ସେଦିଗରେ ଉତ୍ସାହିତ ନ କରି କେବଳ ଦବାଇ ରଖିବାକୁ ଇଚ୍ଛା କରିବା – ଏହା ଅତ୍ୟନ୍ତ ଅନୁଚିତ । ଯେଉଁମାନଙ୍କୁ 'କୋଟିକ ମଧ୍ୟରେ ଗୋଟିଏ' ବୋଲି କୁହାଯାଏ, ସେଇ ଯେଉଁମାନେ ନେତୃସ୍ଥାନୀୟ – ଯେଉଁମାନେ ପଥ ନିର୍ଦ୍ଦେଶ କରନ୍ତି, ସେମାନଙ୍କ ଭିତରେ ଏଇ ବିଜୟ ଆସୁ, ଏଇ ସ୍ଥିତି ସ୍ଥିର ହେଉ ବୋଲି ଆମେ ଅନ୍ତତଃ ଆଶାକରୁ – ସେଇମାନଙ୍କଠାରେ ଏଇ ସ୍ଫୁଲିଙ୍ଗ ଦୀପ୍ତ ହୋଇ ଜଳିଉଠୁ ବୋଲି ବି ଆମେ ଚାହୁଁଛୁ । ଏହା ସମ୍ଭବ ହେଲେ ଇତର ସାଧାରଣ ଶ୍ରେଷ୍ଠର ଅନୁସରଣ କରିବେ । ଲୋକସଂଗ୍ରହର ଦାୟିତ୍ୱ ଯାହାଙ୍କର, ଯାହାଙ୍କ ଉପରେ ଏଇ ଭାର ନ୍ୟସ୍ତ, ସେଇମାନଙ୍କ ଚେତନା ଉଚ୍ଚଗ୍ରାମରେ ପ୍ରତିଷ୍ଠିତ ହେବା ଏକାନ୍ତ ପ୍ରୟୋଜନ, ଯାହାଫଳରେ ଯଥାର୍ଥ ଶାନ୍ତି, ମୁକ୍ତି ଓ ଐକ୍ୟର ଅଭିମୁଖରେ ଆମେ ଚାଲି ପାରିବୁ । ସେତେବେଳେ ଦିଗ୍‌ଭ୍ରାନ୍ତ ହେବାର ଭୟ ଆମର ଆଉ ରହିବ ନାହିଁ । ଆମର ନାହିଁ ଆଉ ବିନଷ୍ଟି, କାରଣ ସତ୍ୟ-ଧର୍ମର ସ୍ୱଳ୍ପମାତ୍ର ବି ଆମକୁ ବୃହତ୍ ଭୀତିରୁ ପରିତ୍ରାଣ କରିପାରେ ।

ଅନୁବାଦ : କୃଷ୍ଣାଦେବୀ ✤

ପୃଥିବୀ ଉପରେ ଭଗବତ୍ କୃପାକୁ ଅଭିବ୍ୟକ୍ତ କରିବା ହେଉଛି ଅବତାରଙ୍କ ମହାନ୍ କାମ । ଅବତାରଙ୍କ ଶିଷ୍ୟ ହେବାର ଅର୍ଥ ହେଉଛି ସେହି ଭଗବତ୍ କୃପାର ଏକ ଯନ୍ତ୍ର ହୋଇ ଉଠିବା ।

– ଶ୍ରୀମା

ବେଦରହସ୍ୟ - (ତୃତୀୟ ଭାଗ)

# ଅତ୍ରିଋଷିଗଣଙ୍କ ସୂକ୍ତମାଳା

## (ପ୍ରାକ୍‌କଥନ - ୨)

## ଶ୍ରୀଅରବିନ୍ଦ

*(ଗତସଂଖ୍ୟାର ଅବଶିଷ୍ଟାଂଶ)*

ସମଗ୍ର ବେଦ ଏହି ଭଳି ବହୁ ସଂଖ୍ୟକ ରୂପକକୁ ଗର୍ଭରେ ଧାରଣ କରି ରହିଛି । ଆମ ମନୋବୁଦ୍ଧି ପାଇଁ ପରିଣାମତଃ ଏହାର ଯେଉଁ ଅସ୍ପଷ୍ଟତା ଓ ଅନିଶ୍ଚୟତା ଦେଖା ଦିଏ ତାହା ଭୟାବହ, ଆହୁରି ମଧ୍ୟ ଦେଖିବା ମାତ୍ରେ ଏହା ଜଣା ପଡ଼ିବ ଯେ ସୂକ୍ତଗୁଡ଼ିକର ଅନୁବାଦ ଯଦି ତତ୍‌ସହିତ ସୂକ୍ଷ୍ମାର୍ଥ ବ୍ୟକ୍ତ କରିବାକୁ ପ୍ରୟାସରତ ନ ହୁଏ ତାହା କେତେ ନିରର୍ଥକ ହେବ । ଏକ ହୃଦୟସ୍ପର୍ଶୀ ବେଦମନ୍ତ୍ର ଏହିପରି ଆରମ୍ଭ ହୋଇଛି – ''ଉଷା ଓ ନିଶା, ଏ ଦୁହେଁ ପୃଥକ୍ ଶରୀରା ଭଗିନୀଦ୍ୱୟ କିନ୍ତୁ ମାନସିକ କ୍ଷେତ୍ରରେ ଏକ, ଏ ଦୁହେଁ ଏକ ଦିବ୍ୟ 'ଶିଶୁ'କୁ ସ୍ତନ୍ୟପାନ କରାଉଛନ୍ତି ।'' ଏହି ଅନୁବାଦରୁ ଆମେ କିଛି ବୁଝିପାରୁନା । ଉଷା ଓ ନିଶା ଏ ଦୁହେଁ ସ୍ୱରୂପରେ ଭିନ୍ନ, କିନ୍ତୁ ମନରେ ଏକ ହୋଇଛନ୍ତି କାହିଁକି ? ଆହୁରି ମଧ୍ୟ ସେହି ଶିଶୁ ଜଣକ କିଏ ? ସେହି ଶିଶୁ ଯଦି ଅଗ୍ନି ତେବେ ସେହି ଶିଶୁ-ଅଗ୍ନିକୁ ଉଷା ଓ ନିଶା ଏକ ପରେ ଆନ କ୍ରମରେ ସ୍ତନ୍ୟପାନ କରାଉଛନ୍ତି କହିବାରୁ ଆମେ କ'ଣ ବୁଝୁ ? କିନ୍ତୁ ଏହି ବୈଦିକ କବିଜଣକ ଭୌତିକ ନିଶା, ଭୌତିକ ଉଷା ବା ଭୌତିକ ଅଗ୍ନିଙ୍କ କଥା ଭାବୁ ନାହାନ୍ତି । ସେ ଭାବୁଛନ୍ତି ତାଙ୍କ ନିଜ ଆଧ୍ୟାତ୍ମିକ ଅନୁଭୂତିର ଅବସ୍ଥାନ୍ତରଗୁଡ଼ିକ ବିଷୟରେ, ଅନୁଭୂତିର ଏହି କାଳ ପର୍ଯ୍ୟାୟରେ ଦେଖା ଦେଉଥିବା ସମୁଜ୍ଜ୍ୱଳ ଓ ସ୍ୱର୍ଣ୍ଣିମ ଆଲୋକମୟ ସମୟଗୁଡ଼ିକୁ ତଥା ସେହି ତମସା ବା ତଥାକଥିତ ଅନାଲୋକିତ ଚେତନା ମଧ୍ୟକୁ ଖସି ଆସିବାର ସମୟଗୁଡ଼ିକୁ, ଏବଂ ସେ ସ୍ୱୀକାର କରୁଛନ୍ତି ଯେ ଏହି ସକଳ ପରିବର୍ତ୍ତମାନ ପରିସ୍ଥିତିଗୁଡ଼ିକ ମଧ୍ୟରେ, ଏପରିକି ସେଗୁଡ଼ିକର ନିୟତ ଉତ୍ଥାନ-ପତନାଦି ଦ୍ୱାରା ତାଙ୍କ ନିଜ ମଧ୍ୟରେ ଦିବ୍ୟ-ଜୀବନର ସେହି ଶିଶୁ-ସାମର୍ଥ୍ୟର ବିକାଶ ଘଟିଛି । କାରଣ, ଏହି ଉଭୟ ଅବସ୍ଥା ମଧ୍ୟରେ, ଗୁପ୍ତରେ ହେଉ କି ବ୍ୟକ୍ତରେ ହେଉ, ସେହି ସମାନ ଦିବ୍ୟ ଉଦ୍ଦେଶ୍ୟ ତଥା ସେହି ସମାନ ଶିଖରସ୍ପର୍ଶୀ ପ୍ରୟାସ କାର୍ଯ୍ୟରତ ଥାଏ । ଏହି ରୂପେ ଦିନେ ଯେଉଁ ରୂପକଟି ବୈଦିକ ମନ ନିକଟରେ ସ୍ପଷ୍ଟ ଦୀପ୍ତ ସୂକ୍ଷ୍ମ ଅତଳସ୍ପର୍ଶୀ ଓ ବିସ୍ମୟକର ଥିଲା ତାହା ଆଜି ଆମ ନିକଟରେ ହୋଇ ଯାଇଛି ଅର୍ଥଶୂନ୍ୟ ବା ରିକ୍ତ ତଥା ଅସଙ୍ଗତାର୍ଥଯୁକ୍ତ । ସେହି କାରଣରୁ ଏହା ଆମକୁ ସ୍ଫୀତ ଓ ସନ୍ଦେହାସ୍ପଦ ପରି, ଭିତ୍ତିହୀନ ଓ ଅକୁଶଳ ସାହିତ୍ୟ-ଶିଳ୍ପର ଆଭୂଷଣ ପରି ଲାଗିଥାଏ ।

ଏହିଭଳି ଦେଖିଲେ ଅତ୍ରିବଂଶର ଏହି ଋଷି ଉଚ୍ଚକଣ୍ଠରେ ଆହ୍ୱାନ କରି କହୁଛନ୍ତି : ''ହେ ହୋତା ଅଗ୍ନି ! ବନ୍ଧନରଜ୍ଜୁଗୁଡ଼ିକରୁ ଆମକୁ ମୁକ୍ତ କରି ଦିଅ ।'' ଏହା କହିବା ବେଳେ ସେ ରୂପକଟିର ବାସ୍ତବତାକୁ ନୁହେଁ ପରନ୍ତୁ ସେ ଏଠାରେ ଆନ୍ତର ଅର୍ଥସମୃଦ୍ଧ ଏକ ରୂପକର ବ୍ୟବହାର କରୁଛନ୍ତି । ସେ ଏଠାରେ ମନ ସ୍ନାୟୁ ଓ ଶରୀର ରୂପକ ତ୍ରିବୃତ୍ ରଜ୍ଜୁରେ ବନ୍ଧା ବ୍ୟକ୍ତି-ଆତ୍ମାର କଥା ଭାବୁଛନ୍ତି, ଯାହା ବିଶ୍ୱ-ମହାଯଜ୍ଞରେ ଅର୍ଥାତ୍ ପୁରୁଷଯଜ୍ଞରେ ବଳି ରୂପେ ଉପସ୍ଥିତ । ଦିବ୍ୟକ୍ରତୁ ରୂପକ ସେହି ଶକ୍ତି ବିଷୟରେ ସେ ଭାବୁଛନ୍ତି ଯାହା ତାଙ୍କ ମଧ୍ୟରେ ଜାଗ୍ରତ୍ ହୋଇ କ୍ରିୟାରତ, ଏ ହେଉଛନ୍ତି ସେହି ଆଗ୍ନେୟ ତଥା ଅପ୍ରତିରୋଧ୍ୟ ଦେବ ଯିଏ ନିଜର ଅବଦମିତ ଦିବ୍ୟତାକୁ ଉତ୍ତୋଳିତ କରିବା ସହ ବନ୍ଧନର ସେହି ରଜ୍ଜୁକୁ କାଟି ଖଣ୍ଡ ଖଣ୍ଡ କରି ଦେବେ; ଏଠାରେ ସେ ସେହି ବର୍ଦ୍ଧମାନ 'ବଳ' ତଥା ଅନ୍ତରାଗ୍ନିର ବୀର୍ଯ୍ୟ ବିଷୟରେ ଭାବୁଛନ୍ତି ଯାହା ନିଜର ସମର୍ପଣୀୟ ସବୁକିଛିକୁ ଗ୍ରହଣ କରିନେବ ଓ ତାଙ୍କର ସେହି ଦୂରବର୍ତ୍ତୀ ଦୁର୍ଲଭ ଗୃହ ମଧ୍ୟକୁ ଅର୍ଥାତ୍ ଉଚ୍ଚାସୀନ 'ସତ୍ୟ', ଦୂରବର୍ତ୍ତୀ ରହସ୍ୟମୟ ପରମ ଧାମକୁ ବହନ କରି ନେଇଯିବ । ଏହି ସକଳ ଭାବଗତ ସମ୍ବନ୍ଧକୁ ଆମେ ଏବେ ହରାଇଛୁ; ଔପଚାରିକ ଯଜ୍ଞ ଓ ବାସ୍ତବ ଦଉଡ଼ି ଆମ ମନକୁ ଘାରି ରଖିଛି । ଆମେ ଭାବୁ ଯେ ସେହି ଆଦି କାଳର ବଳିକର୍ମ ରୂପକ ଯଜ୍ଞରେ ବଧ୍ୟ ପଶୁ ରୂପେ ଅତ୍ରିପୁତ୍ର ବୋଧହୁଏ ବନ୍ଧା ହୋଇଛନ୍ତି, ତାଙ୍କ ଶାରୀରିକ ବିମୋଚନ ନିମନ୍ତେ ସେ ଅଗ୍ନି ଦେବଙ୍କୁ ଉଚ୍ଚ ସ୍ୱରରେ ଆହ୍ୱାନ କରୁଛନ୍ତି !

ଏହି ଋଷି କିଛି କ୍ଷଣ ପରେ ବୃଦ୍ଧିଶୀଳ 'ଅଗ୍ନି'ଙ୍କୁ ସ୍ତୁତି କରି କହୁଛନ୍ତି, ''ବୃହଜ୍ଜ୍ୟୋତିର ସହ 'ଅଗ୍ନି' ବ୍ୟାପକ ରୂପେ ପ୍ରଦୀପ୍ତ ହୋଇ ଉଠୁଛନ୍ତି ଓ ନିଜ ମହିମାରେ ସର୍ବବସ୍ତୁକୁ

ଅଭିବ୍ୟକ୍ତ କରାଉଛନ୍ତି ।'' ଏଥିରୁ ଆମେ କ'ଣ ବୁଝୁଛୁ ? ଆମେ କଳ୍ପନା କରିବା କି ଯେ, ନିଜ ବନ୍ଧନରୁ ମୁକ୍ତ ସେହି ସ୍ତାବକ ମାନବଟି – ସେ ମୁକ୍ତ ହେଲେ କିପରି ସେକଥା କାହାକୁ ଜଣା ନାହିଁ – ତାକୁ ଗିଳି ଦେବାକୁ ପୂର୍ବେ ଆସିଥିବା ଅଗ୍ନିଙ୍କୁ ଏବେ ଆଶ୍ୱସ୍ତ ଚିତ୍ତରେ ସ୍ତୁତି କରୁଛି, ତତ୍‌ସହିତ ଏହା ଭାବି ଆମେ ଚକିତ ହେବା ଯେ ଆଦିମ ମନର କିଭଳି ପରିବର୍ତ୍ତନସବୁ ସଂଘଟିତ ହୋଇଛି ? ଯେତେବେଳେ ଆମେ ଆବିଷ୍କାର କରିବା ଯେ ରହସ୍ୟବାଦୀମାନଙ୍କ ଭାଷାରେ ''ବୃହଜ୍ଜ୍ୟୋତି'' ଥିଲା ଏକ ପ୍ରସିଦ୍ଧ ଉକ୍ତି, ଯାହାର ଅର୍ଥ ମାନସୋର୍ଦ୍ଧ୍ୱ ସ୍ତରର ବିଶାଳ ପ୍ରମୁକ୍ତ ଓ ପ୍ରଦୀପ୍ତ ଚେତନା ସେତେବେଳେ ଯାଇ ଆମେ ଋଚାଟିର ସତ୍ ତାତ୍ପର୍ଯ୍ୟକୁ ପାଇ ପାରିବା । ଋଷି ଏଠାରେ ପ୍ରାର୍ଥନା କରୁଛନ୍ତି ମନ ସ୍ନାୟୁ ଓ ଦେହ ରୂପକ ତ୍ରିବୃତ୍ତ ବନ୍ଧନରୁ ମୁକ୍ତ ହେବା ପାଇଁ – ତାଙ୍କ ଅନ୍ତର୍ଗତ ଜ୍ଞାନ ଓ ସଂକଳ୍ପକୁ ଏପରି ଏକ ଚେତନାର ସ୍ତରକୁ ଉନ୍ନୀତ କରିବାର କଥା ସେ କହୁଛନ୍ତି ଯେଉଁଠି ସକଳ ବସ୍ତୁର ପ୍ରତୀୟମାନ ସତ୍ୟର ଊର୍ଦ୍ଧ୍ୱ ସେହି ମୂଳ ସତ୍ୟ ବିଶାଳ ଭାସ୍ୱରତା ସହ ଅନ୍ତତଃ ଅଭିବ୍ୟକ୍ତି ଲାଭ କରିପାରେ ।

କିନ୍ତୁ ଏହି ଗହନ ସ୍ୱାଭାବିକ ଓ ଅନ୍ତର୍ଗତ ଅର୍ଥକୁ ଅନୁବାଦ ମଧରେ ଆମେ ଅନ୍ୟମାନଙ୍କ ମନ ପର୍ଯ୍ୟନ୍ତ ପହଞ୍ଚାଇବାରେ କିପରି ସଫଳ ହୋଇ ପାରିବା ? ଏହା ସେ ପର୍ଯ୍ୟନ୍ତ ହୋଇପାରିବ ନାହିଁ ଯଦି ଆମର ଅନୁବାଦ ଟୀକାତ୍ମକ ନ ହୁଏ, ଯଥା ''ହେ ଦିବ୍ୟ ସଂକଳ୍ପ, ହେ ଯଜ୍ଞର ପୁରୋହିତ ! ଆମ ବନ୍ଧନରୂପକ ରଜ୍ଜୁଗୁଡ଼ିକୁ ଖୋଲି ଦିଅ'', ଅନ୍ୟଟିର ଅନୁବାଦ ସେହିପରି, ''ଏହି ଶିଖାବାନ୍ ଅଗ୍ନି 'ସତ୍ୟ'ର ବୃହଜ୍ଜ୍ୟୋତିରେ ଦେଦୀପ୍ୟମାନ ହୋଇ ନିଜ ମହିମା ବଳରେ ସକଳ ବସ୍ତୁକୁ ଅଭିବ୍ୟକ୍ତ କରାଉଛନ୍ତି ।'' ଏହା ଦ୍ୱାରା ଜଣେ ପାଠକ ଅତି କମ୍‌ରେ ବି ବୁଝିବାକୁ ସମର୍ଥ ହେବ ଯେ ଏହି ରଜ୍ଜୁ, ଏହି ଆଲୋକ, ଏହି ଅଗ୍ନି ପ୍ରଭୃତିର ଆଧ୍ୟାତ୍ମିକ ଗୁଣଧର୍ମ କ'ଣ; ଏହି ସୁ-ପ୍ରାଚୀନ ସ୍ତୋତ୍ରର ଅନ୍ତର୍ଗତ ଭାବ ଓ ନିହିତାର୍ଥରୁ ସେ କିଛି ନା କିଛି ଅନୁଭବ କରିପାରିବ ।

ମୁଁ ଯେଉଁ ପଦ୍ଧତିଟିର ପ୍ରୟୋଗ କରିଛି ତାହାକୁ ଏହି କେତୋଟି ଉଦାହରଣ ଦେଇ ସ୍ପଷ୍ଟ କରିବି । ବେଳେ ବେଳେ ମୁଁ କୌଣସି ଅଳଙ୍କାରକୁ ବାଦ୍ କରି ଦେଇଛି, କିନ୍ତୁ ତା' ବୋଲି ଏମିତି ନୁହେଁ ଯେ ମୁଁ ତା'ର ବାହ୍ୟ ପ୍ରତୀକଟିର ସମଗ୍ର ସଂରଚନାକୁ ଧୂଳିସାତ୍ କରି ଦେଇଛି କିଂବା ଅନୁବାଦର ସ୍ଥାନରେ ଟୀକାକୁ ଆଣି ଥୋଇଛି । ତାହା କରିଥିଲେ ବୈଦିକ ଭାବନାର ରତ୍ନଶୋଭିତ ପରିଧାନ ଓ ପ୍ରଭାମୟ ଆଭୂଷଣକୁ କାଢ଼ି ଫିଙ୍ଗି ଦେବାକୁ ହୋଇଥା'ନ୍ତା ଅଥବା ସାଧାରଣ ଭାଷାର ଖଦଡ଼ା ପୋଷାକକୁ ଆଣି ତା' ଉପରେ ଘୋଡ଼ାଇ ଦିଆଯାଇ ଥା'ନ୍ତା । କିନ୍ତୁ ସବୁ କ୍ଷେତ୍ରରେ ମୁଁ ଅନୁବାଦକୁ ଯେତେ ଦୂର ସମ୍ଭବ ଅନ୍ତର୍ଭେଦୀ କରିବାକୁ ପ୍ରଯତ୍ନ କରିଛି । ଦେବତା, ରାଜା ତଥା ଋଷିଗଣଙ୍କର ମହତ୍ତ୍ୱାଧାୟୀ ନାମଗୁଡ଼ିକର ଅନୁବାଦ ମୁଁ ସେସବୁର ଅର୍ଦ୍ଧାବୃତ ପ୍ରତୀକାର୍ଥ ଅନୁଯାୟୀ କରିଛି, – ଅନ୍ୟଥା ଆବରଣଟି ପ୍ରାୟ ଅଭେଦ୍ୟ ହୋଇ ରହି ଯାଇଥା'ନ୍ତା; ଯେଉଁଠି କୌଣସି ରୂପକର ବିଶେଷ ଆବଶ୍ୟକତା ନାହିଁ ବେଳେ ବେଳେ ମୁଁ ତାହାକୁ ଏଇଥିପାଇଁ ତ୍ୟାଗ କରିଛି ଯେ ଏହା ଫଳରେ ତାହାର ଆଧ୍ୟାତ୍ମିକ ସମକକ୍ଷ ଅର୍ଥ ପ୍ରଦାନ କରିହେବ; ଯେଉଁଠି ସେହି ରୂପକଟି ପାରିପାର୍ଶ୍ୱିକ ଶବ୍ଦାବଳିର ରୂପରଙ୍ଗକୁ ପ୍ରଭାବିତ କରୁଥିଲା ସେଠାରେ ତାହାର ସେହି ଅଳଙ୍କାରକୁ ବଜାୟ ରଖିବା ସହିତ ଅର୍ଥର ସମଗ୍ର ଜଟିଳତାକୁ ପ୍ରକାଶ କରିବା ନିମିତ୍ତ ମୁଁ କୌଣସି ଏକ ଉକ୍ତିର ଉପଯୋଗ କରିବାର ପ୍ରଯତ୍ନ କରିଛି । ଏପରିକି ମୁଁ ବେଳେ ବେଳେ ଦ୍ୱିବିଧ ଅନୁବାଦର ପ୍ରୟୋଗ କରିଛି । ଏହି ଭାବେ ଯେଉଁ ବୈଦିକ ଶବ୍ଦ ଯୁଗପତ୍ ଆଲୋକ ବା କିରଣ ଓ ଗୋରୁ ଅର୍ଥ ବହନ କରୁଥାଏ ତାହାର ଅନୁବାଦ ମୁଁ ସ୍ଥାନ-କାଳ-ପାତ୍ର ଅନୁସାରେ ''ଜ୍ୟୋତିଃ'', ''ଜ୍ୟୋତିଃ ରୂପକ କିରଣରାଜି'', ଜାଜ୍ୱଲ୍ୟମାନ ଗୋଯୂଥ ''ଭାସ୍ୱର ଗୋ-ଗଣ'', ''ଆଲୋକ, ଗୋଯୂଥର ଜନନୀ'' ପ୍ରଭୃତି କରିଛି । 'ସୋମ', ଯାହା ବେଦରେ ଦିବ୍ୟ ରସଗନ୍ଧଯୁକ୍ତ ମଦ୍ୟ ବୋଲି ଅଭିହିତ ତାହାକୁ ମୁଁ ''ଆନନ୍ଦମଦ୍ୟ'' ବା ''ଅମୃତସୁରା'' ବୋଲି ଅନୁବାଦ କରିଛି ।

ସମଗ୍ର ରୂପେ ଦେଖିଲେ ବୈଦିକ ଭାଷା ହେଉଛି ଏକ ଶକ୍ତିଶାଳୀ ତଥା ଅସାଧାରଣ ଉପକରଣ ଯାହା ସାରମୟ, ନାମ ବିଭାବଜଟିତ, ପ୍ରାଣ ପ୍ରାଚୁର୍ଯ୍ୟରେ ଭରା, ଅର୍ଥ-ସମୃଦ୍ଧିରେ ପୂର୍ଣ୍ଣ, ଆହୁରି ମଧ ଗତି ସଂଚରଣରେ ସାବଲୀଳ ଓ ସଯତ୍ନ ରଚନା ସହିତ ଯୁକ୍ତିଯୁକ୍ତ ଓ ଆଳଙ୍କାରିକ ବାକ୍ୟବିନ୍ୟାସକୁ ସିଦ୍ଧ କରିବା ଅପେକ୍ଷା ମନୋଗତ ଚିନ୍ତନର ସ୍ୱାଭାବିକ ଆକାଶ-ଉଡ୍ଡୟନକୁ ଅନୁସରଣ କରିବାରେ ସଚେତନ ଥାଏ । କିନ୍ତୁ ଏଭଳି ଏକ ଭାଷାକୁ ଇଂରାଜୀରେ ଅନୁବାଦ କରିବା ବେଳେ ଯଦି କିଛି ସଂଯୋଜନାଦି କ୍ରିୟା କରା ନ ଯାଏ ତେବେ ତାହା ହୋଇ ଯାଇପାରେ ରୁକ୍ଷ, ଅସଂଲଗ୍ନ ଓ ଅସ୍ପଷ୍ଟ, ତଥା ଏଥିରେ

ମୂଳ ରଚନାର ପ୍ରଭାତକାଳୀନ ସ୍ଫୂର୍ତ୍ତି ତଥା ସଶକ୍ତ ବିକ୍ରମଣର କିଛି ନ ରହି କେବଳ ନିଷ୍ପ୍ରାଣ ଆଉ ଭାରୀ ଭାରୀ ପଦାକ୍ରମ ମାତ୍ର ରହିଥିବ । ତେଣୁ ଅନୁବାଦ-ପ୍ରକ୍ରିୟାରେ ମୁଁ ଚୟନ କଲି ଯେ ଏହାକୁ ଏପରି ଏକ ଛାଞ୍ଚ ଦିଆଯାଉ ଯାହା ଇଂରାଜୀ ଭାଷା ପାଇଁ ଅଧିକତର ନମନୀୟ ଓ ସ୍ୱାଭାବିକ ହେଉଛି, ବାକ୍ୟାବଳିର ସଂଯୋଜନାରେ ମୁଁ ଏଭଳି କିଛି ଭାବାର୍ଥବୋଧକ ବାକ୍ୟାଂଶ ତଥା ଶବ୍ଦବିଧିର ଉପଯୋଗ କରିଛି ଯଦ୍ୱାରା ଯୁଗପତ୍ ଆଧୁନିକ ଭାଷାକୁ ତଥା ମୂଳ ବାକ୍ୟର ଚିନ୍ତାକୁ ସଂରକ୍ଷଣ କରାଯାଇ ପାରୁଛି । ଆହୁରି ମଧ୍ୟ ବୈଦିକ ଶବ୍ଦର ପୂର୍ଣ୍ଣାଙ୍ଗ ଅର୍ଥ ଓ ତାହାର ପାରିପାର୍ଶ୍ୱିକ ସମ୍ପର୍କକୁ ବ୍ୟକ୍ତ କରିବା ନିମନ୍ତେ ଆବଶ୍ୟକ ସ୍ଥଳେ ତାହାର ଶୁଷ୍କ ଆଭିଧାନିକ ପର୍ଯ୍ୟାୟବାଚକ ଶବ୍ଦକୁ ଗ୍ରାହ୍ୟ ନ କରିବାକୁ ମୁଁ କେବେ ବି କୁଣ୍ଠିତ ହୋଇ ନାହିଁ, ବରଂ ତା' ସ୍ଥାନରେ ଇଂରାଜୀର ବିବୃତ ବାକ୍ୟାଂଶ ପ୍ରୟୋଗ କରିଛି । ସଂସ୍କୃତିସମ୍ପନ୍ନ ଅଦ୍ୟତନ ବୁଦ୍ଧି ବେଦର ଆନ୍ତର ଅର୍ଥକୁ ଯେପରି ବୁଝି ପାରିବ ସେଥିପାଇଁ ମୋର ଯେଉଁ ପ୍ରାଥମିକ ଉଦ୍ଦେଶ୍ୟ ରହିଛି ତାହାରି ଉପରେ ମୁଁ ଆଦ୍ୟୋପାନ୍ତ ଦୃଷ୍ଟି ନିବଦ୍ଧ କରିଛି ।

ସବୁକିଛି ହେବା ପରେ ବି ସେଥିରେ କିଛି ପରିମାଣରେ ଟିପ୍ପଣୀ ଯୋଡ଼ିବା ତଥାପି ଅନିବାର୍ଯ୍ୟ ହୋଇଥିଲା; ତଥାପି ମୁଁ ଚେଷ୍ଟା କରିଛି ପାଦଟୀକାଗୁଡ଼ିକ ଦ୍ୱାରା ଅନୁବାଦଟି ଯେମିତି ଭାରାକ୍ରାନ୍ତ ହୋଇ ନ ଯାଏ ଅଥବା ସ୍ପଷ୍ଟୀକରଣଟି ଅତି ଲମ୍ବା ହୋଇ ନ ଯାଏ । ପାଣ୍ଡିତ୍ୟଧର୍ମୀ ସବୁକିଛିକୁ ମୁଁ ଏଥିରୁ ବାଦ୍ ଦେଇଛି । ବେଦରେ ଏପରି ବହୁ ସଂଖ୍ୟକ ଶବ୍ଦାବଳି ରହିଛି ଯେଉଁଗୁଡ଼ିକର ଅର୍ଥ ନିଷ୍ପାଦନ କରିବାରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ, ଏଭଳି ଉକ୍ତିମାନ ରହିଛି ଯାହାର ଅର୍ଥ ଅନୁମାନ ଦ୍ୱାରା ବା ଅସ୍ଥାୟୀ ରୂପେ ସ୍ଥିର କରାଯାଇ ପାରେ । ଯେଉଁ ଋଚାଗୁଡ଼ିକ ଦୁଇ ବା ତତୋଽଧିକ ପ୍ରକାରର ନିହିତାର୍ଥ ବହନ କରନ୍ତି ସେମାନଙ୍କ ସଂଖ୍ୟା ବି କମ୍ ନୁହେଁ । ପରନ୍ତୁ ପଣ୍ଡିତଙ୍କ ଅସୁବିଧା ବା ସନ୍ଦେହଜନିତ ବିକଳ୍ପରାଜିର ଏକ ସନ୍ଦର୍ଭ ରଚନାର ଅବସର ମୋର ଏହି ପ୍ରକାର ଅନୁବାଦରେ ନାହିଁ । ସୂକ୍ତଗୁଡ଼ିକୁ ବୁଝିବାକୁ ଇଚ୍ଛୁକ ପାଠକମାନଙ୍କ ନିମନ୍ତେ ଅପରିହାର୍ଯ୍ୟଭାବେ ଆବଶ୍ୟକ ପ୍ରଧାନ ବୈଦିକ ଚିନ୍ତାର ଏକ ସଂକ୍ଷିପ୍ତ ରୂପରେଖ ସୂକ୍ତର ଭୂମିକା ରୂପେ ମୁଁ ଉପସ୍ଥାପିତ କରିଛି ।

ସେ ହୁଏତ ଏଥିରୁ ଆଶା କରିବେ ଯେ ବୈଦିକ ସୂକ୍ତଗୁଡ଼ିକର ପ୍ରଚଳିତ ଭାବଧାରା ତଥା ବାହ୍ୟ ସଙ୍କେତଗୁଡ଼ିକୁ କିପରି ବୁଝି ପାରିବେ । ତାଙ୍କ ପାଇଁ ଏହାଠାରୁ ଅଧିକ ପ୍ରାୟ ସମ୍ଭବ ନୁହେଁ । ଗୁହ୍ୟବାଦୀ ସିଦ୍ଧାନ୍ତ ଏକେବାରେ ହୃଦୟ ମଧ୍ୟକୁ ଭେଦ କରିଛି ବୋଲି କହିବାର ଅର୍ଥ ଆମେ ସ୍ୱୟଂ ସେହି ପ୍ରାଚୀନ ପଥଗୁଡ଼ିକରେ ଯାତ୍ରା କରି ସାରିଛୁ ଏବଂ ଲୁପ୍ତ ଆଧ୍ୟାତ୍ମିକ ଶିକ୍ଷା ଓ ବିସ୍ମୃତ ଅଭିଜ୍ଞତାକୁ ପୁନଃଜାଗ୍ରତ୍ କରି ପାରିଛୁ । ଆମ ମଧ୍ୟରୁ ସେ କିଏ ଯେ କି କିଛି ଗଭୀରତା ବା ଜୀବନ୍ତ ସାମର୍ଥ୍ୟର ସହ ତାହା କରିବାକୁ ଆଶାବାନ୍ ? ଏହି କଳି ଯୁଗରେ (Age of Iron) ସେ କିଏ ଯାହାର କି ସେହି ପୂର୍ବପୁରୁଷଙ୍କ ଆଲୋକକୁ ପୁନରୁଦ୍ଧାର କରିବାର ସାମର୍ଥ୍ୟ ରହିଛି ଅଥବା ସେହି ଅନନ୍ତ 'ସତ୍ୟ' ସ୍ୱରୂପ ଦୁଇ ପରସ୍ପର ସମାବୃତ ଲୋକର ଊର୍ଦ୍ଧ୍ୱ ସେମାନଙ୍କର ସେହି ଅନନ୍ତ 'ସତ୍ୟ' ସ୍ୱରୂପ ଜ୍ୟୋତିର୍ମୟ ସ୍ୱର୍ଲୋକକୁ ଉଡ଼ିଯାଇ ପାରିବ ? ଋଷିଗଣ ନିଜ ଜ୍ଞାନକୁ ଅପାତ୍ରଙ୍କଠାରୁ ଆଢୁଆଳରେ ରଖିବାକୁ ଚାହିଁଥିଲେ, କାରଣ ସେମାନଙ୍କର ଏପରି ଏକ ପ୍ରତ୍ୟୟ ଥିଲା ଯେ ଏହି ଉତ୍କୃଷ୍ଟ ବସ୍ତୁଟି ବିକୃତ ହୋଇଗଲେ ବୋଧହୁଏ ନିକୃଷ୍ଟତା ଦିଗରେ ଚାଲିଯାଇ ପାରେ ତଥା ଏହି ଶକ୍ତିଗର୍ଭ 'ସୋମ'-ମଦ୍ୟକୁ ଶିଶୁ ଓ ଅଶକ୍ତ ବ୍ୟକ୍ତିକୁ ପ୍ରଦାନ କରିବାରେ ତାଙ୍କର ଭୟ ହେଉଥିଲା । ତେବେ କ'ଣ ଋଷିଗଣଙ୍କ ଆତ୍ମା ଏହି ମର୍ତ୍ତ୍ୟମାନବ, ଯେଉଁମାନେ କି 'ସୂର୍ଯ୍ୟ'ଙ୍କ କିରଣରୂପୀ ଗୋ-ମାନଙ୍କୁ ଇନ୍ଦ୍ରିୟ-ପ୍ରଧାନ ଜୀବନର ସ୍ୱାମୀମାନଙ୍କ ତମୋମୟୀ ଗୁହା ମଧ୍ୟରେ ଚିରକାଳ ପାଇଁ କାରାରୁଦ୍ଧ ହେବାକୁ ଛାଡ଼ି ଦେଇଛନ୍ତି, ସେମାନଙ୍କ ମଧ୍ୟରେ କୌଣସି ବିରଳ ଆତ୍ମାର ଅନ୍ୱେଷଣରେ ଆମମାନଙ୍କ ମଧ୍ୟରେ ବିଚରଣ କରୁଛନ୍ତି ଅଥବା ସେମାନେ ନିଜର ସେହି ଭାସ୍ୱର ଲୋକରେ ରହି ସେହି ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି କି ଯେତେବେଳେ 'ମରୁଦ୍‌ଗଣ' ପୁଣି ଥରେ ସୀମାପାରିକୁ ବିଚ୍ଛୁରିତ ହେବେ ଏବଂ 'ସ୍ୱର୍ଗଶୁନୀ' (ସରମା) ଯେତେବେଳେ ପୁଣି ଥରେ 'ସ୍ୱର୍ଗୋଦ୍ୟାନ' ରୂପକ ସ୍ୱର୍ଣ୍ଣଦୀଗୁଡ଼ିକୁ ଆମ ଦିଗରେ ବେଗାନ୍ୱିତ କରି ଦେବେ, ଦିବ୍ୟ ବାରିଧାରାଗୁଡ଼ିକର ଅବରୋଧୀ ପ୍ରସ୍ତରରାଜି ଭାଙ୍ଗିପଡ଼ିବେ ଓ ଗୁହାଗୁଡ଼ିକ ଛିନ୍ନଭିନ୍ନ ହୋଇ ଯିବେ, ବିଦ୍ୟୁତ୍‌ପାତର ବଜ୍ର ପ୍ରସ୍ତର ଦ୍ୱାରା ଘୃଷ୍ଟ ହୋଇ ମାନବର ଦେହ ମଧ୍ୟରୁ ଅମୃତତ୍ୱଦାୟୀ ସେହି ରସ ନିଶ୍ଚ୍ୟୁତିତ ହେବ ? ସେମାନଙ୍କ ରହସ୍ୟ ସେମାନଙ୍କଠାରେ ସୁଗୁପ୍ତ ହୋଇ ରହିଛି । ଆମେ ଏହିଭଳି ଏକ ଯୁଗରେ ନିବାସ କରୁଛୁ ଯାହା ବାହ୍ୟ ଜୀବନର କ୍ଷଣଭଙ୍ଗୁର ଚମକ ଦ୍ୱାରା ଆମ ଚକ୍ଷୁଗୁଡ଼ିକୁ ଅନ୍ଧ କରି ରଖିଛି ଏବଂ ଭୌତିକ ତଥା ଏକ ପ୍ରକାର ଯାନ୍ତ୍ରିକ ଜ୍ଞାନର ବିଜୟ

ତୂର୍ଯ୍ୟରେ ଆମ କର୍ଣ୍ଣଗୁଡ଼ିକୁ ବଧିର କରି ଦେଇଛି, ଏଥିରେ ଏହାର ସମ୍ଭାବନା ବହୁତ କମ୍ । ସେହିଭଳି ଅଧିକ ଲୋକ ଯେ ନିଜ ନିଜର ବୌଦ୍ଧିକ ଓ କଳ୍ପନାପ୍ରବଣ କୌତୂହଳୀ ଦୃଷ୍ଟିଠାରୁ ଅଧିକ କିଛି ଦ୍ୱାରା ଋଷିଗଣଙ୍କ ସୁପ୍ରାଚୀନ ସାଧନାଧାରାର ଗୁହ୍ୟବଚନ ଉପରେ ଦୃଷ୍ଟିପାତ କରିବେ ଅଥବା ସେମାନଙ୍କ ସମୁଜ୍ଜ୍ୱଳ ରହସ୍ୟଗୁଡ଼ିକର ହୃତ୍‌କେନ୍ଦ୍ରକୁ ଭେଦ କରିବାକୁ ଇଚ୍ଛା କରିବେ ସେଭଳି ସମ୍ଭାବନା ମଧ୍ୟ ବହୁତ କମ୍ । ବେଦର ରହସ୍ୟ ଉଦ୍‌ଘାଟିତ ହୋଇ ଯାଇଥିବା ବେଳେ ବି ତାହା ତଥାପି ରହସ୍ୟ ହୋଇ ରହିଥାଏ ।

(କ୍ରମଶଃ)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda'*, Part - III, **(*Hymns of the Atris, Foreword* )**, pp. 365-369 ]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ❖

## ସର୍ବ ମହାନ୍ ଯୋଗ

The greatest Yoga is to take refuge from all the perplexities and difficulties of our nature with this indwelling Lord of all Nature, to turn to him with our whole being, with the life and body and sense and mind and heart and understanding, with our whole dedicated knowledge and will and action, *sarva-bhãvena*, in every way of our conscious self and our instrumental nature. And when we can at all times and entirely do this, then the divine Light and Love and Power takes hold of us, fills both self and instruments and leads us safe through all the doubts and difficulties and perplexities and perils that beset our soul and our life, leads us to a supreme peace and the spiritual freedom of our immortal and eternal status, *parãm sãntim, sthãnam sãsvatam.*

– Sri Aurobindo

ସର୍ବ ମହାନ୍ ଯୋଗ ହେଉଛି ସେଇ ଯୋଗ ଯେଉଁଥିରେ ଆମକୁ ଆମ ପ୍ରକୃତିର ଜଟିଳତା ଓ ବାଧାବିପତ୍ତି ମଧ୍ୟରୁ ବାହାରି ଆସି ସର୍ବମୟ ଉଚ୍ଚତର ପ୍ରକୃତିର ଅନ୍ତରବାସୀ ଭଗବାନଙ୍କ ନିକଟରେ ଆଶ୍ରୟ ଗ୍ରହଣ କରିବାକୁ – ଆମର ସମଗ୍ର ସତ୍ତା, ଜୀବନ, ଶରୀର, ଇନ୍ଦ୍ରିୟ, ମନ, ହୃଦୟ, ବୋଧଶକ୍ତି, ଆମର ସମଗ୍ର ଉତ୍ସର୍ଗୀକୃତ ଜ୍ଞାନ, ସଂକଳ୍ପ ତଥା କର୍ମ, ସକଳ ଭାବନା, ଆମର ସଚେତନ ସତ୍ତା ଓ ଯାନ୍ତ୍ରିକ ପ୍ରକୃତିର ପ୍ରତ୍ୟେକଟି ଧାରାକୁ ନେଇ, *ସର୍ବଭାବେନ*, ତାଙ୍କରି ପ୍ରତି ଉନ୍ମୁକ୍ତ ରହିବାକୁ ପଡ଼ିଥାଏ । ଯେତେବେଳେ ଆମେ ସବୁ ସମୟରେ ଓ ପରିପୂର୍ଣ୍ଣ ଭାବେ ଏହା କରିବାକୁ ସମର୍ଥ ହେବୁ ତା'ପରେ ଦିବ୍ୟ-ଆଲୋକ, ଦିବ୍ୟପ୍ରେମ ଓ ଦିବ୍ୟଶକ୍ତି ଆମକୁ ଅଧିକାର କରିବ ଓ ଉଭୟ ଆତ୍ମା ତଥା ଅନ୍ୟାନ୍ୟ ଆଧାର ମଧ୍ୟରେ ନିଜକୁ ଭରିଦେବ ଓ ସମସ୍ତ ସନ୍ଦେହ, ବାଧା, ଜଟିଳତା ତଥା ବିପଦ ଯାହା ଆତ୍ମା ତଥା ଜୀବନକୁ ଘେରି ରହିଥାଏ ସେସବୁର ମଧ୍ୟଦେଇ ଆମକୁ ନିରାପଦରେ ନେଇଚାଲିବ । ନେଇ ଚାଲିବ ଏକ ପରମ ଶାନ୍ତି ଓ ଆମର ଅମର ତଥା ଶାଶ୍ୱତ ସ୍ଥିତି ଆଧ୍ୟାତ୍ମିକ ମୁକ୍ତି ଦିଗରେ, *ପରାଂ ଶାନ୍ତିମ୍, ସ୍ଥାନଂ ଶାଶ୍ୱତମ୍* ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ଯୋଗ ଓ ଅନ୍ୟାନ୍ୟ ମାର୍ଗ


## ଶ୍ରୀ ପ୍ରପତ୍ତି


ଶ୍ରୀଅରବିନ୍ଦଙ୍କ ଯୋଗ ଓ ଅନ୍ୟାନ୍ୟ ଯୋଗସକଳ – ଏ ସମ୍ପର୍କରେ ବିଚାର ବା ଆଲୋଚନା କଲାବେଳେ ଅନେକ ସମୟରେ ନାନା ପ୍ରକାର ବିଭ୍ରାନ୍ତି ଓ ଭୁଲ୍ ଚିନ୍ତାଧାରା ରହିଥିବାର ଦେଖାଯାଏ । ଏପରିକି ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ଆଦର୍ଶକୁ ଗ୍ରହଣ କରିଥିବା ଅନେକ ବ୍ୟକ୍ତି ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି । ଏ ସମ୍ପର୍କରେ ସାଧରଣତଃ ଦୁଇ ପ୍ରକାରର ଭୁଲ୍ ଦେଖାଯାଏ । କେତେକ କହନ୍ତି ପୁରାତନ ଯୋଗସକଳ ଆଧ୍ୟାତ୍ମିକ ସାଧନାର ଯେଉଁ ମାର୍ଗ ଓ ଲକ୍ଷ୍ୟ ସବୁକୁ ପ୍ରତିଷ୍ଠିତ କରିଥିଲେ ଶ୍ରୀଅରବିନ୍ଦ ତାହା ଅପେକ୍ଷା ଆଉ ନୂତନ କିଛିର ସନ୍ଧାନ ଦେଇ ନାହାନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ ସେସବୁର ପୁନରାବୃତ୍ତି ମାତ୍ର । ଅନ୍ୟପକ୍ଷରେ ଆଉ କେତେକ କହନ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ହିଁ ଆଧ୍ୟାତ୍ମିକତାର ଏକମାତ୍ର ମାର୍ଗ ଓ ଅନ୍ୟାନ୍ୟ ସାଧନା ଅର୍ଥହୀନ, ସେସବୁର କୌଣସି ମୂଲ୍ୟ ବା ଉପଯୋଗିତା ନାହିଁ । କହିବାବାହୁଲ୍ୟ ଯେ ଏ ଦୁଇଟିଯାକ ବିଚାର ସମ୍ପୂର୍ଣ୍ଣ ଭୁଲ୍ ।

ଶ୍ରୀଅରବିନ୍ଦ ସ୍ୱୟଂ ପ୍ରକାଶ କରିଥିଲେ ଯେ ସେ ଜନ୍ମ ନେଇଛନ୍ତି ପୃଥିବୀ-ଚେତନାରେ ଏକ ନୂତନ ଆଧ୍ୟାତ୍ମିକ ସତ୍ୟକୁ ପ୍ରତିଷ୍ଠା କରି ବିବର୍ତ୍ତନର ଧାରାକୁ ଆହୁରି ପାଦେ ଆଗେଇ ନେବା ପାଇଁ । ଏହି ସତ୍ୟ ହେଲା ଅତିମାନସ । ବେଦ ଓ ଉପନିଷଦ୍ ଓ ସେହି ଯୁଗର ଋଷିମାନେ ଯେଉଁ ସତ୍ୟର ଆଭାସ ପାଇଥିଲେ ସେହି ଅତିମାନସ ସତ୍ୟକୁ ପୃଥିବୀପୃଷ୍ଠରେ ଅବତରଣ ଓ କାର୍ଯ୍ୟକାରୀ କରାଇ ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର ସାଧନ ଏବଂ କୌଣସି ଊର୍ଦ୍ଧ୍ୱଲୋକରେ ନୁହେଁ ଏହି ଜଡ଼ ପୃଥିବୀରେ ଭଗବାନଙ୍କର ପରିପୂର୍ଣ୍ଣ ଉପଲବ୍ଧି ଓ ପ୍ରକାଶ – ଆଧ୍ୟାତ୍ମିକ ସାଧନା ଓ ସିଦ୍ଧି କ୍ଷେତ୍ରରେ ଏହା ଏକ ସମ୍ପୂର୍ଣ୍ଣ ନୂତନ ଦିଗ୍‌ଦର୍ଶନ । ତେଣୁ ଶ୍ରୀଅରବିନ୍ଦଙ୍କର ନୂତନ କିଛି ଅବଦାନ ନାହିଁ ବୋଲି କହିବା ସଙ୍ଗତ ନୁହେଁ ।

ଠିକ୍ ସେହିପରି ପୂର୍ବପରି ସମସ୍ତ ଅଧ୍ୟାତ୍ମ ସାଧନାକୁ ଅର୍ଥହୀନ ଓ ମୂଲ୍ୟହୀନ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ । ଅନ୍ୟାନ୍ୟ ସମସ୍ତ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିର ମହନୀୟ ସମ୍ପଦର ଅଧିକାରୀ ହୋଇ ପାରିଥିବା ଫଳରେ ହିଁ ଆଜି ମାନବିକ ଚେତନା ତା'ର ବିକାଶର ବର୍ତ୍ତମାନ ପର୍ଯ୍ୟାୟରେ ଅତିମାନସ ସିଦ୍ଧିର ଲକ୍ଷ୍ୟକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୋଇ ପାରିଛି । ଶ୍ରୀଅରବିନ୍ଦ ବାରଂବାର କହିଛନ୍ତି ଯେ ପୂର୍ଣ୍ଣ ଯୋଗରେ ଅନ୍ୟ ସମସ୍ତ ଯୋଗ ଓ ଆଧ୍ୟାତ୍ମିକ ସାଧନାସବୁକୁ ଅନ୍ତର୍ଭୁକ୍ତ କରାଯାଇ ଅଛି ଓ ଏ ଯୋଗ ପାଇଁ ସେ ସବୁର ଉପଯୋଗିତା ଅଛି । ତେଣୁ ସେ ସବୁକୁ ମୂଲ୍ୟହୀନ କହିବା ନିତାନ୍ତ ଭୁଲ୍ ।

ଆଉ ଗୋଟିଏ ବିଷୟ ମନେ ରଖିବା ଉଚିତ ଯେ ଆଧ୍ୟାତ୍ମିକ କ୍ଷେତ୍ରରେ ସାଧନାର ବିଭିନ୍ନ ମାର୍ଗ ଭିତରେ ତୁଳନା କରି କେଉଁଟି ଉତ୍କୃଷ୍ଟ ବା କେଉଁଟି ନିକୃଷ୍ଟ ପ୍ରତିପାଦିତ କରିବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ । ଯୁକ୍ତିବୁଦ୍ଧି ଖଟାଇ ବା ତର୍କ-ବିତର୍କର ଆଶ୍ରୟ ନେଇ ଏସବୁ ସମ୍ପର୍କରେ କୌଣସି ସିଦ୍ଧାନ୍ତରେ ପହଞ୍ଚିବାକୁ ଚେଷ୍ଟା କରିବା ମଧ୍ୟ ଉଚିତ ନୁହେଁ । ଆଧ୍ୟାତ୍ମିକତାର ପଥ ହେଲା ଆତ୍ମାର ପଥ । ଯୋଗ ଓ ଆଧ୍ୟାତ୍ମିକତାର ପ୍ରତ୍ୟେକ ମାର୍ଗ, ପ୍ରତ୍ୟେକ ଲକ୍ଷ୍ୟ ନିଜ ନିଜର ମହତ୍ତ୍ୱ, ମହାନତା ଓ ଦୀପ୍ତିରେ ଭାସ୍ୱର ।

ଆଶାକରୁ 'ନବଜ୍ୟୋତି'ର ପାଠକପାଠିକାମାନେ ଏହିସବୁ ଆଲୋଚନାରେ ପ୍ରବୃତ୍ତ ହେଲା ବେଳେ ବରାବର ଏକ ଯଥାର୍ଥ, ବ୍ୟାପକ ଓ ଉଦାର ମନୋଭାବ ରଖିବେ ।

### ସେତୁ ନିର୍ମାଣ :

ଆଧ୍ୟାତ୍ମିକ ଉପଲବ୍ଧି ବା ସିଦ୍ଧି ସହିତ ଜାଗତିକ ଜୀବନର କୌଣସି ଯଥାର୍ଥ ଓ ବିଧିବଦ୍ଧ ସମ୍ପର୍କ ରକ୍ଷା କରିବା କେବଳ କଠିନ ବ୍ୟାପାର ନୁହେଁ, ଏକେବାରେ ଅସମ୍ଭବ । ଭଗବାନ୍ ଓ ପୃଥିବୀ, ଉଚ୍ଚତର ଆତ୍ମିକ ଅନୁଭୂତି ଏବଂ ସାଂସାରିକ ଜୀବନ ଏ ଭିତରେ ବରାବର ଗୋଟିଏ ଗଭୀର ପାର୍ଥକ୍ୟ ବା ବ୍ୟବଧାନ ରହି ଆସିଛି । ଅତୀତର ଯେଉଁ ସକଳ ଅଧ୍ୟାତ୍ମ-ସିଦ୍ଧି ପାର୍ଥିବ ଜୀବନରେ ପ୍ରତିଷ୍ଠିତ ହୋଇଛି ତାହା ବାସ୍ତବରେ ନିଜସ୍ୱ ଧାରାରେ ହିଁ ସୀମାବଦ୍ଧ ଓ ସଙ୍କୁଚିତ ହୋଇ ରହିଛି । ଆଧ୍ୟାତ୍ମିକ ସିଦ୍ଧି ପାର୍ଥିବ ଜୀବନକୁ ପ୍ରଭାବିତ କରିଛି, କିଛି ପରିମାଣରେ ସାମୟିକ ରୂପେ ପୃଥିବୀପୃଷ୍ଠରେ ଶୁଦ୍ଧ ବାତାବରଣ ପ୍ରସ୍ତୁତ କରିବାରେ ସହାୟ ହୋଇଛି, ମାତ୍ର ତାହା ସାଧାରଣ ଜୀବନକୁ ପରିବର୍ତ୍ତନ କରିପାରି ନାହିଁ । ଏପରି କୁହାଯାଇପାରେ ଯେ ଆଧ୍ୟାତ୍ମିକ ଜଗତ୍ ଓ ଭୌତିକ ଜଗତ୍ ସମ୍ପୂର୍ଣ୍ଣ ରୂପେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ

ରହି ଆସିଛନ୍ତି । ଯେପରି ବାଲିରେ ପାଣି ଢାଳିଲେ ତାହା ଶୁଖିଯାଏ, ସେହିପରି କେତେ ପ୍ରକାର ଆଧ୍ୟାତ୍ମିକ ଶକ୍ତି ଓ ସାମର୍ଥ୍ୟ ପାର୍ଥିବ ପ୍ରକୃତି ସମ୍ମୁଖରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ଆଧ୍ୟାତ୍ମିକ ଜଗତର ସମ୍ପଦ, ଐଶ୍ୱର୍ଯ୍ୟ, ଭାସ୍ୱରତା, ସ୍ଥିରତା, ଶାନ୍ତି ଓ ବିଶୁଦ୍ଧି ଭୌତିକ ଜୀବନରେ କୌଣସି ପ୍ରକାର ଯଥାର୍ଥ ଏବଂ ଅବିକୃତ ରୂପେ ପ୍ରକାଶ କରାଯାଇ ପାରି ନାହିଁ ।

ଏହାର ଗଭୀର ଦାର୍ଶନିକ ତତ୍ତ୍ୱ ମଧ୍ୟ ରହିଛି । ସେସବୁର ଆଲୋଚନା ଏଠାରେ ଅନାବଶ୍ୟକ । ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ଓ ସିଦ୍ଧି ଏକ ଏବଂ ସମ୍ଭବତଃ ଏହାର ଚରମ ବୈଶିଷ୍ଟ୍ୟ ଏହି ଯେ ଏହା ଭଗବାନ୍ ଓ ପୃଥିବୀ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି ଆଧ୍ୟାତ୍ମିକତା ଓ ପାର୍ଥିବତା ମଧ୍ୟରେ, ଅଧ୍ୟାତ୍ମ ବିଭୂତି ଓ ସାଂସାରିକ ଜୀବନ ମଧ୍ୟରେ ଗୋଟିଏ ସେତୁ ନିର୍ମାଣ କରିଛି । ପରାପ୍ରରା ପରମା ଅତିମାନସ ଶକ୍ତିର ଅବତରଣ ଫଳରେ, ଜଡ଼ର ମୂଳ ଭୂମି ନିଶ୍ଚେତନାର ରୂପାନ୍ତର ସମ୍ଭବ ହେବ ବୋଲି ଦେଖାଗଲା ଏବଂ ଏହି ସମ୍ଭାବନା ଫଳରେ ପାର୍ଥିବ ଜୀବନ ରୂପାନ୍ତରିତ ହୋଇ ପାରିବ । ଶ୍ରୀମା'ଙ୍କର ବର୍ତ୍ତମାନ ଯେଉଁ କାର୍ଯ୍ୟ ତାହା ହେଲା ଏହି : ଅତିମାନସ ଦିବ୍ୟ ଐଶ୍ୱର୍ଯ୍ୟରାଶିକୁ ଅବିକୃତ ଭାବେ ପାର୍ଥିବ ପ୍ରକୃତି ମଧ୍ୟରେ ପ୍ରକାଶିତ ହେବାକୁ ଦେବା । କିନ୍ତୁ ଏହା କରିବାକୁ ହେଲେ ଅଧ୍ୟାତ୍ମ-ସିଦ୍ଧି ଓ ଭୌତିକ ପ୍ରକୃତି ମଧ୍ୟରେ ଗୋଟାଏ ଦୃଢ଼ ସେତୁ ସ୍ଥାପନ କରିବାକୁ ହେବ । ବର୍ତ୍ତମାନ ଯଥାର୍ଥ ଆଧ୍ୟାତ୍ମିକ ଜୀବନ ଓ ତା'ର ଚତୁର୍ଦ୍ଦିଗର ଭୌତିକ ଜୀବନ ମଧ୍ୟରେ ଯେଉଁ ସମ୍ପର୍କ ରହିଛି ତାହା ଅତି କ୍ଷୀଣ, ଦୁର୍ବଳ ଏବଂ ପ୍ରାୟ ଅଦୃଶ୍ୟ । ଥରେ ଯଦି ଏହି ସମ୍ପର୍କ ଆଧ୍ୟାତ୍ମିକତା ଓ ଭୌତିକତା ମଧ୍ୟରେ ପୂର୍ଣ୍ଣ ଓ ଯଥାର୍ଥ ଭାବରେ ସ୍ଥାପିତ ହୁଏ ତେବେ ପାର୍ଥିବ ପ୍ରକୃତି ଜାଗତିକ ଜୀବନ ଦୃଶ୍ୟତଃ, ପ୍ରତ୍ୟକ୍ଷରେ ରୂପାନ୍ତରିତ ହେବ । ଏହା ହିଁ ହେଲା ଦିବ୍ୟ ଜୀବନ ସ୍ଥାପନ ଓ ଅତିମାନସ ସିଦ୍ଧିର ଅନ୍ୟତମ ଗୂଢ଼ ରହସ୍ୟ ।

**ଲକ୍ଷ୍ୟ ଓ ଉପାୟ :**

ଶ୍ରୀଅରବିନ୍ଦଙ୍କ ସାଧନାର ଲକ୍ଷ୍ୟ ହିଁ ପୃଥିବୀପୃଷ୍ଠରେ ଏକ ନୂତନ ଚେତନା, ଶକ୍ତି, ସାମର୍ଥ୍ୟ ଓ ଜ୍ୟୋତିର ସ୍ଥାପନ — ଯାହା ଫଳରେ ପାର୍ଥିବ ଜୀବନର ଚରମ ପରିବର୍ତ୍ତନ ସଂଘଟିତ ହୋଇ ମାନବ ଗୋଷ୍ଠୀ ଏକ ନୂତନ ସ୍ତରରେ ଉପନୀତ ହେବ । ଏହି ଲକ୍ଷ୍ୟ ଖୁବ୍ ବିଶାଳ, ମହାନ୍, ଏପରିକି ଅକଳ୍ପନୀୟ । ଏହି ଲକ୍ଷ୍ୟରେ ପହଞ୍ଚିବା କେବେ ବି ସମ୍ଭବ ହୁଅନ୍ତା ନାହିଁ ଯଦି ମା ଓ ଶ୍ରୀଅରବିନ୍ଦ ଏହାର ପଥ ପରିଷ୍କାର କରି ନଥା'ନ୍ତେ । ଏପରି ଏକ ମହାନ୍ ବିଶାଳ ଲକ୍ଷ୍ୟରେ ପହଞ୍ଚିବା ନିମିତ୍ତ କି କି ଉପାୟ, ନ୍ୟୂନତଃ, ଅତି ସାମାନ୍ୟ ଭାବରେ ଗ୍ରହଣ କରାଯାଇ ପାରେ, ଏ ବିଷୟରେ ଶ୍ରୀଅରବିନ୍ଦ ଅତି ଗଭୀର ଭାବେ ଆଲୋଚନା କରି ଅଛନ୍ତି । କୌଣସି ପ୍ରକାର ବାହ୍ୟ ଉପଚାର, ଆଡ଼ମ୍ବର ବା ବୁଦ୍ଧିଗତ ସଙ୍ଗଠନ ଓ ଉପାୟ ଦ୍ୱାରା ଏପରି କାର୍ଯ୍ୟ କେବେ ବି ସାଧିତ ହୋଇ ପାରିବ ନାହିଁ । ଯେଉଁମାନେ ନିଜ ଜୀବନରେ ଓ ସାମାଜିକ ତଥା ଗୋଷ୍ଠୀଗତ ଜୀବନରେ ଏହି ମହାନ୍ ସତ୍ୟର ପ୍ରତିଷ୍ଠା ନିଷ୍ଠା ତଥା ଆନ୍ତରିକତା ସହ ଚାହୁଁଛନ୍ତି ସେମାନେ ପ୍ରଥମେ ସର୍ବାଦୌ ଏକ ଆନ୍ତର ଜୀବନର ସ୍ଥିତି ନିଜ ମଧ୍ୟରେ ଆବିଷ୍କାର କରିବାକୁ ଚେଷ୍ଟା କରନ୍ତୁ, ଅଭୀପ୍ସା ଓ ସଙ୍କଳ୍ପ କରନ୍ତୁ । ଏକଥା ବରାବର ସ୍ମରଣ ରଖିବାକୁ ହେବ ଯେ ଆନ୍ତର ସତ୍ତା ହିଁ ଯୋଗ-ଜୀବନରେ ବାହ୍ୟ ଜୀବନକୁ ନିର୍ମାଣ କରିବ ଓ ପୂର୍ଣ୍ଣତା ଦେବ, ଏହାର ବିପରୀତ ନୁହେଁ । ଏଠାରେ ବାହ୍ୟ ଦୃଷ୍ଟିଭଙ୍ଗୀ ଅନ୍ତର୍ଭିମୁଖୀ ହେବା ଉଚିତ । ମହାନ୍ ପଥର ସାଧକମାନଙ୍କ ନିମିତ୍ତ ଶ୍ରୀଅରବିନ୍ଦ ଦୃଢ଼ ଭାବେ ଘୋଷଣା କରି କହିଛନ୍ତି :

"This then is the first necessity, that the individual, each individual, shall discover the spirit, the divine reality within him and express that in all his being and living. A divine life must be first and foremost an inner life; for since the outward must be the expression of what is within, there can be no divinity in the outer existence if there is not the divinisation of the inner being."

(CWSA, Vol. 21-22, P. 1059-60) – Sri Aurobindo

ଅର୍ଥାତ୍, ''ତେବେ, ଏହା ହିଁ ହେଲା ସର୍ବପ୍ରଥମ ଆବଶ୍ୟକତା, ବ୍ୟକ୍ତି, ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ତା'ର ସତ୍ତା ଏବଂ ଦିବ୍ୟ ତତ୍ତ୍ୱକୁ ଆବିଷ୍କାର କରିବ ଏବଂ ତାହାକୁ ତା'ର ଆଧାରର ସକଳ ଅଂଶ ଏବଂ ଜୀବନଯାପନ ପ୍ରଣାଳୀ ମଧ୍ୟରେ ପ୍ରକାଶ କରିବ । 'ଦିବ୍ୟ-ଜୀବନ' ପ୍ରଥମତଃ ଏବଂ ସର୍ବାଦୌ ହେବ ଏକ ଆନ୍ତର ଜୀବନ; ଯେହେତୁ ବାହ୍ୟ ଜୀବନ ହେବ ଆନ୍ତର ଜୀବନର ଅଭିବ୍ୟକ୍ତି, ସୁତରାଂ ବାହ୍ୟ ଜୀବନରେ

କୌଣସି ପ୍ରକାର ଦିବ୍ୟତା ରହି ନ ପାରେ ଯଦି ଆନ୍ତର ଜୀବନର ରୂପାନ୍ତର ସାଧିତ ନ ହୋଇଛି ।''

କିନ୍ତୁ ଏହି ସାଧନା କଠୋର, କଠିନ ଏବଂ ଆନ୍ତର ଜୀବନରେ ପ୍ରବେଶ କରିବା ଖୁବ୍ ସହଜ ନୁହେଁ । କିନ୍ତୁ ଆଉ ଦ୍ୱିତୀୟ ପନ୍ଥା ନାହିଁ — ଶ୍ରୀଅରବିନ୍ଦ ଏ ବିଷୟରେ ଅତି ସୁସ୍ପଷ୍ଟ :

"This movement of going inward and living inward is a difficult task to lay upon the normal consciousness of the human being; yet there is no other way of self-finding."

(CWSA, Vol. 21-22, P. 1064) – Sri Aurobindo

ଅର୍ଥାତ୍, ''ଏହି ଆନ୍ତର ଜୀବନରେ ପ୍ରବେଶ କରିବା ଏବଂ ଆନ୍ତର ଭାବ ସହ ଜୀବନଯାପନ କରିବା ସାଧାରଣ ମାନବିକ ଚେତନା ପକ୍ଷରେ ଗୋଟାଏ କଠିନ ବ୍ୟାପାର; କିନ୍ତୁ ଆତ୍ମ-ଆବିଷ୍କାରର ଅନ୍ୟ କୌଣସି ପନ୍ଥା ନାହିଁ ।''

ସୁତରାଂ ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ-ସାଧନାର ଅତି ପ୍ରାଥମିକ ଉପାୟ ହେଲା ଏହି ଆନ୍ତର ଜୀବନକୁ ନିଜ ମଧ୍ୟରେ ଆବିଷ୍କାର କରିବା ଏବଂ ନିଜ ଜୀବନରେ ଯଥାର୍ଥ ରୂପ ଦେବା ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୪୭-୫୦)

How beautiful is the day when one can offer one's devotion to Sri Aurobindo.

(CWM. Vol. 13, p. 27) – THE MOTHER

*With best compliments from* :

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ଭାରତାତ୍ମା ଉଦ୍ଦେଶ୍ୟରେ ଏକ ପ୍ରାର୍ଥନା

## ଶ୍ରୀ ମନୋଜ ଦାସ

ହେ ଭାରତାତ୍ମା, ବର୍ଷ ପରେ ବର୍ଷ ଆମେ ସଭା ସମିତିରେ ''ଭାରତ ମାତା କି ଜୟ'' ଧ୍ୱନି ଦେଇ ଆସିଛୁ । ଏ ସନ୍ତାନର ସନ୍ଦେହ, ଜନନୀ ସେଥିରେ ଗୌରବାନ୍ୱିତା ବୋଧ କରିବା ତ ଦୂରର କଥା, ସାମାନ୍ୟ ପ୍ରଭାବିତା ମଧ୍ୟ ହୁଅନ୍ତି ନାହିଁ । କାରଣ ଅଧିକାଂଶ ଧ୍ୱନିକାରୀଙ୍କ ହୃଦୟରେ ତାଙ୍କ ପ୍ରତି ଭକ୍ତି ନ ଥାଏ; ଥାଏ ସେମାନେ ତାଙ୍କ ଭକ୍ତ ବୋଲାଇବାର ଅଧିକାରୀ, ଏହି ଆସ୍ପର୍ଦ୍ଧାର ଘୋଷଣା ମାତ୍ର ।

ନିବେଦନ ଆରମ୍ଭ କରୁଛି ଏକ ମାମୁଲି ଅଭିଜ୍ଞତାରୁ । ଏକଦା ଗୋଟାଏ ଅତିଥି ଭବନରେ ରାତି ବିତାଉ ଥିଲା ଲେଖକ । ପ୍ରତ୍ୟୁଷରେ ବାରନ୍ଦାକୁ ବାହାରି ଆସିବା ବେଳକୁ ପାଖ କୋଠରିରେ ରହିଥିବା ବିଦେଶୀ ଭଦ୍ରଲୋକ କୁହେଳିମୟ ସାମନା ପରିସର ଭିତରେ ପଦଚାରଣା କରୁଥିଲେ । ଅଭିବାଦନ ଆଦାନ-ପ୍ରଦାନ ଅନ୍ତେ ମୋତେ ପଚାରିଲେ, ''ଆପଣ ନିଦ୍ରା ଯାଇ ପାରିଲେ ?'' ମୁଁ ଦୋଦୋପାଞ୍ଚ କରି କିଛି କହି ଆସିବା ବେଳକୁ ସେ ବିନୟଭରେ କହିଲେ, ''ଦୁଃଖିତ – ଏମିତି ଅଖାଡୁଆ ପ୍ରଶ୍ନଟାଏ ପଚାରି ଦେଲି । ସୁଦୀର୍ଘ ବିମାନ ଯାତ୍ରାର ପ୍ରତିକ୍ରିୟାରୁ ଆମେ ଏ ଯାଏ ଉତ୍ତୀର୍ଣ୍ଣ ହୋଇ ନାହୁଁ ତ !''

ସେ ବାରନ୍ଦାକୁ ଉଠି ଆସିଲେ ଏବଂ ଆମେ ପାଖାପାଖି ଦୁଇଟି ଚୌକିରେ ବସିଲୁ । ଗତ ରାତି ଶେଷ ପ୍ରହର ପର୍ଯ୍ୟନ୍ତ ମୁଁ ମଧ୍ୟ ଶୋଇପାରି ନ ଥିଲି । ପ୍ରଥମରୁ ଦ୍ୱିତୀୟ ପ୍ରହର ଯାଏ ଏକ ଦିଗରେ ବାଦ୍ୟ ଓ ବିସ୍ଫୋରଣ ଏବଂ ଅନ୍ୟ ଦିଗରେ ମାନବ କଣ୍ଠ ନିଃସୃତ କୋଳାହଳ ଭିତରେ ନାଦନିନାଦ-ପ୍ରତିଯୋଗିତା ବାତାବରଣକୁ ଯେଭଳି ସନ୍ତ୍ରସ୍ତ କରି ରଖିଥିଲା, ସେଥିରେ ଆତ୍ମ-ନିର୍ବାସନ ବିନା ନିଦ୍ରାର ଗତ୍ୟନ୍ତର ନ ଥିଲା । ସ୍ଥାନୀୟ ଏକ ନିର୍ବାଚନରେ ବିଜୟ ଲାଭ କରିଥିବା ପ୍ରାର୍ଥୀ ସୁସଜ୍ଜିତ ଟ୍ରକ୍ ଉପରେ ଦଣ୍ଡାୟମାନ ରହି ନିଜ ବିଜୟ ଘୋଷଣା କରୁଥିଲେ ।

ବିଦେଶୀଙ୍କ ଟିକି ପୁଅ ମାତାପିତାଙ୍କୁ ପଚାରିଥିଲା, ''ମିତ୍ରପକ୍ଷ ପରା ମୋ ଜନ୍ମର ବହୁ ବର୍ଷ ପୂର୍ବରୁ ବିଜୟୀ ହୋଇ ସାରିଥିଲେ ? ତେବେ... ?''

ହେ ଭାରତାତ୍ମା, ତୁମେ ଆମ ରାଜନୀତି ବାଗୀଶମାନଙ୍କୁ ଏତିକି ହୃଦୟଙ୍ଗମ କରାଇ ଦିଅ ଯେ ନିର୍ବାଚନ ଏକ ଯୁଦ୍ଧ ନୁହେଁ । କେହି କାହାରି ସହ ଯୁଝୁ ନାହାନ୍ତି । ଏହା ଗୋଟିଏ ପକ୍ଷ ବନାମ ସିଧାସଳଖ ଆଉ ଗୋଟିଏ ପକ୍ଷର ସଂଘର୍ଷ ନୁହେଁ, ଦୁଇ ବା ତତୋଽଧିକ ପକ୍ଷ ମଝିରେ ରହିଛନ୍ତି ଜନସାଧାରଣ । ପ୍ରତି ଦଳ ଜନସାଧାରଣଙ୍କ ପାଖରେ ଏହି ମର୍ମରେ ଦରଖାସ୍ତ ପକାଇଛନ୍ତି କି ଦେଶସେବା କରିବା ନିମନ୍ତେ ସେମାନଙ୍କୁ ସୁଯୋଗ ଦିଆଯାଉ । ପ୍ରତ୍ୟେକେ 'ପ୍ରାର୍ଥୀ'; ଆକ୍ରମଣକାରୀ ନୁହନ୍ତି । କୌଣସି କାରଣରୁ ଜନସାଧାରଣ ଗୋଟାଏ ପକ୍ଷ ଦ୍ୱାରା ପ୍ରଭାବିତ ହୋଇ ସେ ପକ୍ଷର ଦରଖାସ୍ତ ମଞ୍ଜୁର କରୁଛନ୍ତି । ଜନସାଧାରଣ ଭୁଲ୍ କଲେ କି ଠିକ୍ କଲେ ତାହା ଭିନ୍ନ ପ୍ରସଙ୍ଗ । କିନ୍ତୁ ମଞ୍ଜୁରିପ୍ରାପ୍ତ ପକ୍ଷଭୁକ୍ତ ସଭିଏଁ ତତ୍‌କ୍ଷଣାତ୍ ନୀରବରେ ଏକତ୍ର ବସି ମିଳିଥିବା ପବିତ୍ର ଦାୟିତ୍ୱ ତୁଲାଇବା ଦିଗରେ ଯଥାର୍ଥ ପ୍ରେରଣା ଓ ଶକ୍ତି ଦେବା ନିମନ୍ତେ ଦିବ୍ୟ ଶକ୍ତି ପାଖରେ ପ୍ରାର୍ଥନା କରିବା ହେବ କର୍ତ୍ତବ୍ୟ । ଦିବ୍ୟ ଶକ୍ତିରେ ବିଶ୍ୱାସ ନ ଥିଲେ ନୀରବରେ ଆପଣା ବିବେକକୁ ସେଦିଗରେ ଉଜ୍ଜୀବିତ କରିବା ଲୋଡ଼ା । ତାହା ନ କରି ଉଦ୍ଧତ ଉତ୍ସବ ପାଳନ କରିବାର ଅର୍ଥ, ପ୍ରଥମତଃ ସେମାନେ ପ୍ରାଗୈତିହାସିକ ନ ହେଲେ ବି ମଧ୍ୟଯୁଗୀୟ ମାନସିକତାରୁ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି – ଯେଉଁସବୁ ଯୁଗରେ ଦୁଇ ରାଜା ଭିତରେ ନିର୍ମମ ଯୁଦ୍ଧ ପରେ ବିଜୟୀ ନିଜକୁ ଅର୍ଥାତ୍ ନିଜ ଅହଂକାରକୁ ଶୋଭାଯାତ୍ରା ଯୋଗେ ଅଭିନନ୍ଦନ ଜଣାଉ ଥିଲା । ଦ୍ୱିତୀୟତଃ ଏଭଳି ଉତ୍ସବ ପ୍ରତିପାଦିତ କରେ ଯେ ପ୍ରାର୍ଥୀମାନେ ନିଜ ନିଜ ସାଫଲ୍ୟକୁ ମୁଖ୍ୟତଃ ଆମୋଦ-ପ୍ରମୋଦ ତଥା ସ୍ୱାର୍ଥସିଦ୍ଧିର ସୁଯୋଗ ଭାବରେ ଦେଖୁଛନ୍ତି, ଏକ ପବିତ୍ର ଦାୟିତ୍ୱ ଭାବରେ ନୁହେଁ ।

ହେ ଭାରତାତ୍ମା, ଏ ଭୂଖଣ୍ଡର ନାଗରିକବର୍ଗଙ୍କୁ ଏହି ଆଶୀର୍ବାଦ ଦିଅ, ଯେପରିକି ଦିନ ଆସିବ ଯେତେବେଳେ ଜନସାଧାରଣ ହିଁ ସୁଯୋଗ୍ୟ ବ୍ୟକ୍ତିମାନଙ୍କୁ ନିର୍ବାଚନରେ ଭାଗ ନେବାକୁ ଅନୁରୋଧ କରିବେ; ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ କେବଳ କୁଶଳୀମାନେ ସେ କ୍ଷେତ୍ରକୁ ନିଜ ଆୟତ୍ତରେ ରଖି ପାରିବେ ନାହିଁ ।

ହେ ଭାରତାତ୍ମା, ନିର୍ବାଚିତମାନଙ୍କୁ ଦିଅ ଏହି ଶୁଭ ବୁଦ୍ଧି, ନିର୍ବାଚନରେ ସାଫଲ୍ୟ ଉତ୍ତାରୁ ସେମାନେ ଦୁଇ ଅଙ୍ଗୁଳି ଯୋଗେ

'V' ସଙ୍କେତ ଜାହିର କରିବେ ନାହିଁ । ଭୟଙ୍କର ଦ୍ୱିତୀୟ ମହାଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ଏବଂ ଶେଷରେ ତାହା ଥିଲା ଏକ ବର୍ବର ଶକ୍ତି ବିରୋଧରେ ବିଜୟ ହାସଲର ସଙ୍କେତ । ଆଜି ଗଣତାନ୍ତ୍ରିକ ନିର୍ବାଚନରେ ତଥାକଥିତ ପରାଜିତମାନଙ୍କ ଉପରେ ତଥାକଥିତ ବିଜୟର ଉତ୍‌ଫୁଲ୍ଲ ସଙ୍କେତ ରୂପେ ତା'ର ବ୍ୟବହାର ଅଶାଳୀନ ।

ଏକାନ୍ତ ଅଶାଳୀନ ମଧ୍ୟ କୌଣସି ନେତୃସ୍ଥାନୀୟ ବ୍ୟକ୍ତି ବିରୋଧରେ ଅସନ୍ତୋଷ ପ୍ରକଟ କରିବା ନିମନ୍ତେ ସେ ଭଦ୍ରଲୋକ ବା ଭଦ୍ରମହିଳାଙ୍କ କୁଶପୁତ୍ତଳିକା ଦାହ । ମଧ୍ୟଯୁଗୀୟ ୟୁରୋପରେ ପ୍ରାଣଦଣ୍ଡ ପ୍ରାପ୍ତ ଅପରାଧୀଟାଏ ନିଖୋଜ ରହିଲେ ସର୍ବସମକ୍ଷରେ ତା'ର କୁଶପୁତ୍ତଳିକା ଦାହ କରିବା ଥିଲା ବିଧି । ସାମୟିକ ଅସନ୍ତୋଷ ଯୋଗୁଁ କୌଣସି ଜୀବନ୍ତ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେବାର ସେଭଳି ନାଟକ ବାସ୍ତବରେ କେତେକଙ୍କ ଭିତରେ ପ୍ରଚ୍ଛନ୍ନ ଥିବା ଆତତାୟୀ ମନୋଭାବର ହିଁ ଅଭିପ୍ରକାଶ । ବାତାବରଣରେ ହିଂସାର ତରଙ୍ଗ ଖେଳିଯାଏ ସେତେବେଳେ ଏବଂ ଅଜାଣତରେ ଅନେକ ହୁଅନ୍ତି ତା'ର ପରୋକ୍ଷ ପ୍ରତିକ୍ରିୟାର ଶିକାର । ଆଜି ଯେ କେହି କେହି ହତଭାଗ୍ୟ ଅପରିଚିତ ଉପରେ, ଏପରିକି ମାନସିକ ବିକଳ ବାରବୁଲା ଉପରେ, କୌଣସି ଅଜବ, କାଳ୍ପନିକ ଅପରାଧ କରି ସେମାନଙ୍କୁ ପିଟିପିଟି ଅଥବା ଦାହ କରି ହତ୍ୟା କରି ପାରୁଛନ୍ତି ଜନତା; ସେଭଳି ଉଲଗ୍ନ ପୈଶାଚିକତାର ପଟଭୂମିରେ ରହିଛି କୁଶପୁତ୍ତଳିକା ଦାହ ଭଳି ସୁବେଶ ପୈଶାଚିକତାର ପ୍ରଭାବ ।

ହେ ଭାରତାତ୍ମା, ରାଜନୈତିକ ଦଳର ସଭ୍ୟମାନଙ୍କ ବିବେକରେ ଏତିକି ଭାବର ଉଦ୍ରେକ କର, ଯାହା ଫଳରେ ସେମାନେ କୌଣସି ନେତାଙ୍କୁ ଦେବ ବା ଦେବୀ ଭାବରେ ପରିବେଷଣ କରିବେ ନାହିଁ; ଦେବଦେବୀଙ୍କ ଆରାଧନା ବେଳେ ଆମେ ଧୂପଝୁଣା ଜାଳିବା ପ୍ରାୟେ ନେତାମାନଙ୍କୁ ପ୍ରୀତ କରିବା ମାନସରେ ସେମାନେ ଜାତୀୟ ସମ୍ପତ୍ତି ଜାଳି ପକାଇବେ ନାହିଁ; ବସ୍ ଭିତରୁ ଯୋଡ଼ିଏ ତିନୋଟି ଝିଅ ବାହାରି ପାରି ନ ଥିବା ସତ୍ତ୍ୱେ ସେଥିରେ ଅଗ୍ନି ସଂଯୋଗ କରି ସେମାନଙ୍କୁ ଅର୍ଘ୍ୟରେ ସାମିଲ କରି ପକାଇବେ ନାହିଁ; ଜନତା ଭିତରେ ଏତିକି ଜ୍ଞାନ ଦିଅ ଯେ ସେଭଳି ଅର୍ଘ୍ୟ ଗ୍ରହଣ କରେ ସୈତାନ ଶକ୍ତି ଏବଂ ଆମ ଆଚରଣରେ କ୍ରମାଗତ ହୃଷ୍ଟପୁଷ୍ଟ ହେଉଥିବା ସେଭଳି ସୈତାନ ଶକ୍ତିର ପ୍ରଭାବ ସଂସ୍କୃତି, ସାହିତ୍ୟ ଓ ସମାଜର ବିଭିନ୍ନ କ୍ଷେତ୍ରକୁ ବ୍ୟାପିଯାଏ ।

ହେ ଭାରତାତ୍ମା, ତୁମେ ଯିଏ ଏକଦା ଆମ ପାଇଁ ରଖିଥିଲ ଏହି ଆଭିମୁଖ୍ୟ, ''ସମସ୍ତେ ସୁଖୀ ହୁଅନ୍ତୁ, ସମସ୍ତେ ନିରାମୟ ରହନ୍ତୁ'', ଇତ୍ୟାଦି । ତୁମ ଭିତରେ କିଭଳି ପ୍ରତିକ୍ରିୟା ହେଉଥିବ ଯେତେବେଳେ ଅନେକେ କେବଳ ନିଜେ ସୁଖୀ ହେବାର ମରୀଚିକା ପଛରେ ଧାବମାନ ହୋଇ ଅକାତରେ ମହାଜାତିର ଐଶ୍ୱର୍ଯ୍ୟ ଲୁଣ୍ଠନ କରି ପାରୁଛନ୍ତି, କୋଟି କୋଟି ଦେଶବାସୀଙ୍କୁ ବଞ୍ଚିତ କରି ପାରୁଛନ୍ତି ? ଜନ୍ମାନ୍ତର ଓ କର୍ମତତ୍ତ୍ୱ ସମ୍ପର୍କରେ ଆମ ଭାରତବାସୀମାନଙ୍କର ସର୍ବନିମ୍ନ ଧାରଣା ଆବାଲ୍ୟ ସଞ୍ଚିତ ବୋଲି କୁହାଯାଏ । ତଥାପି, କର୍ମଫଳ ଅନିବାର୍ଯ୍ୟ ଜାଣି ମଧ୍ୟ କେଉଁ ଅପଶକ୍ତି ପ୍ରଭାବରେ ଆମେ ସେ ସତ୍ୟ ଉପେକ୍ଷା କରି ନିତ୍ୟ-ନୂତନ ଦୁର୍ନୀତିରେ ବ୍ୟାପୃତ ରହୁଛୁ – ପୁଣି ସମ୍ପ୍ରତି ଆମ ଆଖି ଆଗରେ ଏକ ପରେ ଏକ ଦୁର୍ନୀତିର ଇମାରତ ମହାକାଳର ତର୍ଜନୀ ଚାଳନାରେ ଭୁଶୁଡ଼ି ପଡୁଥିବା ସତ୍ତ୍ୱେ ?

ହେ ଭାରତାତ୍ମା, ତୁମେ ଜାଣି ସ୍ତବ୍ଧ ବନି ଯାଉଥିବ, ଗତ କେତେ ବର୍ଷ ଧରି ଆନ୍ତର୍ଜାତିକ ସମୀକ୍ଷା ଦେଖାଉଛି, ପୃଥିବୀର ସବୁଠାରୁ ବିଷାଦଗ୍ରସ୍ତ ଦେଶମାନଙ୍କ ଭିତରେ ଭାରତବର୍ଷ ଅନ୍ୟତମ । ହଜାର ହଜାର ବର୍ଷ ତଳେ ଦିନେ ଏହି ଭାରତରେ ବିଷାଦରୁ ଉତ୍ତୀର୍ଣ୍ଣ ହେବାର ରହସ୍ୟ ଉଦ୍‌ଘାଟିତ ହୋଇଥିଲା । ସ୍ୱଧର୍ମ ପ୍ରତି ଅନୁରକ୍ତ ରହିବା ହିଁ ବିଷାଦରୁ ଦୂରେଇ ରହିବାର ମାର୍ଗ । ଆମେ ଆମ ସ୍ୱଧର୍ମରୁ କେଉଁ ଅତଳକୁ ଖସି ଆସିଛୁ ବୋଲି ଆମର ଏଭଳି ହାସ୍ୟାସ୍ପଦ ଦୁରବସ୍ଥା ?

ହେ ଭାରତାତ୍ମା ! ତୁମର ଏହି ଭୂଖଣ୍ଡରେ ଦିନେ ପରମ ଜ୍ଞାନର ସୂର୍ଯ୍ୟୋଦୟ ସମ୍ଭବପର ହୋଇଥିଲା । ସ୍ୱାର୍ଥପର ସୁଖାନ୍ୱେଷଣ ହିଁ ଜୀବନର ଲକ୍ଷ୍ୟ ନୁହେଁ, ସତ୍ୟ ହିଁ ଲକ୍ଷ୍ୟ ଓ ସତ୍ୟର ସନ୍ଧାନ ବିନା ସୁଖର ସନ୍ଧାନ ମଧ୍ୟ ବ୍ୟର୍ଥ ହୋଇ ଚାଲିଥିବ; ଏ ଜ୍ଞାନ ଆମ ଚେତନାର ଅନ୍ତରତମ ସ୍ତରରେ ଲିପିବଦ୍ଧ ରହିଥିବା କଥା । କେବେ ହେବ ସେ ଜ୍ଞାନ ଆମ ଚେତନାର ବ୍ୟାବହାରିକ ସ୍ତରରେ ଉଦ୍ଭାସିତ ? କେବେ ତାହା ଆମ ଜୀବନର ଆଭିମୁଖ୍ୟ ବଦଳାଇ ଦେବ ? ମହାକାଳ ବକ୍ଷରେ ''ପୁନରପି ଜନନମ୍ ପୁନରପି ମରଣମ୍, ପୁନରପି ଜନନୀ ଜଠରେ ଶୟନମ୍'' ରୂପକ ଚକ୍ରାବର୍ତ୍ତରେ ଆବର୍ତ୍ତିତ ହୋଇ ଚାଲିବା ହିଁ କ'ଣ ଆମର ଅଟଳ ଭବିତବ୍ୟ ଅଥବା ସେ ଭବିତବ୍ୟର ଏକମାତ୍ର ବିକଳ୍ପ କ'ଣ ଏ ଆବର୍ତ୍ତରୁ ପଳାୟନ – ସନ୍ନ୍ୟାସ ଓ ନିର୍ବାଣ ? ଜଡ଼ରୁ ପ୍ରାଣ, ପ୍ରାଣର ପୁଣି ଅମାପ

ପ୍ରାଚୁର୍ଯ୍ୟ, ଅଗଣନ ରୂପ ଏବଂ ଉଦ୍ଧମତା, ପ୍ରାଣରୁ ମନ ଏବଂ ବୁଦ୍ଧି ଓ ବିଜ୍ଞାନ ମାଧ୍ୟମରେ ମନର ଅସୁମାରି କୃତିତ୍ୱ; ପୁଣି ସଭ୍ୟତା, ସଂସ୍କୃତି, ସାହିତ୍ୟ, କଳା – ଯୁଗ ଯୁଗ ଧରି ଉଦ୍ଭୂତ ଅକଳନ ବିଭବ-ବିଚିତ୍ରା, ଅଜ୍ଞାତକୁ ଜାଣିବା ଦିଗରେ ମଣିଷର ଅଦମ୍ୟ କୌତୂହଳ ଓ ଦୁଃସାହସିକ ଅଭିଯାତ୍ରା – ମରୁ, ଅରଣ୍ୟ, ସମୁଦ୍ର ଓ ପର୍ବତ ବ୍ୟାପ୍ତ ତା'ର ସନ୍ଧାନ, ଏସବୁର ସ୍ୱାଭାବିକ ପରିଣତି ବୋଲି କ'ଣ କିଛି ନାହିଁ ? ଯଦି ମୁଷ୍ଟିମେୟ ଜ୍ଞାନୀ ଜନେ ଜୀବନ ପ୍ରତି ବୀତସ୍ପୃହ ହୋଇ ପୁନର୍ଜନ୍ମରୁ ତ୍ରାହି ହାସଲ କରି ନିର୍ବାଣ ଲଭିବା ହିଁ ପରମ ଜ୍ଞାନ, ତେବେ ଏକ ପରେ ଏକ ଅବତାର ଆସି ଏ ସମାଜକୁ, ଏ ପୃଥିବୀକୁ ସଭ୍ୟ ଭବ୍ୟ ଆଲୋକିତ କରିବାର ଯୌକ୍ତିକତା କ'ଣ ? ଦୁର୍ବିନୀତ କୌରବ ପକ୍ଷକୁ ଦମନ କରି ସୁଶାସନ ପ୍ରବର୍ତ୍ତନ ନିମନ୍ତେ ଉପଦେଶ ନ ଦେଇ ଶ୍ରୀକୃଷ୍ଣ ନିର୍ବାଣ ଦିଗରେ ପ୍ରସ୍ତୁତି ନିମନ୍ତେ ଅର୍ଜୁନଙ୍କୁ ସିଧାସଳଖ ନୀତି ନିୟମମାନ ବତାଇ ଦେଇ ତ ଆପଣା କର୍ତ୍ତବ୍ୟ ତୁଲାଇଥା'ନ୍ତେ ।

ହେ ଭାରତାତ୍ମା, ସଭ୍ୟତାର ଇତିହାସ ଉପରେ ଦୃଷ୍ଟିପାତ କଲେ ଚେତନାର କ୍ରମବିକାଶର ତାତ୍ପର୍ଯ୍ୟ ଥିବା ନିଶ୍ଚିତ ବୋଲି ବିଶ୍ୱାସ ହୁଏ ନାହିଁ କି ? ପ୍ରଗାଢ଼ ଜଡ଼ତା ଭିତରୁ ଦିନେ ଚେତନାର ସ୍ଫୁରଣ ହେଲା; କିନ୍ତୁ ଏଯାବତ୍ ସେହି ଚେତନା ଯେଉଁ ବୁଦ୍ଧି-ସମ୍ପନ୍ନ ମନ ସ୍ତରରେ ଉପନୀତ ହୋଇଛି, ତାହା ଅଜ୍ଞାନତା ଅତିକ୍ରମ କରି ନାହିଁ । ଏହିଠାରେ ଆସୁଛି ଶ୍ରୀଅରବିନ୍ଦଙ୍କ ପ୍ରାସଙ୍ଗିକତା । ସେ କହୁଛନ୍ତି ସମୟ ଆସନ୍ନ, ଯେତେବେଳେ ମଣିଷ ମନ ସ୍ତରରୁ ଉତ୍ତୀର୍ଣ୍ଣ ହୋଇ କ୍ରମବିକାଶ ବା ବିବର୍ତ୍ତନର ଏକ ନୂତନ ପର୍ଯ୍ୟାୟରେ ଉପନୀତ ହୋଇ ପାରିବ – ଯାହା ଅଜ୍ଞାନ ମୁକ୍ତ ଅତିମାନସ । ଆମ ସାଧାରଣ ଜ୍ଞାନ ହିଁ ଆମକୁ ହୃଦ୍‌ବୋଧ କରାଇବ, ବାସ୍ତବରେ ଆମେ ବର୍ତ୍ତମାନ ଏକ ବିବର୍ତ୍ତନଗତ ସଙ୍କଟ ମଧ୍ୟ ଦେଇ ଗତି କରୁଛୁ । ଦର୍ଶନ, ମନସ୍ତତ୍ତ୍ୱ, ରାଜନୀତି, ଅର୍ଥନୀତି, ସମାଜନୀତି, ବିଜ୍ଞାନ, ଆନ୍ତର୍ଜାତିକତା ଇତ୍ୟାଦିରେ ବିପୁଳ ବିକାଶ ସତ୍ତ୍ୱେ – ମନ-ପ୍ରେରିତ ଯାବତୀୟ ଉଦ୍ଭାବନ ଓ ଉଦ୍ଭାସନ ସତ୍ତ୍ୱେ ଧର୍ମ, ଗୋଷ୍ଠୀ, ଜାତି, ଉପଜାତି ନାମରେ ତଥା କ୍ଷମତା ସକାଶେ ଆମେ ଅଦ୍ୟାବଧି ଏମନ୍ତ ନିର୍ମମ ଆଚରଣ କରୁଛୁ ଯାହାକି ପ୍ରାଗୈତିକ ଅଜ୍ଞାନତାର ହିଁ କରାମତି । ଏକମାତ୍ର ମନୋତ୍ତର ଅତିମାନସ ଶକ୍ତି ହିଁ ସେ ଅଜ୍ଞାନତାକୁ ରୂପାନ୍ତରିତ କରି ପାରିବ ।

ହେ ଭାରତାତ୍ମା, ତୁମ ପ୍ରବର୍ତ୍ତିତ ସଭ୍ୟତାର ମର୍ମ ହେଲା ନିଜକୁ ଅତିକ୍ରମ କରିବାର ଆହ୍ୱାନ । ସମ୍ଭବତଃ ଆଜିର ସଙ୍କଟକୁ ଆମେ ବିବର୍ତ୍ତନଗତ ସଙ୍କଟ ବୋଲି ବୁଝିପାରୁ ନାହିଁ ବୋଲି ଆମେ ଦିଗ୍‌ଭ୍ରାନ୍ତ ତଥା ଉଦ୍‌ଭ୍ରାନ୍ତ ଭାବରେ ଆମ ଦୁଆଳିଆ ମନ, ବୁଦ୍ଧି ମାଧ୍ୟମରେ ହିଁ ସବୁ ସମସ୍ୟାର ସମାଧାନର ସନ୍ଧାନ କରି ଚାଲିଛୁ । ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭାଜିତ ଆମେ ନୂଆ ନୂଆ ଦେବାଳୟ ନିର୍ମାଣ କରି ଚାଲିଛୁ, କିନ୍ତୁ ନିଜ ନିଜ ଚେତନାକୁ ଦେବାଳୟରେ ପରିଣତ କରିବା ଦିଗରେ ଆମର ସାମାନ୍ୟ ବ୍ୟାକୁଳତା ନାହିଁ । ଯଦି ସେଦିଗରେ ଆମେ କିଞ୍ଚିତ୍ ଆଗ୍ରହୀ ହୋଇ ପାରନ୍ତୁ ତେବେ ଆମ ଭିତରକୁ ଅବଶ୍ୟ ଅବତରଣ କରନ୍ତା ମହତ୍ତର ବିବର୍ତ୍ତନୀ ଶକ୍ତି; ଭୂପୃଷ୍ଠରେ ସମ୍ଭବ ହୁଅନ୍ତା ଏକ ଦିବ୍ୟ ଯୁଗର ଉନ୍ମୀଳନ ।

ହେ ଭାରତାତ୍ମା, ଆମ ପରିପାଳିତ ଅଜ୍ଞାନତା ହିଁ ଆମର ନାନାଦି ଦୁର୍ଯୋଗର ହେତୁ । ଅବିଦ୍ୟାକୁ ହିଁ ଆମେ ଆମର ସ୍ଥାୟୀ ସତ୍ତା ବୋଲି ଧରି ନେଇଛୁ । ମୁକ୍ତ କର ଆମକୁ ଏହି ମୋହ ପାଶରୁ; ଏହି ଭ୍ରାନ୍ତ ସତ୍ତାରୁ ଉତ୍ତୀର୍ଣ୍ଣ ହେବା ନିମନ୍ତେ ଆମକୁ ପ୍ରଦାନ କର ଶକ୍ତି ।

(ସଂଗ୍ରହ : 'ସମ୍ବାଦ' ବିଶେଷାଙ୍କ, ୨୦୧୯) ❖

ତୁମ ନିଜ ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହୁଅ । ଭାରତର ଆତ୍ମା ସମ୍ପର୍କରେ ତୁମର ଚୈତ୍ୟସତ୍ତା ଗଭୀର ଭାବେ ଆଗ୍ରହୀ ହେଉ ଏବଂ ସେବାର ମନୋଭାବ ନେଇ ସେହି ଦିଗରେ ଅଭୀପ୍ସା ରଖୁ; ଏବଂ ତୁମେ ଯଦି ଐକାନ୍ତିକ ହୋଇଥାଅ ତେବେ ନିଶ୍ଚୟ କୃତକାର୍ଯ୍ୟ ହେବ ।

– ଶ୍ରୀମା

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୮)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ **'ବୁଦ୍ଧ ଚରିତ'** ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି ।

'ନବଜ୍ୟୋତି'ର ଗତ ସଂଖ୍ୟାରେ ବୁଦ୍ଧଦେବଙ୍କର ତପୋବନ ପ୍ରବେଶ ବିଷୟକ ଦଶମ ସର୍ଗ 'ବିମ୍ବିସାରଙ୍କ ଆଗମନ' ଓ ଏକାଦଶ ସର୍ଗ 'ବିଷୟବାସନାର ନିନ୍ଦା'ର ସର୍ଗରୁ କେତେକ ସଂକ୍ଷିପ୍ତ ଅନୁବାଦ ଦିଆଯାଇଥିଲା । ଏହି ସଂଖ୍ୟାରେ ଦ୍ୱାଦଶ ସର୍ଗ 'ଅରାଢ଼ ଦର୍ଶନ'ର ବିସ୍ତୃତ ବର୍ଣ୍ଣନାରୁ ଅତି ସଂକ୍ଷିପ୍ତ ଭାବରେ କେତେକ ଅନୁବାଦ ଦିଆଗଲା । — ସଂପାଦକ]

### ଦ୍ୱାଦଶ ସର୍ଗ

ତା'ପରେ ଇକ୍ଷ୍ୱାକୁ କୁଳଚନ୍ଦ୍ରମା ସିଦ୍ଧାର୍ଥ ଶାନ୍ତିପ୍ରିୟ ଅରାଢ଼ ମୁନିଙ୍କର ଆଶ୍ରମରେ ପହଞ୍ଚିଲେ । ତାଙ୍କର ଶରୀର-ତେଜ ଦ୍ୱାରା ସେହି ଆଶ୍ରମ ପୂରି ଉଠିଲା । ଅରାଢ଼ ମୁନି ତାଙ୍କୁ ଦୂରରୁ ଦେଖି ଉଚ୍ଚ ସ୍ୱରରେ ସ୍ୱାଗତ ଜଣାଇ ପାଛୋଟି ନେଲେ । ଦୁହେଁ ମୃଗଚର୍ମ ବିଛା ହୋଇଥିବା ପବିତ୍ର କାଷ୍ଠାସନରେ ବସିବା ପରେ ମୁନିଶ୍ରେଷ୍ଠ ଅରାଢ଼ ରାଜକୁମାରଙ୍କୁ ଆଦରପୂର୍ଣ୍ଣ ବିଶାଳ ନୟନରେ ପାନ କଲା ଭଳି ଚାହିଁ କହିଲେ, ''ହେ ସୌମ୍ୟ ! ଶକ୍ତିଶାଳୀ ହସ୍ତୀ ବନ୍ଧନ ଛିନ୍ନ କରି ଚାଲିଆସିଲା ପରି ଆପଣ ସ୍ନେହମମତାର ବନ୍ଧନ ଛିନ୍ନ କରି ଘରୁ ଚାଲି ଆସିଛନ୍ତି । ଆପଣଙ୍କ ମନ ସର୍ବଥା ଧୈର୍ଯ୍ୟଶୀଳ ଓ ବିବେକ-ସଂପନ୍ନ । ତେଣୁ ଆପଣ ବିଷଫଳା ଲତାକୁ ବର୍ଜନ କଲା ପରି ରାଜଲକ୍ଷ୍ମୀଙ୍କୁ ବର୍ଜନ କରି ଆସିଛନ୍ତି । ଆପଣ ଯେ ଯୌବନ ବୟସରେ ସଂପଦ ଭିତରେ ରହି ମଧ୍ୟ ସଂପଦ ଭୋଗ ନ କରି ଆସିଛନ୍ତି, ତେଣୁ ଆପଣ ମୋକ୍ଷଧର୍ମ ଜାଣିବା ପାଇଁ ଉପଯୁକ୍ତ ପାତ୍ର । ଆପଣ ଜ୍ଞାନରୂପକ ନୌକା ଅବଲମ୍ବନ କରି ଦୁଃଖ-ସମୁଦ୍ରକୁ ପାର ହୁଅନ୍ତୁ ।''

ଅରାଢ଼ଙ୍କର ଏହିପରି କଥା ଶୁଣି ପୁରୁଷଶ୍ରେଷ୍ଠ ସିଦ୍ଧାର୍ଥ ଅତ୍ୟନ୍ତ ଆନନ୍ଦିତ ହେଲେ ଓ କହିଲେ, ''ଆପଣ ସଂସାର-ବିରାଗୀ ହୋଇ ମଧ୍ୟ ମୋ ପ୍ରତି ଯେଉଁ ସହୃଦୟତା ଦେଖାଇଲେ ସେଥିପାଇଁ ମୁଁ ନିଜକୁ କୃତାର୍ଥ ମନେ କରୁଛି । ଦେଖିବାକୁ ଇଚ୍ଛୁକ ବ୍ୟକ୍ତି ଯେପରି ଆଲୋକକୁ, ଯିବାକୁ ଇଚ୍ଛୁକ ବ୍ୟକ୍ତି ପଥ-ପ୍ରଦର୍ଶକକୁ ଏବଂ ନଦୀପାର ହେବାକୁ ଇଚ୍ଛୁକ ବ୍ୟକ୍ତି ନୌକାକୁ ଯେଉଁ ଦୃଷ୍ଟିରେ ଦେଖନ୍ତି ମୁଁ ଆପଣଙ୍କୁ ସେହି ଦୃଷ୍ଟିରେ ଦେଖୁଛି । ଏଣୁ ମୁଁ କିପରି ବାର୍ଦ୍ଧକ୍ୟ, ବ୍ୟାଧି ଓ ମରଣରୁ ମୁକ୍ତ ହୋଇ ପାରିବି, ସେ ବିଷୟରେ ଆପଣ ମୋତେ କହିବା ପାଇଁ ଯଦି ଭଲ ମନେ କରୁଛନ୍ତି ତେବେ କହନ୍ତୁ ।''

### ଅରାଢ଼ ମୁନିଙ୍କ ସିଦ୍ଧାନ୍ତ କଥନ

କୁମାରଙ୍କ ମାହାତ୍ମ୍ୟରେ ପ୍ରଭାବିତ ହୋଇ ଅରାଢ଼ ମୁନି ନିଜର ଶାସ୍ତ୍ରୀୟ ସିଦ୍ଧାନ୍ତ ପ୍ରକାଶ କରି ସଂକ୍ଷେପରେ କହିଲେ :

''ହେ ଶ୍ରୋତାଶ୍ରେଷ୍ଠ ! ଏ ଜନ୍ମମରଣ ଚକ୍ରରୁ ସଂସାର କିପରି ଉତ୍ପତ୍ତି ହୁଏ ଓ କିପରି ନିଃଶେଷ ହୋଇ ସେହି ଜନ୍ମମରଣ ଚକ୍ରରୁ ମୁକ୍ତି ମିଳେ ସେ ସଂପର୍କରେ ଆମର ସିଦ୍ଧାନ୍ତ ଶୁଣନ୍ତୁ । ପ୍ରକୃତି, ବିକାର, ଜନ୍ମ, ଜରା ଓ ମୃତ୍ୟୁ, — ଏମାନଙ୍କୁ 'ସତ୍ତ୍ୱ' କୁହାଯାଏ । ପଞ୍ଚଭୂତ, ଅହଂକାର(ଅହଂବୋଧ), ବୁଦ୍ଧି ଏବଂ ଅବ୍ୟକ୍ତ — ଏମାନଙ୍କୁ ପ୍ରକୃତି ବୋଲି ଜାଣନ୍ତୁ । ବିଷୟବାସିଗଣ, ଯଥା — ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ; ଏବଂ ଇନ୍ଦ୍ରିୟଗଣ, ଯଥା — ହସ୍ତ ପଦ, ବଚନ, ଗୁହ୍ୟ, ଲିଙ୍ଗ ଓ ମନ ଏଗୁଡ଼ିକୁ ବିକାର ବୋଲି ଜାଣନ୍ତୁ ।

ସଜ୍ଞ, ଅର୍ଥାତ୍ ଆତ୍ମା ଏହି କ୍ଷେତ୍ରକୁ ଜାଣିଥିବାରୁ ଆତ୍ମାକୁ

ଆତ୍ମଜ୍ଞାନୀମାନେ କ୍ଷେତ୍ରଜ୍ଞ ବୋଲି କୁହନ୍ତି । କପିଳମୁନି ଓ ତାଙ୍କର ଶିଷ୍ୟବର୍ଗ ଏହି କ୍ଷେତ୍ର-କ୍ଷେତ୍ରଜ୍ଞ ଜ୍ଞାନର ମୂଳ ପ୍ରବକ୍ତା । କିନ୍ତୁ ପ୍ରଜାପତି ଓ ତାଙ୍କ ପୁତ୍ରମାନଙ୍କୁ ଏହି ଜ୍ଞାନର ମୂଳ ପ୍ରବକ୍ତା ବୋଲି କେତେକେ କୁହନ୍ତି । ଯାହା ଜନ୍ମ ହୁଏ, ମରେ ତାହାକୁ 'ବ୍ୟକ୍ତ' ଏବଂ ଏହାର ବିପରୀତକୁ ଅବ୍ୟକ୍ତ ବୋଲି ଜାଣନ୍ତୁ । ଅଜ୍ଞାନ, କର୍ମ ଓ ତୃଷ୍ଣା ହେଉଛି ସଂସାରର (ଜନ୍ମ-ମରଣ କ୍ଷେତ୍ରର) ହେତୁ । ଏହି ତିନିଟିର ବଶବର୍ତ୍ତୀ ପ୍ରାଣୀ 'ସତ୍ତ୍ୱ' (ପ୍ରକୃତି, ବିକାର, ଜନ୍ମ, ଜରା ଓ ମୃତ୍ୟୁ)କୁ ଅତିକ୍ରମ କରିପାରେ ନାହିଁ ।

ବିପ୍ରତ୍ୟୟ, ଅହଂକାର, ସନ୍ଦେହ, ଅଭିସଂପ୍ଲବ, ଅବିଶେଷ, ଅନୁପାୟ, ସଙ୍ଗ ଓ ଅଭ୍ୟବପାତ – ଏହି କାରଣଗୁଡ଼ିକ ଯୋଗୁଁ ପ୍ରାଣୀ 'ସତ୍ତ୍ୱ'କୁ ଅତିକ୍ରମ କରିପାରେ ନାହିଁ । ବିପରୀତ କାର୍ଯ୍ୟ କରିବା, କାର୍ଯ୍ୟକୁ ଅନ୍ୟ ପ୍ରକାର କରି କରିବା, ମନ୍ତବ୍ୟ(ମତ)କୁ ଓଲଟା ବୁଝିବା, ଏହା ହେଉଛି 'ବିପ୍ରତ୍ୟୟ' । ମୁଁ ଜାଣୁଛି, ମୁଁ କହୁଛି, ମୁଁ ଯାଉଛି, ମୁଁ ଅଛି – ଏହିପରି ଯେଉଁ 'ମୁଁତ୍ୱ' ତାହାହିଁ ଅହଂବୋଧ । ନିଃସନ୍ଦେହ ବିଷୟଗୁଡ଼ିକୁ ମାଟିପିଣ୍ଡୁଳା ପରି ଗୋଟାଏ ବୋଲି ଧାରଣା କରିବା ହେଉଛି 'ସନ୍ଦେହ' । ମୁଁ ଯାହା, ମୋ ମନ, ବୁଦ୍ଧି ତଥା କର୍ମ ତାହା ଏବଂ ମୋ ମନ, ବୁଦ୍ଧି ତଥା କର୍ମ ଯାହା, ମୁଁ ତାହା – ଏଭଳି ଧାରଣା ହେଉଛି 'ଅଭିସଂପ୍ଲବ' । ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ଭେଦ ଓ ପ୍ରକୃତିମାନଙ୍କ ମଧ୍ୟରେ ଭେଦ ଜାଣି ନ ପାରିବା ହେଉଛି 'ଅବିଶେଷ' । ନମସ୍କାର, ବଷଟ୍‌କାର, ପ୍ରୋକ୍ଷଣ, ଅଭ୍ୟୁକ୍ଷଣ ଆଦି ଯଜ୍ଞୀୟ କର୍ମକୁ 'ଅନୁପାୟ' (ଧର୍ମର ଉପାୟ ନୁହେଁ) ବୋଲି କୁହାଯାଏ । ଯଦ୍ୱାରା ଦୁର୍ବୁଦ୍ଧି ଲୋକ ମନ, ବଚନ, ବୁଦ୍ଧି ଓ କର୍ମରେ ସାଂସାରିକ ବିଷୟ ବାସନାରେ ନିମଜ୍ଜିତ ହୁଏ, ତାହାକୁ 'ସଙ୍ଗ' ବା 'ଅଭିଷଙ୍ଗ' କୁହାଯାଏ । 'ଏ ମୋର', 'ମୁଁ ଏହାର' – ଏପ୍ରକାର ଯେଉଁ ଧାରଣା, ଏହା ଦୁଃଖ ସ୍ୱରୂପ ଏବଂ ଏହାଦ୍ୱାରା ମନୁଷ୍ୟ ସଂସାର-ଚକ୍ରରେ ପତିତ ହୁଏ । ଏହି ଧାରଣାକୁ 'ଅଭ୍ୟବପାତ' କୁହାଯାଏ ।

ଅବିଦ୍ୟାକୁ ବିଦ୍ୱାନ୍‌ମାନେ ପଞ୍ଚପର୍ବ ବିଶିଷ୍ଟ ବୋଲି କହନ୍ତି । ସେହି ପର୍ବଗୁଡ଼ିକ ହେଉଛି – ତମ, ମୋହ, ମହାମୋହ ଓ ଦୁଇପ୍ରକାର ତାମିସ୍ର (ତାମିସ୍ର ଓ ଅନ୍ଧ ତାମିସ୍ର) । ସେଗୁଡ଼ିକ ମଧ୍ୟରେ ଆଳସ୍ୟକୁ 'ତମ' ଓ ମୃତ୍ୟୁ ଓ ଜନ୍ମକୁ ମୋହ ବୋଲି ଜାଣନ୍ତୁ । ଆଉ ମଧ୍ୟ କାମକୁ 'ମହାମୋହ' ବୋଲି ଜାଣନ୍ତୁ । ଯେହେତୁ ଏହି କାମ ଦ୍ୱାରା ମହାନ୍ ବ୍ୟକ୍ତିମାନେ ମଧ୍ୟ ମୋହିତ ହୁଅନ୍ତି, ତେଣୁ ଏହାକୁ ମହାମୋହ କୁହାଯାଏ । କ୍ରୋଧକୁ 'ତାମିସ୍ର' କୁହାଯାଏ; ବିଷାଦକୁ 'ଅନ୍ଧତାମିସ୍ର' କୁହାଯାଏ । ଏହି ପଞ୍ଚପର୍ବ ବିଶିଷ୍ଟ ଅବିଦ୍ୟାର ସଂପର୍କରୁ ଅଜ୍ଞଲୋକ ଦୁଃଖବହୁଳ ସଂସାର ଚକ୍ରରେ ବାରଂବାର ଜନ୍ମଗ୍ରହଣ କରେ । ଦ୍ରଷ୍ଟା, ଶ୍ରୋତା, ଜ୍ଞାନ, କାର୍ଯ୍ୟ ଓ କାରଣ ହେଉଛି ମୁଁ – ଏହିପରି ମନେକରି ମନୁଷ୍ୟ ସଂସାରର ଜନ୍ମମରଣ ଚକ୍ରରେ ଘୂରୁଥାଏ । ଏହି ହେତୁଗୁଡ଼ିକ ଯୋଗୁଁ ଜନ୍ମସ୍ରୋତ ପ୍ରବାହିତ ହୁଏ । ହେତୁର ଅଭାବରେ ଫଳର ଅଭାବ ଏହା ଆପଣ ଜାଣନ୍ତି ।

ଧୀମାନ୍ ବ୍ୟକ୍ତି ଚାରିଗୋଟି ବିଷୟ ଜାଣିବା ଉଚିତ – ପ୍ରୀତିବୁଦ୍ଧି, ଅପ୍ରବୁଦ୍ଧ, ବ୍ୟକ୍ତ ଓ ଅବ୍ୟକ୍ତ । କ୍ଷେତ୍ରଜ୍ଞ (ଆତ୍ମା) ଏହି ଚାରିଗୋଟିକୁ ଉତ୍ତମ ରୂପେ ଜାଣି ଗମନାଗମନ (ଜନ୍ମମୃତ୍ୟୁ)ରୁ ମୁକ୍ତ ହୋଇ ଅବିନାଶୀ ପଦ ଲାଭ କରେ । ଏହି ଅବିନାଶୀ ପଦ ଲାଭ ନିମନ୍ତେ ବ୍ରହ୍ମବାଦୀ ବ୍ରାହ୍ମଣମାନେ ବ୍ରହ୍ମଚର୍ଯ୍ୟ ଆଚରଣ କରନ୍ତି ଏବଂ ବ୍ରାହ୍ମଣ (ବ୍ରହ୍ମବାଦୀ)ମାନଙ୍କୁ ତାହା ଶିକ୍ଷା ଦିଅନ୍ତି ।

### ଅବିନାଶୀ ପଦ ଲାଭ

ଅରାଡ଼ ମୁନିଙ୍କର ଏହି କଥା ଶୁଣି ରାଜପୁତ୍ର ସିଦ୍ଧାର୍ଥ ଅବିନାଶୀ ପଦର ଉପାୟ, ବ୍ରହ୍ମଚର୍ଯ୍ୟର ଆଚରଣ ଓ ଏହି ଧର୍ମର ଅନ୍ତ କେଉଁଠି – ଏହି ପ୍ରଶ୍ନସବୁ ପଚାରନ୍ତେ ଅରାଡ଼ ମୁନି ତାଙ୍କୁ ମୋକ୍ଷଧର୍ମ ବିଷୟରେ କହିଲେ । ''ଏହି ଧର୍ମରେ ମନୁଷ୍ୟ ପ୍ରଥମେ ଗୃହତ୍ୟାଗ କରି ଭିକ୍ଷୁବେଶ ଧାରଣପୂର୍ବକ ଉଦାର ଆଚରଣ ଓ ପ୍ରଶସ୍ତ ମନୋଭାବ ଗ୍ରହଣ କରେ । ଯେଉଁଠୁ ଯାହା ମିଳେ ତହିଁରେ ଜୀବନଧାରଣ କରି ସନ୍ତୋଷରେ ଏବଂ ନିପୁଣତାର ସହିତ ଶାସ୍ତ୍ରାଧ୍ୟୟନ କରି ନିର୍ଦ୍ୱନ୍ଦ୍ୱରେ ନିର୍ଜନ ସ୍ଥାନରେ ବାସ କରେ । ଅନୁରାଗରୁ ଭୟ ଓ ବିରାଗରୁ ପରମ ମଙ୍ଗଳ ମିଳେ ବୋଲି ହୃଦୟଙ୍ଗମ କରି ନିଜର ଇନ୍ଦ୍ରିୟମାନଙ୍କୁ ସଂଯତ କରେ ଏବଂ ମନର ଶାନ୍ତ ଅବସ୍ଥା ପାଇଁ ପ୍ରଯତ୍ନ କରେ । କାମ, କ୍ରୋଧ, ଲୋଭ ପ୍ରଭୃତି ବିପଜ୍ଜନକ ପ୍ରବୃତ୍ତିରୁ ମୁକ୍ତ ହୋଇ ବିବେକଜନିତ ବିତର୍କବିଶିଷ୍ଟ ପୂର୍ବଧ୍ୟାନ (ପ୍ରଥମ ଧ୍ୟାନ) ଲାଭ କରେ ।

ଯେଉଁ ସାଧକ ପ୍ରବୀଣ ନୁହେଁ ସେ ସେହି ଧ୍ୟାନ ସୁଖ ଲାଭ କରି ସେ ବିଷୟରେ ତର୍କସମ୍ବଳିତ ଚିନ୍ତା କରେ ଏବଂ ଅପୂର୍ବ ସୁଖ ଲାଭରେ ଆତ୍ମହରା ହୋଇ ପଥଭ୍ରଷ୍ଟ ହୋଇଯାଏ ।

କାମ, କ୍ରୋଧ, ଦ୍ୱେଷ ବିରୋଧୀ ମାନସିକ ଶାନ୍ତ ଅବସ୍ଥା ଦ୍ୱାରା ମିଳୁଥିବା ସନ୍ତୋଷକୁ ଯଥାର୍ଥ ସନ୍ତୋଷ ମନେ କରି ସେ ପ୍ରତାରିତ ହୁଏ ଏବଂ କେବଳ ବ୍ରହ୍ମଲୋକ ଲାଭ କରେ । କିନ୍ତୁ ବିଦ୍ୱାନ୍ ସାଧକ ସେହି ତର୍କସମ୍ବଳିତ ଚିନ୍ତାଗୁଡ଼ିକୁ (ଏକନିଷ୍ଠ ହୋଇ ନ ଥିବା ଚିନ୍ତାଗୁଡ଼ିକୁ) ମନ ବିକ୍ଷିପ୍ତକାରୀ ବୋଲି ଜାଣି ତର୍କବିହୀନ, ଆନନ୍ଦ-ସୁଖପ୍ରଦ ଧ୍ୟାନ ଲାଭ କରେ ଓ ଏହି ତର୍କବିହୀନ ଆନନ୍ଦସୁଖରେ ନିମଜ୍ଜିତ ହୋଇଯାଇ ଆଉ ବିଶେଷ ତତ୍ତ୍ୱ ମୋକ୍ଷ ଆଡ଼କୁ ଗତି କରେ ନାହିଁ । ସେ 'ଆଭାସ୍ୱର' ଶ୍ରେଣୀର ଦେବତାମାନଙ୍କ ମଧ୍ୟରେ ଜ୍ୟୋତିର୍ମୟ ସ୍ଥାନ ଲାଭ କରେ । ଯେ ଏହି ଆନନ୍ଦସୁଖରୁ ମଧ୍ୟ ମନକୁ ମୁକ୍ତ କରିପାରେ ସେ ତୃତୀୟ ଧ୍ୟାନ ସୁଖ ଲାଭ କରେ ଯାହାକି ଆନନ୍ଦରହିତ । ଯେ ସେହି ଆନନ୍ଦରହିତ ସୁଖରେ ନିମଜ୍ଜିତ ହୋଇ ଆଉ ଅଧିକ ଯତ୍ନବାନ୍ ହୁଏ ନାହିଁ, ସେ 'ଶୁଭକୃଷ୍ଣ' ଶ୍ରେଣୀର ଦେବତାମାନଙ୍କ ମଧ୍ୟରେ ସ୍ଥାନ ଲାଭ କରେ ଓ ସେମାନେ ଯେଉଁ ସୁଖ ଭୋଗ କରନ୍ତି ସେହି ସୁଖ ଭୋଗ କରେ । ଯେ ଆନନ୍ଦରହିତ ସୁଖଲାଭ କରି ସେଥିରେ ନିମଜ୍ଜିତ ହୁଏ ନାହିଁ ଏବଂ ତାହାକୁ ଉପେକ୍ଷା କରି ଅଗ୍ରସର ହୁଏ ସେ ଚତୁର୍ଥ ଧ୍ୟାନ ଲାଭ କରେ ଯାହାକି ସୁଖଦୁଃଖ-ରହିତ । ଏହି ଚତୁର୍ଥ ଧ୍ୟାନରେ ସୁଖଦୁଃଖ ପରିତ୍ୟକ୍ତ ହୋଇଯାଏ ଏବଂ ଏଥିରେ ମନର ବ୍ୟାପାର ନ ଥାଏ । ତେଣୁ କେତେକେ ଏହାକୁ ମୋକ୍ଷ ବୋଲି ମନେ କରନ୍ତି । 'ବୃହତ୍ ଫଳ' ଶ୍ରେଣୀର ଦେବଗଣଙ୍କ ମଧ୍ୟରେ ସୁଦୀର୍ଘକାଳ ବାସ କରିବା ଏହି ଧ୍ୟାନର ଫଳ ବୋଲି ବୃହତ୍ ପ୍ରଜ୍ଞାଶାଳୀମାନେ କୁହନ୍ତି ।

ଶରୀର ଧାରଣ ସମସ୍ତ ଦୁଃଖର କାରଣ, ଏହା ଉପଲବ୍ଧି କରି ବିଜ୍ଞଲୋକ ମଧ୍ୟ ଚତୁର୍ଥ ଧ୍ୟାନର ଉପରକୁ ଉଠେ ଏବଂ ଶରୀରନିବୃତ୍ତି ନିମନ୍ତେ ଜ୍ଞାନର ଆଶ୍ରୟ ନିଏ । ତା'ପରେ ବିଜ୍ଞ ବ୍ୟକ୍ତି ଆହୁରି ବିଶେଷ ଧ୍ୟାନ ପାଇଁ ସିଦ୍ଧାନ୍ତ ନେଇ କାମନା ପ୍ରତି ବୀତସ୍ପୃହ ହେଲାପରି ଶରୀର ଧାରଣ ପ୍ରତି ବୀତସ୍ପୃହ ହୋଇଯାଏ । ସେ ଏହି ଶରୀରରେ ଯେଉଁ ଆକାଶ (ଶୂନ୍ୟ) ଅଛି ପ୍ରଥମେ ତାହାର ଚିନ୍ତନ କରି ତା'ପରେ କଠିନ ଦ୍ରବ୍ୟମାନଙ୍କ ଭିତରେ ମଧ୍ୟ ଆକାଶ(ଶୂନ୍ୟ)ର ଚିନ୍ତନ କରେ । କେତେକ ବିଦ୍ୱାନ୍ ସାଧକ ଶୂନ୍ୟଗତ ଆତ୍ମାକୁ ସଂକ୍ଷିପ୍ତ ଭାବରେ ଏବଂ ତାହାକୁ ହିଁ ଅନନ୍ତ ଭାବରେ ଦେଖି ବିଶେଷ ତତ୍ତ୍ୱ (ମୋକ୍ଷ) ଲାଭ କରନ୍ତି । ଆଉ କେତେକେ ପ୍ରବୀଣ ସାଧକ ଆତ୍ମା ଦ୍ୱାରା ଆତ୍ମାକୁ ନିବୃତ୍ତ କରି 'କିଛି ନାହିଁ' ବୋଲି ଉପଲବ୍ଧି କରନ୍ତି । ସେମାନଙ୍କୁ 'ନାକିଞ୍ଚନ୍ୟ' ବୋଲି କୁହାଯାଏ । ତା'ପରେ ତନ୍ତୁ ଭିତରୁ ମୁକ୍ତ କାଉଁରିଆ ପରି, ପଞ୍ଜୁରିରୁ ମୁକ୍ତ ପକ୍ଷୀ ପରି ଦେହବନ୍ଧନରୁ ମୁକ୍ତ ଆତ୍ମାକୁ 'ମୁକ୍ତ' ବା 'ମୋକ୍ଷପ୍ରାପ୍ତ' ବୋଲି କୁହାଯାଏ । ଯାହା ମୋକ୍ଷ, ତାହାକୁ ହିଁ ତତ୍ତ୍ୱଜ୍ଞ ମନୀଷୀମାନେ ଚିହ୍ନବର୍ଣ୍ଣ ରହିତ, ସ୍ଥିର, ଅବିନାଶୀ ପରମବ୍ରହ୍ମ ବୋଲି କୁହନ୍ତି । ଜୈଗୀଷବ୍ୟ, ଜନକ, ବୃଦ୍ଧପରାଶର ଏବଂ ଅନ୍ୟ ମୋକ୍ଷକାମୀ-ମାନେ ଏହି ମାର୍ଗ ଅବଲମ୍ବନ କରି ମୁକ୍ତ (ମୋକ୍ଷପ୍ରାପ୍ତ) ହୋଇଛନ୍ତି । ଏହିପରି ମୋକ୍ଷ ଓ ତାହାର ଉପାୟ ଆପଣଙ୍କୁ କହିଲି । ଯଦି ଆପଣ ଏହା ହୃଦୟଙ୍ଗମ କରି ପାରୁଛନ୍ତି ଓ ଭଲ ମନେ କରୁଛନ୍ତି ତେବେ ଏହାକୁ ଯଥାବିଧି ଗ୍ରହଣ କରନ୍ତୁ ।

## ରାଜକୁମାର ସିଦ୍ଧାର୍ଥଙ୍କ ପ୍ରତ୍ୟୁତ୍ତର

ଅରାଡ଼ ମୁନିଙ୍କର ଏହିପରି କଥା ଶୁଣି ଏବଂ ବିଚାର କରି ପୂର୍ବଜନ୍ମର ହେତୁଶକ୍ତି (ସଂସ୍କାର) ଯୋଗୁଁ ପ୍ରତ୍ୟୁତ୍ତର ଦେଇ କୁମାର ସିଦ୍ଧାର୍ଥ କହିଲେ :

''ଉତ୍ତରୋତ୍ତର କଲ୍ୟାଣକର ଏହି ସୂକ୍ଷ୍ମଜ୍ଞାନ ମୁଁ ଶୁଣିଲି । କିନ୍ତୁ ଏଥିରେ କ୍ଷେତ୍ରଜ୍ଞ(ଆତ୍ମା)କୁ ମଧ୍ୟ ପରିତ୍ୟାଗ କରାଯାଉ ନ ଥିବାରୁ ଏହା ପରମପଦ ନୁହେଁ ବୋଲି ମୁଁ ମନେ କରୁଛି । ବିକାର ଓ ପ୍ରକୃତିରୁ ଆତ୍ମା ମୁକ୍ତ ହେଲେ ମଧ୍ୟ ଏଥିରେ ଉତ୍ପତ୍ତି କରିବାର ଧର୍ମ ବା ବୀଜଧର୍ମ ଅଛି ବୋଲି ମୁଁ ମନେ କରୁଛି । ଯଦିଓ ବିଶୁଦ୍ଧ ଆତ୍ମା ସଂପୂର୍ଣ୍ଣ ମୁକ୍ତ ବୋଲି କଳ୍ପନା କରାଯାଏ କିନ୍ତୁ ତଥାପି ଏହାର ଉତ୍ପତ୍ତି କରିବାର ସ୍ୱଭାବ ତଥା ଶକ୍ତି ରହୁଥିବାରୁ ଏହା ପୁଣି ଅମୁକ୍ତ ହୋଇଯାଏ । ଯେପରି ଋତୁ, ଭୂମି ଓ ଜଳର ଅଭାବରେ ବୀଜ ଅଙ୍କୁରିତ ହୁଏ ନାହିଁ ଏବଂ ସେଗୁଡ଼ିକ ମିଳିଲେ ତାହା ଅଙ୍କୁରିତ ହୁଏ, ଏହି ଆତ୍ମାର ବିଷୟଟିକୁ ମୁଁ ସେହିପରି ମନେ କରୁଛି ।

କର୍ମ, ଅଜ୍ଞାନ ଓ ତୃଷ୍ଣା (କାମନା) ତ୍ୟାଗ କଲେ ମୋକ୍ଷଲାଭ ହୁଏ ବୋଲି କଳ୍ପନା କରାଯାଏ । କିନ୍ତୁ ଆତ୍ମା ଥିବା ପର୍ଯ୍ୟନ୍ତ ସେଗୁଡ଼ିକୁ ସଂପୂର୍ଣ୍ଣ ତ୍ୟାଗ କରିବା ସମ୍ଭବ ନୁହେଁ । ଏ ତିନିକୁ ତ୍ୟାଗ କରି ବିଶେଷ ସତ୍ତା ଆତ୍ମସତ୍ତା ଲାଭ କରାଯାଏ । କିନ୍ତୁ ଯେଉଁଠାରେ ଆତ୍ମସତ୍ତା ରହେ ସେଠାରେ ଏ ତିନୋଟି ସୂକ୍ଷ୍ମରୂପେ ରହନ୍ତି । ଦୋଷଗୁଡ଼ିକ ସୂକ୍ଷ୍ମ ହୋଇଯିବା, ମନର ବ୍ୟାପାର ବନ୍ଦ ହୋଇଯିବା ଏବଂ ଆୟୁଷ ଦୀର୍ଘ ହୋଇଯିବା ହେତୁ ମୋକ୍ଷ ମିଳିଲା ବୋଲି କଳ୍ପନା କରାଯାଏ ମାତ୍ର । ଆଉ ମଧ୍ୟ ଅହଂବୋଧ ପରିତ୍ୟାଗ ବୋଲି କଳ୍ପନା କରାଯାଏ, ଆତ୍ମା

ଥାଉଁ ଥାଉଁ ଅହଂବୋଧର ପରିତ୍ୟାଗ ସମ୍ଭବ ନୁହେଁ । ପୁନଶ୍ଚ ସଂଖ୍ୟା ପ୍ରଭୃତିରୁ (ଶରୀର ଆଦି ସମସ୍ତ ସତ୍ତାରୁ) ମୁକ୍ତ ନ ହେଲେ ଆତ୍ମା ନିର୍ଗୁଣ ହୋଇ ନ ପାରେ । ନିର୍ଗୁଣ ନ ହେଲେ ଅମୁକର ମୋକ୍ଷ ଲାଭ ହେଲା ବୋଲି କୁହାଯାଇ ନ ପାରେ । ଗୁଣୀ ଓ ଗୁଣ ପୃଥକ୍ ହୋଇ ନ ପାରନ୍ତି । ରୂପରହିତ ଓ ଉଷ୍ଣତାରହିତ ଅଗ୍ନି ସମ୍ଭବ ନୁହେଁ । ଦେହୀ ଦେହର ପୂର୍ବରୁ ନ ଥାଏ । ସେହିପରି ଗୁଣୀ ଗୁଣର ପୂର୍ବରୁ ନ ଥାଏ । ତେଣୁ ଦେହୀ (ଆତ୍ମା) ପ୍ରଥମେ ମୁକ୍ତ ଥିଲେ ମଧ୍ୟ ପୁଣି ଆବଦ୍ଧ ହୋଇଯାଏ ।

ଶରୀର ସହିତ ଆତ୍ମା ଜ୍ଞାତା ନା ଅଜ୍ଞାତା ? ଯଦି ଜ୍ଞାତା, ତେବେ ତାହାର ଜ୍ଞେୟ (ଶରୀର) ଅଛି । ଯଦି ଜ୍ଞେୟ ଅଛି ତେବେ ସେ (ଜ୍ଞାତା) ମୁକ୍ତ ହୋଇ ନ ପାରେ । ଯଦି ଆପଣଙ୍କ ମତରେ ଆତ୍ମା ଅଜ୍ଞାତା ତେବେ ଆତ୍ମାର କଳ୍ପନା କରିବା କି ଦରକାର ? କାରଣ ଆତ୍ମା ବିନା ମଧ୍ୟ କାଷ୍ଠ ଓ କାନ୍ଥ ଭଳି ଜଡ଼ବସ୍ତୁ ସମ୍ଭବ ହୋଇପାରେ । ଆତ୍ମା ଯେହେତୁ ଗୁଣକାଳ ଅଟେ, ତେଣୁ ଗୁଣଗୁଡ଼ିକୁ ଗୋଟିକ ପରେ ଗୋଟିଏ ପରିତ୍ୟାଗ କରିପାରେ । ତେଣୁ ମୁଁ ସମସ୍ତର ପରିତ୍ୟାଗକୁ (ଆତ୍ମାର ମଧ୍ୟ ପରିତ୍ୟାଗକୁ) ହିଁ ପୂର୍ଣ୍ଣ କୃତାର୍ଥତା ବା ମୋକ୍ଷ ମନେ କରେ ।''

ଏହିପରି ଭାବରେ କୁମାର ଅରାଡ଼ ମୁନିଙ୍କ କଥିତ ଧର୍ମ ଅବଗତ ହୋଇ ସନ୍ତୋଷ ଲାଭ କଲେ ନାହିଁ ଏବଂ ତାହାକୁ ଅପୂର୍ଣ୍ଣ ବୋଲି ଜାଣି ଚାଲିଗଲେ । ତା'ପରେ ସେ ଅଧିକ କିଛି ଜାଣିବା ଆଶାରେ ଭଦ୍ରକ ମୁନିଙ୍କ ଆଶ୍ରମକୁ ଗଲେ । କିନ୍ତୁ ଭଦ୍ରକ ମୁନି ମଧ୍ୟ ଆତ୍ମାକୁ ସ୍ୱୀକାର କରୁ ଥିବାରୁ ତାଙ୍କର ବିଚାରକୁ ମଧ୍ୟ ସେ ଗ୍ରହଣ କଲେ ନାହିଁ । ଭଦ୍ରକ ମୁନିଙ୍କୁ ସଂଜ୍ଞା ଓ ସଂଜ୍ଞିତ୍ୱରେ (ଚେତନ-ଜଡ଼ର ଦ୍ୱୈତବାଦରେ) ଦେଖି 'ଆକିଞ୍ଚନ୍ୟ'ର ପରେ ଅସଂଜ୍ଞାସଂଜ୍ଞାତ୍ମକ ମତ ଗ୍ରହଣ କରିଥିଲେ । ଯେହେତୁ 'ଆକିଞ୍ଚନ୍ୟ' (କିଛି ନାହିଁ)ର ପରେ ସଂଜ୍ଞା ଓ ଅସଂଜ୍ଞା (ଚେତନା ଓ ଜଡ଼) ସୂକ୍ଷ୍ମ କାରଣ ସ୍ୱରୂପ (କର୍ମର ଆଧାର ସ୍ୱରୂପ) ରହନ୍ତି, ସଂଜ୍ଞି ନୁହନ୍ତି ବା ଅସଂଜ୍ଞି ନୁହନ୍ତି, ତେଣୁ କୁମାରଙ୍କର ତହିଁରେ ସ୍ପୃହା ରହିଲା ନାହିଁ । ଯେଣୁ ବୁଦ୍ଧି ସେହିଠାରେ ସୂକ୍ଷ୍ମ ଓ ସ୍ଥିର ହୋଇ ଅନ୍ୟତ୍ର ନ ଯାଇ ରହେ, ତେଣୁ ସେଠାରେ ଅସଂଜ୍ଞିତ୍ୱ ନାହିଁ କି ସଂଜ୍ଞିତ୍ୱ ନାହିଁ । ଯେହେତୁ ସେହି ଅବସ୍ଥା ଲାଭ କରି ମଧ୍ୟ ପ୍ରାଣୀ ପୁଣି ସଂସାରକୁ ଫେରି ଆସେ, ତେଣୁ ବୋଧିସତ୍ତ୍ୱ ସିଦ୍ଧାର୍ଥ ପରମପଦ ଲାଭ କରିବାର ଇଚ୍ଛାରେ ଭଦ୍ରକ ମୁନିଙ୍କୁ ପରିତ୍ୟାଗ କଲେ ।

## ସିଦ୍ଧାର୍ଥଙ୍କ ତପସ୍ୟା

ଏହାପରେ କୁମାର ସିଦ୍ଧାର୍ଥ ଶ୍ରେୟଃ ପରମପଦ ଲାଭ କରିବା ପାଇଁ ଦୃଢ଼-ସଂକଳ୍ପ ହୋଇ ରାଜର୍ଷି ଗୟଙ୍କର ରାଜଧାନୀ ରୂପକ ଆଶ୍ରମକୁ ଗଲେ ଓ ନିରଞ୍ଜନା ନଦୀ କୂଳରେ ବାସ କଲେ । ତାଙ୍କ ପୂର୍ବରୁ ପାଞ୍ଚଜଣ ଭିକ୍ଷୁ ସେଠାକୁ ଆସି ତପସ୍ୟା କରୁ ଥିବାର ସେ ଦେଖିଲେ । ସେମାନେ ପଞ୍ଚଇନ୍ଦ୍ରିୟକୁ ଆୟତ୍ତ କରିଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । ପୁଣ୍ୟ ବଳରେ ଧନ ଓ ଆରୋଗ୍ୟ ଅର୍ଜନ କରିଥିବା ସମର୍ଥ ବ୍ୟକ୍ତି ପାଖକୁ ଇନ୍ଦ୍ରିୟ-ଭୋଗ୍ୟ ବିଷୟମାନ ଯେପରି ସ୍ୱତଃ ଆସେ, ସେହି ମୋକ୍ଷକାମୀ ପାଞ୍ଚଜଣ ଭିକ୍ଷୁ କୁମାରଙ୍କୁ ଦେଖି ତାଙ୍କ ନିକଟକୁ ଆସିଲେ । ଚପଳ ଇନ୍ଦ୍ରିୟମାନେ ମନର ସେବା କଲା ପରି ସେହି ବିନୟୀ, ଅନୁଗାମୀ ଆଜ୍ଞାକାରୀ ତଥା ଅନୁରକ୍ତ ପଞ୍ଚଭିକ୍ଷୁ ତାଙ୍କର ସେବା କଲେ ।

ମୃତ୍ୟୁ ଓ ଜନ୍ମର ସମାପ୍ତି ଘଟାଇବା ପାଇଁ ଏହା ଉପାୟ ହୋଇପାରେ ଏହା ଭାବି କୁମାର ନିରାହାର ରହି ଅତ୍ୟନ୍ତ କଠିନ ତପସ୍ୟାମାନ ଆରମ୍ଭ କଲେ । ସେ ଅନେକ ପ୍ରକାର ଉପାସ ବିଧିପାଳନ କରି ଛଅ ବର୍ଷ କାଳ ଅତିବାହିତ କଲେ ଓ ତାଙ୍କର ଶରୀର କ୍ଷୀଣ ହୋଇଗଲା । ସେ ଅପାର ସଂସାରସମୁଦ୍ର ପାର ହେବା ଇଚ୍ଛାରେ ଆହାର ସମୟରେ ଗୋଟିଏ ମାତ୍ର କୋଳି, ତିଳ ବା ତଣ୍ଡୁଳ ଆହାର କରୁଥିଲେ । ତପସ୍ୟା ଫଳରେ ଶରୀର କ୍ଷୀଣ ହେଲେ ମଧ୍ୟ ତାଙ୍କର ତେଜ ବୃଦ୍ଧି ପାଇଲା । ତାଙ୍କର ଶରୀର କ୍ଷୀଣ ହେଲେ ମଧ୍ୟ ତାଙ୍କର କୀର୍ତ୍ତିବର୍ଦ୍ଧିତ ହେଲା ଓ ଶରତ ଋତୁର ଶୁକ୍ଳପକ୍ଷ ଚନ୍ଦ୍ର ଯେପରି କୁମୁଦ ପୁଷ୍ପମାନଙ୍କୁ ଆନନ୍ଦିତ କରେ ତାଙ୍କର କ୍ଷୀଣ ଶରୀର ମଧ୍ୟ ଅନ୍ୟମାନଙ୍କ ଚକ୍ଷୁକୁ ସେହିପରି ଆନନ୍ଦପ୍ରଦ ବୋଧ ହେଲା । ତାଙ୍କ ଶରୀରରୁ ମେଦ, ମାଂସ ଓ ରକ୍ତ ନିଃଶେଷ ହୋଇଯାଇ ଅସ୍ଥି ଓ ଚର୍ମ ମାତ୍ର ଅବଶିଷ୍ଟ ରହିଲେ ମଧ୍ୟ ସେ ଗାମ୍ଭୀର୍ଯ୍ୟରେ ସମୁଦ୍ର ପରି ଶୋଭା ପାଇଲେ ।

କିନ୍ତୁ 'କଠୋର ତପସ୍ୟା ଦ୍ୱାରା ଶରୀର ବୃଥା ନଷ୍ଟ ହେଉଛି' ଏହା ଉପଲବ୍ଧି କରି କୁମାର ବିଚାର କଲେ, ''ଏପ୍ରକାର ଧର୍ମ ବୈରାଗ୍ୟ, ଯଥାର୍ଥ ଜ୍ଞାନ କିଂବା ମୁକ୍ତି ଦେଇ ନ ପାରେ । ଏକଦା ଜାମୁଗଛ ମୂଳରେ ମୁଁ ଯାହା ଚିନ୍ତା କରୁଥିଲି ତାହାହିଁ ଶ୍ରେଷ୍ଠମାର୍ଗ । ଦୁର୍ବଳ ଶରୀର ବ୍ୟକ୍ତି ଏହା ପାଇ ନ ପରେ ।'' ଶରୀରର ଶକ୍ତିବୃଦ୍ଧି ନିମନ୍ତେ ସେ ଚିନ୍ତା କଲେ,

''କ୍ଷୁଧା, ତୃଷା ଓ ପରିଶ୍ରମରେ କ୍ଳାନ୍ତ ବ୍ୟକ୍ତିର ମନ ଅସୁସ୍ଥ । ତେଣୁ ଯେଉଁ ଫଳକୁ କେବଳ ସୁସ୍ଥ ମନ ଦ୍ୱାରା ଲାଭ କରାଯାଏ, ତାହାକୁ ଅସୁସ୍ଥ ମନ କିପରି ଲାଭ କରିପାରିବ ? ଇନ୍ଦ୍ରିୟମାନଙ୍କୁ ସଂଯତ ଭାବରେ ତୃପ୍ତ ରଖିଲେ ଚରମ ଶାନ୍ତି ମିଳିପାରିବ । ଇନ୍ଦ୍ରିୟମାନେ ତୃପ୍ତ ରହିଲେ ମାନସିକ ସୁସ୍ଥତା ମିଳିବ । ଯାହାର ମନ ସୁସ୍ଥ ଓ ପ୍ରସନ୍ନ ସେ ଏକାଗ୍ରତା ଲାଭ କରିପାରେ । ଯାହାର ମନ ଏକାଗ୍ର ସେ ଧ୍ୟାନଯୋଗର ଅଧିକାରୀ ହୋଇପାରେ । ଧ୍ୟାନ ଦ୍ୱାରା ଧର୍ମ ଓ ଧର୍ମ ଦ୍ୱାରା ଦୁର୍ଲଭ, ଶାନ୍ତିମୟ, ଜରାରହିତ, ମୃତ୍ୟୁରହିତ ପରମପଦ ମିଳିପାରେ । ତେଣୁ ଏହି ମାର୍ଗରେ ଆହାରର ପ୍ରୟୋଜନ ରହିଛି ।'' ଏହି ସିଦ୍ଧାନ୍ତ କରି ସେହି ଧୀର ମହାମନୀଷୀ ଆହାର ପାଇଁ ମନ ବଳାଇଲେ । ତାଙ୍କର ଶରୀର କ୍ଷୀଣ ହୋଇ ଯାଇଥିଲା । ସେ ନିରଞ୍ଜନା ନଦୀରେ ସ୍ନାନ କରି ଧୀରେ ଧୀରେ ତଟ ଉପରକୁ ଉଠିଲେ । ସେତେବେଳେ ତଟସ୍ଥିତ ବୃକ୍ଷମାନେ ଭକ୍ତିଭାବରେ ଶାଖାମାନଙ୍କର ଅଗ୍ରଭାଗ ଲମ୍ବାଇ ଦେଇ ତାଙ୍କର ହସ୍ତ ଅବଲମ୍ବନ କଲେ ।

ସେତିକିବେଳେ ଦେବତାମାନଙ୍କ ଦ୍ୱାରା ପ୍ରେରିତା ଏକ ଗୋପାଳ ରାଜକନ୍ୟା ଆନନ୍ଦିତ ହୃଦୟରେ ସେଠାକୁ ଆସିଲା । ତା'ର ନାମ ଥିଲା ନନ୍ଦବଳା । ତା'ର ହସ୍ତ ଥିଲା ଶୁଭ୍ର ଶଙ୍ଖମାଳା ପରି ସୁନ୍ଦର । ସେ ନୀଳ କମ୍ବଳ ପରିଧାନ କରିଥିଲା । ତେଣୁ ସେ ଫେନମାଳା ଭୂଷିତା ନୀଳାମ୍ବୁ ଯମୁନା ପରି ଶୋଭା ପାଉଥିଲା । ସେ ଶ୍ରଦ୍ଧାଶୀଳା, ନମ୍ରା ଓ ପ୍ରସନ୍ନା ଥିଲା । ତା'ର ଚକ୍ଷୁଦ୍ୱୟ ପଦ୍ମଫୁଲ ପରି ବିକଶିତ ହୋଇ ଉଠୁଥିଲା । କୁମାରଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରି ସେ ତାଙ୍କୁ ପାୟସ ଖାଇବାକୁ ଦେଲା । ପାୟସ ଆହାର କରି ମୁନି (ସିଦ୍ଧାର୍ଥ) ସେହି କନ୍ୟାର ଜନ୍ମ ସାର୍ଥକ କଲେ । ତାଙ୍କର ଷଡ଼େନ୍ଦ୍ରିୟ ତୃପ୍ତିଲାଭ କଲା । ସେ ବୋଧିଲାଭ ନିମନ୍ତେ ସମର୍ଥ ହେଲେ । ସେ ଏକାଧାରରେ ଚନ୍ଦ୍ରମାର କାନ୍ତି ଓ ସମୁଦ୍ରର ଗାମ୍ଭୀର୍ଯ୍ୟ ଧାରଣ କଲେ । କିନ୍ତୁ ପୁଣି ସେ ସାଂସାରିକ ପ୍ରବୃତ୍ତିରେ ପ୍ରବୃତ୍ତ ବୋଲି ମନେ କରି ପଞ୍ଚଭିକ୍ଷୁ ମେଧାବୀ ଆତ୍ମାକୁ ପଞ୍ଚଭୂତ ଛାଡ଼ିଗଲା ପରି ତାଙ୍କୁ ଛାଡ଼ି ଚାଲିଗଲେ ।

## ବୁଦ୍ଧତ୍ୱ ଲାଭ ପାଇଁ ସଂକଳ୍ପ

କୁମାର ସିଦ୍ଧାର୍ଥ ବୁଦ୍ଧତ୍ୱ ଲାଭ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ ନିଜର ମାନସିକ ସିଦ୍ଧାନ୍ତକୁ ଏକମାତ୍ର ସାଥୀ କରି, ତୃଣ ଆଚ୍ଛାଦିତ ଏକ ଅଶ୍ୱତ୍ଥ ବୃକ୍ଷମୂଳକୁ ଗଲେ । ତା'ପରେ ଗଜରାଜ ସମାନ ପରାକ୍ରମଶାଳୀ 'କାଳ' ନାମକ ସର୍ପଶ୍ରେଷ୍ଠ ସେଠାକୁ ଆସିଲା । ସୁନ୍ଦର ଗତିଶବ୍ଦରୁ ତା'ର ସେଠାକୁ ଆସିବା ଜାଣି ହେଲା । ମହାମୁନି ବୁଦ୍ଧତ୍ୱ ଲାଭ ନିମନ୍ତେ ସଂକଳ୍ପ କରିଛନ୍ତି, ଏହା ଜାଣି ସେ ତାଙ୍କୁ ସ୍ତୁତି କଲା, ''ହେ ମୁନି ! ଆପଣଙ୍କର ପାଦ ବାଜି ପୃଥିବୀ ଯେପରି ମୁହୁଃ ମୁହୁଃ ଟଂ ଟଂ ଶବ୍ଦ କରୁଛି, ସୂର୍ଯ୍ୟଙ୍କ ପରି ଆପଣଙ୍କ ପ୍ରଭା ଯେପରି ଝଲସି ଉଠୁଛି, ଏଥିରୁ ମୁଁ ମନେ କରୁଛି ଆପଣ ଆଜି ନିଶ୍ଚୟ ବାଞ୍ଛିତ ଫଳ ଲାଭ କରିବେ । ହେ କମଳନୟନ ! ଆକାଶରେ 'ଚାଷ' ପକ୍ଷୀମାନେ ଉଡ଼ି ଆପଣଙ୍କ ଚାରି ପାଖରେ ଯେପରି ପ୍ରଦକ୍ଷିଣ କରୁଛନ୍ତି, ଧୀର ସୁଖକର ପବନ ଯେପରି ବହୁଛି, ଏଥିରୁ ମୁଁ ମନେ କରୁଛି ଆପଣ ବୁଦ୍ଧତ୍ୱ ଲାଭ କରିବେ ।''

ସର୍ପଶ୍ରେଷ୍ଠ ଏହିପରି ସ୍ତୁତି କଲା ପରେ ମହାମୁନି ସିଦ୍ଧାର୍ଥ ଏକ ତୃଣକଟାଳିଠାରୁ କିଛି ପବିତ୍ର ତୃଣ ଆଣି ବୁଦ୍ଧତ୍ୱ ଲାଭ ନିମନ୍ତେ ଦୃଢ଼ପ୍ରତିଜ୍ଞ ହୋଇ ସେହି ପବିତ୍ର ମହାଦ୍ରୁମ ମୂଳରେ ବସିଲେ । ତା'ପରେ ''ମୁଁ ଯେପର୍ଯ୍ୟନ୍ତ କୃତାର୍ଥ ନ ହୋଇଛି ସେପର୍ଯ୍ୟନ୍ତ ଏହି ଭୂମି ଆସନରୁ ଉଠିବି ନାହିଁ'' ଏହି ପ୍ରତିଜ୍ଞା କରି ସୁପ୍ତ ସର୍ପ ସଦୃଶ ଗୋଲାକାର, ଉତ୍ତମ ତଥା ସ୍ଥିର ପର୍ଯ୍ୟଙ୍କ ଆସନରେ ବସିଲେ । ଦୃଢ଼-ପ୍ରତିଜ୍ଞ ଭଗବାନ୍ ସିଦ୍ଧାର୍ଥ ଆସନ ଗ୍ରହଣ କରନ୍ତେ ଦେବତାମାନେ ଅତ୍ୟନ୍ତ ଆନନ୍ଦ ଲାଭ କଲେ, ମୃଗ ଓ ପକ୍ଷିଗଣ ରବ କଲେ ନାହିଁ ଏବଂ ବନ ତରୁଗଣ ପବନରେ କମ୍ପିତ ହେଲେ ମଧ୍ୟ କୌଣସି ଶବ୍ଦ କଲେ ନାହିଁ ।

(ଉପରୋକ୍ତ ଅନୁବାଦ ପାଇଁ ଡକ୍ଟର ଧନେଶ୍ୱର ମହାପାତ୍ରଙ୍କ ଅନୂଦିତ 'ଅଶ୍ୱଘୋଷ ରଚନାବଳୀ'ର ସାହାଯ୍ୟ ନିଆଯାଇଛି ।)

(କ୍ରମଶଃ)

ନିରବଚ୍ଛିନ୍ନ ଓ ଆନ୍ତରିକ ଅଭୀପ୍ସା ଏବଂ ଏକମାତ୍ର ଭଗବାନଙ୍କ ଅଭିମୁଖୀ ହେବାର ସଂକଳ୍ପ ଚୈତ୍ୟପୁରୁଷଙ୍କୁ ସାମନାକୁ ଆଣିବା ଲାଗି ସର୍ବଶ୍ରେଷ୍ଠ ଉପାୟ ।

(SABCL - Vol. 22, P. 288) – ଶ୍ରୀଅରବିନ୍ଦ

**ଅନ୍ତରାଳ ଜଗତ୍ :**

# ଅଧ୍ୟାତ୍ମବାଦ ଓ ସୂକ୍ଷ୍ମଦର୍ଶନ

*ପ୍ରଶ୍ନ : ଏକ ସାଧାରଣ ଧାରଣା ରହି ଆସିଛି ଯେ 'ସୂକ୍ଷ୍ମ ଦର୍ଶନ' ହେଉଛି ସମୁଚ୍ଚ ଆଧ୍ୟାତ୍ମିକତାର ଲକ୍ଷଣ । ଏହା ସତ୍ୟ କି ?*

**ଶ୍ରୀମା** : ସବୁ ସମୟରେ ଏହା ସତ୍ୟ ନୁହେଁ । ଅଧିକନ୍ତୁ, ସୂକ୍ଷ୍ମଦର୍ଶନରେ କୌଣସି ଜିନିଷ ଦେଖିବା ଏବଂ ତାହାକୁ ଠିକ୍ ଭାବରେ ବୁଝି ତାହାର ଠିକ୍ ଅର୍ଥ କରିବା ପୂରାପୂରି ଅନ୍ୟ ଜିନିଷ, ଏହା ଅନେକ ବେଶୀ ଦୁରୂହ । ଯେଉଁମାନେ ସୂକ୍ଷ୍ମଦର୍ଶନ ପାଆନ୍ତି ସେମାନେ ସାଧାରଣତଃ ଠିକ୍ ରୂପେ ତାହାର ଅର୍ଥ ଧରିପାରନ୍ତି ନାହିଁ; କାରଣ ସେମାନେ ସେଗୁଡ଼ିକର ଯେଉଁ ଅର୍ଥ ଦେବାକୁ ଚାହାନ୍ତି ତାହା ସେମାନଙ୍କ କାମନା-ବାସନା, ଆଶା-ଆକାଙ୍କ୍ଷା ଓ ପୂର୍ବସଂସ୍କାର ଅନୁଯାୟୀ ହିଁ ହୋଇଥାଏ । ତା'ଛଡ଼ା ବହୁ ବିଭିନ୍ନ ସ୍ତରମାନ ରହିଛି ଯେଉଁଥିରେ ତୁମେ ଏହି ସୂକ୍ଷ୍ମ ଦର୍ଶନସବୁକୁ ଦେଖିଥାଅ । ମାନସିକ ସୂକ୍ଷ୍ମ ଦର୍ଶନ ରହିଛି, ପ୍ରାଣିକ ସୂକ୍ଷ୍ମଦର୍ଶନ ରହିଛି, ଏବଂ ଆଉ ଏପରି କେତେକ ସୂକ୍ଷ୍ମଦର୍ଶନ ରହିଛି ଯାହା ଅତ୍ୟନ୍ତ ସ୍ଥୂଳ ଭୌତିକ ସ୍ତରର ନିକଟବର୍ତ୍ତୀ ଏକ ସ୍ତରରେ ଦେଖାଯାଏ । ଏହି ଶେଷ ଧରଣର ସୂକ୍ଷ୍ମ ଦର୍ଶନଗୁଡ଼ିକ ଏପରି ରୂପ ଓ ପ୍ରତୀକ ନେଇ ଆସନ୍ତି ଯେ ମନେହୁଏ ଯେପରିକି ଏଗୁଡ଼ିକ ପୂରାପୂରି ସ୍ଥୂଳ, ଅତ୍ୟନ୍ତ ସ୍ପଷ୍ଟ, ବାସ୍ତବ ଓ ଇନ୍ଦ୍ରିୟ ବୋଧଗମ୍ୟ । ଏବଂ ଯଦି ତୁମେ ଜାଣ ଏଗୁଡ଼ିକୁ କିପରି ଅର୍ଥ ବା ବ୍ୟାଖ୍ୟା କରିବାକୁ ହୁଏ, ତା'ହେଲେ ତୁମେ ପରିସ୍ଥିତି ସଂପର୍କରେ, ଲୋକମାନଙ୍କର ଆନ୍ତର ଅବସ୍ଥା ସଂପର୍କରେ ପୂରା ନିର୍ଭୁଲ ସୂଚନା ପାଇ ପାରିବ ।

ଗୋଟିଏ ଉଦାହରଣ ସହ ଏହାର ଏକ ପରିଷ୍କାର ଚିତ୍ର ଦିଆଯାଉ । ପ୍ରକୃତରେ ଜଣେ ବ୍ୟକ୍ତିଙ୍କର ଏହି ସୂକ୍ଷ୍ମ ଦର୍ଶନଟି ହୋଇଥିଲା । ଏକ ଦୁର୍ଗମ ପର୍ବତ ଅଞ୍ଚଳରେ ଏକ ତିଖ, ଅତ୍ୟୁଚ୍ଚ ଗିରିଚୂଡ଼ା ଦିଗରେ ରାସ୍ତାଟିଏ ଉପରକୁ ଉଠି ଉଠି ଯାଇଛି ଏବଂ ପଥଟି ଅତି ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ବିଧୌତ । ରାସ୍ତା ଉପରେ ଏକ ଭାରୀ ଗାଡ଼ିକୁ ଛଅଟି ଶକ୍ତିଶାଳୀ ଅଶ୍ୱ ଅତି କଷ୍ଟରେ ଟାଣି ଟାଣି ଉପରକୁ ନେଉଛନ୍ତି । ଗାଡ଼ିଟି ଅତି ମନ୍ଥର ଅଥଚ ଦୃଢ଼ ଭାବରେ ଆଗଉଛି । ଏହି ସମୟରେ ଜଣେ ଲୋକ ଆସି ସେଠାରେ ପହଞ୍ଚିଲା ଏବଂ ଅବସ୍ଥାଟି ଲକ୍ଷ୍ୟ କରି ଗାଡ଼ି ପଛକୁ ଯାଇ ତାହାକୁ ପର୍ବତ ଉପରକୁ ଠେଲିବାକୁ ଲାଗିଲା ବା ଠେଲିବା ପାଇଁ ଚେଷ୍ଟା କଲା । ତା'ପରେ ସେଠାରେ ଆଉ ଜଣେ ବ୍ୟକ୍ତି ଆସି ପହଞ୍ଚିଲେ, ଯାହାଙ୍କର ଏସବୁ ବିଷୟରେ ଯଥାର୍ଥ ଜ୍ଞାନ ଅଛି ଏବଂ ସେ ଉକ୍ତ ବ୍ୟକ୍ତିଟିକୁ କହିଲେ, ''ତୁମେ କାହିଁକି ବୃଥାରେ ଏତେ ପରିଶ୍ରମ କରୁଛ ? ତୁମେ କ'ଣ ଭାବୁଛ ତୁମ ପ୍ରଚେଷ୍ଟାର ଆଦୌ କୌଣସି ଫଳ ହେବ ? ତୁମ ପାଇଁ ଏହା ଏକ ଅସମ୍ଭବ କାମ । ଏପରିକି ଘୋଡ଼ାମାନେ ମଧ୍ୟ ଏହାକୁ କଷ୍ଟକର ବୋଲି ଅନୁଭବ କରୁଛନ୍ତି ।''

ବର୍ତ୍ତମାନ ଏହି ସୂକ୍ଷ୍ମଦର୍ଶନର ଅର୍ଥକୁ ବୁଝିବାର ଚାବି ବା ସୂତ୍ର ରହିଛି ସେହି ଛ'ଟି ଘୋଡ଼ାଙ୍କ ଚିତ୍ରକଳ୍ପରେ । ଘୋଡ଼ାମାନେ ହେଉଛନ୍ତି ଶକ୍ତିର ପ୍ରତୀକ ଏବଂ ସଂଖ୍ୟା ଛଅ ଦିବ୍ୟ ସୃଷ୍ଟିର ପ୍ରତିନିଧିତ୍ୱ କରେ; ତେଣୁ ଛ'ଟି ଘୋଡ଼ା ଦିବ୍ୟ ସୃଷ୍ଟିର ଶକ୍ତିକୁ ସୂଚାଉ ଅଛନ୍ତି । ଗାଡ଼ିଟି ହେଉଛି ସିଦ୍ଧିର ପ୍ରତୀକ, ତେଣୁ ଯେଉଁ ଉପଲବ୍ଧି ବା ସିଦ୍ଧି ଲାଭ କରିବାକୁ ହେବ, ଯେଉଁ କୃତିତ୍ୱ ହାସଲ କରିବାକୁ ହେବ, ତାହାକୁ ସେହି ଶିଖର ବା ଗିରିଚୂଡ଼ା ପର୍ଯ୍ୟନ୍ତ ଉଠାଇ ଆଣିବାକୁ ହେବ, ଯେଉଁଠି ଦିବ୍ୟ ଆଲୋକ ବିରାଜିତ ହୋଇ ରହିଛି । ଯଦିଓ ସୃଷ୍ଟିରେ ଏହି ଶକ୍ତିସବୁ ଦିବ୍ୟ, ତଥାପି ଯେଉଁମାନେ ସେହି ସିଦ୍ଧିଲାଭ କରିବେ, ସେମାନଙ୍କ ପାଇଁ ମଧ୍ୟ କାମଟି ଖୁବ୍ କଠିନ ଓ ଶ୍ରମସାଧ୍ୟ; କାରଣ ସେମାନଙ୍କୁ ବହୁ କଠିନ ବାଧାବିଘ୍ନର ସମ୍ମୁଖୀନ ହୋଇ କାମ କରିବାକୁ ହେବ, ପ୍ରକୃତିର ସମସ୍ତ ନିମ୍ନାଭିମୁଖୀ ଆକର୍ଷଣ ବିରୋଧରେ କାମ କରିବାକୁ ହେବ । ଏହି ସମୟରେ ହିଁ ଆସି ପହଞ୍ଚିଛି ମନୁଷ୍ୟ ସତ୍ତାଟି, ନିଜର ଦମ୍ଭ ଓ ଅଜ୍ଞାନ ସହ ଏବଂ ନିଜ ମାନସିକ ଶକ୍ତିର ନଗଣ୍ୟ ପୁଞ୍ଜି ନେଇ । ସବୁଠୁ ଉତ୍ତମ ଯେଉଁ କାମଟି ସେ କରି ପାରିବ, ତା' ହେଉଛି ସେହି ଗାଡ଼ି ଭିତରେ ପ୍ରବେଶ କରିବା ଓ ତହିଁରେ ଆରାମରେ ବସି ରହି ଗାଡ଼ିଟି ଟାଣିବା ପାଇଁ ଘୋଡ଼ାମାନଙ୍କୁ ଛାଡ଼ିଦେବା ।

### ସ୍ୱପ୍ନ ଓ ସୂକ୍ଷ୍ମଦର୍ଶନ :

ସ୍ୱପ୍ନଗୁଡ଼ିକ ହେଉଛି ପୂରାପୂରି ଅଲଗା ଜିନିଷ । ସେଗୁଡ଼ିକୁ ବ୍ୟାଖ୍ୟା କରିବା ଅଧିକ କଷ୍ଟସାଧ୍ୟ, କାରଣ ପ୍ରତ୍ୟେକ ଲୋକର ତା'ର ନିଜସ୍ୱ ସ୍ୱପ୍ନକଳ୍ପର ଏକ ଜଗତ୍ ରହିଛି, ଯାହାକି

ତା' ନିଜ ପାଇଁ ବିଶେଷ ଭାବରେ ପ୍ରଯୁଜ୍ୟ । ଅବଶ୍ୟ ଏପରି ଅନେକ ସ୍ୱପ୍ନ ରହିଛି ଯେଉଁଗୁଡ଼ିକର ବିଶେଷ କିଛି ତାତ୍ପର୍ଯ୍ୟ ନ ଥାଏ, ସେଗୁଡ଼ିକ ଆମ ଚେତନାର ସବୁଠୁ ଉପୁରିଆ ଓ ଦୈହିକ ସ୍ତର ସହିତ ସଂପର୍କିତ; ସେଗୁଡ଼ିକ ଉତ୍ପନ୍ନ ହୋଇ ଥାଆନ୍ତି ଆମର ଏଣୁତେଣୁ ବିକ୍ଷିପ୍ତ ଭାବନା, ଧାରଣା ଓ ଯାନ୍ତ୍ରିକ ପ୍ରତିକ୍ରିୟା ବା ସ୍ୱୟଂଚାଳିତ ନାନା କ୍ରିୟାକର୍ମ ଭିତରୁ । ଏଗୁଡ଼ିକର କୌଣସି ନିୟମିତ ବା ସଂଗଠିତ ରୂପ, ଆକୃତି ବା ଅର୍ଥ ନଥାଏ; ଏଗୁଡ଼ିକୁ କ୍ୱଚିତ୍ ସ୍ମରଣ କରାଯାଏ, ଚେତନା ଉପରେ ଏଗୁଡ଼ିକର ପ୍ରାୟ କୌଣସି ଛାପ ନଥାଏ । କିନ୍ତୁ ଏପରିକି ଯେଉଁସବୁ ସ୍ୱପ୍ନର ଗଭୀରତର ଉତ୍ସ ଥାଏ, ସେଗୁଡ଼ିକ ମଧ୍ୟ ତଥାପି ଦୁର୍ବୋଧ ହୋଇ ରୁହେ, କାରଣ ସେଗୁଡ଼ିକ ବିଶେଷ ଭାବରେ ବ୍ୟକ୍ତିଗତ ଏହି ଅର୍ଥରେ ଯେ ନିଜର ଗଠନ ପାଇଁ ସେମାନଙ୍କୁ ପ୍ରାୟ ପୂରାପୂରି ସେହି ବ୍ୟକ୍ତିର ନାନା ଅନୁଭୂତି ଓ ବିଶେଷ ମେଜାଜ ଉପରେ ନିର୍ଭର କରିବାକୁ ପଡ଼େ । ସୂକ୍ଷ୍ମଦର୍ଶନଗୁଡ଼ିକ ମଧ୍ୟ ଏପରି ପ୍ରତୀକମାନଙ୍କୁ ନେଇ ଗଠିତ ହୋଇପାରେ ଯେଉଁଗୁଡ଼ିକ ସାର୍ବଜନୀନ ଭାବେ ପ୍ରଚଳିତ ନୁହେଁ । ଜାତି, ପ୍ରଥା ଓ ଧର୍ମ ଅନୁଯାୟୀ ପ୍ରତୀକଗୁଡ଼ିକ ଭିତରେ ନାନା ବିଭିନ୍ନତା ଦେଖାଦେଇ ପାରେ । ଗୋଟିଏ ପ୍ରତୀକ ବିଶେଷ ଭାବରେ ଖ୍ରୀଷ୍ଟିଆନ ହେଲା ବେଳକୁ ଆଉ ଗୋଟିଏ ପ୍ରତୀକ ବିଶେଷ ଭାବରେ ହିନ୍ଦୁ ଓ ତୃତୀୟଟି ସାଧାରଣ ଭାବେ ପ୍ରାଚ୍ୟର ଓ ଚତୁର୍ଥଟି ସାଧାରଣ ଭାବେ ପାଶ୍ଚାତ୍ୟର ହୋଇପାରେ । ଅନ୍ୟପକ୍ଷରେ ସ୍ୱପ୍ନଗୁଡ଼ିକ ଅନନ୍ୟ ଭାବରେ ବ୍ୟକ୍ତିଗତ, ସେଗୁଡ଼ିକ ଦୈନନ୍ଦିନ ଘଟଣା ଓ ତା'ର ଛାପଗୁଡ଼ିକ ଉପରେ ନିର୍ଭର କରିଥାଆନ୍ତି । ଜଣେ ବ୍ୟକ୍ତି ପାଇଁ ଅନ୍ୟ ଜଣକର ସ୍ୱପ୍ନକୁ ବ୍ୟାଖ୍ୟା କରିବା ଅତ୍ୟନ୍ତ କଷ୍ଟସାଧ୍ୟ । କୌଣସି ଜଣେ ବ୍ୟକ୍ତି ଅନ୍ୟ ଜଣକ ପାଇଁ ଏକ ନିବୁଜ ବୃତ୍ତ ପରି ହୋଇଥାଏ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ତା' ନିଜ ପାଇଁ ତା'ର ନିଜ ସ୍ୱପ୍ନଗୁଡ଼ିକୁ ଅଧ୍ୟୟନ କରିପାରେ, ସେଗୁଡ଼ିକର ରହସ୍ୟ ଭେଦ କରି ସେଗୁଡ଼ିକର ପ୍ରକୃତ ଅର୍ଥ ଖୋଜି ବାହାର କରିପାରେ ।

**ସ୍ୱପ୍ନର ଅର୍ଥ ଖୋଜିବାର ପ୍ରଣାଳୀ :**

ବର୍ତ୍ତମାନ ଆମେ ସ୍ୱପ୍ନ ଓ ସ୍ୱପ୍ନ-ଜଗତକୁ ବୁଝିବା ପାଇଁ କେଉଁ ବାଟରେ ଆଗେଇବା ସେ ସମ୍ପର୍କରେ କିଛିଟା କୁହାଯାଇ ପାରେ । ପ୍ରଥମେ ସଚେତ ହେବାକୁ ହେବ, ନିଜ ସ୍ୱପ୍ନ ସମ୍ପର୍କରେ ସଚେତ ହେବାକୁ ହେବ । ତୁମେ ଜାଗ୍ରତ୍ ରହିବା ସମୟର ଘଟଣାବଳି ଓ ତୁମ ସ୍ୱପ୍ନ ଭିତରେ କ'ଣ ସମ୍ପର୍କ ରହିଛି ତାହାକୁ ପର୍ଯ୍ୟବେକ୍ଷଣ କର । ତୁମେ ଯଦି ତୁମର ରାତ୍ରିକାଳଟି କିପରି କଟାଇଛ ତାହା ସ୍ମରଣ କରିପାର ତେବେ ଅନେକ ସମୟରେ ତାହାକୁ ଧରି ଧରି ତୁମେ ଦିବସ କାଳଟିର ଅବସ୍ଥା ଓ ସେହି ରାତ୍ରିକାଳଟିର ଅବସ୍ଥା ସଙ୍ଗେ ତାହାର କ'ଣ ସମ୍ପର୍କ ଅଛି ତାହା ଖୋଜି ବାହାର କରିପାର । ଶୋଇବା ସମୟରେ ତୁମ ମନ, ପ୍ରାଣ ବା ଅନ୍ୟାନ୍ୟ ସ୍ତରରେ ନିରନ୍ତର କିଛି ନା କିଛି କାମ ଚାଲିଥାଏ; ସେଠାରେ କିଛି ଘଟିଥାଏ ଓ ତାହା ତୁମର ଜାଗ୍ରତ୍ ଚେତନାକୁ ଚାଳିତ କରିଥାଏ । ଉଦାହରଣସ୍ୱରୂପ କେତେକ ଲୋକ ନିଜକୁ ତ୍ରୁଟିହୀନ ରଖିବା ପାଇଁ ଖୁବ୍ ବ୍ୟଗ୍ର ହୋଇ ଥାଆନ୍ତି ଓ ସାରାଦିନ ଧରି ସେ ଦିଗରେ ଖୁବ୍ ଯତ୍ନ ଓ ପ୍ରୟାସ କରି ଥାଆନ୍ତି । ତା'ପରେ ସେମାନେ ଶୋଇବାକୁ ଯାଆନ୍ତି ଓ ପରଦିନ ଯେତେବେଳେ ସେମାନେ ନିଦରୁ ଉଠନ୍ତି ସେତେବେଳେ ପୂର୍ବଦିନର ପ୍ରଚେଷ୍ଟା ଫଳରେ ସେମାନେ ଯେଉଁ ଅଗ୍ରଗତି କରିଥିଲେ ତା'ର ଆଉ କୌଣସି ଚିହ୍ନବର୍ଣ୍ଣ ନ ଥାଏ, ସେମାନଙ୍କୁ ଆଉ ଥରେ ସେହିସବୁ ପୂର୍ବଦିନର ପ୍ରୟାସଗୁଡ଼ିକର ପୁନରାବୃତ୍ତି କରିବାକୁ ହେବ । ଏହାର ଅର୍ଥ ହେଉଛି ସେମାନେ ଯାହାକିଛି ପ୍ରଚେଷ୍ଟା କରିଥିଲେ ବା କୃତିତ୍ୱ ହାସଲ କରିଥିଲେ ସେଗୁଡ଼ିକ ସେମାନଙ୍କ ସତ୍ତାର ଅତି ଉପରିଆ ବା ଜାଗରଣ କାଳର ଅଂଶରେ ହିଁ ହୋଇଥିଲା କିନ୍ତୁ ଆହୁରି ଅନେକ ଅତଳ ଓ ସୁପ୍ତ ଅଂଶମାନ ରହିଛି, ଯେଉଁଗୁଡ଼ିକୁ ସେମାନେ ସ୍ପର୍ଶ କରି ନ ଥିଲେ । ନିଦ୍ରା ସମୟରେ ଏହି ଅଚେତନ ଅଞ୍ଚଳର କବଳରେ ବା ଅକ୍ତିଆରରେ ତୁମେ ପଡ଼ି ଯାଅ ଓ ତୁମେ ତୁମର ଜାଗ୍ରତ୍ ଓ ସଚେତ ଅବସ୍ଥାରେ ଆୟାସର ସହିତ ଯାହାକିଛି କରିଥିଲ, ସେଗୁଡ଼ିକୁ ସେହି ଅଚେତନ ଅଞ୍ଚଳ ନିଜ କର୍ତ୍ତୃତ୍ୱ ଭିତରକୁ ନେଇ ଗ୍ରାସ କରିଦିଏ ।

ସଚେତ ହୁଅ ! ତୁମ ରାତ୍ରି ଓ ଦିବସ କାଳ ସମ୍ପର୍କରେ ସଚେତ ହୁଅ । ପ୍ରଥମେ ତୁମକୁ ସଚେତ ହେବାକୁ ହେବ, ପରେ କର୍ତ୍ତୃତ୍ୱ ବିସ୍ତାର କରିବ । ତୁମେ ଯେଉଁମାନେ ନିଜ ସ୍ୱପ୍ନସବୁକୁ ମନେରଖ, ତୁମର ଏହି ଅନୁଭୂତିଟି ହୋଇଥିବ ଯେ ସ୍ୱପ୍ନ ଦେଖୁଥିବା ସମୟରେ ମଧ୍ୟ ତୁମେ ଜାଣୁଥାଅ ଯେ ଏହା ଏକ ସ୍ୱପ୍ନ, ତୁମେ ଜାଣୁଥିବ ଯେ ଏହା ଏପରି ଏକ ଅନୁଭୂତି ଯାହା ସ୍ଥୂଳ ଜଗତର ଅନ୍ତର୍ଗତ ନୁହେଁ । ଯେତେବେଳେ ଥରେ ତୁମେ ଏହା ଜାଣି ପାରିଲ, ସେତେବେଳେ ବାସ୍ତବ ଜଗତରେ ତୁମେ

ଯାହା କରିଥାଅ, ସେଠାରେ ମଧ୍ୟ ତାହା କରିପାର; ଏପରିକି ସ୍ୱପ୍ନ ଦେଖୁଥିବା ସମୟରେ ତୁମେ ନିଜର ସଚେତ ସଂକଳ୍ପ ଶକ୍ତି ପ୍ରୟୋଗ କରିପାର ଓ ତୁମ ସ୍ୱପ୍ନାନୁଭୂତିର ସମସ୍ତ ଗତିପଥକୁ ବଦଳାଇ ଦେଇପାର ।

ଏବଂ ତୁମେ ଯେତେ ଅଧିକରୁ ଅଧିକ ସଚେତ ହେବ, ଦିବସକାଳ ପରି ରାତ୍ରକାଳରେ ମଧ୍ୟ ତୁମ ସତ୍ତା ଉପରେ ସମାନ ନିୟନ୍ତ୍ରଣ ରଖିପାରିବ, ବୋଧହୁଏ ଆହୁରି ଅଧିକ ନିୟନ୍ତ୍ରଣ ରଖିପାରିବ । କାରଣ ରାତ୍ରିରେ ଶୋଇବା ସମୟରେ ଶରୀରର ଯାନ୍ତ୍ରିକ କ୍ରିୟାର ଦାସତ୍ୱରୁ ତୁମେ ମୁକ୍ତ ରହିଥାଅ । ଶରୀର ଚେତନାର ପ୍ରକ୍ରିୟା ଉପରେ ନିୟନ୍ତ୍ରଣ ରଖିବା ଅଧିକ କଷ୍ଟକର; କାରଣ ସେଗୁଡ଼ିକ ଅଧିକ କଠିନ ଓ ଅନମନୀୟ, ମାନସିକ ବା ପ୍ରାଣିକ ପ୍ରକ୍ରିୟା ଅପେକ୍ଷା ପରିବର୍ତ୍ତନ ପାଇଁ କମ୍ ଆଗ୍ରହୀ ।

ରାତ୍ରିରେ ଶୋଇବା ସମୟରେ ମନ ଓ ପ୍ରାଣ, ବିଶେଷ କରି ପ୍ରାଣ ଖୁବ୍ ସକ୍ରିୟ ଥାଆନ୍ତି । ଦିନବେଳେ ସେଗୁଡ଼ିକ ନିୟନ୍ତ୍ରଣାଧୀନ ହୋଇ ଥାଆନ୍ତି, ଦୈହିକ ଚେତନା ଆପେ ଆପେ ତାହାର ଅବାଧ ଖେଳା ଓ ପରିପ୍ରକାଶସବୁକୁ ଅବଦମିତ କରି ରଖିଥାଏ । ରାତ୍ରିରେ ନିଦ୍ରାକାଳରେ ଏହି ବାଧା-ନିଷେଧଗୁଡ଼ିକ ଅପସାରିତ ହୋଇଯାଏ ଏବଂ ସେଗୁଡ଼ିକ ସେମାନଙ୍କ ସ୍ୱାଭାବିକ ଓ ସ୍ୱାଧୀନ ଗତିବୃତ୍ତି ନେଇ ଆବିର୍ଭାବ ହୁଅନ୍ତି ।

(CWM. Vol. 3, pp. 13 - 15)

Sri Aurobindo is always with us, enlightening, guiding, protecting. We must answer to his grace by a perfect faithfulness.

(CWM Vol. 13, p. 13) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

ଶେଷ ପୃଷ୍ଠା :

# ପ୍ରସ୍ତୁତିର ପର୍ବ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଭାରତରେ ଜାତୀୟତାର ଆବିର୍ଭାବ ଓ ଜୀବନ ସମ୍ପର୍କରେ କହିବାକୁ ଯାଇ ଶ୍ରୀଅରବିନ୍ଦ 'ବନ୍ଦେ ମାତରମ୍'ର ଏକ ପ୍ରବନ୍ଧରେ* ଲେଖିଥିଲେ ଯେ ନିୟତିର ସାର୍ଥକ ସ୍ୱାକ୍ଷର ଥିବା ସମସ୍ତ ମହାନ୍ ଚିନ୍ତାଧାରା ବା ଆନ୍ଦୋଳନକୁ ବିକାଶର ଚାରିଟି ପର୍ବ ଭିତର ଦେଇ ଯିବାକୁ ହୋଇଥାଏ । ପ୍ରଥମଟି ହେଉଛି, ଏକ ଗୋପନ ବା ପ୍ରାୟ-ଗୋପନ ବିକାଶର ପର୍ବ, ଯେତେବେଳେ ଯୁଗାନ୍ତକାରୀ ଏହି ନୂତନ ସତ୍ୟର ଜନ୍ମ ବିଷୟରେ କେହି ଜାଣି ନଥା'ନ୍ତି; ପୃଥିବୀର ଲୋକମାନେ ସେହି ପୁରୁଣା ଧାରାରେ ହିଁ ଚଳୁଥା'ନ୍ତି, କେଉଁ ଅତୀତ ଯୁଗରୁ ମୁଣ୍ଡରେ ବସା ବାନ୍ଧିଥିବା ଧରାବନ୍ଧା ରୀତିନୀତି, ବିଚାର ଓ ସଂସ୍କାରସବୁକୁ ଜାବୁଡ଼ି ଧରିଥା'ନ୍ତି ଯେପରିକି ସେଗୁଡ଼ିକର ରାଜୁତି ସେହିପରି ଅଖଣ୍ଡ ରହିଥିବ । କୃଷ୍ଣାବତାରର ଦୃଷ୍ଟାନ୍ତ ଦେଇ ଶ୍ରୀଅରବିନ୍ଦ ବୁଝାଇଛନ୍ତି, ଯେତେବେଳେ ଗୋକୁଳରେ ଧନ-ବିଦ୍ୟାହୀନ ଦରିଦ୍ର ଅକିଞ୍ଚନ ଗୋପବାଳକମାନଙ୍କ ଭିତରେ ଶ୍ରୀକୃଷ୍ଣ ତାଙ୍କର ବାଲ୍ୟକାଳ କଟାଇ କୈଶୋରରେ ପଦାର୍ପଣ କରୁଥିଲେ ସେତେବେଳେ କଂସ ତାଙ୍କର ଶକ୍ତି ଓ ମହିମା ସମ୍ପର୍କରେ ଓ ନିଜର ଆସନ୍ନ ଧ୍ୱଂସ ସମ୍ପର୍କରେ କିଛି ବି ଜାଣି ନ ଥିଲା । ମଝିରେ ମଝିରେ ନାନା ଅସ୍ପଷ୍ଟ ଆଶଙ୍କା ଓ ପୂର୍ବର ଭବିଷ୍ୟତ୍ ବାଣୀ କଥା ମନେ ପକାଇ ବିଚଳିତ ହୋଇ ପଡୁଥିଲେ ମଧ ନିଜର ଦୁର୍ଦ୍ଧର୍ଷ ଶକ୍ତି, ବିପୁଳ ସମ୍ପଦ ଓ କ୍ଷମତା ଉପରେ ଦୃଢ଼ ଆସ୍ଥା ରଖି ନିଜକୁ ସେ ମୋଟାମୋଟି ଅପରାଜେୟ ମଣି ନିଶ୍ଚିନ୍ତ ରହିଥିଲା । ସେତେବେଳେ ଗୋପରେ ଦିବ୍ୟ ଶିଶୁଙ୍କର ଆବିର୍ଭାବର ପ୍ରଥମ ପର୍ବ ସଂଘଟିତ ହେଉଥିଲା ଲୋକ-ଚେତନାର ଅଗୋଚରରେ ।

ତା'ପରେ ଆସେ ଦ୍ୱିତୀୟ ପର୍ବ, ଯେତେବେଳେ ସେହି ସତ୍ୟର ଆବିର୍ଭାବ ବିଷୟ ଲୋକ-ଚେତନା ଆଗରେ ପ୍ରକାଶିତ ହୋଇପଡ଼େ, ତା'ର ନାମ ଚତୁର୍ଦ୍ଦିଗରେ ବିଘୋଷିତ ହୁଏ, ତା'ର ଜୟଯାତ୍ରା ଆରମ୍ଭ ହୁଏ ଗୋକୁଳରୁ ମଥୁରାକୁ । ପୁରାତନର ପ୍ରତିନିଧି ଅନ୍ଧକାର ଓ ଆସୁରୀ ଶକ୍ତିସବୁ ପ୍ରମାଦ ଗଣନ୍ତି, ଭୟ ଓ କ୍ରୋଧରେ ଜର୍ଜରିତ ହୋଇ ଏହି ସତ୍ୟକୁ ଲୋପ କରିବା ପାଇଁ, ତରୁଣ ଅବତାରଙ୍କୁ ହତ୍ୟା କରିବା ପାଇଁ ନାନା ଚକ୍ରାନ୍ତ କରନ୍ତି; ନିୟତିର ଅଲଂଘ୍ୟ ବିଧାନକୁ ବଦଳେଇ ଦେବା ପାଇଁ ବ୍ୟର୍ଥ ଚେଷ୍ଟାରେ ମାତି ରହନ୍ତି । ଏଣେ ଆଲୋକର ପକ୍ଷ-ସମର୍ଥନକାରୀମାନେ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଠନ୍ତି, ଯେଉଁ ସତ୍ୟର ଆଗମନୀ ପାଇଁ ସେମାନେ ଏତେ ଦିନ ପ୍ରତୀକ୍ଷା କରିଥିଲେ ତା'ର ଶୁଭ ଆବିର୍ଭାବରେ ସେମାନଙ୍କ ଭିତରେ ନୂତନ ଶକ୍ତି ଓ ଉଦ୍ଦୀପନାର ସଞ୍ଚାର ହୁଏ; ବିପୁଳ ଉତ୍ସାହ-ଉନ୍ମାଦନା ନେଇ ସେମାନେ ସ୍ୱାଗତ ଜଣାନ୍ତି ସତ୍ୟ ଓ ଆଲୋକର ଏହି ନୂତନ ଅଭ୍ୟୁଦୟକୁ ଓ ନିଜ ନିଜର ଶକ୍ତି ସାମର୍ଥ୍ୟ ନେଇ ତା'ର ପକ୍ଷରେ ଛିଡ଼ା ହୁଅନ୍ତି । ଗୋଟିଏ ପକ୍ଷରେ ପୁରାତନ ଶକ୍ତିସବୁର ବିଦ୍ୱେଷ, ଚକ୍ରାନ୍ତ ଓ ଆକ୍ରମଣ ଏବଂ ଅନ୍ୟ ପକ୍ଷରେ ନିଜ ସମର୍ଥକମାନଙ୍କର ବିପୁଳ ଉତ୍ସାହ-ଉଦ୍ଦୀପନା, ପୂଜା-ଅର୍ଚ୍ଚନା ଭିତର ଦେଇ ଏହି ନୂତନ ସତ୍ୟ ନିଜକୁ ସାର୍ଥକ ଓ ପ୍ରତିଷ୍ଠିତ କରିବା ପାଇଁ ଆଗେଇ ଚାଲେ । ଏହା ବିରୋଧରେ ଚକ୍ରାନ୍ତ ଓ ଆକ୍ରମଣସବୁ ବ୍ୟର୍ଥ ହୁଏ, ଅଲୌକିକ ଭାବରେ ସୁରକ୍ଷିତ ହୋଇ ଏହା ବଢ଼ି ଉଠେ, ଉର୍ଦ୍ଧ୍ୱରୁ ଆହୁରି ଉର୍ଦ୍ଧ୍ୱକୁ ଏହା ନିଜର ମସ୍ତକ ଉତ୍ତୋଳିତ କରେ ଆକାଶକୁ ଛୁଇଁଲା ପର୍ଯ୍ୟନ୍ତ, ନିଜର ବାହୁକୁ ପ୍ରସାରିତ କରେ ସମଗ୍ର ପୃଥିବୀକୁ ନିଜର ଆଲିଙ୍ଗନରେ ପାଇବା ପାଇଁ ।

ତା'ପରେ ତୃତୀୟ ପର୍ବରେ ଏହି ବର୍ଦ୍ଧିଷ୍ଣୁ ଆଲୋକର ଶକ୍ତି ଓ କ୍ଷୟିଷ୍ଣୁ ଅନ୍ଧକାରର ଶକ୍ତି ସମ୍ମୁଖ ସମରରେ ପରସ୍ପର ସମ୍ମୁଖୀନ ହୁଅନ୍ତି ଚୂଡ଼ାନ୍ତ ଭାବରେ । ନୂତନ ସତ୍ୟର ଅଜେୟ ଦିବ୍ୟ ଶକ୍ତିର ସମ୍ମୁଖୀନ ହୋଇ ଏହାକୁ ବିରୋଧ କରୁଥିବା ଶକ୍ତିମାନେ ଚୂଡ଼ାନ୍ତ ଭାବରେ ପରାଜିତ ହୁଅନ୍ତି । ନୂତନର କଣ୍ଠରୋଧ କରିବାକୁ ଚାହୁଁଥିବା ସମସ୍ତ ପୁରାତନ ଅପଶକ୍ତିର ଆଧିପତ୍ୟ ସମ୍ପୂର୍ଣ୍ଣ ବିଲୁପ୍ତ ହୁଏ ।

ତା'ପରେ ଆସେ ଶେଷ ଓ ଚତୁର୍ଥ ପର୍ବ — ଶ୍ରୀକୃଷ୍ଣଙ୍କ ଦ୍ୱାରକା ଜୀବନର ପର୍ବ — ଯେତେବେଳେ ବିଜୟୀ ନୂତନ ସତ୍ୟ

* 'The Life of Nationalism' — 'ବନ୍ଦେ ମାତରମ୍', ୧୬ ନଭେମ୍ବର, ୧୯୦୭ ।

ନିରଙ୍କୁଶ ଓ ଅପ୍ରତିହତଭାବେ ପୃଥିବୀକୁ ପରିଚାଳିତ କରେ, ନିଜର ସଂକଳ୍ପକୁ ରୂପ ଦେବା ପାଇଁ ସମଗ୍ର ପୃଥିବୀ ଏହା ହାତରେ ହୋଇଉଠେ କୁମ୍ଭକାର ହାତରେ ଆର୍ଦ୍ର ମୃତ୍ତିକା ପରି, ଯାହା ସୃଷ୍ଟି କରିବାକୁ ଚାହୁଁଥାଏ ତାହା ସୃଷ୍ଟି କରେ, ଯେଉଁ ରୂପ ଦେବାକୁ ଚାହୁଁଥାଏ ସେହି ରୂପ ଦିଏ, ଯାହା ଶିକ୍ଷା ଦେବାକୁ ଚାହୁଁଥାଏ, ଯେଉଁ ଆଦର୍ଶ ସ୍ଥାପନ କରିବାକୁ ଚାହୁଁଥାଏ, ସେହି ଶିକ୍ଷା ଦିଏ, ସେହି ଆଦର୍ଶ ସ୍ଥାପନ କରେ । ତା'ପରେ ଶେଷରେ ନିଜର ଅବଧାରିତ ଭୂମିକା ସମାପନ କରି ପୁଣି ଲେଉଟି ଯାଏ ସମସ୍ତ ଶକ୍ତିର ମୂଳଉତ୍ସ ସେହି ଦିବ୍ୟଧାମକୁ ଯେଉଁଠୁ ଏହା ଆସିଥିଲା ।

ଶ୍ରୀଅରବିନ୍ଦ ୧୯୦୭ରେ ଭାରତର ଜାତୀୟତାର ଏହି ଆବିର୍ଭାବ ବିଷୟ ଲେଖି ସେତେବେଳେ ଏହାକୁ ତା'ର ବିକାଶର ଦ୍ୱିତୀୟ ପର୍ବ ବୋଲି ଉଲ୍ଲେଖ କରିଥିଲେ । ଅର୍ଥାତ୍, ଯେଉଁ ପର୍ବରେ ନୂତନ ସତ୍ୟର ଆଗମନୀ ବିଷୟ ଚତୁର୍ଦିଗରେ ବିଘୋଷିତ ହୁଏ, ଯେତେବେଳେ କି ତା'ର ବିଜୟ ପାଇଁ ତା'ର ସମର୍ଥନକାରୀମାନେ ବିପୁଳ ଉତ୍ସାହ-ଉନ୍ମାଦନା ଭିତରେ ଜୀବନ ପଣ କରି ସଂଗ୍ରାମରେ ଆଗେଇଯା'ନ୍ତି ଓ ତା'ର ଶତ୍ରୁ ଆତଙ୍କିତ ଓ କ୍ରୋଧ-ଜର୍ଜରିତ ହୋଇ ନାନା ଚକ୍ରାନ୍ତ ଓ ଆକ୍ରମଣ ଦ୍ୱାରା ସେହି ସତ୍ୟକୁ ଲୋପ କରିବାକୁ ବ୍ୟର୍ଥ ଚେଷ୍ଟା କରେ । ତେବେ ଆଜି ଜାତୀୟତାର ବିକାଶ ତା'ର କେଉଁ ପର୍ବରେ ପହଞ୍ଚିଛି ? ଯଦି ଭାରତୀୟ ଜାତୀୟତାର ତାତ୍ପର୍ଯ୍ୟକୁ ସୀମିତ ଅର୍ଥରେ ଗ୍ରହଣ କରାଯାଏ, ଯଦି ସେହି ସମୟରେ ପ୍ରଧାନ ଲକ୍ଷ୍ୟ ରୂପେ ଗୃହୀତ ବିଦେଶୀ ଶାସନ କବଳରୁ ଦେଶର ପୂର୍ଣ୍ଣ ସ୍ୱାଧୀନତାର ଲକ୍ଷ୍ୟକୁ ହିଁ ଜାତୀୟତାର ସମଗ୍ର ସତ୍ୟ ବୋଲି ବିଚାର କରାଯାଏ, ତେବେ ଆମେ ବର୍ତ୍ତମାନ ହୁଏତ କହନ୍ତୁ ଯେ ତାହା ଆଜି ସାର୍ଥକତାର ପର୍ବରେ ପହଞ୍ଚି ସାରିଛି । ସାମ୍ରାଜ୍ୟବାଦୀ ବିଦେଶୀ ଶକ୍ତି ସହିତ ସଂଗ୍ରାମରେ ଅବତୀର୍ଣ୍ଣ ହୋଇ ତାହାକୁ ପରାଜିତ କରିଛି ଓ ଦେଶର ସ୍ୱାଧୀନତା ହାସଲ କରି, ସ୍ୱାଧୀନ ଭାବରେ ନିଜ ଦେଶକୁ ପରିଚାଳିତ କରୁଛି ।

କିନ୍ତୁ ଶ୍ରୀଅରବିନ୍ଦ ଯେଉଁ ଜାତୀୟତାର ଆବିର୍ଭାବ କଥା କହିଥିଲେ, ଯାହାକୁ ସେ ଜାତି ଭିତରେ ଅବତାରଙ୍କ ଜନ୍ମ (Birth of the Avatar in the Nation) ବୋଲି କହିଥିଲେ, ସମଗ୍ର ପୃଥିବୀକୁ ସତ୍ୟର ଆଲୋକ ଦେଖାଇବା ପାଇଁ ଯାହାର ଆବିର୍ଭାବ ବୋଲି କହିଥିଲେ, ସେ ଜାତୀୟତାର ସ୍ୱରୂପ ଓ ତାତ୍ପର୍ଯ୍ୟ ଅନେକ ବ୍ୟାପକ, ଅନେକ ଗଭୀର । ସେହି ସମୟରେ ମଧ ସେ ଭାରତର ଏହି ଜାତୀୟତା ବିଷୟରେ ବୁଝାଇବାକୁ ଯାଇ ବରାବର କହୁଥିଲେ ଯେ ଏହାର ସ୍ୱରୂପକୁ ଭୂଖଣ୍ଡର ଏତେ ଆୟତନ ଦ୍ୱାରା ବା ଏତେ ସମ୍ପଦ ଦ୍ୱାରା ବା ଏତେ ସଂଖ୍ୟକ ଅଧିବାସୀଙ୍କ ଦ୍ୱାରା ନିରୂପିତ କରାଯାଇ ପାରିବ ନାହିଁ ବା ଏକ ରାଜନୈତିକ ଆନ୍ଦୋଳନ ବା ଜାତୀୟ-ଶିକ୍ଷାର କାର୍ଯ୍ୟକ୍ରମ ବା ବିଦେଶୀ ବା ଅସହଯୋଗ ଆନ୍ଦୋଳନ; ଏସବୁଥିରୁ କୌଣସିଟି ଦ୍ୱାରା ଏହାକୁ ସାର୍ଥକ ବା ସଂସିଦ୍ଧ କରାଯାଇ ପାରିବ ନାହିଁ । କେବଳ ସ୍ୱାଧୀନ ହେବା ବା ଏକ ବିତ୍ତଶାଳୀ ଓ ଶକ୍ତିଶାଳୀ ରାଷ୍ଟ୍ରରୂପେ ପୃଥିବୀର ରାଷ୍ଟ୍ରପୁଞ୍ଜ ଭିତରେ ଏକ କର୍ତ୍ତୃତ୍ୱ ଓ ମର୍ଯ୍ୟାଦାର ଆସନ ଲାଭ କରିବା ଏହାର ଲକ୍ଷ୍ୟ ନୁହେଁ । ଅତୀତରେ କେତେ କେତେ ଦେଶ ବିଦେଶୀ କବଳରୁ ନିଜକୁ ମୁକ୍ତ କରି ସ୍ୱାଧୀନ ହୋଇଛନ୍ତି, ବିପୁଳ ଶକ୍ତି ଓ କ୍ଷମତାର ଅଧିକାରୀ ହୋଇ ବିରାଟ ରାଷ୍ଟ୍ରଶକ୍ତି ରୂପେ ମୁଣ୍ଡ ଟେକିଛନ୍ତି । ବିଶାଳ ସାମ୍ରାଜ୍ୟ ବିସ୍ତାର କରିଛନ୍ତି, ପୁଣି ଲୋପ ପାଇଛନ୍ତି । ସେମାନଙ୍କର ସମସ୍ତ କୃତିତ୍ୱ କାଳଗର୍ଭରେ କୁଆଡ଼େ ଲୀନ ହୋଇ ଯାଇଛି ।

କିନ୍ତୁ ଶ୍ରୀଅରବିନ୍ଦ ଭାରତୀୟ ଜାତୀୟତାର ଅଭ୍ୟୁଦୟର ଯେଉଁ ରୂପ ଦେଖିଥିଲେ ତାହା ଏକ ଦିବ୍ୟ ଶାଶ୍ୱତ ସତ୍ୟର ମୂର୍ତ୍ତି ପରିଗ୍ରହ କରିବାର ରୂପ । ଊର୍ଦ୍ଧ୍ୱତର ଦିବ୍ୟ ଭୂମିରୁ ଏକ ଅକ୍ଷୟ, ଅବିନାଶୀ ସତ୍ୟ ଭାରତର ଆତ୍ମପୁରୁଷ ଓ ଜାତୀୟ ଚେତନାକୁ ଆଶ୍ରୟ କରି ପୃଥିବୀ ଉପରେ ମୂର୍ତ୍ତ ଓ ଅଭିବ୍ୟକ୍ତ ହେବାର ସତ୍ୟକୁ ହିଁ ଶ୍ରୀଅରବିନ୍ଦ ଦେଖିଥିଲେ ଓ ତାହାକୁ ହିଁ ସେ ଭାରତୀୟ ଜାତୀୟତାର ମୂଳମର୍ମ ବୋଲି କହିଥିଲେ । ଶ୍ରୀମା ମଧ ଭାରତୀୟ ରାଷ୍ଟ୍ରର ଆବିର୍ଭାବ ପଛରେ ନିୟତିର ଦିବ୍ୟ ବିଧାନ ରହିଛି ବୋଲି ଏବଂ ପୃଥିବୀ ଓ ମାନବ ସମାଜରେ ଏହାର ଏକ ମହାନ୍ ଭୂମିକା ଅଛି ବୋଲି ବରାବର ଜୋର୍ ଦେଇ ଆସିଛନ୍ତି । ଭାରତ ହିଁ ପୃଥିବୀର ଗୁରୁ ହେବ ଓ ପୃଥିବୀ ଆଗରେ ଆଧ୍ୟାତ୍ମିକ ସତ୍ୟର ମହାନ୍ ରହସ୍ୟ ଉଦ୍‌ଘାଟନ କରିବ ଓ 'ସମଗ୍ର ଜୀବନ ହିଁ ଯୋଗ', ଏହି ମନ୍ତ୍ରରେ ସାରା ମାନବ-ସମାଜକୁ ଦୀକ୍ଷିତ କରିବ ବୋଲି ଶ୍ରୀମା ବରାବର କହୁଥିଲେ ।

କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଦିବ୍ୟ ଦୃଷ୍ଟି ଆଗରେ ପୃଥିବୀର ଆଧ୍ୟାତ୍ମିକ ଗୁରୁ ରୂପେ ଭାରତର ଯେଉଁ ରୂପ ଫୁଟି ଉଠିଥିଲା ଓ ଆଜି ଆମେ ଅଭାବ, ଅନୈକ୍ୟ, ଲକ୍ଷ୍ୟହୀନ ଅନିଶ୍ଚିତତା ଆଦି ଦୁଃସ୍ଥିତିରେ ସନ୍ତପ୍ତ ଭାରତର ଯେଉଁ ରୂପ ଦେଖୁଛୁ, ସେ ରୂପ ସହିତ ଏ ରୂପର କିଛି ସମ୍ପର୍କ ଥିଲା ପରି ତ' ମନେ

ହେଉ ନାହିଁ । ମନରେ ବରଂ ଏହି ସନ୍ଦେହ ଉଙ୍କି ମାରୁଛି ଯେ ଭାରତର ଏହି ଅଭ୍ୟୁଦୟର କଥା ଖାଲି ଏକ ଅବାସ୍ତବ କଳ୍ପନା ମାତ୍ର ବା ହୁଏତ ଯେଉଁ ନୂତନ ଦିବ୍ୟ ସତ୍ୟର ଅବତରଣ ଓ ଆବିର୍ଭାବ ଭାରତକୁ ତା'ର ଅଭ୍ୟୁଦୟର ସାର୍ଥକ ପର୍ବରେ ଉଠାଇ ନେଇଥା'ନ୍ତା ତାହା ଭାରତର ସନ୍ତାନମାନଙ୍କ ଭିତରେ ନିଜ ପ୍ରକାଶ ପାଇଁ ଯୋଗ୍ୟ ଆଧାରର ଅଭାବ ଦେଖି ହୁଏତ ନିଜର ସଂକଳ୍ପ ବଦଳାଇ ଦେଇଛି ।

କିନ୍ତୁ ପୁଣି ଆମର ଚିନ୍ତା ଓ ଚେତନାରେ ହତାଶା ଓ ଅବସାଦର ଏହି ଶୁଷ୍କ ଓ ଉତ୍ତପ୍ତ ଝାଞ୍ଜି ବହୁଥିଲା ବେଳେ ଦିବ୍ୟ କୃପାର ଆସନ୍ନ ବର୍ଷଣର ନିର୍ଭର ଆଶା ଓ ଆଶ୍ୱାସନା ସୂଚାଇ ଦମକାଏ ଦମକାଏ ଓଦା ଓଦା ଶୀତଳ ମଧୁର ପବନ ବହିଆସେ, ହୁଏତ କେଉଁ ଦିବ୍ୟ ଭୂମିରୁ । ଆମେ ଶ୍ରୀଅରବିନ୍ଦଙ୍କ ନିର୍ଭର ପ୍ରତିଶ୍ରୁତି ପଢୁ, ''The power has already gone forth, and is declaring itself, and when one declared it will continue it's work with ever greater and greater rapidity.''—''ଶକ୍ତି ପ୍ରେରିତ ହୋଇ ସାରିଛି, ଏବଂ ତାହା ନିଜର ଉପସ୍ଥିତି ଘୋଷଣା କରୁଛି, ଥରେ ନିଜକୁ ଘୋଷଣା କରିସାରିଲା ପରେ ଏହା ନିଜର କ୍ରିୟା ଆହୁରି ଅଧିକରୁ ଅଧିକ ଦ୍ରୁତତାର ସହିତ ସମ୍ପନ୍ନ କରିବ ।''

ଭଗବତ୍ କୃପା ଦ୍ୱାରା ନିର୍ବାଚିତ ହେଲା ପରେ ନିଜର ଯୋଗ୍ୟତା ଅଯୋଗ୍ୟତା ସମ୍ପର୍କରେ ବିଚାରର ଆଉ ଅବକାଶ ରହେ ନାହିଁ । ଆମେ ଶ୍ରୀଅରବିନ୍ଦଙ୍କ ସେହି ବାଣୀ ପଢୁ, ''We are a people in whom god has chosen to manifest himself more than any other at many great moments of history. It is because god has chosen to manifest himself and has entered into the hearts of his people that we are rising again as a great nation.''—''ଇତିହାସର ବହୁ ମହାନ୍ ମୁହୂର୍ତ୍ତରେ ଭଗବାନ୍ ନିଜର ପ୍ରକାଶ ପାଇଁ ଅନ୍ୟମାନଙ୍କ ଅପେକ୍ଷା ଆମରି ଜାତିକୁ ହିଁ ଅଧିକ ବାଛିଛନ୍ତି । ଯେହେତୁ ସ୍ୱୟଂ ଭଗବାନ୍ ନିଜକୁ ପ୍ରକାଶ କରିବା ପାଇଁ ବାଛି ନେଇଛନ୍ତି, ଏବଂ ତାଙ୍କର ଲୋକଙ୍କ ହୃଦୟ ଭିତରେ ପ୍ରବେଶ କରିଛନ୍ତି, ଆମେ ଆଜି ପୁଣି ଥରେ ଏକ ମହାନ୍ ଜାତି ରୂପରେ ଉତ୍‌ଥିତ ହେଉଛୁ ।''

ପୁନଶ୍ଚ ମା'ଙ୍କର ସେହି ବାଣୀ ପଢୁ, ''India is conscious of her mission in the world. She is waiting for the exterior means of manifestation.'' —''ପୃଥିବୀରେ ନିଜର ଭୂମିକା ସମ୍ପର୍କରେ ଭାରତ ସଚେତ । ତାହାର ଅଭିବ୍ୟକ୍ତି ପାଇଁ ସେ ବାହ୍ୟ ମାଧ୍ୟମର ଅପେକ୍ଷା କରୁଛି ।''

ସାର୍ଥକତାର ସେହି ଲଗ୍ନ ଆଉ କେତେ ଦୂରରେ ? ସେହି ଲଗ୍ନକୁ ତ୍ୱରାନ୍ୱିତ କରିବା ପାଇଁ ଆମର କିଛି କରିବାର ଅଛି କି ? ଭାରତର ଜାତୀୟତାରେ ନିହିତ ଥିବା ନୂତନ ସତ୍ୟକୁ ଠିକ୍ ଭାବରେ ବୁଝିପାରିବା ପାଇଁ, ତାକୁ ଗ୍ରହଣ କରିବା ପାଇଁ, ତା'ର ପ୍ରକାଶର ଉପଯୁକ୍ତ ଯନ୍ତ୍ର ହେବା ପାଇଁ ଆମ ତରଫରୁ କିଭଳି ପ୍ରସ୍ତୁତି ଲୋଡ଼ା ?

ଆମେ ପରବର୍ତ୍ତୀ ସଂଖ୍ୟାରେ ଏହି 'ପ୍ରସ୍ତୁତିର ପର୍ବ' ସ୍ତମ୍ଭରେ ଏହି ପ୍ରଶ୍ନଗୁଡ଼ିକର ଯଥାସାଧ୍ୟ ଆଲୋଚନା କରିବୁ ବୋଲି ଆଶା କରୁଛୁ ।

(କ୍ରମଶଃ) ✤

ତୁମର ଯାହାକିଛି ସୁଖ ଓ ଆନନ୍ଦ ତାହା କେବଳ ଭଗବାନଙ୍କଠାରୁ ପାଇବା ଲାଗି ପ୍ରତୀକ୍ଷା କରିବ । କେବଳ ତାଙ୍କରି ମଧ୍ୟରେ ତୁମେ ଖୋଜିବ ଓ ପାଇବ ତୁମର ଆଶ୍ରୟ । ତୁମର ସମସ୍ତ ଦୁଃଖ ମଧ୍ୟରେ ସେ ତୁମକୁ ସାନ୍ତ୍ୱନା ଦେବେ, ହାତ ଧରି ପଥ କଢ଼ାଇ ନେବେ, ଯଦି ଝୁଣ୍ଟି ପଡ଼ ତୁମକୁ ତଳୁ ଉଠାଇ ନେବେ, ଯଦି ବ୍ୟର୍ଥତା ଓ ଅତିଶୟ କ୍ଳାନ୍ତିର ମୁହୂର୍ତ୍ତ ଆସେ ତେବେ ସେ ତୁମକୁ ତାଙ୍କର ପ୍ରେମପୂର୍ଣ୍ଣ ଶକ୍ତିଶାଳୀ ବାହୁ ଯୁଗଳରେ ତୋଳି ନେବେ ଏବଂ ତାଙ୍କର ଶାନ୍ତି ପ୍ରଦାନକାରୀ ମଧୁରତା ମଧ୍ୟରେ ତୁମକୁ ଆଲିଙ୍ଗନବଦ୍ଧ କରିବେ ।

(MCW Vol. 12, p. 70) — ଶ୍ରୀମା

1971

Blessed are those who take a leap towards the Future

Vol. LXIV, No. 3, NAVAJYOTI – 15 August, 2021, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**